# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର,ଏପ୍ରିଲ ୧୫/୨୦୧୯ (୧୬ ପୃଷ୍ଠା) Dhenkanal, Monday, April 15 / 2019 ★★★★★

୧୫୪ ଭାଗ ୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-



ବିଜେପି

ଫିର୍ ଏକ୍ ବାର୍
ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର



# ମହାସଂକଳ୍ପ

ସମସ୍ତଙ୍କୁ ଖାଦ୍ୟ ସୁରକ୍ଷା ସହ
କୁପୋଷଣ ବିରୁଦ୍ଧରେ ମହାସଂଗ୍ରାମ

ରାଜ୍ୟରେ ବିଜେପି ସରକାର ହେଲେ
୩ କୋଟି ୨୬ ଲକ୍ଷ ଓଡ଼ିଶାବାସୀଙ୍କୁ ମାସିକ ମୁଣ୍ଡପିଛା
୫ କିଲୋ ଚାଉଳ + ଅଧାକିଲୋ ଡାଲି + ଅଧାକିଲୋ ଲୁଣ
ମାତ୍ର ୧ ଟଙ୍କାରେ





ନୂଆ ଆଶା, ପୂରା ଭରସା
ମୋଦିଙ୍କ ସାଥେ ନୂଆ ଓଡ଼ିଶା

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ

Issued by BJP, 4R-3/2, Kharavel Nagar, Unit-3, Bhubaneswar

ଧରିତ୍ରୀ
DHARITRI
ଢେଙ୍କାନାଳ,ସୋମବାର, ୧୫ ଏପ୍ରିଲ, ୨୦୧୯



ଜାଲିଆନୱାଲାବାଗ୍ ଗଣହତ୍ୟା ଭଳି ଦୁଃଖଦ ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳୁଷିତ ରାଜନୀତି କରୁଛନ୍ତି।
-ଅମରିନ୍ଦର ସିଂ,
ପଞ୍ଜାବ ମୁଖ୍ୟମନ୍ତ୍ରୀ



ବିଜେପି
ଫିର୍ ଏକ୍ ବାର୍ ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର
ବିକାଶ ବିରୋଧୀ ବିଜେଡି ସରକାର
କୋଟି କୋଟି ଟଙ୍କାର ଯୋଜନା ଆଣିଲା ମୋଦି ସରକାର କିନ୍ତୁ ବାଧକ ସାଜିଲା ରାଜ୍ୟ ସରକାର
ସମ୍ବେଦନହୀନ କୁଚକ୍ରୀ ବିଜେଡି ସରକାର ମୋଦିଙ୍କ ଆୟୁଷ୍ମାନ ଭାରତ ଯୋଜନା ଲାଗୁ ନ କରିବାରୁ
ଓଡ଼ିଆ ଲୋକେ ୫ ଲକ୍ଷ ଟଙ୍କାର ଚିକିତ୍ସାସୁବିଧା ପାଉ ନାହାନ୍ତି ।
ବାହାର ରାଜ୍ୟରେ କାମଧନ୍ଦା କରି ଚଳୁଥିବା ଲୋକମାନେ ସବୁଠୁ ପ୍ରଭାବିତ।
ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
Issued by BJP, 4R-3/2, Kharavel Nagar, Unit-3, Bhubaneswar
ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ



## ସଂକ୍ଷେପରେ

### ଫୁଏଲ୍ ଟ୍ୟାଙ୍କ ବିସ୍ଫୋରଣ: ୧୨ ମୃତ

**କାନୋ(ନାଇଜେରିଆ),୧୪।୪(ଏଏଫ୍‌ପି):** ନାଇଜେରିଆର ଉତ୍ତର ଭାଗସ୍ଥ ଗୋମ୍ବେ ନଗରୀରେ ଏକ ଫୁଏଲ୍ ଟ୍ୟାଙ୍କ ବିସ୍ଫୋରଣ ହେବାଯୋଗୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଆହତ ହୋଇଛନ୍ତି। ସମ୍ମୁଖ ଭାଗରୁ ଆସୁଥିବା ଆଉ ଏକ ଟ୍ରକ୍‌ରେ ବାଡେଇ ହୋଇଯିବା ଆଶଙ୍କା କରି ଉକ୍ତ ଫୁଏଲ୍ ଟ୍ୟାଙ୍କର ଡ୍ରାଇଭର ନିଜ ଗାଡି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଖସିଯିବାରୁ ଟ୍ୟାଙ୍କ୍ ଫାଟି ଏଥିରେ ନିଆଁ ଲାଗି ଯାଇଥିଲା। ନିଆଁ ଚତୁଃପାର୍ଶ୍ୱକୁ ବ୍ୟାପିଯିବାରୁ ୧୨ ଲୋକଙ୍କ ମୃତ୍ୟୁ ଘଟିଛି। ୧୬ଜଣ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ଗୋମ୍ବେ ଷ୍ଟେଟ୍ ପୋଲିସ ମୁଖପାତ୍ର ମ୍ୟାରି ମାଲ୍ଲୁମ୍ ପ୍ରକାଶ କରିଛନ୍ତି।

### ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା ନିଷ୍କ୍ରିୟ କରାଗଲା

**ବର୍ଲିନ,୧୪।୪:** ଜର୍ମାନୀରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳର ଏକ ବୋମା ଠାବ କରାଯିବା ପରେ ଏହାକୁ ନିଷ୍କ୍ରିୟ କରିବା ପାଇଁ ଫ୍ରାଙ୍କଫର୍ଟ ସହରରୁ ପାଖାପାଖି ୬୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଯୋଜନା ମୁତାବକ ଉକ୍ତ ବୋମାକୁ ରବିବାର ନଦୀରେ ନିଷ୍କ୍ରିୟ କରାଯିବାବେଳେ ପ୍ରଚଣ୍ଡ ଶବ୍ଦ ହେବା ସହିତ କିଛି ମୁହୂର୍ତ୍ତ ପାଇଁ ଏକ କୃତ୍ରିମ ଝରଣା ସୃଷ୍ଟି ହୋଇଥିଲା। ଅଗ୍ନିଶମ କର୍ମଚାରୀମାନେ ନଦୀରେ ତାଲିମ ନେଉଥିବାବେଳେ ୨୫୦ କିଲୋଗ୍ରାମ ବିଶିଷ୍ଟ ଉକ୍ତ ଆମେରିକୀୟ ବୋମାକୁ ଠାବ କରାଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତିର ୭୦ ବର୍ଷ ବିତିଯାଇଥିଲେ ମଧ ଜର୍ମାନୀରୁ ନିୟମିତ ବୋମା ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଠାବ ଯୁଦ୍ଧର ଭୟାବହତାକୁ ସ୍ପଷ୍ଟ କରୁଛି।

### ୫୦% ଭିଭିପିଏଟି ଯାଞ୍ଚ ଦାବି

# ପୁଣି ସୁପ୍ରିମକୋର୍ଟ ଯିବେ ବିରୋଧୀ

ନୂଆଦିଲ୍ଲୀ,୧୪।୪(ପି.ଟି.)

ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବିଶ୍ୱସନୀୟତା ଉପରେ ବିରୋଧୀ ଦଳ ସନ୍ଦେହ ବ୍ୟକ୍ତ କରିବା ସହ ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ଯାଞ୍ଚ ଲାଗି ପୁଣି ଥରେ ସୁପ୍ରିମକୋର୍ଟ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ କଂଗ୍ରେସ, ତେଲୁଗୁ ଦେଶମ୍ ପାର୍ଟି (ଟିଡିପି), ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇ(ଏମ୍) ସମେତ ବିରୋଧୀ ଦଳଗୁଡିକ ଏକ ମିଳିତ ଖବରଦାତା ସମ୍ମିଳନୀରେ ପ୍ରଶ୍ନ ଉଠାଇଛନ୍ତି। ଗଣତନ୍ତ୍ରର ସୁରକ୍ଷା ପାଇଁ ନାଗରିକଙ୍କ ଭୋଟ ଅଧିକାରର ସୁରକ୍ଷା ନିମନ୍ତେ ସେମାନେ ଆହ୍ୱାନ ଦେଇଛନ୍ତି।

ଲୋକ ସଭା ନିର୍ବାଚନ ଜିତିବା ଲାଗି ଭାଜପା ଇଭିଏମ୍‌ର ପ୍ରୋଗ୍ରାମିଂ କରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ୍ କେଜ୍‌ରିୱାଲ ଅଭିଯୋଗ କରିଛନ୍ତି। ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ଇଭିଏମ୍ ଫଳାଫଳ ସହ ଅନ୍ୟୂନ ୫୦ ପ୍ରତିଶତ ଭିଭିପିଏଟି ସ୍ଲିପ୍ ଯାଞ୍ଚ ପାଇଁ ୨୧ଟି ବିରୋଧୀ ଦଳ ଦାବି କରୁଥିବା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ କହିଛନ୍ତି। ଶନିବାର ଚନ୍ଦ୍ରାବାବୁ ମୁଖ୍ୟ ନିର୍ବାଚନ କମିଶନ ସୁନୀଲ ଆରୋରାଙ୍କୁ ଭେଟି ବିଭିନ୍ନ ବୁଥ୍‌ରେ ଇଭିଏମ୍ ଅଚଳ ଥିବା ପ୍ରସଙ୍ଗ ଉଠାଇଥିଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ପୁଣି ଥରେ ବିରୋଧୀ ଭିଭିପିଏଟି ଯାଞ୍ଚ ଦାବି କରିଛନ୍ତି। ପୂର୍ବରୁ ଏଥିପାଇଁ ବିରୋଧୀ ଦଳ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ତ୍ତମାନ ପରିପ୍ରେକ୍ଷୀରେ ଏହା ସମ୍ଭବ ନୁହେଁ ବୋଲି ନିର୍ବାଚନ କମିଶନ (ଇସି) କହିବା ପରେ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ବୁଥ୍‌ରେ ଇଭିଏମ୍ ସହ ଭିଭିପିଏଟି ସ୍ଲିପ୍ ମେଳ କରାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ।



ନୂଆଦିଲ୍ଲୀରେ ବୈଠକରେ ଯୋଗ ଦେଇଥିବା ବିରୋଧୀ ଦଳ ନେତା ଚନ୍ଦ୍ରାବାବୁ ନାଇଡୁ, କପିଲ ସିବଲ, ଅରବିନ୍ଦ କେଜରିୱାଲ ପ୍ରମୁଖ।

- ଇଭିଏମ୍‌ର ପ୍ରୋଗ୍ରାମିଂ କରିଛି ଭାଜପା: କେଜରିୱାଲ
- ଗୋଟିଏ ଦଳର ବଟନ ଚିପିଲେ ଅନ୍ୟ ଦଳକୁ ଯାଉଛି ଭୋଟ
- ଇଭିଏମ୍ ବିଶ୍ୱସନୀୟ ନୁହେଁ : ଚନ୍ଦ୍ରାବାବୁ ନାଇଡୁ

ରବିବାର ଅନୁଷ୍ଠିତ ବିରୋଧୀ ଦଳ ବୈଠକରେ କଂଗ୍ରେସ ନେତା ତଥା ବରିଷ୍ଠ ଆଇନଜୀବୀ କପିଲ ସିବଲ ଏବଂ ଅଭିଷେକ୍ ସିଙ୍ଘଭି ଯୋଗଦେଇ ୫୦% ଭିଭିପିଏଟି ଯାଞ୍ଚ ଲାଗି ପୁଣି ଥରେ ଅଦାଲତ ଯିବା ଲାଗି ପ୍ରସ୍ତାବ ଦେଇଥିଲେ। ଇଭିଏମ୍‌ରେ ପକ୍ଷପାତିତା ନେଇ ବିରୋଧୀ ଦଳଗୁଡ଼ିକ ଦେଶବ୍ୟାପୀ ସଚେତନତା ଅଭିଯାନ ଚଳାଇବା ଲାଗି ସିଙ୍ଘଭି କହିଥିଲେ। ଇଭିଏମ୍‌ରେ ଗୋଟିଏ ଦଳ ପାଇଁ ବଟନ ଦାବିରେ ଅନ୍ୟ ଦଳକୁ ଭୋଟ ଯାଉଛି। ଭିଭିପିଏଟିରେ ୭ ସେକେଣ୍ଡ ବଦଳରେ ମାତ୍ର ୩ ସେକେଣ୍ଡ ପାଇଁ ପେପର ସ୍ଲିପ୍ ଦେଖାଉଥିବା ସିଙ୍ଘଭି ଅଭିଯୋଗ କରିଥିଲେ। ୨୦ରୁ ୨୫ ପ୍ରତିଶତ ଇଭିଏମ୍ ଠିକ୍ ଭାବେ କାମ କରୁ ନ ଥିବାବେଳେ ୫୦% ଭିଭିପିଏଟି ଯାଞ୍ଚ ପାଇଁ ଇସି ରାଜି ନ ହେବା ପଛର ଉଦ୍ଦେଶ୍ୟ ନେଇ ସିବଲ ପ୍ରଶ୍ନ ଉଠାଇଥିଲେ। ଇଭିଏମ୍ ବିଶ୍ୱସନୀୟ ନୁହେଁ। ଭିଭିପିଏଟି ଯାଞ୍ଚ ୫ ବୁଥ୍‌କୁ ବୃଦ୍ଧି କରିବା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ବିରୋଧୀ ଦଳ ସନ୍ତୁଷ୍ଟ ନୁହନ୍ତି। ଏନେଇ ସାନି ପିଟିଶନ୍ ଦାଏର ହେବ ବୋଲି ଚନ୍ଦ୍ରାବାବୁ କହିଥିଲେ।

## କ୍ୟାବିନେଟ ଓ ରାଜ୍ୟ ସଭାରୁ ବୀରେନ୍ଦ୍ର ସିଂଙ୍କ ଇସ୍ତଫା ପ୍ରସ୍ତାବ

ନୂଆଦିଲ୍ଲୀ,୧୪।୪(ପି.ଟି.)



କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂ ମନ୍ତ୍ରିମଣ୍ଡଳ ଏବଂ ରାଜ୍ୟ ସଭାରୁ ଇସ୍ତଫା ଦେବା ଲାଗି ରବିବାର ପ୍ରସ୍ତାବ ଦେଇଛନ୍ତି। ପୁଅ ବ୍ରିଜେନ୍ଦ୍ର ସିଂଙ୍କୁ ଭାଜପା ହରିୟାଣାର ହିସାରରୁ ପ୍ରାର୍ଥୀ କରିବା ପରେ ବୀରେନ୍ଦ୍ର ନିଜର ସରକାରୀ ବାସଭବନରେ ଖବରଦାତା ସମ୍ମିଳନୀ ଡାକି ଏହା ଘୋଷଣା କରିଛନ୍ତି। ଏ ସମ୍ପର୍କରେ ସେ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କୁ ଜଣାଇ ଦେଇଛନ୍ତି। ପୁଅକୁ ଲୋକ ସଭା ଟିକେଟ ମିଳିଥିବାରୁ ବଂଶବାଦ ରାଜନୀତି ବିରୋଧରେ ସମାଜକୁ ଏକ ବାର୍ତ୍ତା ଦେବା ଲାଗି ସେ ଇସ୍ତଫା ଦେବାକୁ ଚାହାନ୍ତି ବୋଲି ହରିୟାଣାର ଏହି ବରିଷ୍ଠ ଭାଜପା ନେତା କହିଛନ୍ତି। ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟରେ ପ୍ରଥମେ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ, ପାନୀୟଜଳ ଓ ପରିମଳ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବୀରେନ୍ଦ୍ରଙ୍କୁ ୨୦୧୬ରେ ଇସ୍ପାତ ମନ୍ତ୍ରଣାଳୟକୁ ସ୍ଥାନାନ୍ତର କରାଯାଇଥିଲା। କଂଗ୍ରେସ ସହ ୪ ଦଶନ୍ଧିର ସମ୍ପର୍କ ତୁଟାଇ ବୀରେନ୍ଦ୍ର ୨୦୧୪ରେ ଭାଜପାରେ ଯୋଗ ଦେଇଥିଲେ।

## ସମ୍ବିଧାନ ଧ୍ୱଂସ ଉଦ୍ୟମ ହେଉଛି: ପ୍ରିୟଙ୍କା

ସିଲ୍‌ଚର(ଆସାମ),୧୪।୪(ପି.ଟି.)

ଦେଶର ସମ୍ବିଧାନକୁ ଧ୍ୱଂସ କରିଦେବାକୁ ଭାଜପା ଉଦ୍ୟମ ଚଳାଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ରବିବାର ଅଭିଯୋଗ କରିଛନ୍ତି। ପ୍ରଥମ ଥର ପାଇଁ ଉତ୍ତରପ୍ରଦେଶ ବାହାରେ ଏକ ରୋଡ ଶୋ'ରେ ଯୋଗଦେଇ ପ୍ରିୟଙ୍କା ଭାଜପା ଉପରେ ବର୍ଷିଛନ୍ତି। ଆସାମର ସିଲଚରରେ କଂଗ୍ରେସ ପ୍ରାର୍ଥୀ ତଥା ବର୍ତ୍ତମାନର ଏମ୍‌ପି ସୁସ୍ମିତା ଦେବଙ୍କ ସମର୍ଥନରେ ଏକ ରୋଡ ଶୋରେ ଯୋଗଦେଇ ପ୍ରିୟଙ୍କା କହିଥିଲେ, ପ୍ରଧାନମନ୍ତ୍ରୀ ବିଶ୍ୱ ଭ୍ରମଣ କରୁଥିବାବେଳେ ନିଜ ନିର୍ବାଚନମଣ୍ଡଳୀ ବାରାଣସୀରେ କ୍ୱଚିତ ସମୟ ଦେଇଥାନ୍ତି। ସମ୍ବିଧାନର ପ୍ରଣେତା ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ଅବସରରେ କଂଗ୍ରେସ ନେତ୍ରୀ କହିଥିଲେ, ସମ୍ବିଧାନକୁ ସମ୍ମାନ ଦେବା ପ୍ରତ୍ୟେକ ନେତାଙ୍କ କର୍ତ୍ତବ୍ୟ, ଯାହା ଏବେ କରାଯାଉ ନାହିଁ। ଭାଜପାର ନିର୍ବାଚନୀ ଇସ୍ତାହାରକୁ ସମାଲୋଚନା କରି ପୂର୍ବ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା କଂଗ୍ରେସ ସାଧାରଣ ସମ୍ପାଦକ କହିଥିଲେ, ଏଥିରେ ଭିନ୍ନ ସଂସ୍କୃତି ଓ ଧର୍ମକୁ ସ୍ଥାନ ଦିଆଯାଇ ନଥିବାବେଳେ ସମ୍ବିଧାନକୁ ସମ୍ମାନ ଦିଆଯାଇ ନାହିଁ। ଦଳୀୟ ପ୍ରାର୍ଥୀ ସୁସ୍ମିତାଙ୍କୁ ଉଚ୍ଚ ପ୍ରଶଂସା କରି ପ୍ରିୟଙ୍କା ତାଙ୍କୁ ନିଜ ଜେଜେମା' ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ ତୁଳନା କରିଥିଲେ। ସୁସ୍ମିତାଙ୍କଠାରେ ସେଭଳି ସାହସ, ସଚ୍ଚୋଟତା ଓ ଲୋକମାନଙ୍କ ପାଇଁ କାମ କରିବାର ଆଗ୍ରହ ରହିଛି ବୋଲି ପ୍ରିୟଙ୍କା କହିଥିଲେ।



ଆସାମର ସିଲଚରରେ ପ୍ରିୟଙ୍କା ଗାନ୍ଧୀଙ୍କ ରୋଡ଼ ଶୋ।

## ଶ୍ରୀନଗର ଭୋଟ ଗଣତନ୍ତ୍ରର ପରୀକ୍ଷା

ଶ୍ରୀନଗର,୧୪।୪(ପି.ଟି.)

ଜମ୍ମୁ-କଶ୍ମୀରର ଶ୍ରୀନଗର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ମତଦାନ ହେବାକୁ ଯାଉଛି, ଯାହା ଗଣତନ୍ତ୍ର ଆହ୍ୱାନର ଅସଲ ପରୀକ୍ଷା ହେବ ବୋଲି କୁହାଯାଉଛି। ପିଡିପି ନେତା ତାରିକ୍ ହମିଦ କାରାଙ୍କ ଇସ୍ତଫା କାରଣରୁ ଦୁଇ ବର୍ଷ ପୂର୍ବେ ସେଠାରେ ଉପନିର୍ବାଚନ ହୋଇଥିଲା। ତେବେ ହିଂସାକାଣ୍ଡ ଯୋଗୁ ମାତ୍ର ୭.୨ ପ୍ରତିଶତ ମତଦାନ ହୋଇଥିଲା। ବିଭିନ୍ନ ସ୍ଥାନରେ ସୁରକ୍ଷାବଳର କାର୍ଯ୍ୟାନୁଷ୍ଠାନ ଯୋଗୁ ୯ ଜଣ ବିକ୍ଷୋଭକାରୀ ନିହତ ହୋଇଥିଲେ। ନିର୍ବାଚନ ଡ୍ୟୁଟିରେ ଥିବା ଯବାନମାନଙ୍କୁ ପଥର ଫିଙ୍ଗାଳିଙ୍କ ଆକ୍ରମଣରୁ ରକ୍ଷା କରିବା ଲାଗି ସେନା ଅଫିସର ଜଣେ ଶାଲ୍ ବୁଣାକାରଙ୍କୁ ମାନବ ଢାଲ ଭାବେ ବ୍ୟବହାର କରିଥିଲେ, ଯାହାକୁ ନେଇ ବିବାଦ ଦେଖାଦେଇଥିଲା।

ଏଥର କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀର ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧୨,୯୦,୩୧୮ ଭୋଟର। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲା, ପିଡିପି ପ୍ରାର୍ଥୀ ଆଗା ସୟେଦ୍ ମୋହସିନ।

## ଦେଶକୁ ବିଭାଜନ ହେବାକୁ ଦିଆଯିବନି

କଠୁଆ,୧୪।୪(ପି.ଟି.)

**କଠୁଆରେ ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନୀ ସଭା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର କଠୁଆରେ ରବିବାର ଏକ ନିର୍ବାଚନୀ ସଭାରେ ଯୋଗଦେଇ ଅବଦୁଲ୍ଲା ଏବଂ ମୁଫତି ପରିବାରକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଦୁଇ ପରିବାର ରାଜ୍ୟକୁ ତିନି ପିଢ଼ି ଧରି କବ୍‌ଜା କରି ରଖିଛି। ଭାରତକୁ ବିଭାଜନ ହେବାକୁ ଦିଆଯିବନି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଜମ୍ମୁ-କଶ୍ମୀରବାସୀଙ୍କୁ ବନ୍ଧକ କିମ୍ବା ଗୋତି ଶ୍ରମିକ କରି ରଖାଯାଇପାରିବ ନାହିଁ ସତର୍କ କରିଦେଇଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ନେତା ଓମାର ଅବଦୁଲ୍ଲା ଜମ୍ମୁ-କଶ୍ମୀର ପାଇଁ ଅଲଗା ପ୍ରଧାନମନ୍ତ୍ରୀ ଦାବି କରୁଥିବାବେଳେ ଧାରା ୩୭୦ ଉଚ୍ଛେଦ ହେଲେ ଭାରତରୁ ଉକ୍ତ ରାଜ୍ୟ ଅଲଗା ହୋଇଯାଇପାରେ ବୋଲି ପିଡିପି ନେତ୍ରୀ ମେହବୁବା ମୁଫ୍‌ତି କହିଥିବାରୁ ସେମାନଙ୍କୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ଏଭଳି ମନ୍ତବ୍ୟ ଦେଇଛନ୍ତି। ରାଜ୍ୟର ଉନ୍ନତ ଭବିଷ୍ୟତ ପାଇଁ ଭୋଟ ମାଧ୍ୟମରେ ଅବଦୁଲ୍ଲା ଓ ମୁଫ୍‌ତି ପରିବାରକୁ କ୍ଷମତାଠାରୁ ଦୂରେଇ ରଖିବାପୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଉଧାମପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂଙ୍କ ପାଇଁ ପ୍ରଚାରରେ ଯାଇଥିବା ପ୍ରଧାନମନ୍ତ୍ରୀ କହିଥିଲେ, ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଜମ୍ମୁ-କଶ୍ମୀର ଜନସାଧାରଣ ବହୁସଂଖ୍ୟାରେ ମତଦାନ କରି ଆତଙ୍କବାଦୀ ନେତା, ସୁବିଧାବାଦୀଙ୍କୁ ଅଡୁଆରେ ପକାଇଥିବାବେଳେ ମହାଅପମିଶ୍ରିତ ମେଣ୍ଟକୁ ନିରୁତ୍ସାହିତ କରିବା ସହ ଗଣତନ୍ତ୍ରର ଶକ୍ତିକୁ ପ୍ରମାଣିତ କରିଛନ୍ତି।

## ଇତିହାସର ଆଇନାରେ

### ଏପ୍ରିଲ ୧୫ର ପ୍ରମୁଖ ଘଟଣା


### ଇନ୍‌ସୁଲିନ୍ ଉପଲବ୍ଧ ହେଲା

୧୯୨୩ ଏପ୍ରିଲ ୧୫ରେ ଡାଇବେଟିସ ରୋଗୀଙ୍କ ନିମନ୍ତେ ଇନ୍‌ସୁଲିନ୍ ଉପଲବ୍‌ଧତା ସହଜ ହେଲା। ଲାଟିନ୍ ନାମ ଇନ୍‌ସୁଲା ଅନୁସାରେ ଇନ୍‌ସୁଲିନ୍ ନାମକରଣ ହୋଇଛି। ଉକ୍ତ ପେପଟାଇଡ୍ ହରମୋନ୍ ପାନକ୍ରିୟାଟିକ୍ କୋଷିକାରୁ ଝରିଥାଏ। ଏହାକୁ ଶରୀରର ମୁଖ୍ୟ ଆନାବୋଲିକ ହରମୋନ୍ ଭାବେ ବିବେଚନା କରାଯାଏ। ଏହା ଶରୀରର ଶ୍ୱେତସାର, ସ୍ନେହସାର ଏବଂ ପୁଷ୍ଟିସାର ମାତ୍ରାକୁ ନିୟନ୍ତ୍ରଣ କରିଥାଏ।

### ବାଗଦାଦ୍‌ରେ ବିସ୍ଫୋରଣ

୨୦୧୩ ଏପ୍ରିଲ ୧୫ରେ ବାଗଦାଦ୍‌ରେ ବୋମା ବିସ୍ଫୋରଣ ଯୋଗୁ ଅନ୍ୟୂନ ୭୫ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୩୫୬ ଜଣ ଆହତ ହୋଇଥିଲେ। ଏପ୍ରିଲ ୨୦ରେ ପ୍ରାଦେଶିକ ନିର୍ବାଚନ ହେବାକୁ ଥିବାବେଳେ ଏହାର ୫ ଦିନ ପୂର୍ବରୁ ବିସ୍ଫୋରଣ ହୋଇଥିଲା।

## ସର୍ବବୃହତ୍ ବିମାନର ପରୀକ୍ଷାମୂଳକ ଉଡାଣ



ୱାଶିଂଟନ୍,୧୪।୪(ଏଏଫ୍‌ପି)

କାଲିଫର୍ନିଆରେ ବିଶ୍ୱର ସର୍ବବୃହତ୍ ବିମାନର ପ୍ରଥମ ପରୀକ୍ଷାମୂଳକ ଉଡାଣ ସଫଳତାର ସହ ସମ୍ପନ୍ନ ହୋଇଛି। ଦୁଇ ଫ୍ୟୁଜଲେଜ୍‌ସ ବିଶିଷ୍ଟ ଏହି ବିମାନରେ ୬ଟି ବୋଇଂ ୭୪୭ ଇଞ୍ଜିନ ସଂଲଗ୍ନ ହୋଇଛି। ଏହି ବିମାନ ଶନିବାର ମୋଜାଭେ ମରୁଭୂମି ଉପରେ ଉଡାଣ କରିଥିଲା। ଉକ୍ତ ବିମାନର ଡିଜାଇନ୍ ଏପରି ପ୍ରସ୍ତୁତ କରାଯାଇଛି ଯେ, ଏହା ମହାକାଶରେ ରକେଟ ବହନ କରିବା ସହିତ ଉତ୍‌କ୍ଷେପଣ କରିପାରିବ। ଯଦ୍ୱାରା ଆକାଶରୁ ଆକାଶକୁ ଉପଗ୍ରହ ଲଞ୍ଚ୍ କରିବା ସମ୍ଭବ ହୋଇପାରିବ। ଉକ୍ତ ବିମାନର ଡେଣା ଏକ ଫୁଟବଲ୍ ପଡିଆର ଲମ୍ୱଠାରୁ ଅଧିକ ଅଥବା ଏୟାରବସ୍ ଏ୩୮୦ର ୧.୫ଗୁଣ ସହିତ ସମାନ। ସାଧାରଣତଃ ଏୟାରବସ୍ ଏ୩୮୦ ଡେଣାର ଲମ୍ବ ପାଖାପାଖି ୮୦ମିଟର ହୋଇଥିବା ବେଳେ ଉକ୍ତ ବିମାନର ଡେଣାର ଦୈର୍ଘ୍ୟ ୧୧୭ ମିଟର। ବିମାନଟି ପାଖାପାଖି ଅଢ଼େଇ ଘଣ୍ଟା ଉଡାଣ କରିଥିଲା । ଏହାର ଗତି ପ୍ରତି ଘଣ୍ଟାରେ ୩୦୪ କିଲୋମିଟର। ଏହା ୧୭,୦୦୦ ଫୁଟ ଉଚ୍ଚତାରେ ଉଡିପାରିଥିଲା। ବିମାନ ନିର୍ମାଣ ପାଇଁ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ପଲ୍ ଆଲେନ୍ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ନେପାଳରେ ବିମାନ ଦୁର୍ଘଟଣା: ୩ ମୃତ

କାଠମାଣ୍ଡୁ,୧୪।୪(ପି.ଟି.)

ନେପାଳ ଇଭରେଷ୍ଟ ଅଞ୍ଚଳରେ ରବିବାର ଏକ କ୍ଷୁଦ୍ର ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟ ଏବଂ ଦୁଇଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଲୁକ୍‌ଲା ବିମାନ ବନ୍ଦରରେ ବିମାନଟି ରନୱେରୁ ବାହାରିଯାଇ ସେଠାରେ ଛିଡାହୋଇଥିବା ଦୁଇଟି ହେଲିକପ୍ଟରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିମାନର କୋ-ପାଇଲଟ ଏସ. ଧଙ୍ଗାନା ଏବଂ ହେଲିପ୍ୟାଡରେ ଥିବା ପୋଲିସ ଏଏସ୍‌ଆଇ ରାମବାହାଦୁର ଖଡକାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ଏଏସ୍‌ଆଇ ରୁଦ୍ରବାହାଦୁର ଶ୍ରେଷ୍ଠଙ୍କୁ କାଠମାଣ୍ଡୁସ୍ଥିତ ଗ୍ରାଣ୍ଡ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ହେମାଙ୍କ ପାଇଁ ପ୍ରଚାର କରୁଛନ୍ତି ଧର୍ମେନ୍ଦ୍ର

**ମଥୁରା:** ବଲିଉଡ୍ ଅଭିନେତ୍ରୀ ତଥା ଭାଜପାରୁ ମଥୁରା ଲୋକ ସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହେମାମାଳିନୀଙ୍କ ଲାଗି ନିର୍ବାଚନୀ ପ୍ରଚାର କରୁଛନ୍ତି ତାଙ୍କ ସ୍ୱାମୀ ତଥା ବିଶିଷ୍ଟ ଅଭିନେତା ଧର୍ମେନ୍ଦ୍ର। ରବିବାର ହେମାମାଳିନୀଙ୍କ ନିର୍ବାଚନମଣ୍ଡଳୀରେ ଧର୍ମେନ୍ଦ୍ରଙ୍କ ଭୋଟ ପ୍ରଚାର ଜନସାଧାରଣଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଏ ସମ୍ପର୍କରେ ହେମାମାଳିନୀ ଖୁବ୍ ଖୁସି ଥିବା ପ୍ରକାଶ କରିଛନ୍ତି। ତାଙ୍କ ପାଇଁ ଧର୍ମେନ୍ଦ୍ର ଦିନତମାମ ପ୍ରଚାର କରିଥିଲେ। ସେ ଯେଉଁଠାକୁ ଯାଉଥିଲେ, ଲୋକମାନେ ତାଙ୍କୁ ଆଗ୍ରହର ସହିତ ଅପେକ୍ଷା କରି ରହୁଥିଲେ। ଉକ୍ତ ଦମ୍ପତିଙ୍କ ସହାସ୍ୟ ବଦନର ଫଟୋକୁ ହେମା ଟୁଇଟ୍ କରିଛନ୍ତି। ତେବେ ଏହି ଫଟୋ ପ୍ରଚାରକୁ ଆସିବାର ଠିକ୍ ପୂର୍ବରୁ ଘରେ ଉଠାଯାଇଥିବା ହେମା କହିଛନ୍ତି। ଉକ୍ତ ଅଭିନେତ୍ରୀଙ୍କ ନିର୍ବାଚନୀ ପ୍ରଚାର ଫଟୋ ଜନସାଧାରଣରେ କୌତୂହଳ ସୃଷ୍ଟି କରିବା ସହିତ ପ୍ରଚୁର ଜନସମର୍ଥନ ହାସଲ କରୁଥିବା ସୋସିଆଲ ମିଡିଆରୁ ସୂଚନା ମିଳିଛି।

କିଛିଦିନ ତଳେ ଉତ୍ତରପ୍ରଦେଶର ଏକ ଗହମ କ୍ଷେତରେ ତାଙ୍କର ନୂଆ ଅବତାର ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସେ ତାଙ୍କ ନିର୍ବାଚନମଣ୍ଡଳୀରେ ଚାଷୀଙ୍କ ସାଥିରେ ଗହମ ଗଛ କାଟି ବିଡା ଧରିଥିବାର ଦୃଶ୍ୟ ଦେଖି ବିରୋଧୀ ଦଳ ସମାଲୋଚନା କରିଥିଲେ। ଏଥିପାଇଁ 'ଡ୍ରିମ୍ ଗର୍ଲ' ଭାବେ ପୂର୍ବରୁ ପରିଚିତ ଥିବା ହେମାଙ୍କ ନାମ ସହିତ ପୁନଶ୍ଚ 'ଡ୍ରାମା ଗର୍ଲ' ଯୋଡି ହୋଇଯାଇଛି।



# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର,ଏପ୍ରିଲ ୧୫/୨୦୧୯ | Dhenkanal, Monday, April 15 / 2019 | (ପୃଷ୍ଠା-୧)




### ଅନୁଭୂତି ବଖାଣିଲେ ସୋନାଲି
ବଲିଉଡ୍ ଅଭିନେତ୍ରୀ ସୋନାଲି ବେନ୍ଦ୍ରେ ମୁମ୍ବାଇଠାରେ ଅନୁଷ୍ଠିତ ୫ମ 'କାହୋକନ୍-୨୦୧୯' ଅନ୍ତର୍ଜାତୀୟ ସମ୍ମିଳନୀରେ ନିଜ ଅନୁଭୂତି ବଖାଣିଛନ୍ତି। ୦୨

୧୨ 
### ହାମିଲଟନଙ୍କୁ ଟାଇଟଲ
ମର୍ସିଡିଜର ଲୁଇସ୍ ହାମିଲଟନ ଚାଇନିଜ ଫର୍ମୁଲା ୱାନ ଗ୍ରାଁପ୍ରି ଟାଇଟଲ ହାସଲ କରିଛନ୍ତି।






ବିକାଶ ବିରୋଧୀ ବିଜେଡି ସରକାର
କୋଟି କୋଟି ଟଙ୍କାର ଯୋଜନା ଆଣିଲା ମୋଦି ସରକାର କିନ୍ତୁ ବାଧକ ସାଜିଲା ରାଜ୍ୟ ସରକାର
କୁଚକ୍ରୀ ବିଜେଡି ସରକାର ଷଡ଼ଯନ୍ତ୍ର କରି ୧୨,୨୮୬ କୋଟି ଟଙ୍କାର
୧,୦୬୦ କି.ମି. ଦୀର୍ଘ ରେଳ ପ୍ରକଳ୍ପ ପାଇଁ ଜମି ଦେଉନି।
ବିଜେପି
ଫିର୍ ଏକ୍ ବାର୍ ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର
ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
Issued by BJP, 4R-3/2, Kharavel Nagar, Unit-3, Bhubaneswar
ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ


■ ସବୁ ଦଳର ଇସ୍ତାହାରରେ 'ଚାଷୀ'

# ସ୍ୱାର୍ଥ ଲାଗି ଭୋଟ ଅମଳ ଯୋଜନା

ଭୁବନେଶ୍ୱର,୧୪।୪(ବ୍ୟୁରୋ)







କୃଷିପ୍ରଧାନ ରାଜ୍ୟ ଓଡ଼ିଶା। ଏଠାରେ ଚାଷୀ ପରିବାର ସଂଖ୍ୟା ୭୦ଲକ୍ଷରୁ ଊର୍ଦ୍ଧ୍ୱ। ସେମାନଙ୍କ ଭୋଟ ସଂଖ୍ୟା ପାଖାପାଖି ୨କୋଟି। ତେଣୁ ଏହି ବର୍ଗର ଭୋଟ ଉପରେ ଏବେ ସବୁ ଦଳର ଆଖି। ଦୀର୍ଘକାଳ ଅବହେଳିତ ଅବସ୍ଥାରେ ରହି ଆସିଥିବା ଚାଷୀଙ୍କ ଉନ୍ନତି ପାଇଁ ଏବେ ପ୍ରତ୍ୟେକ ଦଳ ସେମାନଙ୍କ ଇସ୍ତାହାରରେ ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ଦେବାରେ ବ୍ୟସ୍ତ ଅଛନ୍ତି। ତେବେ ଏସବୁ ପ୍ରତିଶ୍ରୁତିରୁ କେଉଁ ଦଳକୁ କେତେ ଫାଇଦା ମିଳିବ ତାହା ଭୋଟ ଗଣନା ପରେ ଜଣାପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରୁଛନ୍ତି।

ରାଜ୍ୟରେ ଦୁଇଦଶନ୍ଧି ଧରି କ୍ଷମତାରେ ଥିବା ବିଜେଡି ପୁଣିଥରେ ନିର୍ବାଚନ ବୈତରଣୀ ପାରହେବାକୁ ଦଳର ଇସ୍ତାହାରରେ ରାଜ୍ୟର ଚାଷୀଙ୍କୁ ଅନେକ ପୁରୁଣା ପ୍ରତିଶ୍ରୁତି ଦେଇଛି। ଅସନ୍ତୁଷ୍ଟ କୃଷକଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା କାଳିଆ ଯୋଜନାର ଲକ୍ଷ୍ୟ ସାଧିତ ହେଉ ନ ଥିବା ଅନୁମାନ କରି ବିଜେଡି ଏହାର ଇସ୍ତାହାରରେ କାଳିଆ ସହାୟତା ଅର୍ଥରାଶି ସଂଶୋଧନ କରିବାକୁ ପ୍ରତିଶ୍ରୁତି ଦେଇଛି। କାଳିଆ ସହାୟତା କେବଳ ୫ଟି ଚାଷ ଋତୁ ପାଇଁ ୫ହଜାର ଟଙ୍କା ଲେଖାଏ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ଘୋଷଣା କରିଥିଲେ। ସରକାରଙ୍କ ଉକ୍ତ ସହାୟତା ସମସ୍ତଙ୍କ ପାଇଁ ସମାନ ରହିଛି। ଅର୍ଥାତ୍ ଯାହାର ୨୦ଏକର ଚାଷ ସେ ଯେତିକି ସହାୟତା ପାଇବ ଯାହାର ୨ଏକର ଚାଷ ସେ ବି ସେତିକି ସହାୟତା ପାଇବ। କିନ୍ତୁ ତେଲେଙ୍ଗାନା ସରକାରଙ୍କ ରଇତ ବନ୍ଧୁ ଯୋଜନାରେ ପ୍ରତ୍ୟେକ ଚାଷୀଙ୍କୁ ହେକ୍ଟର ପିଛା ୧୦ହଜାର ଟଙ୍କାର ସହାୟତା ଦିଆଯାଉଛି। ତେଣୁ କାଳିଆ ଯୋଜନା ନେଇ ବହୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସେଥିପାଇଁ ବିଜେଡି ଏବେ ଇସ୍ତାହାରରେ ତିନି ବର୍ଷ ପରେ ମଧ୍ୟ କାଳିଆ ଯୋଜନା ଅବ୍ୟାହତ ରହିବ ଓ ସହାୟତା ରାଶି ସଂଶୋଧନ କରିବାକୁ କମିଟି ବସିବ ବୋଲି ଉଲ୍ଲେଖ କରିଛି। ଏବେ କାଳିଆ କାର୍ଯ୍ୟକାରିତା ପାଇଁ ଏକ କମିଶନ ଗଠନ କରାଯିବ ବୋଲି ଘୋଷଣା କରାଯାଇଛି। ଏହି ଯୋଜନାରେ ୫୦ହଜାର ଟଙ୍କାର ଋଣ ପର୍ଯ୍ୟନ୍ତ ସୁଧଛାଡ଼ କଥା ମାସକ ତଳେ ଘୋଷଣା କରାଯାଇଥିଲେ ସୁଦ୍ଧା ଏବେ ଏହାକୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। ସେହିପରି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଘୋଷଣା ଅନୁସାରେ ଯଦି ତାଙ୍କ ଦଳ ପୁଣି ସରକାର ଗଠନ କରେ ତେବେ ସରକାର ଗଠନର ପ୍ରଥମ ଦିନ କାଳିଆର ସମସ୍ତ ହିତାଧିକାରୀଙ୍କୁ ସବୁ ବକେୟା ଟଙ୍କା ପ୍ରଦାନ କରାଯିବ। ସରକାରଙ୍କ ତରବରିଆ ନିଷ୍ପତ୍ତି ଯୋଗୁ କାଳିଆ ସହାୟତା ଏଯାଏ ଅଧିକାଂଶ ଚାଷୀ ପାଇନାହାନ୍ତି। ପ୍ରତ୍ୟେକ ଗାଁର ମାତ୍ର ୫ ରୁ ୧୦ ପ୍ରତିଶତ ହିତାଧିକାରୀ ଚାଷୀଙ୍କ ଆକାଉଣ୍ଟକୁ କାଳିଆ ସହାୟତା ଯାଇଥିବାବେଳେ ବାକି ହିତାଧିକାରୀମାନେ ଟଙ୍କା ନ ପାଇ କ୍ଷୁବ୍ଧ ଅବସ୍ଥାରେ ଅଛନ୍ତି। ଏହା ବୁଝିବାପରେ ନବୀନ ପଟ୍ଟନାୟକ ପଞ୍ଚମ ପାଳି ସରକାରର ପ୍ରଥମ ଦିନ ଟଙ୍କା ପଠେଇବା କଥା କହିଛନ୍ତି। ବିଜେଡି ସରକାର ଜଳସେଚନ କ୍ଷେତ୍ରରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରି ନ ଥିବାରୁ ଏଥର ସରକାରକୁ ଆସିଲେ ୫୦ହଜାର କୋଟି ଟଙ୍କା ବ୍ୟୟରେ ଜଳସେଚନ ସୁବିଧା କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି।

ଓଡ଼ିଶାରେ କେବେବି ଏକକ ଦଳଭାବେ ସରକାର ଗଠନ କରିବାର ସୁଯୋଗ ପାଇ ନ ଥିବା ଭାରତୀୟ ଜନତା ପାର୍ଟି(ଭାଜପା) ମଧ୍ୟ ରାଜ୍ୟର ଚାଷୀମାନଙ୍କ ପାଇଁ ଅନେକ ଲୋଭନୀୟ ଯୋଜନା ☞ପୃଷ୍ଠା-୨

■ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରେ କଳା ଟ୍ରଙ୍କ୍

## ତଦନ୍ତ ଦାବି କଲା କଂଗ୍ରେସ



ନୂଆଦିଲ୍ଲୀ,୧୪।୪(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କର୍ଣ୍ଣାଟକର ଚିତ୍ରଦୁର୍ଗ ଗସ୍ତ ସମୟରେ ତାଙ୍କ ହେଲିକପ୍ଟରରୁ ରହସ୍ୟମୟ କଳା ଟ୍ରଙ୍କ ବାହାରିବା ଘଟଣା ଏବେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ଗତ ଶୁକ୍ରବାର ଚିତ୍ରଦୁର୍ଗକୁ ନିର୍ବାଚନ ପ୍ରଚାରରେ ଯାଇଥିଲେ। ତାଙ୍କ ହେଲିକପ୍ଟରରେ ଏକ କଳା ଟ୍ରଙ୍କ୍ ଥିବାରୁ ଏହାକୁ ନେଇ କଂଗ୍ରେସ ସନ୍ଦେହ ପ୍ରକଟ କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନିଜକୁ ସ୍ୱଚ୍ଛ ପ୍ରମାଣିତ କରିବାକୁ କଂଗ୍ରେସ ମୁଖପାତ୍ର ଆନନ୍ଦ ଶର୍ମା ରବିବାର ଆହ୍ୱାନ ଦେଇଛନ୍ତି। ନିର୍ବାଚନ କମିଶନ ଏହାର ଅନୁଧ୍ୟାନ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏନେଇ କର୍ଣ୍ଣାଟକ ରାଜ୍ୟ କଂଗ୍ରେସ ପକ୍ଷରୁ ଇସିଙ୍କ ନିକଟରେ ଅଭିଯୋଗ ଦାଏର ହୋଇଛି।

ମୋଦିଙ୍କ ହେଲିକପ୍ଟର ଚିତ୍ରଦୁର୍ଗଠାରେ ଅବତରଣ କରିବା ପରେ ଦୁଇ ଜଣ ଲୋକ ଟ୍ରଙ୍କକୁ ହେଲିକପ୍ଟରରୁ ବାହାର କରି ଏକ ଧଳାରଙ୍ଗର କାର ପାଖକୁ ନେଇଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ ସଭାପତି ଦିନେଶ ଗୁଣ୍ଡୁ ରାଓ ଉକ୍ତ ଭିଡିଓକୁ ଟୁଇଟ୍ କରିଛନ୍ତି। ତେବେ ଏହି ଟ୍ରଙ୍କ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରୁ କିମ୍ବା ଅନ୍ୟ ହେଲିକପ୍ଟରରୁ ନିଆଯାଇଛି ତାହା ଭିଡିଓରୁ ସ୍ପଷ୍ଟ ହୋଇନାହିଁ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ତତଲା ତାଭ୍ରା

**ଆଜିର ମନ୍ତବ୍ୟ**

"ବାବାସାହେବଙ୍କ ସମ୍ବିଧାନର ଶକ୍ତି ଅବହେଳିତ ଶ୍ରେଣୀରୁ ଆସିଥିବା ବ୍ୟକ୍ତିଙ୍କୁ ରାଷ୍ଟ୍ରପତି ଓ ଜଣେ ଚା'ବାଲାଙ୍କୁ ପ୍ରଧାନମନ୍ତ୍ରୀ କରାଇଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଦେଶର ପୁଞ୍ଜି ବଜାରରେ ୧୧,୦୯୬ କୋଟି ଟଙ୍କା ନିବେଶ କରିଛନ୍ତି।

- ଶେୟାର ବଜାର ଡିପୋଜିଟୋରୀ ଡାଟା

## ୫ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଅଭିଯୋଗ

ବୁଗୁଡ଼ା,୧୪।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ୫ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ହୋଇଥିବା ନେଇ ଶନିବାର ରାତିରେ ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ଶିଶୁକନ୍ୟାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୬୯/୧୯ରେ ଏକ ମାମଲା ରୁଜୁ କରିଛି।

ପ୍ରକାଶ ଯେ, ବୁଗୁଡ଼ା ଥାନାଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ଜନୈକ ବିବାହିତ ଯୁବକ ଜଗଦୀଶ ସାହୁ ତାଙ୍କ ସାହିରେ ଥିବା ଜଣେ ଶିଶୁ କନ୍ୟାକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିଜ ଘରକୁ ଡାକି ନେଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଜଗଦିଶ ଶିଶୁକନ୍ୟାକୁ ବଳାତ୍କାର କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ପରେ ଶିଶୁକନ୍ୟା ଜଣକ ଘରକୁ ଆସି ଘଟଣା ସମ୍ପର୍କରେ ବାପା, ମା'ଙ୍କୁ କହିଥିଲା। ତେବେ ଏହି ଘଟଣାକୁ ଗାଁରେ ରଫାଦଫା କରିବା ପାଇଁ ବିଭିନ୍ନ ଉଦ୍ୟମ ଚାଲିଥିଲା। କିନ୍ତୁ ଏ ନେଇ ଶନିବାର ରାତିରେ ଶିଶୁକନ୍ୟାଙ୍କ ମା' ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିଥିବା ବେଳେ ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଫେରାର୍ ଥିବା ଅଭିଯୁକ୍ତ ଜଗଦିଶଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

**ଅସମ୍ଭାଳ ହେଲାଣି ତାତି**

## ୪୩.୫ ଡିଗ୍ରୀରେ ଟିଟିଲାଗଡ଼

ଭୁବନେଶ୍ୱର,୧୪।୪(ବ୍ୟୁରୋ)

■ ୧୧ ସହର ତାପମାତ୍ରା ୪୦ ଡିଗ୍ରୀ ଟପିଲା



ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସକାଳ ୮ଟାରୁ ଖରାର ପ୍ରକୋପ ଧୀରେ ଧୀରେ ବୃଦ୍ଧି ପାଇ ପୂର୍ବାହ୍ନ ୧୧ଟା ପରେ ତାତି ଅସମ୍ଭାଳ ହୋଇପଡୁଛି। ଏହି ସମୟରେ ରାସ୍ତାଘାଟ ମଧ୍ୟ ଶୂନ୍‌ଶାନ୍ ହୋଇଯାଉଛି। ପ୍ରବଳ ତାତି ଯୋଗୁ କାଳବୈଶାଖୀ ହେବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ରବିବାର ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୧୧ ସହରରେ ପାରଦ ୪୦ ଡିଗ୍ରୀ ଉପରେ ରହିଛି। ଅନୁଗୋଳରେ ତାପମାତ୍ରା ୪୨.୭ ଡିଗ୍ରୀ ରହିଥିବା ବେଳେ ବଲାଙ୍ଗୀର ୪୨.୫, ତାଳଚେର ୪୨.୩, ଝାରସୁଗୁଡ଼ା ୪୧.୮, ସୋନପୁର ୪୧.୪, ସମ୍ବଲପୁର ୪୧.୧, ଭବାନୀପାଟଣା ୪୧.୦, ହୀରାକୁଦ ୪୦.୯, ମାଲକାନଗିରି ୪୦.୬ ଓ ଭୁବନେଶ୍ୱରରେ ୪୦.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତା ଦୁଇଦିନ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ତା'ପରେ ୨ରୁ ୩ଦିନ ତାପମାତ୍ରା ସାମାନ୍ୟ ହ୍ରାସ ପାଇବ। ସୋମବାର ରାଜ୍ୟର ୯ ଜିଲାରେ ସାମାନ୍ୟ ବର୍ଷା ସହ ଘଡ଼ଘଡ଼ି ହେବା ସମ୍ଭାବନା ରହିଛି। କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ରାୟଗଡ଼ା, ବଲାଙ୍ଗୀର, ଅନୁଗୋଳ, କେନ୍ଦୁଝର, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲାରେ କାଳବୈଶାଖୀ ହେବା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପ୍ରତିଦିନ କାଳବୈଶାଖୀର ସମ୍ଭାବନା ରହୁଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଉଛି।

## ସଙ୍ଗୀତ ନିର୍ଦ୍ଦେଶକ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ପରଲୋକ



କଟକ ଅଫିସ,୧୪।୪

ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ରାଖାଲ ଚନ୍ଦ୍ର ମହାନ୍ତିଙ୍କ ରବିବାର ଅପରାହ୍ନ ୪.୧୫ରେ ବାସଭବନରେ ପରଲୋକ ଘଟିଛି। ସେ କିଛିଦିନ ତଳେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା କରାଇବା ପରେ ମଧ୍ୟ ସେ ଠିକ୍‌ଭାବେ ଚଲାବୁଲା କରିପାରୁ ନ ଥିଲେ। ରାଖାଲଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି। ଅନେକ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ସଙ୍ଗୀତ ପ୍ରେମୀ ଓ ସଙ୍ଗୀତ ଦୁନିଆରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବାଦାମବାଡ଼ି ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ କ୍ଷଣପ୍ରଭା ମହାନ୍ତି, ପୁଅ ସୁହାସ, ସୁବ୍ରତ, ବୋହୂ ଅନିତା, ରଶ୍ମିତା, ଝିଅ ସୁରଭି, ସୁସ୍ମିତାଙ୍କ ସମେତ ପରିବାରବର୍ଗ, ସମ୍ପର୍କୀୟ ଉପସ୍ଥିତ ଥିଲେ। ସୋମବାର ଖାନ୍‌ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ☞ପୃଷ୍ଠା-୨


muthootfinance.com
ଗୋଲ୍ଡ ଲୋନ୍
ସୁଧ ଦର ରେ 5% କ୍ୟାସ୍ ବ୍ୟାକ୍ ଅଫର୍*
1800 313 1212
Muthoot Finance





NECC NATIONAL EGG CO-ORDINATION COMMITTEE 14.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 92 | 148 | 158 |
| BLS | 94 | 150 | 160 |
| ANG | 89 | 144 | 154 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


## କୀଟନାଶକ ପିଇ ଚାଷୀଙ୍କ ଆତ୍ମହତ୍ୟା

**ମୃତଦେହ ଫେରିବା ବିଳମ୍ବ ନେଇ ରାସ୍ତାରୋକୋ**

ଧର୍ମଶାଳା/ଚଣ୍ଡିଖୋଲ, ୧୪।୪(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ପଟୁଣିଆ ପଞ୍ଚାୟତ ଡିହନରସିଂହପୁର ଗ୍ରାମରେ ଫସଲହାନି ଓ ଋଣଭାର ସହି ନ ପାରି ଜଣେ ଚାଷୀ କୀଟନାଶକ ପିଇଦେଇଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ କଟକ ମେଡ଼ିକାଲରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତଚାଷୀ ଜଣଙ୍କ ଡିହନରସିଂହପୁର ଗ୍ରାମର ସୁଶାନ୍ତ ଗନ୍ତାୟତ(୪୨)। ଏହି ଖବର ଜଣାପଡ଼ିବା ପରେ ପଟୁଣିଆ ପଞ୍ଚାୟତରେ ଆଲୋଡ଼ନ ଖେଳି ଯାଇଥିଲା। ମୃତ ସୁଶାନ୍ତଙ୍କ ମୃତଦେହ କଟକରୁ ଫେରିବା ନେଇ ଗ୍ରାମବାସୀ ଅପେକ୍ଷା କରିଥିଲେ।



ଚାଷୀ ମୃତ୍ୟୁକୁ ନେଇ ଗ୍ରାମବାସୀ ରାସ୍ତା ରୋକୋ କରିଛନ୍ତି।

ହେଲେ ମୃତଦେହ ଫେରିବାରେ ବିଳମ୍ବ ହେବାରୁ ସ୍ଥାନୀୟଲୋକେ ଉତ୍ତ୍ୟକ୍ତହୋଇ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥକୁ କଣ୍ଟିଗଡ଼ିଆଠାରେ ଅବରୋଧ କରିଥିଲେ। ଏହି ରାସ୍ତା ଅବରୋଧ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି ଓ ଧର୍ମଶାଳା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ରେଡ଼କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ଅନ୍ୟାନ୍ୟ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତା ☞ପୃଷ୍ଠା-୨

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଂଶ ବାବୁ
ପରିବାରବର୍ଗ


ଅଂଶ ସାହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଷ୍ଟକୁ ସହିବାର ଧୈର୍ଯ୍ୟ ଦରକାର: ସୋନାଲି



ମୁମ୍ବାଇ

ବଲିଉଡ୍ ନାୟିକା ସୋନାଲି ବେନ୍ଦ୍ରେ ମୁମ୍ବାଇଠାରେ ଅନୁଷ୍ଠିତ ହୋଇଥିବା ୫ମ 'କାହୋକନ୍-୨୦୧୯' ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇ ସେ ତାଙ୍କ ଅନୁଭୂତି ବଖାଣିଛନ୍ତି। ଗତବର୍ଷ ସେ କ୍ୟାନ୍ସର ଭଳି ଏକ ମାରାତ୍ମକ ରୋଗର ଶିକାର ହୋଇଥିଲେ। ଚିକିତ୍ସା ପରେ ଏବେ ସୁସ୍ଥ ଥିବା କହିଛନ୍ତି। ସେ ହାଇଗ୍ରେଡ୍ କ୍ୟାନସରରେ ପୀଡିତ ଥିବା ଜଣାପଡିବା ପରେ କିଛି ଦିନ ଧରି ନ୍ୟୁୟର୍କରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାର ପ୍ରାୟ ୭ ମାସ ପରେ ସେ ଡିସେମ୍ବରରେ ଭାରତ ଫେରିଥିଲେ। କଷ୍ଟକୁ ସହିବାର ଧୈର୍ଯ୍ୟ ରଖିବା ଦରକାର। ଯେମିତି ଗୋଟେ ଶିଶୁର ଦାୟିତ୍ୱ ବହନ କରିବାପାଇଁ ମା' ପ୍ରସ୍ତୁତ ଥାଏ, ଠିକ୍ ସେମିତି ଶାରୀରିକ କଷ୍ଟ ବହନ କରିବାକୁ ପ୍ରସ୍ତୁତ ହେବା ଦରକାର। ଆତ୍ମବିଶ୍ୱାସ ଓ ମନୋବଳ ଦୃଢ଼ କରି ନିଜକୁ ସେମିତି ପ୍ରସ୍ତୁତ କରିଥିବାରୁ ଆଜି ସୁସ୍ଥ ଅଛି ବୋଲି କହିଛନ୍ତି ସୋନାଲି। ସୋନାଲିଙ୍କ ଏହି ଅନୁଭୂତି ଅନେକଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ପ୍ରଶଂସକ ମହଲରେ ଆଲୋଚନା ହେଉଛି।

# ଚଳନ୍ତା ଟ୍ରେନରୁ ଖସି ନାବାଳକ ଆହତ

ବାରଙ୍ଗ,୧୪।୪(ଡି.ଏନ.ଏ.)- ପଦାସାହି ଗ୍ରାମମୁଣ୍ଡରେ ଥିବା ରେଳଫାଟକ ପାଖରେ ରବିବାର ଏକ ଚଳନ୍ତାଟ୍ରେନରୁ ଖସି ଜଣେ ୧୫ବର୍ଷର ନାବାଳକ ଆହତ ହୋଇଛି। ତାଙ୍କର ନାମ ରନୋଜ ଟୁଡ ହୋଇଥିବାବେଳେ ଘର ଆସାମ ବୋଲି ଜଣାପଡିଛି। ନାବାଳକଙ୍କ ପ୍ୟାଣ୍ଟ ପକେଟରୁ ଏକ ଆଧାରକାର୍ଡ ଓ ଟ୍ରେନ ଟିକେଟ ମିଳିଥିଲା। ସେ ବାଙ୍ଗାଲୋର-ଗୁଆହାଟି ଏକ୍ସପ୍ରେସରେ ଯାତ୍ରା କରୁଥିବାବେଳେ ରବିବାର ସକାଳ ୭ଟାରେ ପଦାସାହି ଗ୍ରାମମୁଣ୍ଡ ଅତିକ୍ରାନ୍ତ ସମୟରେ ଚଳନ୍ତା ଟ୍ରେନରୁ ଖସି ପଡିଥିଲେ। ପଡ଼ିଯିବାରୁ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ପଥଚାରୀମାନେ ନାବାଳକକୁ ଉଦ୍ଧାର କରି ରେଳଫାଟକ ଦାୟିତ୍ୱରେ ଥିବା ସୁରକ୍ଷାକର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ପରେ ତାକୁ ମଞ୍ଚେଶ୍ୱରସ୍ଥିତ ରେଳ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଥିଲା।

# ଟିଡିପି ପାଇଁ ଆଇଟି କମ୍ପାନୀ ଚୋରି କରିଛି ୭.୮ କୋଟି ଆଧାର ତଥ୍ୟ

## ମାମଲା ଦାଏର କଲା ୟୁଆଇଡିଏଆଇ

ନୂଆଦିଲ୍ଲୀ,୧୪।୪

ତେଲୁଗୁ ଦେଶମ ପାର୍ଟି(ଟିଡିପି) ପାଇଁ 'ସେବା ମିତ୍ର ଆପ୍' ତିଆରି କରୁଥିବା ଇନ୍ଫର୍ମେଶନ ଟେକ୍ନୋଲୋଜି କମ୍ପାନୀ ଆଇଟି ଗ୍ରିଡ୍(ଇଣ୍ଡିଆ) ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ୭.୮ କୋଟି ଆଧାର ତଥ୍ୟ ଚୋରି କରିଥିବା ଅଭିଯୋଗ ହୋଇଛି। ଏହିଘଟଣା ଜଣାପଡିବା ପରେ ଆଧାର କାର୍ଡ ଜାରି କରୁଥିବା ସଂସ୍ଥା ୟୁଆଇଡିଏଆଇ ପକ୍ଷରୁ ସାଇବରାବାଦ୍ ପୋଲିସ ନିକଟରେ ମାମଲା ରୁଜୁ କରାଯାଇଛି।

ଏହି ଦୁଇ ରାଜ୍ୟ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ନାଗରିକଙ୍କ ସଂଖ୍ୟା ୮.୪ କୋଟି ରହିଛି। ପ୍ରାଥମିକ ଯାଞ୍ଚରୁ ଜଣାପଡିଛି ଯେ, ଉକ୍ତ କମ୍ପାନୀ ଅବୈଧ ଭାବେ ଲୋକଙ୍କ ସମ୍ବେଦନଶୀଳ ଡାଟା ଯଥା-ଆଧାର ତଥ୍ୟ, ଇଲେକ୍ଟୋରାଲ ରୋଲ, ସରକାରୀ ସ୍କିମ୍ ଏବଂ ବିଭିନ୍ନ ରାଜନୈତିକ ଦଳ ସହିତ ଜଡ଼ିତ ଭୋଟର ସୂଚନାକୁ ଚୋରି କରିଥିଲା। ଏହି ତଥ୍ୟକୁ ବେଆଇନ ଭାବେ ବ୍ୟବହାର କରାଯାଇପାରିବ। ଯାଞ୍ଚରୁ ଏହା ମଧ୍ୟ ଜଣାପଡିଛି ଯେ, ଚୋରି କରାଯାଇଥିବା ଭୋଟର ସୂଚନାରୁ ଭୋଟର ପ୍ରୋଫାଇଲିଂ, କ୍ୟାମ୍ପେନ ଟାର୍ଗେଟିଂ ଏବଂ ଭୋଟରଙ୍କ ନାମକୁ ତାଲିକାରୁ ବାଦ୍ ଦିଆଯାଇପାରିବ। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଜବତ ହୋଇଥିବା ଡିଜିଟାଲ ପ୍ରମାଣର ଫରେନସିକ୍ ଯାଞ୍ଚ ଲାଗି ତେଲେଙ୍ଗାନା ଷ୍ଟେଟ୍ ଫରେନସିକ ସାଇନ୍ସ ଲାବରେଟୋରିଜକୁ ପଠାଇ ଦିଆଯାଇଛି। ଅଭିଯୋଗ ଆଣିଥିବା ୟୁଆଇଡିଏଆଇ ଅଧିକାରୀଙ୍କ କହିବାନୁଯାୟୀ, ଜବତ ହୋଇଥିବା ହାର୍ଡ ଡିସ୍କରୁ ଜଣାପଡିଛି ଯେ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ୭,୮୨,୨୧,୩୯୭ ଅଧିବାସୀଙ୍କ ଆଧାର ଡାଟା ଚୋରି କରାଯାଇ ଆଇଟି ଗ୍ରିଡ୍(ଇଣ୍ଡିଆ) ଟିଡିପି ପାଇଁ ସେବା ମିତ୍ର ଆପ୍ ତିଆରି କରୁଛି ବୋଲି ୟୁଆଇଡିଏଆଇ ଡେପୁଟି ଡାଇରେକ୍ଟର ତଥା ଅଭିଯୋଗକାରୀ ଟି.ଭବାନୀ ପ୍ରସାଦ କହିଛନ୍ତି। ୟୁଆଇଡିଏଆଇ ନିକଟରେ ରହୁଥିବା ଡାଟାବେସ ସାଇଜ ଓ ସଂରଚନା ଭଳି ଆଇଟି ଗ୍ରିଡ୍ ନିକଟରେ ରହିଥିବା ଆଧାର ଡାଟା ମିଶିଯାଉଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଉକ୍ତ କମ୍ପାନୀ ଏହି ଡାଟାକୁ ସେଣ୍ଟ୍ରାଲ ଡାଟା ରିପୋଜିଟୋରି ଅଥବା ଷ୍ଟେଟ୍ ଡାଟା ହବ୍‌ରୁ ଅବୈଧ ଭାବେ ହାସଲ କରିଛି। ଅନ୍ୟପକ୍ଷରେ ଟିଡିପି ଏହି ଆଧାର ଡାଟା ଚୋରି ଅଭିଯୋଗକୁ ଖଣ୍ଡନ କରି ଏହି ମାମଲାକୁ ତେଲେଙ୍ଗାନାରୁ ଆନ୍ଧ୍ରପ୍ରଦେଶ ସ୍ଥାନାନ୍ତର ପାଇଁ ଦାବି କରିଛି।


# classifieds




## SALE

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66308

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, elec-try, gharabari, temple, sqft. 650/-ରେ ଦିଆଯାଉ ଅଛି। 7008045582, 9692003948. D-12088

Bhubaneswar Patrapada Market HDFC bankରୁ 500 mtr କଲୋନୀ ଭିତରେ BDA yellow zone plot କିଣି ତୁରନ୍ତ ଘର କରନ୍ତୁ। 6370292040. D-66339

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

Gharabari plot behind Hitech Plaza, beside 30' road with boundary wall- 490/-, Pradhan sahi mouza (SC plot) - 650/-, 9090008333, 9437357287. D-12089

ଘରବାରି plot sale ନଖରା ବ୍ରାହ୍ମଣ ଝରିଲୋ ପିଚୁରୋଡ଼ sideରେ 3000 sqft. 16,50,000/- 9437306208. D-66337

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Gharabari plot with boundary wall, sand filling for sale at Pahala. Contact: 9437321343. D-12131




5000 sqft. godown near Dhenkanal Rly station/ sliding previously cement godown. 9437023399. D-62093

# ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତ ନରେନ୍ଦ୍ରନାଥ ଦାଶ**
(ଧୂଷା ଭାଇନା)
ସୁମଣାଶାସନ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୩।୦୧।୧୯୪୪
ତିରୋଧାନ: ୦୬।୦୪।୨୦୧୭
ଆଜି ତୁମର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଆନ୍ତର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୫୮୭୮

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ସତ୍ୟଭାମା ମହାନ୍ତି**
ପ୍ଲଟ୍ ନଂ.୧୦୧, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୨୦।୦୧।୧୯୩୭
ତିରୋଧାନ: ୧୫।୦୪।୨୦୧୭
'ମା' ଆପଣଙ୍କୁ କୋଟି କୋଟି ପ୍ରଣାମ। ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଅନାବିଳ ସ୍ନେହ, ନିଷ୍ଠାପର କାର୍ଯ୍ୟ ନିପୁଣତା ଆମ ସମସ୍ତଙ୍କର ଜୀବନର ଧେୟ ହେଉ। ଆପଣଙ୍କ ପ୍ରଦତ୍ତ ଆଲୋକ ରୂପକ ଆଶୀର୍ବାଦରେ ଆଲୋକିତ ହେଉଥାଉ ଆମ ପରିବାର। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର-ଲୁଲୁ, ବୋହୂ-ମଧୁମିତା।
ଧ-୫୬୧୭୦

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ମନୋରମା ସେଠୀ**
ଆବିର୍ଭାବ : ୦୬/୧୧/୧୯୬୦
ତିରୋଧାନ : ୨୭/୦୩/୨୦୧୮
କ୍ରୀଷ୍ଣା ଗାର୍ଡେନ୍, ଏ/୩
ଫେଜ୍-୨,ଜାଗମରା,ଭୁବନେଶ୍ୱର
ହେ ମହାନ୍ ଆତ୍ମା ତୁମ ଅଗାଢ ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନ ଶୈଳୀ ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିଥିବ ଓ ତୁମେ ସବୁବେଳେ ମନେପଡୁଥିବ। ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ତୁମର ଆତ୍ମାକୁ ଶାନ୍ତି ଓ ସଦ୍‌ଗତି ପ୍ରଦାନ କରନ୍ତୁ। ଏହା ହିଁ ଭକ୍ତିଭରା ପ୍ରାର୍ଥନା।
ଶୋକସନ୍ତପ୍ତ ; ସ୍ୱାମୀ - ହରେକୃଷ୍ଣ ସେଠୀ
ପୁତ୍ର - ହିମାଂଶୁ, କାଳିନ୍ଦୀ ଓ ସୁଧାଂଶୁ
ପୁତ୍ରବଧୂ, ଦିଅର ଯାଆ, ଝିଅ ଜ୍ୱାଇଁ, ପୁତୁରା ଝିଆରୀ, ନାତି ପରିବାରବର୍ଗ ଓ ପ୍ରିୟଜନ।
ଧ-୫୯୯୨୯

### ଏକାଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଧ୍ରୁବରାଜ ବସନ୍ତରାୟ**
ଖଣ୍ଡପଡ଼ା, ଦାଣ୍ଡସାହି
ଆବିର୍ଭାବ: ୨୮ ଏପ୍ରିଲ ୧୯୪୨
ତିରୋଧାନ: ୦୫ ଏପ୍ରିଲ ୨୦୧୯
ଚାହୁଁ ଚାହୁଁ ଦଶଦିନ ବିତିଗଲା। କାହିଁକି କେଜାଣି ଗ୍ରହଣ କରିପାରୁନୁ ସୃଷ୍ଟିର ଏହି ନିଷ୍ଠୁର ସତ୍ୟକୁ। ସ୍ୱଶରୀରରେ ତୁମକୁ ଦେଖିବାତ ଏ ଜନ୍ମରେ ଅସମ୍ଭବ। ତେବେ, ଯେଉଁଠି ଥାଆନ୍ତୁ ଖୁସିରେ ରୁହନ୍ତୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆଶିଷ ଉତ୍ସାହୀ, ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନ। ଧ-୧୨୧୫୪

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ସ୍ୱାର୍ଥ ଲାଗି...

କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି। ଓଡ଼ିଶାରେ କେବେବି ଏକକ ଦଳଭାବେ ସରକାର ଗଠନ କରିବାର ସୁଯୋଗ ପାଇ ନ ଥିବା ଭାରତୀୟ ଜନତା ପାର୍ଟି(ଭାଜପା) ମଧ୍ୟ ରାଜ୍ୟର ଚାଷୀମାନଙ୍କ ପାଇଁ ଅନେକ ଲୋଭନୀୟ ଯୋଜନା ଘୋଷଣା କରିଛି। ପ୍ରାଇସ, ପ୍ରେଷ୍ଟିଜ ଓ ପେନ୍‌ସନ୍ ଦାବିରେ ଆନ୍ଦୋଳନ ଚଳାଇଥିବା ନବନିର୍ମାଣ କୃଷକ ସଂଗଠନ ଓ ଧାନର ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ନେଇ ଆନ୍ଦୋଳନରତ ପଶ୍ଚିମ ଓଡ଼ିଶାର ଚାଷୀ ସଂଗଠନଗୁଡ଼ିକ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୁଷ୍ଟ ଥିବା ହୃଦ୍‌ବୋଧ କରି ଭାଜପା କ୍ଷମତାକୁ ଆସିଲେ ୨୦୨୨ସୁଦ୍ଧା ସମସ୍ତ ଚାଷୀଙ୍କ ଆୟ ଦୁଇଗୁଣ କରିବାକୁ ପ୍ରତିଶ୍ରୁତି ଦେଇଛି। ୬୦ ବର୍ଷରୁ ଉର୍ଦ୍ଧ୍ୱ କୃଷକଙ୍କୁ ମାସିକ ୩ହଜାର ଟଙ୍କାର ପେନ୍‌ସନ ବ୍ୟବସ୍ଥା କରିବାକୁ ଭାଜପା ଇସ୍ତାହାରରେ ପ୍ରତିଶ୍ରୁତି ଦେବା ସହ ଚାଷ ଋଣ ଉପରୁ ସମ୍ପୂର୍ଣ୍ଣ ସୁଧ ଛାଡ଼ କରିବାକୁ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସମସ୍ତ ଚାଷୀଙ୍କୁ ବାର୍ଷିକ ୬ହଜାର ଟଙ୍କା ଲେଖାଏ ସହାୟତାର ପ୍ରତିଶ୍ରୁତି ସହିତ କୃଷକଙ୍କ ଚାଷଖର୍ଚ୍ଚ କିପରି କମିବ ସେ ବ୍ୟବସ୍ଥା ନିଶ୍ଚିତ କରିବାକୁ ମଧ୍ୟ ଭାଜପା ଇସ୍ତାହାରରେ ପ୍ରତିଶ୍ରୁତି ଦେଇଛି। ସେହିପରି ରାଜ୍ୟରେ ସବୁ ଚାଷଜମିକୁ ସବୁଦିନିଆ ଜଳସେଚନ ସୁବିଧା ଯୋଗାଇ ଦେବାକୁ ୧ଲକ୍ଷ କୋଟି ଟଙ୍କାର ଏକ ଯୋଜନା ହାତକୁ ନିଆଯିବ ବୋଲି ମଧ୍ୟ ଭାଜପା ପ୍ରତିଶ୍ରୁତି ଦେଇଛି।

ସେହିପରି କଂଗ୍ରେସ ମଧ୍ୟ ତା'ର ଇସ୍ତାହାରରେ ଚାଷୀଙ୍କ ପାଇଁ ଅନେକ ପ୍ରତିଶ୍ରୁତି ଅଜାଡ଼ି ଦେଇଛି। କ୍ଷମତାକୁ ଆସିଲେ କଂଗ୍ରେସ ଶାସିତ ଅନ୍ୟ ରାଜ୍ୟ ଭଳି ସମସ୍ତ କୃଷିଋଣ ଛାଡ଼ କରାଯିବ। କୃଷି ବିକାଶ ଓ ଯୋଜନା ପାଇଁ ଜାତୀୟସ୍ତରରେ ଏକ କମିଶନ ଗଠନ କରାଯିବ ବୋଲି କଂଗ୍ରେସ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି। ଫସଲ ବୀମା ଯୋଜନାର ଦୋଷତ୍ରୁଟି ସୁଧାରିବା ସହିତ କୃଷି ଉତ୍ପାଦର ବିପଣନ ଓ ରପ୍ତାନି ବୃଦ୍ଧି ପାଇଁ ସୁବ୍ୟବସ୍ଥା କରିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି।

ଏହିସବୁ ରାଜନୈତିକ ଦଳର କୃଷି ଓ କୃଷକଙ୍କ ସମ୍ପର୍କିତ ଇସ୍ତାହାର ପ୍ରସଙ୍ଗରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି ଯେ, ନିର୍ବାଚନ ସମୟରେ ସମସ୍ତ ରାଜନୈତିକ ଦଳ ବିଭିନ୍ନ ପ୍ରତିଶ୍ରୁତି ଦେଇଥାନ୍ତି। ଏହାପରେ ସେହି ପ୍ରତିଶ୍ରୁତିକୁ ଯଦି ପାଳନ କରନ୍ତେ ତେବେ ତା'ର ମହତ୍ତ୍ୱ ରୁହନ୍ତା। କିନ୍ତୁ କୃଷକଙ୍କ କ୍ଷେତ୍ରରେ ପ୍ରତିଶ୍ରୁତି ପାଳନ କରୁନାହାନ୍ତି। ତେଣୁ ରାଜନୈତିକ ଦଳଗୁଡ଼ିକ ଉପରେ ଚାଷୀଙ୍କ ଭରସା ତୁଟିଯାଉଛି। ଚାଷୀ ନିଜର ଦାବି ହାସଲ କରିବାକୁ ଶାନ୍ତିପୂର୍ଣ୍ଣ ଭାବେ ଭୁବନେଶ୍ୱରରେ ଧାରଣା ଦେବାକୁ ଅନେକ ଥର ଯୋଜନା କରିଛନ୍ତି। କିନ୍ତୁ ରାଜ୍ୟ ସରକାର ଯେଉଁଭଳି ଭାବରେ ଚାଷୀଙ୍କୁ ଭୁବନେଶ୍ୱରକୁ ଯିବାକୁ ଦେଇ ନାହାନ୍ତି, ବାରମ୍ବାର ଗିରଫ କରିଛନ୍ତି ତାହା ଚଳିତ ନିର୍ବାଚନରେ ପ୍ରଭାବ ପକାଇବ। ଚାଷୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କରିଛନ୍ତି। ଏଥିରେ ୪୦ ଲକ୍ଷ ଚାଷୀଙ୍କୁ ସାମିଲ କରାଯାଇଛି ବୋଲି ସରକାର ଦାବି କରୁଛନ୍ତି। କିନ୍ତୁ ତା'ର ତାଲିକା ଯଦି ସରକାର ଦେଇପାରନ୍ତେ ତେବେ ସତ୍ୟାସତ୍ୟ ଜଣାପଡନ୍ତା। ପୂର୍ବରୁ ଚାଷୀମାନଙ୍କୁ ଚିହ୍ନଟ କରିବା ସମ୍ଭବ ହେଉନାହିଁ ବୋଲି ସରକାର କହୁଥିଲେ। କିନ୍ତୁ ଏବେ ପ୍ରାୟ ୬୫ ଲକ୍ଷ ଚାଷୀ ଚିହ୍ନଟ ହୋଇସାରିଛନ୍ତି ବୋଲି ସରକାର କହୁଛନ୍ତି। ତାହା କିପରି ସମ୍ଭବ ହୋଇପାରିଲା ବୋଲି ଅକ୍ଷୟ ପ୍ରଶ୍ନ କରିଛନ୍ତି।

କୃଷକ ନେତା ସୁକେଶ ପଟ୍ଟନାୟକ କହିଛନ୍ତି ଯେ, ଏହା ହେଉଛି ଏକ ନିର୍ବାଚନୀ ଚାଲ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଶାସନ କରୁଥିବା ଦଳ ନିର୍ବାଚନ ସମୟରେ ଚାଷୀମାନଙ୍କୁ ଲୋକଦେଖାଣିଆ ପ୍ରତିଶ୍ରୁତି ଦେଉଛନ୍ତି। ସ୍ୱାମୀନାଥନ କମିଟି ରିପୋର୍ଟର ସୁପାରିସକୁ କାର୍ଯ୍ୟକାରୀ କରିବାକୁ ୨୦୧୪ରୁ ରାଜନୀତି ହେଉଛି। ରାଜନୈତିକ ଇଚ୍ଛାଶକ୍ତି ଓ ପ୍ରଶାସନିକ ଉଦାସୀନତାର ଅଭାବ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ତେଣୁ ନିର୍ବାଚନବେଳେ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ରାଜନୈତିକ ଦଳଗୁଡ଼ିକର ପ୍ରତିଶ୍ରୁତିରେ ଚାଷୀମାନେ ଭାସି ନ ଯିବା ଉଚିତ ବୋଲି ପଟ୍ଟନାୟକ କହିଛନ୍ତି।

ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜଙ୍କ କହିବା ହେଲା ଭାଜପା, ବିଜେଡି ଓ କଂଗ୍ରେସ ଚାଷୀ ଭୋଟ ହାତେଇବା ଉଦ୍ଦେଶ୍ୟରେ ସେମାନଙ୍କ ଇସ୍ତାହାର ପ୍ରକାଶ କରିଛନ୍ତି। ଏଥିରେ କିଛି ନୂତନତ୍ୱ ନାହିଁ। ଚାଷୀଙ୍କ ମୂଳ ଦାବିକୁ ରାଜନୈତିକ ଦଳଗୁଡ଼ିକ ଭୁଲିଯାଇଛନ୍ତି। ଗତ କିଛି ମାସତଳେ ୫ଟି ରାଜ୍ୟର ନିର୍ବାଚନରେ ଚାଷୀମାନେ ନିର୍ଣ୍ଣାୟକ ଭୂମିକା ନେଇଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁଭବ କରିଥିବାରୁ ଇସ୍ତାହାରରେ ଚାଷୀଙ୍କୁ କିଛି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇଛି। ଚାଷୀଙ୍କ ମୁଖ୍ୟ ୨ଟି ଦାବି ଋଣ ମୁକ୍ତି ଓ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଖର୍ଚ୍ଚର ପ୍ରକୃତ ମୂଲ୍ୟ ପ୍ରଦାନ ଦାବିକୁ ଅଣଦେଖା କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାର କିଛି ଅର୍ଥ ଦେଇ ନିର୍ବାଚନୀ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛନ୍ତି। ଚାଷୀଙ୍କ ମୂଳ ସମସ୍ୟା ଅସମାହିତ ହୋଇ ରହିଯାଉଛି ବୋଲି ଲିଙ୍ଗରାଜ କହିଛନ୍ତି।

### ତଦନ୍ତ ଦାବି...

ଅଭିଯୋଗ ଅନୁଯାୟୀ ପ୍ରଧାନମନ୍ତ୍ରୀ ଚିତ୍ରଦୁର୍ଗକୁ ନିର୍ବାଚନ ପ୍ରଚାରରେ ଯାଇଥିବାବେଳେ ତାଙ୍କ ହେଲିକପ୍ଟରକୁ ଅନ୍ୟ ତିନୋଟି ହେଲିକପ୍ଟର ସୁରକ୍ଷା ଦେଉଥିଲେ। ଅବତରଣ ପରେ ଉକ୍ତ କଳା ଟ୍ରଙ୍କ୍‌କୁ ହେଲିକପ୍ଟରରୁ ନିଆଯାଇ ଏସ୍‌ପିଜି କାରକେଡ୍ ବାହାରେ ଥିବା ଏକ ଘରୋଇ କାରରେ ରଖାଯାଇଥିଲା। ଟ୍ରଙ୍କ ରଖାଯିବା ପରେ ଉକ୍ତ ଇନୋଭା କାର୍‌ଟି ସଙ୍ଗେ ସଙ୍ଗେ ସେଠାରୁ ପଳାଇଥିଲା, ଯାହାକୁ ନେଇ ସନ୍ଦେହ ପ୍ରକାଶ କରିଛି କଂଗ୍ରେସ। ପ୍ରଶ୍ନ ଉଠୁଛି ଉକ୍ତ ଟ୍ରଙ୍କ ସୁରକ୍ଷା ପ୍ରୋଟୋକଲ ଭିତରେ ନ ଥିଲା କାହିଁକି। ଇନୋଭା କାର ପ୍ରଧାନମନ୍ତ୍ରୀଙ୍କ କାରକେଡ୍‌ରେ କ'ଣ ପାଇଁ ସାମିଲ ହୋଇ ନ ଥିଲା ଏବଂ ଉକ୍ତ କାର୍‌ଟି କାହାର।

ନିର୍ବାଚନ କମିଶନଙ୍କ ପକ୍ଷପାତ ନୀତିକୁ ଜେଡିଏସ୍ ପକ୍ଷରୁ ସମାଲୋଚନା କରାଯାଇଛି। ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କୁ କାର୍‌କୁ ସେଦିନ ଏକାଧିକ ଥର ଯାଞ୍ଚ କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରରୁ ସନ୍ଦେହଜନକ ବାକ୍ସ ଘରୋଇ କାରକୁ ନିଆଯିବା ଘଟଣାରେ ଇସି ଚିନ୍ତିତ ନହେବା ଆଶ୍ଚର୍ଯ୍ୟଜନକ ବୋଲି ଜେଡିଏସ୍ ଟୁଇଟର୍ ହ୍ୟାଣ୍ଡଲ୍‌ରେ ଅଭିଯୋଗ କରାଯାଇଛି।

### କୀଟନାଶକ...

ଅବରୋଧ ହଟିଥିବା ଜଣାପଡିଛି। ପ୍ରକାଶ ଯେ, ସୁଶାନ୍ତ ଦୁଇ ଏକର ଡାଲୁଆ ଧାନ,ଏକ ଏକର ବିରି ଓ ମୁଗ ଚାଷ କରିଥିଲେ। ଏ ନେଇ ସେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନ୍ୟାନ୍ୟ ସୂତ୍ରରୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଋଣ କରିଥିଲେ। ଚାଷ ଜମିରେ ପାଣି ଅଭାବ ଯୋଗୁ ଡାଲୁଅ ଧାନ ସହ ବିରି ଓ ମୁଗ ଫସଲରେ ପୋକଲାଗି ନଷ୍ଟ ହୋଇଯାଇଥିଲା। ଫସଲ ନଷ୍ଟ ସାଙ୍ଗକୁ ଋଣଭାର ଯୋଗୁ ଚିନ୍ତାଗ୍ରସ୍ତ ରହୁଥିବା ସୁଶାନ୍ତ ଶୁକ୍ରବାର ସନ୍ଧ୍ୟାରେ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ବଡ଼ଚଣା ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ରବିବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ତ୍ରୀ ସସ୍ମିତା ଗନ୍ତାୟତ କହିଛନ୍ତି। ମୃତ ସୁଶାନ୍ତ ଜଣେ ଗରିବ ଶ୍ରେଣୀର ଚାଷୀ ଓ ତାଙ୍କର ପାଞ୍ଚଟି ଝିଅ ଅଛନ୍ତି।

### ସଙ୍ଗୀତ ନିର୍ଦ୍ଦେଶକ...

ହେବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି।

୧୯୩୨ ଜୁନ୍ ୨୬ ତାରିଖରେ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇସ୍ଥିତ ତାତନା ଗ୍ରାମରେ ରାଖାଲ ଜନ୍ମଗ୍ରହଣ କରିଥିଲେ। ସେ ବମ୍ବେର ଅଖିଳ ଭାରତୀୟ ଗନ୍ଧର୍ଭ ମହାବିଦ୍ୟାଳୟ ମଣ୍ଡଳରେ ୧୯୭୩ ମସିହାରେ ସଙ୍ଗୀତ କ୍ଷେତ୍ରରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ୧୯୫୫ରୁ ୧୯୭୩ ମସିହା ପର୍ଯ୍ୟନ୍ତ କଟକ କଳାବିକାଶ କେନ୍ଦ୍ରସ୍ଥିତ ଇଣ୍ଡିଆନ କଲେଜ ଅଫ ମ୍ୟୁଜିକ ଆଣ୍ଡ ଡ୍ୟାନ୍ସରେ ସଙ୍ଗୀତ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ପରେ ୧୯୭୪ରୁ ୧୯୯୪ ମସିହା ପର୍ଯ୍ୟନ୍ତ ରାଖାଲଙ୍କର ଯାଦୁଗରି ସଙ୍ଗୀତ ଆକାଶବାଣୀରୁ ଶୁଣିବାକୁ ମିଳିଥିଲା। ଉକ୍ତ ଦୁଇ ଦଶନ୍ଧି ଧରି ସେ ଆକାଶବାଣୀ କଟକରେ ମ୍ୟୁଜିକ କମ୍ପୋଜର ଭାବେ କାର୍ଯ୍ୟ କରିଥିଲେ। ଟପ୍‌ଗ୍ରେଡ ମ୍ୟୁଜିକ କମ୍ପୋଜର ଭାବେ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ରାଖାଲଙ୍କର ବେଶ୍ ପରିଚୟ ରହିଛି। କ୍ୟାସେଟ ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ରାଖାଲ ଅନେକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଘର ସଂସାର, ଅମର ପ୍ରେମ, ଶ୍ରୀକୃଷ୍ଣ ରାସଲୀଳା, ଅକ୍ଷିତୃତୀୟା, ତ୍ରିନାଥ ମେଳା ଚଳଚ୍ଚିତ୍ରରେ ସେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଏହାଛଡ଼ା ତପସ୍ୱିନୀ, ଗୀତ ଗୋବିନ୍ଦ, କାଞ୍ଚି ଅଭିଯାନ, ଶକୁନ୍ତଳା, କୋଣାର୍କ, ଲାବଣ୍ୟବତୀ ଭଳି ନୃତ୍ୟନାଟିକା ପାଇଁ ସଙ୍ଗୀତ ନିର୍ଦ୍ଦେଶନା ଦେଇ ସେ ଚିରସ୍ମରଣୀୟ ହୋଇ ରହିଛନ୍ତି। ଦେଶ ବିଦେଶରେ ରାଖାଲଙ୍କୁ ଅନେକ ସମ୍ବର୍ଦ୍ଧନା ମିଳିଛି। ଅନ୍ୟପକ୍ଷରେ ସେ ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ସ୍ଥାୟୀ ସଭାପତି ରହିବା ସହ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ପୂର୍ଣ୍ଣବଳି କୋଣାଧିପତି ରାଶିରେ ରହି ଆପଣଙ୍କୁ ଅଭୂତପୂର୍ବ ସଫଳତାର ଗୌରବ ପ୍ରଦାନ କରିବେ। ଚତୁର୍ଥାଧିପତି ସାମାଜିକ ସ୍ତରରେ ସମ୍ମାନ ସାଙ୍ଗକୁ ବନ୍ଧୁମିଳନ, ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ଦେଇପାରନ୍ତି। କୃତ୍ତିକା ନକ୍ଷତ୍ର ବିଶେଷଭାବରେ ଶୁକ୍ରଙ୍କ ପ୍ରଭାବରେ ମଧୁର ମନୋହର କଥାରେ ଅନ୍ୟମାନଙ୍କୁ ଆପ୍ୟାୟିତ କରିବ।

**ବୃଷ**
ଆଜି ଚନ୍ଦ୍ରଙ୍କ ସହ ଚାରୋଟି ଗ୍ରହଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ କାର୍ଯ୍ୟ ସାଧିତ ହେଲେ ମଧ୍ୟ ଏଥିପାଇଁ ବହୁତ ସଂଘର୍ଷ କରିବାକୁ ପଡ଼ିପାରେ। ଦ୍ୱିଜା ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ,ବ୍ୟବସାୟ, ପରିବହନ, ରାଜନୈତିକ ସଂଗଠନର ପ୍ରଚେଷ୍ଟା ଭଲରେ ଚାଲିବ। ସପ୍ତମାଧିପତି ନିଜ ରାଶିରେ ରହିଥିବାରୁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବାକୁ ପଡ଼ିପାରେ।

**ମିଥୁନ**
ଏକାଦଶରେ ରାଜନୈତିକ ଗ୍ରହ ରବି ଓ ରାଶିରେ ରାହୁ ଆପଣଙ୍କୁ ଉଚ୍ଚାସନରେ ପ୍ରତିଷ୍ଠିତ କରାଇପାରେ। ବିଭିନ୍ନ ଯୋଜନା କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଚତୁର୍ଥ ଭାବକୁ ବୁଧଙ୍କ ପୂର୍ଣ୍ଣଦୃଷ୍ଟି ସାମାଜିକ ସ୍ଥିତି,ସଭା ସମିତି ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି ହେବ। ପୁନର୍ବସୁ ନକ୍ଷତ୍ରର ସହକର୍ମୀ,ପଡ଼ୋଶୀଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇବେ।

**କର୍କଟ**
ଆଜି ଦ୍ୱାଦଶସ୍ଥ ରାହୁ ସାଙ୍ଗକୁ ଚନ୍ଦ୍ର ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ପ୍ରଭାବରେ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ। ଯାତ୍ରାରେ ଦ୍ୱନ୍ଦ୍ୱ, ବ୍ୟବସାୟରେ ଝଗଡ଼ା, ବନ୍ଧୁପତ୍ନୀ ସହ ବିବାଦ ଓ କିଛି ନୂତନ କାମ ସମ୍ପର୍କରେ ଦୁଃଶ୍ଚିନ୍ତା ଦେଖା ଦେଇପାରେ। ପୁଷ୍ୟା ନକ୍ଷତ୍ର ଶିଳ୍ପ, କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ରାଦିରେ ଉନ୍ନତମାନର ଫଳ ପାଇବେ।

**ସିଂହ**
ରାଶ୍ୟାଧିପତି ଭାଗ୍ୟସ୍ଥାନରେ ରହି ଉଚ୍ଚ ପଦବୀ, ସୁପରିକଳ୍ପିତ ଯୋଜନା, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ପାଇବେ। ଆପଣଙ୍କ ସକାଶେ ଆଜି ପ୍ରତ୍ୟେକ କ୍ଷେତ୍ର ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ ହୋଇପାରିବ। ପୂର୍ବାଫାଲଗୁନୀ ସକାଶେ ଜମିଜମା କ୍ରୟବିକ୍ରୟ, ନିର୍ମାଣାଧୀନ କାମ, ଆମଦାନି କାରବାର ଭଲରେ ଚାଲିବ। ପ୍ରଶାସନିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା**
ଚନ୍ଦ୍ରଙ୍କ ଏକାଦଶରେ ମଙ୍ଗଳ ତୃତୀୟ, ଅଷ୍ଟମାଧିପତି ଯୋଗୁ ଭ୍ରାତୃ ସମ୍ପର୍କରେ ଫାଟ ସୃଷ୍ଟି ହୋଇପାରେ। ଅଫିସରେ ସହକର୍ମୀମାନେ କାର୍ଯ୍ୟକୁ ଶୀଘ୍ର ପୂର୍ଣ୍ଣାଙ୍ଗ କରିବା ଦିଗରେ ଜାଣିଶୁଣି ବିଳମ୍ବ କରିପାରନ୍ତି। ଚିତ୍ରା ନକ୍ଷତ୍ର ସକାଶେ ବିରୋଧୀମାନଙ୍କ ଦ୍ୱାରା ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ।

**ତୁଳା**
ଚନ୍ଦ୍ରଙ୍କ କେନ୍ଦ୍ରରେ ପ୍ରଭାବଶାଳୀ ରବି ଆପଣଙ୍କୁ ଉଚ୍ଚ କ୍ଷମତା ସମ୍ପନ୍ନ ପଦପଦବୀ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ପ୍ରଦାନ କରିବ। ରାଜନୈତିକ ସ୍ତରରେ ବିଜୟ ଗୌରବ ବିମଣ୍ଡିତ ହେବାର ପୂର୍ଣ୍ଣ ଆଶା,ଭରସା କରାଯାଇପାରେ। ପ୍ରଶାସନିକ, ସାମାଜିକ ଓ ବ୍ୟବସାୟିକ ସ୍ଥିତି ମଧ୍ୟ ମନ୍ଦ ହେବନି। କିନ୍ତୁ ସମ୍ପର୍କୀୟମାନଙ୍କ ପୂର୍ଣ୍ଣ ସହଯୋଗର ଅଭାବ ପରିଲକ୍ଷିତ କରାଯାଇପାରେ।

**ବିଛା**
ଚନ୍ଦ୍ର ଓ ଶୁକ୍ର ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ମନ ଅନୁଯାୟୀ ବନ୍ଧୁମିଳନ ଉପଭୋଗ୍ୟ ନ ହୋଇପାରେ। ଆପଣଙ୍କ ସକାଶେ କୌଣସି ଜଣାଶୁଣା ମହିଳା ସମସ୍ୟା ସୃଷ୍ଟିର କାରଣ ହେବାର ଆଶଙ୍କା ରହିଛି। ଆର୍ଥିକ ସ୍ଥିତି ଭଲ ରହିବା ସାଙ୍ଗକୁ ପାରିବାରିକ ସ୍ଥିତି ମଧ୍ୟ ମଜ୍‌ବୁତ୍ ରହିବ। ପାରିବାରିକ କ୍ଷେତ୍ର ଯାତ୍ରା, ବାଣିଜ୍ୟ, ସମ୍ପର୍କସ୍ଥାପନ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ।

**ଧନୁ**
ଉପଚୟାଧିପତି ଶନି ସହ ବୃହସ୍ପତିଙ୍କ ରାଶ୍ୟାବସ୍ଥାନ ଶାରୀରିକ ଓ ମାନସିକ ସ୍ଥିତି ପାଇଁ ପ୍ରତିକୂଳ ପ୍ରଭାବ ପକାଇପାରେ। ଅନ୍ୟକୁ ପରାମର୍ଶ ଦେବାରେ ଯେତିକି ପ୍ରଶଂସିତ ହେବେ ତାହାଠାରୁ ଅଧିକ ଆତ୍ମୀୟସ୍ୱଜନ କ୍ଷେତ୍ରରେ ସମାଲୋଚିତ ହେବାକୁ ପଡ଼ିପାରେ। ବ୍ୟବସାୟିକ ତର୍କ ଓ ବିବାଦ ମଧ୍ୟରେ ମୂଳା ନକ୍ଷତ୍ର ହଇରାଣ ହରକତ ହୋଇପାରନ୍ତି।

**ମକର**
ଏକାଦିକ୍ରମେ ରବି,ଚନ୍ଦ୍ର,ମଙ୍ଗଳ ଓ ଶୁକ୍ରଙ୍କ ସ୍ଥାନସ୍ଥିତି ଆପଣଙ୍କ ପାଇଁ ଅନୁକୂଳ ହେତୁ ଯାହା ଯେମିତି ଆଶା କରୁଛନ୍ତି ସେପରିହିଁ ହୋଇପାରିବ। ଧନାଧିପତିଙ୍କ ଦୃଷ୍ଟି ପ୍ରଭାବରେ ମୁହଁରେ ହସ ଲାଖି ରହିବ ଏବଂ ପକେଟ ମଧ୍ୟ ଖାଲି ରହିବ ନାହିଁ। ପାରିବାରିକ, ପରିବହନ, ପ୍ରଶାସନ, ପ୍ରକାଶନ,ସାହିତ୍ୟ,ସାମ୍ବାଦିକତା ପାଇଁ ପ୍ରକୃଷ୍ଟ ଦିବସଟିଏ।

**କୁମ୍ଭ**
ସାହାଯ୍ୟ, ସହଯୋଗ ପାଇଲେ ମଧ୍ୟ ଯଥାସାଧ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ ସତ କିନ୍ତୁ ଟେନ୍ସନ ଜମା ଛାଡିବ ନାହିଁ। ଅର୍ଥ ସମ୍ପର୍କ, ବନ୍ଧୁଙ୍କ ସହ ଯୋଗାଯୋଗ, ସନ୍ତାନଙ୍କ ଶିକ୍ଷା,ସାମ୍ବାଦିକତା ପ୍ରଭୃତିରୁ ସନ୍ତୋଷ ଲାଭ କରିବେ। କିନ୍ତୁ ଯାତ୍ରା, ବାଣିଜ୍ୟ, ପରିବହନରେ ସମସ୍ୟା ସାଙ୍ଗକୁ ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅନର୍ଥ ସୃଷ୍ଟି ହୋଇପାରେ।

**ମୀନ**
ଆଜିର ଗ୍ରହସ୍ଥିତି ବହୁଳାଂଶରେ ଭଲ ରହିଥିବାରୁ ପ୍ରତ୍ୟେକ କାମ ସହଜରେ ସମ୍ପନ୍ନ ହୋଇପାରିବ। କିନ୍ତୁ ପରୋକ୍ଷ ଶତ୍ରୁତା,ସାମୟିକ ସମସ୍ୟା,ନୀଚଜନଙ୍କ ସହ ଝଗଡ଼ା ମାନସିକ ସ୍ଥିତିକୁ ବିଡମ୍ବିତ କରିଦେଇପାରେ। କେତେକ କ୍ଷେତ୍ରରେ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି।

ଆଜି ଚୈତ୍ର ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ କାମଦା ଏକାଦଶୀ ସୋମବାର,ଶ୍ରୀମନ୍ଦିରରେ ଯଜ୍ଞରକ୍ଷା ଓ ସୀତା ବିବାହ ଲୀଳା, ଏପ୍ରିଲ ୧୫ ତାରିଖ,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଏକାଦଶୀ ଉପବାସ, ଦିବା ଘ୭।୦୨ମି. ମଧ୍ୟେ ଘ୧।୨୧ମି. ଗତେ, ଘ୨।୫୫ମି. ମଧ୍ୟେ ଘ୪।୩୦ମି. ଗତେ, ଘ୬।୩୦ମି. ମଧ୍ୟେ ଅମୃତ ବେଳା ଏବଂ ଦିବା ଘ୮।୩୬ମି. ଗତେ ଘ୧୦।୧୦ମି. ମଧ୍ୟେ, ଘ୨।୫୫ମି. ଗତେ ଘ୪।୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୦୬ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।




**ସଂକ୍ଷେପରେ**

## ବିଜେଡିରେ ସାଙ୍ଗଠନିକ ଦାୟିତ୍ୱ ବଣ୍ଟନ

**ଭୁବନେଶ୍ୱର, ୧୪।୪(ବ୍ୟୁରୋ):** ସଞ୍ଜୟ୍ ବାବୁ ଓ ସନ୍ତୋଷ ଜେନାଙ୍କୁ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସନ୍ତୋଷ ଲେଙ୍କା ବିଜେଡି ମିଡିଆ ପ୍ୟାନେଲିଷ୍ଟ ଭାବେ ମନୋନୀତ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ନିଯୁକ୍ତି କରାଯାଇଛି।

## ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର

**ଉଦଳା, ୧୪।୪ (ଡି.ଏନ.ଏ.):** ଉଦଳା ଥାନା ଅଧୀନ ଦିବ୍ୟସିଂହପୁର ଶାଳମୁଣ୍ଡିଳି ରାସ୍ତାର କେନାଲ ନିକଟ ଏକ ନିମ୍ବଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ରବିବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ସ୍ଥାନୀୟ ଲୋକେ ଦେଖି ଉଦଳା ପୋଲିସ୍‌କୁ ଖବର ଦେଇଥିଲେ। ଉଦଳା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନାକୁ ପଠାଇଥିଲା। ମୃତ ବ୍ୟକ୍ତି ଜଣକ ହେଲେ ଶାଳମୁଣ୍ଡିଳି ଗ୍ରାମର ନିରଞ୍ଜନ ପଣ୍ଡା(୫୧)। ସେ ଏକ ଘରୋଇ ବସ୍‌ରେ କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଥିବା ବେଳେ ଦୀର୍ଘ ଦିନ ହେବ ଉଦଳାରେ ସପରିବାର ରହୁଥିଲେ। ଶନିବାରରେ କାମରୁ ଫେରିବା ପରେ ଘରେ ପହଞ୍ଚିଥିଲେ। ଘରୋଇ କଳିକୁ କେନ୍ଦ୍ର କରି ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ପୋଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ■ ପ୍ରଚଳନ ହେଲା ନୂଆ ପାଞ୍ଜି

# ଚଳିତ ବର୍ଷ ଓଡ଼ିଶାରେ କୃଷି ଉତ୍ପାଦନ ମଧ୍ୟମ

**ପୁରୀ ଅଫିସ, ୧୪।୪**

ସୌରମାନ ମାସ ଅନୁସାରେ ରବିବାର ଓଡ଼ିଆ ବର୍ଷର ପ୍ରଥମ ଦିନ ଏବଂ ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ସଂକ୍ରାନ୍ତି ବା ପଣାସଂକ୍ରାନ୍ତି। ଏହିଦିନଠାରୁ ଏକମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ଏହି ଦିନଠାରୁ ପ୍ରଚଳନ ଆରମ୍ଭ ହୋଇଛି। ପାଞ୍ଜି ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ପାଞ୍ଜିରେ ଚଳିତବର୍ଷ ଗ୍ରହମାନଙ୍କ ସ୍ଥିତିକୁ ଲକ୍ଷ୍ୟକଲେ ଜଣାଯାଏ, ୪।୧୧।୨୦୧୯ ସୋମବାର ରାତ୍ରି ୯ଟା ୧୨ ମିନିଟ୍ ସମୟେ ବୃହସ୍ପତି ମୂଳା ନକ୍ଷତ୍ର ଧନୁରାଶିକୁ ଗମନ କରିବେ। ଏ ବର୍ଷ ରାହୁ କେତୁ ଚଳନ ହେବନାହିଁ। ୧୬।୭।୨୦୧୯ ମଙ୍ଗଳବାର ଆଷାଢ଼ ପୂର୍ଣ୍ଣିମା ତିଥିରେ ଖଣ୍ଡଗ୍ରାସ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହେବ। ସେହିପରି ୨୬।୧୨।୨୦୧୯ ଗୁରୁବାର ପୌଷ ଅମାବାସ୍ୟା ଦିନ ଖଣ୍ଡଗ୍ରାସ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ ଅନୁଷ୍ଠିତ ହେବ। ଏ ବର୍ଷ ରାଜା ହେଉଛନ୍ତି ରବି, ମନ୍ତ୍ରୀ ବୁଧ, ପୁରୋହିତ ଶନି, ଜ୍ୟୋତିଷୀ ମଙ୍ଗଳ, ପରୀକ୍ଷକ ଶୁକ୍ର, ଡଗର ବୃହସ୍ପତି ଓ ଅର୍ଥରକ୍ଷକ ହେଉଛନ୍ତି ବୁଧ। ଧନୁ ରାଶିରେ ବାରମ୍ବାର ପଞ୍ଚ ଏବଂ ଷଡ଼ଗ୍ରହକୂଟ ରହିଛି। ଫଳରେ ଏହା ପୃଥିବୀର ଜନସମାଜ ପ୍ରତି ଶୁଭସୂଚକ ନୁହେଁ। ଶନି, ରାହୁ ପରସ୍ପର ସପ୍ତମ ଭାବରେ ରହୁଥିବାରୁ ପୃଥିବୀର ଉନ୍ନତ ରାଷ୍ଟ୍ରମାନଙ୍କ ମଧ୍ୟରେ ଧ୍ୱଂସର ତାଣ୍ଡବଲୀଳା, ବିସ୍ଫୋରଣ, ରକ୍ତପାତ ଓ ଜନଅସନ୍ତୋଷ ବୃଦ୍ଧି ପାଇବ। ଶନିଦୃଷ୍ଟି ଫଳରେ ଆଫ୍ରିକା ମହାଦେଶର ପୂର୍ବ ଭାଗ ଓ ସଉଦି ଆରବ ଅଞ୍ଚଳରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ, ବିସ୍ଫୋରଣ, ଆକାଶଯାନ ଦୁର୍ଘଟଣା ଦେଖାଯିବ। ଭାରତର ସ୍ଥିତିକୁ ଦେଖିଲେ ଚଳିତବର୍ଷ ଖାଦ୍ୟ ସଙ୍କଟ ତଥା ମୂଲ୍ୟବୃଦ୍ଧି ଉତ୍କଟ ହେବ। ବହିର୍ବାଣିଜ୍ୟ ଓ ବୈଦେଶିକ ବ୍ୟାପାର କ୍ଷେତ୍ରରେ ଉନ୍ନତି ଘଟିବ। ଶ୍ରମ, ଶିଳ୍ପ, ଯୋଜନା, ସମନ୍ୱୟ, ଜନକଲ୍ୟାଣ, ପ୍ରତିରକ୍ଷା ଓ ପରିବାର ନିୟୋଜନ ଆଦି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ଅକ୍ଟୋବର ଏବଂ ନଭେମ୍ବରରେ ଦକ୍ଷିଣ ପୂର୍ବ ଉପକୂଳରେ ବାତ୍ୟା, ବନ୍ୟାର ଆଶଙ୍କା ରହିଛି। ସେହିପରି ଓଡ଼ିଶାରେ ଏ ବର୍ଷ କୃଷି ଉତ୍ପାଦନ ମଧ୍ୟମ ହେବ। ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥର ମୂଲ୍ୟ ବୃଦ୍ଧି ନେଇ ଜନ ଅସନ୍ତୋଷ ଦେଖାଦେବ। ରାଜ୍ୟର ଅନେକ ସ୍ଥାନରେ ଦୁର୍ନୀତି ଓ ଭ୍ରଷ୍ଟାଚାର ମୁଣ୍ଡ ଟେକିବ। ବହୁକ୍ଷେତ୍ରରେ ଶାସକୀୟ ଦୁର୍ବଳତାର ସୂଚନା ରହିଛି। ରାଜନୈତିକ ଝଡ଼ ବର୍ଷସାରା ଲାଗି ରହିବ। ବାରମ୍ବାର ବିଭାଗ ଅଦଳବଦଳର ସମ୍ଭାବନା ରହିଛି। ବିଭିନ୍ନ ସ୍ଥାନରେ ଅଗ୍ନିଉତ୍ପାତ ଏବଂ ଉତ୍ତର ପୂର୍ବ ଓଡ଼ିଶାରେ ପ୍ରବଳ ବନ୍ୟା, ବାତ୍ୟାର ଆଶଙ୍କା ରହିଛି। ତଥାପି ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ପ୍ରଭୃତି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ ବୋଲି ଡ. ଦାଶ କହିଛନ୍ତି।

# ୧୬ରେ ରୋଡ୍ ଶୋ' କରିବେ ମୋଦି

**କାଉଣ୍ଟର ପାଇଁ ବିଜେଡିର ଯୋଜନା**

**ଭୁବନେଶ୍ୱର, ୧୪।୪(ବ୍ୟୁରୋ)**

ଗତ ୪ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଲଗାତର ଭାବେ ଓଡିଶା ଗସ୍ତରେ ଆସିଛନ୍ତି। ଚଳିତ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାପରେ ମଧ୍ୟ ମୋଦି ଏବଂ ଶାହ ବାରମ୍ବାର ଓଡିଶା ଆସି ବିଭିନ୍ନ ସଭାରେ ଯୋଗଦେଉଛନ୍ତି। ଗତ ଦେଢ ମାସ ମଧ୍ୟରେ ଉଭୟ ପ୍ରାୟ ୧୦ଥର ରାଜ୍ୟ ଗସ୍ତରେ ଆସିଥିବା ଦେଖିବାକୁ ମିଳିଛି। ଉଭୟଙ୍କ କାର୍ଯ୍ୟକ୍ରମ ମଧ୍ୟ ଲଗାତର ଭାବେ ଚାଲିଛି। ଆସନ୍ତା ୧୬ତାରିଖରେ ପ୍ରଧାନମନ୍ତ୍ରୀ ପୁଣିଥରେ ଓଡିଶା ଆସୁଛନ୍ତି। ଏହି ଅବସରରେ ସେ ସମ୍ବଲପୁର ଗସ୍ତ କରି ସେଠାରେ ଏକ ନିର୍ବାଚନୀ ସଭାରେ ଯୋଗଦେବେ। ସେହିଦିନ ୪ଟାରେ ଭୁବନେଶ୍ୱରଠାରେ ପହଞ୍ଚିବେ। ଏହାପରେ ବିମାନବନ୍ଦର ଠାରୁ ଏକ ବିଶାଳ ରୋଡ ଶୋ'ରେ ବାହାରି ଏୟାରପୋର୍ଟ, ଗଙ୍ଗନଗର, ଓୟୁଏଟି ଏବଂ ଶିରିପୁର ଛକ ଦେଇ ସିଟି ଓମେନ୍ସ କଲେଜ ପାଖରେ ଥିବା ବାମ ପାର୍ଶ୍ୱ ବୁଲି ଶିବ ମନ୍ଦିର ଦେଇ ବରମୁଣ୍ଡା ପଡିଆରେ ପହଞ୍ଚିବେ। ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ରବିବାର ଏହି ସୂଚନା ଦେଇଛନ୍ତି। ରୋଡ ଶୋ ପରେ ବରମୁଣ୍ଡା ପଡିଆରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଉଦ୍‌ବୋଧନ ଦେବେ। ଏହି ଅବସରରେ ଭୁବନେଶ୍ୱର, ପୁରୀ, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଲୋକ ସଭା ମଣ୍ଡଳୀ ଅନ୍ତର୍ଗତ ବିଧାନସଭା କ୍ଷେତ୍ରର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଯୋଗଦେବେ। ଏହି ରୋଡ ଶୋ ସମୟରେ ପାରମ୍ପରିକ ବାଦ୍ୟ, ପାଇକ ଆଖଡା, ଦଣ୍ଡନାଚ, ସମର କଳା ଆଦି ପ୍ରଦର୍ଶନ କରାଯିବ। ସବୁବର୍ଗର ବ୍ୟକ୍ତିବିଶେଷମାନେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଏହି ରୋଡ ଶୋ ଓ ସମାବେଶକୁ ସଫଳ କରିବା ପାଇଁ ସମୀର ଅନୁରୋଧ କରିଛନ୍ତି। ଅନ୍ୟପଟେ ମୋଦିଙ୍କ ଏହି କାର୍ଯ୍ୟକ୍ରମ ଉପକୂଳ ଓଡିଶା ଉପରେ ପ୍ରଭାବ ପକାଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ମୋଦିଙ୍କ ଗସ୍ତର ଦିନକ ପରେ ଶାହ ପୁଣି ଓଡିଶା ଗସ୍ତରେ ଆସୁଛନ୍ତି। ଏହାପରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନର ପ୍ରଚାର ପାଇଁ ପୁଣିଥରେ ମୋଦି ଓ ଶାହ ରାଜ୍ୟ ଗସ୍ତରେ ଆସିବେ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ସେହିପରି ମୋଦିଙ୍କ ୧୬ତାରିଖ କାର୍ଯ୍ୟକ୍ରମକୁ କାଉଣ୍ଟର ଦେବା ପାଇଁ ବିଜେଡି ମଧ୍ୟ ସଜବାଜ ହେଉଥିବା ଶୁଣିବାକୁ ମିଳୁଛି।

# ସ୍ୱଚ୍ଛ, ଅବାଧ ନିର୍ବାଚନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୪।୪(ବ୍ୟୁରୋ)**

ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ସବୁପ୍ରକାର ପଦକ୍ଷେପ ନିଆଯାଉଛି। ରାଜ୍ୟର ବିଭିନ୍ନ ଜିଲାରେ ଏବେ ସୁଦ୍ଧା ୧୩,୩୪୩ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି। ସିଆର୍‌ପିସି ୧୦୭/୧୧୦ ଧାରା ଅନୁଯାୟୀ ୫୪,୯୨୧ ଜଣଙ୍କୁ ଅଟକ ରଖାଯାଇଛି। ୫,୧୭୭ ଲାଇସେନ୍ସପ୍ରାପ୍ତ ବନ୍ଧୁକ ସଂପୃକ୍ତ ଜିଲା ପ୍ରଶାସନରେ ଜିମା ଦିଆଯାଇଛି। ଲାଇସେନ୍ସ ନ ଥିବା ୨୩୨ ଅସ୍ତ୍ରଶସ୍ତ୍ର ଏବଂ ୧୪୩୩.୦୩୨ କିଲୋଗ୍ରାମ୍ ବିସ୍ଫୋରକ ଦ୍ରବ୍ୟ ଜବତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୭୯୭୮.୩୧୫ ବଲ୍କ ଲିଟର ମଦ ଜବତ କରାଯାଇଥିବା ଜଣାପଡିଛି। ଏହି ମଦର ଆନୁମାନିକ ମୂଲ୍ୟ ପ୍ରାୟ ୩,୫୧,୮୯,୧୭୭ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ଓଡ଼ିଶା ପୋଲିସ ଏବଂ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୨,୯୭, ୨୫୦ ଟଙ୍କା ଜବତ କରାଯାଇଛି। ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରୁଥିବା ୩୨,୭୪,୮୪୧ ପୋଷ୍ଟରକୁ ହଟାଯାଇଛି। ବ୍ୟକ୍ତିଗତ ମାଲିକାନାରେ ଲାଗିଥିବା ୨,୮୨, ୧୯୮ ହୋର୍ଡିଂ ଓ ପୋଷ୍ଟର ଆଦିକୁ ମଧ୍ୟ ବାହାର କରିଦିଆଯାଇଛି। ରାଜ୍ୟସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷ ଟେଲିଫୋନ୍‌ନଂ.୦୬୭୪-୨୩୯୫୦୧୫କୁ ବର୍ତ୍ତମାନ ସୁଦ୍ଧା ୮୩୫ଟି କଲ୍ କରାଯାଇ ବିଭିନ୍ନ ସୂଚନା ମିଳିଛି। ସି-ଭିଜିଲ୍ ଆପ୍ ଦ୍ୱାରା ୧୨୯୩ ଅଭିଯୋଗ ଗ୍ରହଣ କରାଯାଇ ୧୨୨୬ଟିର ସମାଧାନ କରାଯାଇଛି।

# ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

**ଭଞ୍ଜନଗର,୧୪।୪(ଡି.ଏନ.ଏ.)**

ଗାଲେରୀ ଫାଣ୍ଡି ବ୍ରାହ୍ମଣପଦରର ଜନୈକ ପ୍ରେମୀ ଯୁଗଳ ରବିବାର ଅପରାହ୍ନରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ଯୁବକ ବୁଦ୍ଧୁ ମଳିକ ଓ ଯୁବତୀ ଲିଜା ପାତ୍ର। ସନ୍ଧ୍ୟାରେ ଗ୍ରାମବାସୀ ଗାଁ ନିକଟରେ ଥିବା ଲିମ୍ବ ଗଛରେ ବୁଦ୍ଧୁ ଓ ଲିଜାଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଗାଲେରି ଫାଣ୍ଡି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ନଂ.୪/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ବୁଦ୍ଧୁ ଓ ଲିଜା ଗୋଟିଏ ଗ୍ରାମର ହୋଇଥିବା ଯୋଗୁ ମିଳାମିଶା କରୁଥିଲେ। ରବିବାର ଅପରାହ୍ନ ପ୍ରାୟ ୨ଟା ପରେ ଉଭୟେ ନିଜ ନିଜ ଘରୁ ବାହାରକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ସାଢେ ୫ଟାରେ ଗ୍ରାମର ସେତୁ ନିକଟରେ ଥିବା ଏକ ଲିମ୍ବ ଗଛରେ ସେମାନେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଲୋକେ ଦେଖିଥିଲେ। ଖବର ପାଇ ତାରସିଂ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇ ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ଯୁବତୀ-ଯୁବକ ପରସ୍ପରକୁ ଭଲ ପାଉଥିଲେ କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଥିଲେ।

# ବିଜେଡି ସହ ରହିବି: ଆଶୀର୍ବାଦ

**କଟକ ଅଫିସ,୧୪।୪:** ଚଳିତ ନିର୍ବାଚନରେ ବିଜେଡିକୁ ସମର୍ଥନ ଜଣାଇବେ ଯାଦବ ନେତା ତଥା କ୍ରୀଡ଼ା ସଂଗଠକ ଆଶୀର୍ବାଦ ବେହେରା। ରବିବାର ମଧ୍ୟାହ୍ନରେ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ଏହା ଘୋଷଣା କରିଛନ୍ତି। ଏଥର ସେ ବିଜେଡି ଟିକେଟ ପାଇବା ଆଶାରେ ଥିଲେ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ତାହାକୁ ଆଶୀର୍ବାଦ ଖଣ୍ଡନ କରିଛନ୍ତି। ହେଲେ ତାଙ୍କ ସମର୍ଥନ ଯୋଗୁ ବିଜେଡି ଯାଦବ ଓ କ୍ରୀଡ଼ା ସଂଗଠନ ସହ ସମ୍ପୃକ୍ତ ଭୋଟ ହାତେଇବାରେ ସକ୍ଷମ ହେବ ବୋଲି ଚର୍ଚ୍ଚା ହେଉଛି। ଏନେଇ କଟକ-ବାରବାଟୀ ଆସନର କଂଗ୍ରେସ ପ୍ରାର୍ଥୀ ଇଂ. ମହମ୍ମଦ ମୋକିମ୍ କହିଛନ୍ତି ଯେ, କଟକବାସୀ କଂଗ୍ରେସ ପ୍ରତି ଆସ୍ଥା ରଖିଛନ୍ତି। ଆଶୀର୍ବାଦଙ୍କ ସମର୍ଥନ କୌଣସି ବଡ଼ ଫରକ ପକାଇବ ନାହିଁ। ଭାଜପା ପ୍ରାର୍ଥୀ ସମୀର ଦେ ମଧ୍ୟ ଆଶୀର୍ବାଦଙ୍କ ଘୋଷଣାକୁ ହାଲକା ଭାବେ ଗ୍ରହଣ କରି କୌଣସି ପ୍ରଭାବ ପକାଇବ ନାହିଁ ବୋଲି କହିଛନ୍ତି।

ସୂଚନାଥାଉ କି, ଭାଜପା ପ୍ରାର୍ଥୀ ସମୀର ହେଉଛନ୍ତି ଓଡ଼ିଶା ଅଲିମ୍ପିକ ଆସୋସିଏଶନର ସଭାପତି। ଅଲିମ୍ପିକ ଆସୋସିଏଶନ ଅଧୀନରେ ସମସ୍ତ କ୍ରୀଡ଼ା ସଙ୍ଗଠନଅନୁବନ୍ଧିତ।ପୂର୍ବରୁଅଲିମ୍ପିକଆସୋସିଏଶନରସମ୍ପାଦକପଦବୀରେଆଶୀର୍ବାଦ ଥିଲେ। ଏଣୁ କ୍ରୀଡ଼ା ସଙ୍ଗଠନକୁ ବ୍ୟବହାର କରି ଭୋଟ ହାତେଇବା ପାଇଁ ଆଶୀର୍ବାଦ-ସମୀରଙ୍କ ଭିତରେ ଏବେ ଅଙ୍କକଷା ହେବା ନିଶ୍ଚିତ ବୋଲି ଆଲୋଚନା ହେଉଛି।

# ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଲା ଭାଜପା, ମୋଦି କେଉଁଥିରେ ଫେଲ୍ କୁହନ୍ତୁ

**ଭୁବନେଶ୍ୱର, ୧୪।୪(ବ୍ୟୁରୋ):** ଜାତୀୟ ଗଣମାଧ୍ୟମ ଆଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଯୋଗ୍ୟ ବୋଲି କହିଛନ୍ତି। ମୋଦି ଆଉଥରେ ପ୍ରଧାନମନ୍ତ୍ରୀ ନ ହୁଅନ୍ତୁ ବୋଲି ନବୀନ ମତ ରଖିଛନ୍ତି। ଶାସନ କରିବାରେ ମୋଦି ଫେଲ୍ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ପକ୍ଷରୁ କେତୋଟି ପ୍ରଶ୍ନ ପଚରାଯାଇଛି। ମୋଦି କେଉଁଥିରେ ଫେଲ୍ ହୋଇଛନ୍ତି ସେ ଉତ୍ତର ରଖନ୍ତୁ। ମୋଦି ଓଡିଆରେ ଜୟ ଜଗନ୍ନାଥ କହିଲେ ବୋଲି ନବୀନବାବୁଙ୍କ ଆଖିରେ ଫେଲ୍ ହୋଇଗଲେ କି ବୋଲି ଭାଜପା ପ୍ରଶ୍ନ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କେବେ ଭାଷଣରେ ଜୟ ଜଗନ୍ନାଥ ବୋଲି କୁହନ୍ତି ନାହିଁ। କମଳା ପୂଜାରୀ, ପ୍ରକାଶ ରାଓ, ହଳଧର ନାଗ, ଦୈତାରି ନାୟକ, ଜିତେନ୍ଦ୍ର ହରିପାଲ, ଗୋବର୍ଦ୍ଧନ ପାଣିକାଙ୍କ ଭଳି ମାଟିର ସନ୍ତାନମାନଙ୍କୁ ପଦ୍ମ ପୁରସ୍କାରରେ ପୁରସ୍କୃତ କରିବା କ'ଣ ମୋଦିଙ୍କ ଭୁଲ୍ ବୋଲି ନବୀନବାବୁ ଭାବୁଛନ୍ତି କି। ମୁଖ୍ୟମନ୍ତ୍ରୀ ଦିନେ ହେଲେ ସେମାନଙ୍କୁ ପଚାରନ୍ତି ନାହିଁ, ମାତ୍ର ମୋଦି ସେମାନଙ୍କୁ ରାଷ୍ଟ୍ରର ସବୁଠାରୁ ବଡ ପୁରସ୍କାରରେ ସମ୍ମାନିତ କଲେ। ସମୀର ଆହୁରି କହିଛନ୍ତି, ମୋଦି ସରକାର ଓଡିଶାରେ ୫୬ ଲକ୍ଷ ପରିବାର ପାଖରେ ପାଇଖାନା ପହଞ୍ଚାଇଲେ, ଦେଶର ୭ କୋଟି ତଥା ଓଡିଶାର ୩୮ ଲକ୍ଷ ଘରେ ଉଜ୍ଜ୍ୱଳା ଗ୍ୟାସ ପହଞ୍ଚାଇ ମା' ଭଉଣୀମାନଙ୍କୁ ଧୂଆଁରୁ ମୁକ୍ତି ଦେଲେ। ପୁଲୱାମା ଆତଙ୍କବାଦୀ ଆକ୍ରମଣର ଜବାବ ପ୍ରଧାନମନ୍ତ୍ରୀ ଦେଲେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀଙ୍କ ଭାଜପା ପ୍ରତି ଥିବା ଭୟ ଏବେ ୧୦ ଗୁଣ ବଢିଛି। ମୋଦିଙ୍କୁ ଆଉ ଥରେ ପ୍ରଧାନମନ୍ତ୍ରୀ ଭାବେ ବସାଇବା ସହ ରାଜ୍ୟରେ ଡବଲ ଇଞ୍ଜିନ ସରକାର ବସିବ ଏକଥା ସ୍ପଷ୍ଟ ହୋଇଗଲାଣି ବୋଲି ସମୀର କହିଛନ୍ତି।



ଧରିତ୍ରୀ
DHARITRI
ସୋମବାର, ୧୫ ଏପ୍ରିଲ, ୨୦୧୯

ତୁମେ ଯାହା ଜାଣିଛ– ତାହା ହିଁ ଯେ ଏକମାତ୍ର ସତ୍ୟ– ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ– ତୁମେ ଯଦି ଏହିପରି ଭାବୁଥାଅ– ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ– ତୁମେ ତାହା ହିଁ କରୁଛ।
–ଶ୍ରୀମା



# ତତଲା ତାୱା

ରାଫାଲ୍ ଭୂତ କେନ୍ଦ୍ରର ଭାଜପା ସରକାରକୁ ଛାଡ଼ିଯିବାର ଦେଖାଯାଉ ନାହିଁ। ୧୩ ଏପ୍ରିଲ ୨୦୧୯ରେ ଫ୍ରାନ୍ସର ଅନ୍ୟତମ ଜଣାଶୁଣା ଖବରକାଗଜ 'ଲ ମନ୍ଦ' ରିପୋର୍ଟ ପ୍ରକାଶ କରିଛି ଯେ, ଭାରତ ଓ ଫ୍ରାନ୍ସ ମଧ୍ୟରେ ରାଫାଲ୍ ଚୁକ୍ତି ଘୋଷଣା ପରେ ଶିଳ୍ପପତି ଅନିଲ ଅମ୍ବାନୀଙ୍କ ରିଲାଏନ୍ସ କମ୍ୟୁନିକେଶନ୍‌ର ଫ୍ରାନ୍ସରେ ପଞ୍ଜୀକୃତ ସହଯୋଗୀ କମ୍ପାନୀ 'ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସ'କୁ ସେଠାକାର ସରକାର ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼ କରିଥିଲା। ଉକ୍ତ ଖବରରୁ ଆହୁରି ଜଣାପଡ଼ିଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ୟାରିସ୍‌ରେ ରାଫାଲ୍ ଯୁଦ୍ଧବିମାନ କିଣିବା ସକାଶେ ଘୋଷଣା କରିବାର ୫ ମାସ ପରେ ଅର୍ଥାତ୍ ୨୦୧୫ ଅକ୍ଟୋବରରେ ଫ୍ରାନ୍ସ କର୍ତ୍ତୃପକ୍ଷ ରିଲାଏନ୍ସଠାରୁ ୭.୩ ନିୟୁତ ୟୁରୋ ଗ୍ରହଣ କରି ଟିକସ ମାମଲାର ସମାଧାନ କରିଦେଇଥିଲେ। 'ଲ ମନ୍ଦ'ର ଚାଞ୍ଚଲ୍ୟକର ରିପୋର୍ଟ ମୋଦି ସରକାରଙ୍କ ସହ ଅନିଲଙ୍କ ଘନିଷ୍ଠ ସମ୍ପର୍କର ବିଭିନ୍ନ ଦିଗକୁ ପଦାକୁ ଆଣିଛି।

ରାଫାଲ୍ ଯୁଦ୍ଧବିମାନ କ୍ରୟ ବିବାଦ ଉପରେ ଦୃଷ୍ଟି ପକାଇଲେ ଅନେକ ଜଟିଳ ତଥ୍ୟ ସାମ୍ନାକୁ ଆସୁଛି। ଉପା ସରକାର ଅମଳରେ ପ୍ରତିଟି ରାଫାଲ୍ ଯୁଦ୍ଧବିମାନ ୫୨୬ କୋଟି ଟଙ୍କାରେ କିଣାଯିବା ଲାଗି କଥାବାର୍ତ୍ତା ହୋଇଥିବା ଖବର ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଭାଜପା କ୍ଷମତାସୀନ ହେବା ପରେ ଗୋଟିଏ ଯୁଦ୍ଧବିମାନର କିଣା ଦାମ୍ ହଠାତ୍ ବୃଦ୍ଧି ପାଇ ୧୬୭୦ କୋଟି ଟଙ୍କାରେ ପହଞ୍ଚିଥିଲା। କଂଗ୍ରେସ ଅଭିଯୋଗ କରିଛି ଯେ, ଉକ୍ତ ବିମାନର ମୂଲ୍ୟ ବଢ଼ା ଯାଇଥିବାରୁ ଏଥିରେ ବଡ଼ ଧରଣର ଦୁର୍ନୀତି ଘଟିଛି। ଉଲ୍ଲେଖଯୋଗ୍ୟ, ଏହି ଚୁକ୍ତି ବେଳେ ଭାରତର ରାଷ୍ଟ୍ରାୟତ୍ତ ଯୁଦ୍ଧବିମାନ ନିର୍ମାଣକାରୀ ସଂସ୍ଥା ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ସହିତ ଫ୍ରାନ୍ସର ଡାସଲ୍ଟ ଆଭିଏଶନ୍ସର ବହୁ ପର୍ଯ୍ୟାୟରେ ଆଲୋଚନା ହୋଇଥିଲା। ହାଲ୍‌ର ଯୁଦ୍ଧବିମାନ ତିଆରିର ଦୀର୍ଘବର୍ଷର ଅଭିଜ୍ଞତା ଥାଇ ମଧ୍ୟ ତରବରିଆ ଏହାକୁ ହଟାଇ ଅଧିକ ଖର୍ଚ୍ଚରେ ଅନିଲଙ୍କ 'ରିଲାଏନ୍ସ ଡିଫେନ୍ସ'କୁ କାମ ମିଳିବା ସ୍ୱାଭାବିକ ଭାବେ ଅନେକ ପ୍ରଶ୍ନ ଉଠାଇଛି। ରିଲାଏନ୍ସ ଡିଫେନ୍ସ କମ୍ପାନୀକୁ ରାଫାଲ୍ ନିର୍ମାତା ଡାସଲ୍ଟ ଆଭିଏଶନ୍ସ କମ୍ପାନୀର ଅଫସେଟ୍ ପାର୍ଟନର ଚୟନ କରାଯାଇଥିବାରୁ ଚୁକ୍ତି ବେଳେ ଆର୍ଥିକ ଅନିୟମିତତା ଘଟିଥିବା କୁହାଯାଉଛି। ସବୁଠାରୁ କୌତୂହଳର ବିଷୟ ଯେ, ରାଫାଲ୍ ଚୁକ୍ତିର ମାତ୍ର ୧୫ ଦିନ ପୂର୍ବରୁ ରିଲାଏନ୍ସ ଡିଫେନ୍ସ ଗଢ଼ି ଉଠିଥିଲା। ଏଭଳିସ୍ଥଳେ ଯୁଦ୍ଧବିମାନ ତିଆରିର ଅଭିଜ୍ଞତା ଅର୍ଜନ କରି ନ ଥିବା କମ୍ପାନୀକୁ ଡାସଲ୍ଟ ଆଭିଏଶନ ଚୟନ କରିବା ବେଳେ ରାଜନୈତିକ ହସ୍ତକ୍ଷେପ ନିଶ୍ଚିତ ଭାବେ ରହିଥିବା ବୁଝିହେଉଛି।

ପ୍ରତିରକ୍ଷା ଦେଶର ଏକ ସମ୍ବେଦନଶୀଳ କ୍ଷେତ୍ର। ମୋଦି ସରକାର ବାରମ୍ବାର ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବାକୁ ଚାହୁଁଥିବା କହିଆସୁଛି। ସେନା ଓ ସୈନ୍ୟଙ୍କୁ ଉପଯୁକ୍ତ ଯୁଦ୍ଧ ସରଞ୍ଜାମ ଯୋଗାଇ ସଶକ୍ତ କରିବାର ସ୍ଲୋଗାନ୍ ଦିଆଯାଉଛି। ଏପରିସ୍ଥଳେ ଅନଭିଜ୍ଞ କମ୍ପାନୀକୁ ମଝିରେ ପୂରାଇ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ପଛରେ କ'ଣ କାରଣ ଅଛି ତାହା ସମସ୍ତେ ଜାଣିବାକୁ ଇଚ୍ଛୁକ। କେବଳ ସେତିକି ନୁହେଁ, ଗତ କିଛିବର୍ଷ ହେବ ଅନିଲଙ୍କ ବ୍ୟବସାୟିକ ସାମ୍ରାଜ୍ୟ କ୍ଷତିରେ ଚାଲୁଥିବାରୁ ଯେଭଳି ହେଉ ପଛେ ତାଙ୍କୁ ବଞ୍ଚାଇ ରଖିବାକୁ ଯାଇ ତାଙ୍କ 'ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସ' କମ୍ପାନୀକୁ ଫ୍ରାନ୍ସ ସରକାର ୧୪୩.୭ ନିୟୁତ ୟୁରୋ ଟିକସ ଛାଡ଼ କରିବାରେ ଭାଜପା ସରକାର ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି କୁହାଯାଉଛି। ଏଥିରୁ ବୁଝିବାକୁ ହେବ ଯେ, ରିଲାଏନ୍ସ ଡିଫେନ୍ସକୁ ସିଧାସଳଖ ଓ ପରୋକ୍ଷରେ ରିଲାଏନ୍ସ ଆଟ୍‌ଲାଣ୍ଟିକ୍ ଫ୍ଲାଗ୍ ଫ୍ରାନ୍ସକୁ ଆର୍ଥିକ ସୁବିଧା ଦେଇ ଭାଜପା ପକ୍ଷପାତିତାର ନୂଆ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଯେଉଁ ଦେଶରେ କ୍ରୋନି କ୍ୟାପିଟାଲିଜିମ୍ ବା ସରକାର ଓ ବ୍ୟବସାୟିକ ଗୋଷ୍ଠୀ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ହୋଇଥାଏ, ସେଠାରେ ଦୁର୍ନୀତି ହେବା ଅବଶ୍ୟମ୍ଭାବୀ। ପୂର୍ବରୁ ଉପା ସରକାର ବିଭିନ୍ନ ପ୍ରକାର ଦୁର୍ନୀତିରେ ବୁଡ଼ି ରହିଥିବା ଲୋକେ ଅନୁଭବ କରିବା ପରେ ତାକୁ ପ୍ରତ୍ୟାଖ୍ୟାନ କରିଥିଲେ। ମୋଦି ସରକାର ଉପାର ଦୁର୍ନୀତି ବିରୋଧୀ ନାରା ଦେଇ କ୍ଷମତାକୁ ଆସିଥିଲା। ଏବେ ଭାଜପା ସରକାରର ୫ ବର୍ଷର କାରନାମା ଗୋଟିଏ ପରେ ଗୋଟିଏ ଲୋକଲୋଚନକୁ ଆସିଲାଣି। ଏସବୁକୁ ଦେଖିଲେ ଲାଗୁଛି ଯେ, ଭୋଟର ଏବେ ଫୁଟିଲା ପାଣି ଓ ତତଲା ତାୱା ମଝିରେ ଅଟକି ଯାଇଛନ୍ତି।

## ଏଇ ଭାରତରେ

ଗୋଟିଏ ଗାଁରେ ଦୁଇଟି ରାଜ୍ୟର ଲୋକ ବାସ କରୁଛନ୍ତି। ଏ କଥା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ହରିୟାଣାରେ। କାରଣ ଏହି ଗାଁ ସହିତ ଦୁଇଟି ରାଜ୍ୟର ସୀମା ସଂଲଗ୍ନ ହୋଇରହିଛି। ଗାଁର ଗୋଟିଏ ମୁଣ୍ଡରେ ହରିୟାଣା ରାଜ୍ୟର ଭୋଟର ଥିବାବେଳେ ଅନ୍ୟ ପଟେ ଉତ୍ତରପ୍ରଦେଶ ଭୋଟର ରହିଛନ୍ତି। ଏହା ହେଉଛି ଯମୁନା ନଗର ଅନ୍ତର୍ଗତ ଘୋଡୋ ପିପଲି ଗ୍ରାମ। ଉକ୍ତ ଗାଁରେ ହରିୟାଣାର ୨୫୦ ପରିବାର ବାସ କରୁଥିବାବେଳେ ଉତ୍ତରପ୍ରଦେଶର ୩୫ ପରିବାର ରହୁଛନ୍ତି। ଏଠାରେ ହରିୟାଣା ଭୋଟରଙ୍କ ସଂଖ୍ୟା ୧୪ଶହ ଥିବାବେଳେ ଉତ୍ତରପ୍ରଦେଶର ଭୋଟର ଅଛନ୍ତି ୧୫୦। ଗାଁରେ ୮୦ ପ୍ରତିଶତ ଲୋକ ଗୁଜ୍ଜର ସମ୍ପ୍ରଦାୟର ହୋଇଥିବାବେଳେ ୧୮ ପ୍ରତିଶତ ମଲ୍ଲ ଏବଂ ୨ ପ୍ରତିଶତ ଅନ୍ୟ ସମ୍ପ୍ରଦାୟର ଲୋକ ବାସ କରନ୍ତି। ଗାଁ ଲୋକଙ୍କର ମୁଖ୍ୟ ଜୀବିକା ହେଉଛି ଚାଷ। ସେମାନଙ୍କର ବିଭିନ୍ନ ଅଭାବ ଅସୁବିଧା ଦୂର କରିଥାଆନ୍ତି ଏହି ଦୁଇ ରାଜ୍ୟ। ଏହି ଗାଁର ଲୋକେ ମିଳିମିଶି ସରପଞ୍ଚ ଚୟନ କରନ୍ତି। ଏଠାରେ ଦୁଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିକାଶ ମୂଳକ କାର୍ଯ୍ୟ କରାଯାଏ ବୋଲି ସରପଞ୍ଚ ସୁମିତ୍ ସିଂ ସୂଚନା ଦେଇଛନ୍ତି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | | | | | | | | | B | 1 | C | | 2 |
| 4 | | | 6 | B | | | | | 7 | | | | 0 | |
| | | | | | | E | A | 0 | | | 8 | | | D |
| | 5 | 2 | | 3 | | 9 | | 8 | C | | | | A | |
| | 7 | | | | | | | 4 | | 6 | 3 | | 5 | E |
| | 9 | 4 | 5 | | | | 8 | 2 | | | | | 1 | |
| 3 | C | | | | | | | | | | | | | |
| 7 | | 5 | | 8 | | | | | | | | 9 | | 0 |
| | 8 | | | | | A | 0 | | 9 | | 6 | | | |
| 2 | | | | | | 4 | 6 | | D | | 0 | | | A |
| 5 | | C | | A | | | 7 | | | 0 | | | | 4 |
| | 2 | | | | | | | | 1 | 3 | B | | | |
| | | B | | D | | | | 6 | A | | | | E | |
| | | 7 | 1 | | | | 2 | | | | 4 | D | | C |
| 6 | A | | E | 7 | | | | | | 5 | C | 1 | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | 5 | B | 7 | 1 | 2 | 6 | 3 | A | 0 | E | 8 | 9 | C |
| 3 | B | 1 | 5 | 0 | 9 | E | 7 | D | 8 | 4 | C | 6 | 2 | A |
| 2 | A | 8 | 4 | C | 6 | 0 | 1 | B | 7 | 3 | 9 | E | D | 5 |
| 0 | 6 | 7 | 2 | E | 8 | C | A | 9 | 5 | 1 | D | B | 3 | 4 |
| C | E | 9 | 3 | A | D | 8 | 4 | 5 | 2 | B | 6 | 1 | 0 | 7 |
| E | 3 | 4 | 9 | 6 | 7 | A | 0 | 2 | D | 8 | B | 5 | C | 1 |
| 9 | 2 | 6 | C | 4 | 0 | D | E | 8 | 1 | A | 5 | 7 | B | 3 |
| 1 | 5 | B | 8 | 2 | A | 7 | 9 | 4 | C | E | 3 | D | 6 | 0 |
| 8 | C | D | 1 | 5 | E | 3 | B | 6 | 4 | 7 | 0 | 2 | A | 9 |
| A | 7 | 0 | D | 3 | B | 1 | 5 | C | 6 | 9 | 2 | 4 | E | 8 |
| 7 | 0 | 2 | E | D | 4 | 9 | C | A | B | 5 | 1 | 3 | 8 | 6 |
| 4 | 1 | C | 7 | 8 | 2 | 6 | 3 | E | 9 | D | A | 0 | 5 | B |
| 6 | 8 | A | 0 | B | 3 | 5 | 2 | 7 | E | C | 4 | 9 | 1 | D |
| B | 9 | E | A | 1 | 5 | 4 | D | 0 | 3 | 6 | 8 | C | 7 | 2 |
| 5 | D | 3 | 6 | 9 | C | B | 8 | 1 | 0 | 2 | 7 | A | 4 | E |

ଗତକାଲିର ଉତ୍ତର



ମନ–ମାନଚିତ୍ର

ଡ. ନରହରି ବେହେରା

# ମଣିଷର ମାଙ୍କଡ଼ଡିଆଁ

ମାଙ୍କଡ଼ଡିଆଁ ଶବ୍ଦଟାକୁ ଆଜିକାଲିକା ଥୋକେ ପାଠୁଆ ପିଲା ବୁଝିପାରିବେନି, ଏ କଥା ଆମ୍ଭେ ହଲପ୍ ଦେଇ କହିପାରିବୁ। ତେଣୁ ଆମ୍ଭେ ବେଫିକର କହିରଖୁଛୁ, ମମିମାନେ ଯେମନ୍ତ କୋଡ଼ିଏକୁ ଟ୍ୱେଣ୍ଟି ବୋଲି ବୁଝାଇ ଆତ୍ମତୃପ୍ତିରେ ମୁରୁକୁନ୍ଦିଆ ହସ ହସିଥାନ୍ତି, ତେମନ୍ତ ମାଙ୍କଡ଼ଡିଆଁ ଶବ୍ଦଟାକୁ ଜମ୍ପ୍ ଅଫ୍ ମଙ୍କି ବୋଲି କହି ବୁଝାଇପାରିଲେ ଆମ୍ଭ ଆଇଡିଆଟାକୁ ସେମାନେ ଠିକ୍‌ଭାବେ ହଜମ କରିପାରିବେ। ଏଥର ଆମ୍ଭେ ଅସଲ କଥାଟାକୁ ଓକାଳିବାକୁ ଯାଉଛୁ। ସେଦିନ ମିଲୁ ଆମ୍ଭକୁ ମଗଜ ଗରମ କଲାପରିକା ପ୍ରଶ୍ନଟିଏ ପଚାରିଲା– ସତରେ କ'ଣ ଆମ ପୂର୍ବପୁରୁଷ ମାଙ୍କଡ଼ ଥିଲେ? ପ୍ରଶ୍ନଟାର କି ଉତ୍ତର ଦେବୁ ଭାବିହେଲୁ। ଆମ୍ଭେ ସିନା ବହିରେ ପଢ଼ିଥିଲୁ, କିନ୍ତୁ ମାଙ୍କଡ଼ରୁ ମଣିଷ ହେବାର ଠୋସ୍ ପ୍ରମାଣ ତ ଆମ୍ଭ ପାଖରେ ନାହିଁ। ଆମ ପୂର୍ବପୁରୁଷମାନେ ଯଦି ମାଙ୍କଡ଼ ଥିଲେ, କିଛି ଅନାଡ଼ି ମାଙ୍କଡ଼ କାହିଁକି ମଣିଷ ନ ହୋଇ ସେମିତି ରହିଗଲେ? ସେ ମାଙ୍କଡ଼ ରହିଲେ ବୋଲି ସିନା ଆଜି ଏ ପ୍ରଶ୍ନକୁ ହାବୁଡ଼ିବାକୁ ପଡୁଛି। ଏ ହାଲତରେ ଉତ୍ତର ଖୋଜୁ ଖୋଜୁ ମିଲୁ ପୁଣି ପଚାରିଲା– ଯଦି ମାଙ୍କଡ଼ ଆମର ପୂର୍ବପୁରୁଷ ଥିଲେ, ତେବେ ଆମେ ତାଙ୍କପରି ଡିଆଁ ମାରିପାରୁନୁ କାହିଁକି? ଆମ୍ଭକୁ ଉତ୍ତରଟା ମିଳିଗଲା। ଆମ୍ଭେ ହସିଦେଇ କହିଲୁ– କିଏ କହିଲା, ମଣିଷ ମାଙ୍କଡ଼ଡିଆଁ ମାରିପାରେ ନାହିଁ ବୋଲି? ସେ ଜକଜକ ହୋଇ ଆମ୍ଭକୁ ଚାହିଁଲା। ଆମ୍ଭେ ବୁଝିଗଲୁ, ମାଙ୍କଡ଼ ପରି ମଣିଷ ଡେଇଁବାର ସେ ଦେଖିନି, ତେଣୁ କଥାଟାକୁ ଗ୍ରହଣ କରିପାରୁନାହିଁ। ଆମ୍ଭେ ସରଳ ଭାଷାରେ ବୁଝାଇବା ପାଇଁ ଚେଷ୍ଟା କଲୁ– ଡିଆଁଡେଇଁର ମାନସିକତା ଏ ମଣିଷର ରକ୍ତମାଂସରେ ମିଶିଯାଇଛି। ମାଙ୍କଡ଼ ଫଳ ଲୋଭରେ ଏ ଗଛରୁ ସେ ଗଛକୁ ଡେଇଁଥାଏ। ମାତ୍ର ହଜାର ହଜାର ବର୍ଷ ପୂର୍ବରୁ ମାଙ୍କଡ଼ରୁ ମଣିଷ ହୋଇଥିବା ଏ ମଣିଷର ଲୋଭ ଏତେ ବଢ଼ିଯାଇଛି ଯେ, ଦିନରାତି ଚାରିଆଡ଼େ ଖାଲି ମାଙ୍କଡ଼ ପରି ଡିଆଁ ମାରିବାରେ ବ୍ୟସ୍ତ ରହୁଛି। ମଣିଷ ମାଙ୍କଡ଼ ଭଳି ସିନା ଡାଳରୁ ଡାଳକୁ ଡେଇଁପାରିବନି, ମାତ୍ର ସେ ଡେଇଁବାର ଯୋଉ କଳା ହାସଲ କରିଛି ମାଙ୍କଡ଼ଙ୍କ ସାତପୁରୁଷ ବି ତା'ର ଟେର୍ ପାଇପାରିବେନି। ଶାରୀରିକ ଅପେକ୍ଷା ମାନସିକସ୍ତରରେ ମଣିଷ ସବୁବେଳେ ଅନ୍ୟକୁ ପଛରେ ପକାଇ ଡିଆଁ ମାରିବା ପାଇଁ ଯୁଗ ଯୁଗରୁ ଚେଷ୍ଟା କରିଆସିଛି। ଏହାର ଅନେକ ଉଦାହରଣ ଆମ ସମାଜରେ ଦେଖିବାକୁ ମିଳେ।

ପୁଞ୍ଜିଲାଲ ମେହେର ଗୋଟିଏ ମହାବିଦ୍ୟାଳୟର ଅଧ୍ୟକ୍ଷ ହେବା ପାଇଁ ଚେଷ୍ଟା କରିଆସୁଥିଲେ, ମାତ୍ର ତାହା ପୂରଣ ହେଲାନାହିଁ। ଅଧ୍ୟକ୍ଷା ହେଲେ ଅନ୍ୟ ଜଣେ ଅଧ୍ୟାପିକା। ବାବୁ ମେହେରଙ୍କର ପିତ୍ତ ଉଠିଗଲା। ଧରିନେଲେ, ଚୌକି ଡେଇଁବାକୁ ହେଲେ ଏ ଅଧ୍ୟାପିକାଙ୍କୁ ହଟାଇବାକୁ ପଡ଼ିବ। ଅଧ୍ୟାପିକାଙ୍କ ପୁଅ ବାହାଘରକୁ ବୋମା ପାର୍ସଲ ପଠାଇ ତାଙ୍କ ବଂଶ ନିପାତ କରିବାକୁ ଚେଷ୍ଟା କଲେ। ଭଗବାନ ରକ୍ଷା କଲେ ବୋଲି ଅଧ୍ୟାପିକା ବଞ୍ଚିଗଲେ। ଚୌକିରୁ ଚୌକିକୁ ଡେଇଁବାର ପୁଞ୍ଜୀଭୂତ ଆଶା ମଉଳିଗଲା ପୁଞ୍ଜିଲାଲଙ୍କର। ଚୌକି ତ ମିଳିଲା ନାହିଁ, ଏବେ ମୁଠେ ମୁଠେ ହଳଦିଆ ଭାତ ମିଳୁଛି। ମଣିଷ ଉପରକୁ ଡିଆଁ ମାରିବାର ଲାଳସା କେତେ ମାରାତ୍ମକ, ତାହା ଏହି ଘଟଣା ସୂଚାଇଦିଏ।

ନିର୍ବାଚନ ପାଖେଇ ଆସିଲେ ନେତାମାନଙ୍କର ଏହି ମାଙ୍କଡ଼ଡିଆଁର ଅନେକ ଦୃଶ୍ୟ ଦେଖିବାକୁ ମିଳେ। ଚୌକି ଲୋଭରେ ସେମାନେ ଯେମିତି ଉଦଣ୍ଡିଆ ହୋଇ ଏ ଦଳରୁ ସେ ଦଳକୁ ଡିଆଁ ମାରନ୍ତି ତାହା ଦେଖିଲେ ମନେହୁଏ, ସତେଯେମିତି ଡିଆଁ ମାରିବାର ଷୋଳକଳା ଏମାନେ ମାଙ୍କଡ଼ଙ୍କଠାରୁ ନେଇ ଆସିଛନ୍ତି। ଯୋଉ ତୁଣ୍ଡରେ ବିରୋଧୀ ଦଳକୁ ସଉତୁଣୀ ପରିକା ବର୍ଷ ବର୍ଷ ଧରି ଗାଳି ଦେଉଥାନ୍ତି, ରାତିକ ଭିତରେ ସେହି ଦଳକୁ କୁଦାମାରି ପ୍ରଶଂସାରେ ସେମାନଙ୍କୁ ପୋତିପକାନ୍ତି। ଆମପରି ଭକୁଆ ମଣିଷ ସେ ତୁଣ୍ଡ ଆଉ ମୁଣ୍ଡକୁ ଖାଲି ଦେଖୁଥାନ୍ତି। ଏହି ଡିଆଁ ମୂଳରେ ଅଛି କେବଳ କ୍ଷମତାର ଲୋଭ। ଏ କଥା ସତ ଯେ, ଉପରକୁ ଡେଇଁବାର ଲାଳସା ମଣିଷର ଅନ୍ତର୍ନିହିତ ଗୁଣ। ଏହି ଗୁଣ ମଣିଷକୁ ଆଗକୁ ନେବା ପାଇଁ ପ୍ରେରଣା ଦିଏ। କିନ୍ତୁ ଏ ଲାଳସା ଯେତେବେଳେ ଲୋଭ, କ୍ରୋଧ ଓ ପ୍ରତିହିଂସାରେ ପରିଣତ ହୁଏ, ସେତେବେଳେ ପରିସ୍ଥିତି ଭୟଙ୍କର ହୋଇପଡ଼େ। ଦୁଇ ବୁଢ଼ା ହନୁ ଲଢ଼େଇ କଲେ ସେଠାକାର ଗଛଲଟା ସବୁକିଛି ଯେମିତି ନଷ୍ଟ ହୋଇଯାଏ, ସେମିତି ଥରେ ଏ ଲଢ଼େଇ ଆରମ୍ଭ ହେଲେ ଧନଜୀବନ ସବୁ ବିପନ୍ନ ହୋଇଯାଏ। ଏବେ ଘସିପୁରାର ପୂର୍ବତନ ବିଧାୟକଙ୍କୁ ଯେପରି ନୃଶଂସ ଭାବେ ହତ୍ୟା କରାଯାଇଛି, ତାହା ଏହି ଡିଆଁଡେଇଁ ପ୍ରବୃତ୍ତିର ହିଂସ୍ରରୂପର କରୁଣ ପରିଣତିକୁ ସୂଚାଇ ଦେଉଛି।

କ୍ଷମତା, ଭୂମି, ନାରୀ ପ୍ରଭୃତି ଲାଭ ପାଇଁ ଅନ୍ୟକୁ ଅତିକ୍ରମ କରିବା ଲାଗି ଅନେକ ଘଟଣା ପୁରାଣ ଇତିହାସରେ ଭରି ରହିଛି। ଅନେକ ସମୟରେ ଡିଆଁ ମାରୁ ମାରୁ ଏହି ପୁରୁଷମାନେ ଶେଷରେ ମାଟି କାମୁଡ଼ି ପଡ଼ିଥିବାର ନଜିର ମଧ୍ୟ ଅଛି। ରାଜ୍ୟରୁ ପାଞ୍ଚଖଣ୍ଡ ଗାଁ ଦେଇଥିଲେ କଥା ସରିଥାନ୍ତା। ମାତ୍ର ଏକଛତ୍ରବାଦୀ ହେବା ନିଶାରେ ଦୁର୍ଯ୍ୟୋଧନ କେବଳ ଡେଇଁବାରେ ଲାଗିଲେ। ଏହାର ଶେଷ ପରିଣତି ହେଲା ସବଂଶ ନାଶ। ଜାର୍ ଦ୍ୱିତୀୟ ନିକୋଲାସ ଥିଲେ ବିଶାଳ ଭୂଖଣ୍ଡର ଶାସକ। ସେ ସବୁବେଳେ ଅଧିକ କ୍ଷମତା ଏବଂ ସାମ୍ରାଜ୍ୟର ବିସ୍ତାର ପାଇଁ ଅହରହ ଯୁଦ୍ଧ ଏବଂ କ୍ରୁରତାକୁ ଆୟୁଧ କରି ଡିଆଁ ମାରିଲେ। ତେଣୁ ବିଦ୍ରୋହର ନିଆଁ ଜଳିଲା। ବିଦ୍ରୋହୀମାନେ ତାଙ୍କୁ ହତ୍ୟାକରି ଦେହଟାକୁ ଖଣ୍ଡ ଖଣ୍ଡ କରିଦେଲେ। ସେହିପରି ନିଜର ପ୍ରଭୁତ୍ୱ ଜାହିର କରିବା ଉଦ୍ଦେଶ୍ୟରେ ଖାଲି ଡେଇଁବାକୁ ଲାଗିଥିଲେ ହିଟ୍‌ଲର। ନିଜ ଅହଂକାରକୁ ପ୍ରତିଷ୍ଠା କରିବା ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ସେ ମହାନାୟକ ସାଜିଥିଲେ। ଉଚ୍ଚକୁ ଡେଇଁବାକୁ ଚେଷ୍ଟା କରୁଥିବା ଏ ହିଟ୍‌ଲର ଶେଷରେ ପଟାସିୟମ୍ ସାୟାନାଇଡ୍ ଖାଇ ଆତ୍ମହତ୍ୟା କଲେ। ତାଙ୍କର ଏତେ ଡିଆଁଡେଇଁରୁ କେବଳ ରକ୍ତପାତ ଓ ହତାଶାବୋଧ ହିଁ ସାର ହେଲା।

ବିଶ୍ୱରେ ନିଜ ସାମ୍ରାଜ୍ୟର ପରିସର ବୃଦ୍ଧି କରିବା ପାଇଁ ଆଲେକ୍‌ଜାଣ୍ଡାର ରାଜ୍ୟରୁ ରାଜ୍ୟକୁ ଡେଇଁ ବୁଲିଲେ। ଏ କ୍ଷମତାର ଲୋଭ ତାଙ୍କୁ ଏମିତି ଅନ୍ଧ କରିଦେଲା ଯେ ଅହର୍ନିଶ ସେ ଯୁଦ୍ଧରେ ମାତି ରହିଲେ। ସେ ଯେତେବେଳେ ଜ୍ୱରାକ୍ରାନ୍ତ ହୋଇ ନିଜର ଅନ୍ତିମ ମୁହୂର୍ତ୍ତକୁ ଅନୁଭବ କରିପାରିଲେ, ସେତେବେଳେ ସମଗ୍ର ବିଶ୍ୱ ତାଙ୍କୁ ଅନ୍ତଃସାରଶୂନ୍ୟ ମନେହେଲା। ଅତ୍ୟନ୍ତ ହତାଶାବୋଧରେ ସେ ସମସ୍ତଙ୍କୁ କହିଲେ– 'ଆସିଥିଲି ଖାଲି ଗଲି ଖାଲି ହାତେ।' ଯେତେ ଡେଉଁଛ ଡେଉଁଥାଅ, ମୁକୁଟ ପିନ୍ଧିବା ପାଇଁ ନରହତ୍ୟା, ଗଣହତ୍ୟା ଯେତେ ବହପ ଦେଖାଉଥାଅ, ଶେଷରେ ଏହି ଖାଲିହାତରେ ଯିବାକୁ ପଡ଼ିବ– ଏହି ମହାସତ୍ୟକୁ ସେ ଉଖାରିଦେଲେ ସମସ୍ତଙ୍କ ଆଗରେ।

ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଅବସରରେ ରାଜ୍ୟରେ ଭୋଜିଭାତର ଆୟୋଜନ ହେଉଥାଏ। ପଙ୍‌କ୍ତି ଭୋଜନର ଗୋଟିଏ ପାର୍ଶ୍ୱରେ ବସିଥାନ୍ତି ମାଙ୍କଡ଼ ଦଳ। ଗୋଟିଏ ଛୁଆ ମାଙ୍କଡ଼ ହାତରୁ ଶିମ୍ବ ମଞ୍ଜିଟିଏ ଛିଟିକି ପଡ଼ିଲା। ସାଧାରଣ ଶିମ୍ବ ମଞ୍ଜିର ଏତେ ବହପ ଯେ ସେ ଡେଇଁପଡ଼ିବ! ଛୁଆ ମାଙ୍କଡ଼କୁ ଏ କଥା ବହୁତ ବାଧିଲା। ସେ କୁଦା ମାରିଲା। ପାଖରେ ବସିଥିବା ଟୋକା ମାଙ୍କଡ଼କୁ ଛୁଆ ମାଙ୍କଡ଼ର ବଡ଼ପଣିଆ ଭଲ ଲାଗିଲା ନାହିଁ। ସେ ଛୁଆ ମାଙ୍କଡ଼ଠୁ ଅଧିକ ଆଗକୁ ଡେଇଁଲା। ଏହାପରେ ଚାଲିଲା ଡିଆଁଡେଇଁ କସରତ। କେହି ନିଜ ଅହଂକାରକୁ ଛାଡ଼ିଲେ ନାହିଁ। ମାଙ୍କଡ଼ମାନେ ଡିଆଁଡେଇଁ କରିବାରୁ ସବୁ ଖାଦ୍ୟ ନଷ୍ଟ ହୋଇଗଲା। ସମସ୍ତେ ଉପାସ ରହିଲେ ସିନା ମାତ୍ର ଡିଆଁଡେଇଁ ବନ୍ଦ ହେଲାନାହିଁ। ଏବେ ଆଧୁନିକ ମଣିଷର ଏ ମାଙ୍କଡ଼ଡିଆଁକୁ ଲକ୍ଷ୍ୟ କଲେ ମନେହେଉଛି, ସତେଯେମିତି ତ୍ରେତୟା ଯୁଗର ସେହି ମାଙ୍କଡ଼ମାନଙ୍କ ଡିଆଁ ମାରିବାର ପ୍ରବୃତ୍ତିଟାକୁ ଏ ମଣିଷ ନିଜ ଜିନ୍‌ରେ ଧରି ଜନ୍ମ ନେଇଛି। ସେହି ମାଙ୍କଡ଼ମାନଙ୍କର ତୁଚ୍ଛା ଅହମିକାକୁ ପୁଞ୍ଜିକରି ଆଜିପର୍ଯ୍ୟନ୍ତ ମଣିଷ ଡେଉଁଛି, ଖାଲି ଡେଉଁଛି। ଏ ଡିଆଁର ଶେଷ ନାହିଁ କି ଦୁଃଖଯନ୍ତ୍ରଣାର ଅନ୍ତ ନାହିଁ। ମଣିଷଠାରେ ମାଙ୍କଡ଼ ପ୍ରବୃତ୍ତିର ଏହାଠାରୁ ବଡ଼ ପ୍ରମାଣ ଆଉ କ'ଣ ଅଛି? ହେ ସୁଧୀଜନେ, ଅନ୍ୟକୁ ଧରାଶାୟୀ କରିବା ପାଇଁ ଆଉ କେତେଦିନ ତୁଚ୍ଛା ଅହମିକାକୁ ଧରି ଏମିତି ଡେଉଁଥିବେ? କାଳ ପରା ଆମକୁ ଚାହିଁଛି!

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍, ଭଦ୍ରକ, ମୋ–୭୯୭୮୯୦୩୫୦୯



ଉପେନ୍ଦ୍ର ବିଶ୍ୱାଳ

# ମିଠାଫଳ ଓ ବିଷମଞ୍ଜି

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରରେ ବହୁ ପ୍ରତୀକ୍ଷିତ ଭଣେଇଶର ଏ ପରୀକ୍ଷା। ନିର୍ଣ୍ଣାୟକ ଏ ନିର୍ବାଚନରେ ନିହିତ ଭାରତର ଭାଗ୍ୟ ଓ ଭବିଷ୍ୟତ। ପାକିସ୍ତାନ, ଚାଇନା ସମେତ ଦେଶବିରୋଧୀ ଶକ୍ତିଗୁଡ଼ିକ ଅତି ଉତ୍କଣ୍ଠାର ସହିତ ପ୍ରତୀକ୍ଷା କରିଛନ୍ତି ପରିଣାମକୁ। ସ୍ୱାଭାବିକ ଭାବେ ସେମାନେ କେବେ ଚାହିଁବେ ନାହିଁ ଭାରତରେ ଏକ ସ୍ଥିର, ସ୍ୱଚ୍ଛ ଓ ବଳିଷ୍ଠ ସରକାର ଶାସନ କରୁ। କାରଣ ଦୁର୍ବଳ, ଅସ୍ଥିର ଓ ଦୁର୍ନୀତିଖୋର ସରକାରଟିଏ ରହିଲେ ତାଙ୍କ ପାଇଁ ସୁବିଧା ହେବ। ଏଣୁ ସାମ୍ପ୍ରତିକ ସ୍ଥିତିରେ ଦେଶ ପାଇଁ ଲୋଡ଼ା ଏକ ଦୃଢ଼ମନା, ଦୂରଦୃଷ୍ଟିସମ୍ପନ୍ନ ଶାସକ। ଲୋଡ଼ା, ଅତ୍ୟନ୍ତ ପରିଶ୍ରମୀ ଓ ପରୀକ୍ଷିତ ବ୍ୟକ୍ତିତ୍ୱ, ଯାହାଙ୍କର ଥିବ ରାଷ୍ଟ୍ର ପ୍ରତି ଅଙ୍ଗୀକାରବଦ୍ଧତା, ପ୍ରଚଣ୍ଡ ଦେଶଭକ୍ତି ଓ କୌଣସି ସମାଲୋଚନାକୁ ଖାତିର ନ କରି କିଛି କରି ଦେଖାଇବାର ଦୃଢ଼ ମାନସିକତା। ଏଣୁ ଆମର ଗୋଟିଏ ଗୋଟିଏ ଭୋଟ, ସମାଜ ଓ ରାଷ୍ଟ୍ର ପାଇଁ ଅତୀବ ମୂଲ୍ୟବାନ। ଆମର ମୂଲ୍ୟବାନ ଭୋଟଖଣ୍ଡିକ ଉପରେ ନିର୍ଭର କରୁଛି ରାଷ୍ଟ୍ରର ସୁରକ୍ଷା ଓ ସମୃଦ୍ଧି, ଗୌରବ ଓ ଗରିମା। ଲେଶମାତ୍ର ଲୋଭ ଓ ଲାଭର ଶିକାର ନ ହୋଇ ବିବେକକୁ ଜାଗ୍ରତ କରାଇବାକୁ ହେବ। ଠିକ୍ ନିଷ୍ପତ୍ତି ନେବାକୁ ହେବ। ଭୋଟ ଦେବା ପୂର୍ବରୁ ସ୍ୱଚ୍ଛ ହୃଦୟରେ ନିଜ ଅନ୍ତରାତ୍ମାକୁ ପଚାରିବା ଉଚିତ, ମୁଁ ଦେଶକୁ ଧୋକା ଦେଉନି ତ? ମିଥ୍ୟା ଆଶ୍ୱାସନାରେ ଭଳି ଭୁଲ୍ ନିଷ୍ପତ୍ତି ନେବା ଆତ୍ମଘାତୀ ସଦୃଶ। ଆମର ଭୁଲ୍ ନିଷ୍ପତ୍ତି ମାନେ ଭାରତବିରୋଧୀ ଶକ୍ତିକୁ ସମର୍ଥନ। ଜାତି, ଧର୍ମ, ଦେଶର ସ୍ୱାର୍ଥ ପାଇଁ ଧାଇଁ ପାନ୍ନା ନିଜର ବାଲୁତ ପୁତ୍ରକୁ ସମର୍ପି ଦେବାକୁ ପଛାଇ ନ ଥିଲେ। ବିଧର୍ମୀ, ଦେଶବିରୋଧୀ ଶକ୍ତିକୁ ସହାୟତା କରିଥିବା ଯୋଗୁ ଦେବଗଡ଼ର ସେନାପତିଙ୍କୁ ନବବିବାହିତା ସ୍ତ୍ରୀଜଣକ ମଧ୍ୟ ହତ୍ୟା କରିଥିଲେ। ପ୍ରଥମେ ଦେଶର ସ୍ୱାର୍ଥ, ତା' ପରେ ବ୍ୟକ୍ତିସ୍ୱାର୍ଥ। ବ୍ୟକ୍ତିଗତ ଶତ୍ରୁତା ଥିଲେ ବି ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିରୁ ଶତ୍ରୁକୁ ମଧ୍ୟ ଭୋଟ ଦେବା ଉଚିତ। ମିତ୍ର ହେଲେ ବି ରାଷ୍ଟ୍ରର ସ୍ୱାର୍ଥବିରୋଧୀ ହୋଇଥିଲେ ତାଙ୍କୁ ବର୍ଜନ କରାଯିବା ଉଚିତ। ପ୍ରଚଣ୍ଡ ଅଧ୍ୟାତ୍ମବାଦୀ ଓ ଶିବଭକ୍ତ ଥିଲେ ମଧ୍ୟ ରାଷ୍ଟ୍ରଦ୍ରୋହୀ ଜୟଚନ୍ଦ୍ର କ'ଣ ସମର୍ଥନଯୋଗ୍ୟ?

ଏପରି ବ୍ୟକ୍ତିଙ୍କୁ ଚୟନ କରିବା, ଯିଏ କି ଲୋଭୀ ନ ଥିବ କି ଭୋଗୀ ନ ଥିବ। ସ୍ୱାଭିମାନକୁ ସାଥୀ କରି ସରଳ ଜୀବନ ଜିଉଁଥିବ। ଉଚ୍ଚ ବିଚାର ଓ ସେବା ମନୋଭାବ ରହିଥିବ। ନିର୍ଦ୍ଧନ ହେଲେ ମଧ୍ୟ ପବିତ୍ର ହୃଦୟ ଥିବା ସଚ୍ଚୋଟ ବ୍ୟକ୍ତିମାନଙ୍କୁ ଆମେ ପ୍ରାଧାନ୍ୟ ଦେବା ଉଚିତ। କାରଣ ଏମାନେ ମଣିଷ ସମାଜର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ। ମନେପଡ଼େ ବିଶ୍ୱର ବିଶିଷ୍ଟ ବିଦ୍ୱାନ୍ ପ୍ଲାଟୋଙ୍କ ସୁଚିନ୍ତିତ ପରାମର୍ଶ– ''ଶାସକ ହେବାକୁ ଖୁବ୍ ଚାହୁଁଥିବା ଲୋକଙ୍କୁ ଶାସନର ଡୋରି ଦିଆ ନ ଯାଇ, ଆଦୌ ଚାହୁଁ ନ ଥିବା ଲେଖକ ଅବା ଦାର୍ଶନିକ ଅବା ଯୋଗୀମାନଙ୍କୁ ଦିଆଗଲେ ସମାଜର ମଙ୍ଗଳ ସାଧିତ ହେବ।'' ମିଠାଫଳ ଖାଇବାକୁ ହେଲେ ମିଠାଗଛର ଚାରା ହିଁ ରୋପଣ କରିବାକୁ ହୁଏ। ବିଷମଞ୍ଜି ବୁଣି ଅମୃତଫଳ ଆଶା କରିବା ନିରର୍ଥକ। ସୁସ୍ଥ ସମାଜଟିଏ ପାଇବାକୁ ହେଲେ ସଜ୍ଜନମାନଙ୍କୁ ଚୟନ କରିବା ଉଚିତ। ଦୁଷ୍ଟାତ୍ମାମାନେ କ୍ଷମତା ପାଇଲେ, ସମାଜ ବିଷାକ୍ତ ହୋଇଉଠିବ। ଭ୍ରଷ୍ଟ ବ୍ୟକ୍ତିଙ୍କ ମନୋଲୋଭା କଥାରେ ଭାସିଯାଇ ଆମେ ଭୁଲ୍ ନିଷ୍ପତ୍ତି ନେଉଥିବା ଯୋଗୁ ସମାଜରେ ଦୁର୍ଗତି ବଢ଼ି ବଢ଼ି ଚାଲିଛି। ଛବିରାଣୀଙ୍କଠାରୁ ଅଞ୍ଜନା, ଇତିଶ୍ରୀଠାରୁ ବେବିନାଙ୍କ ଭଳି ନାରୀରତ୍ନମାନେ ନାନାଦି ନିର୍ଯାତନାର ଶିକାର ହେଉଛନ୍ତି। କୁହାଯାଏ ପୃଥିବୀ ଏକ ଭୟଙ୍କର ସ୍ଥାନ, ଯେଉଁମାନେ ଖରାପ କାମ କରନ୍ତି ସେମାନଙ୍କ ପାଇଁ ଯେତିକି ନୁହେଁ, ସେମାନଙ୍କୁ ପ୍ରତିରୋଧ ନ କରି ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ବ୍ୟକ୍ତିମାନଙ୍କ ପାଇଁ। ବେଶ୍ ଭଲ ସଂଖ୍ୟାରେ ଥିବା ଭଲ ଲୋକଙ୍କ ଉଦାସୀନତାର ସୁଯୋଗରେ ଅଳ୍ପ ସଂଖ୍ୟାରେ ଥିବା ଦୁଷ୍ଟ ଲୋକମାନେ ସମାଜକୁ ଉତ୍ପୀଡ଼ନ କରିଥାନ୍ତି। ଶିକ୍ଷିତ, ସଚେତନ ବ୍ୟକ୍ତିମାନେ ଭୋଟଦାନରୁ ବିରତ ରହି ପରୋକ୍ଷରେ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ଜିତାଇବାରେ ସହଯୋଗ କରିଥାଆନ୍ତି। ଆମଠି ଉପଲବ୍ଧ ଥିବା ଶ୍ରେଷ୍ଠ ବିକଳ୍ପକୁ ଚୟନ ନ କରି 'ନୋଟା'ର ଉପଯୋଗ କରିବା ଅଦୂରଦର୍ଶିତାର ପରିଚୟ ବୋଲି ମନେ ହୁଏ। ନିର୍ବାଚନ ମାନେ ହିଁ ତ ଶ୍ରେଷ୍ଠ ଚୟନ। ନିର୍ବାଚନ ମାନେ ନୁହେଁ ନୀରବତା ଅବା ନିଷ୍କ୍ରିୟତାର ନିର୍ବାସନ।

ଭୋଟର ଥରେ ହୁଡ଼ିଲେ ପୁଣି ୫ବର୍ଷକୁ ଅପେକ୍ଷା। ଏଣୁ ବୁଝି ବିଚାରି ସମୁଚିତ ନିଷ୍ପତ୍ତି ନେବା ନିହାତି ଆବଶ୍ୟକ। ସ୍ୱାର୍ଥାନ୍ଧ, ଦୁରାଚାରୀମାନଙ୍କୁ ଭୋଟ ମାଧ୍ୟମରେ କ୍ଷମତାସୀନ କଲେ ସମାଜକୁ ସେମାନେ କଣ୍ଟକିତ କରି ଚାଲିବେ। ଭଗବାନରୂପୀ ଭୋଟରମାନଙ୍କୁ ତ କ୍ଷମତା ଆଶାୟୀମାନେ ଗୁହାରି କରିବେ। କାକୁସ୍ଥ ହୋଇ ଭୋଟ ଭିକ୍ଷା କରିବେ। ମାତ୍ର ବୁଝି ବିଚାରି ଭୋଟ ନ ଦେଲେ ସମାଜ ସତ୍ୟାନାଶକୁ ସାମ୍ନା କରିବ।

ଏବେ ଆମ ସାମ୍ନାରେ ଦୁଇଟି ରାସ୍ତା। ଠିକ୍ ନିଷ୍ପତ୍ତି ନେଇ ଗୋଟିଏକୁ ବାଛିବା। ସମାଜକୁ ସଜାଡ଼ିବା ନା ବିଗାଡ଼ିବା? ସୁନ୍ଦର ସମାଜଟିଏ ଲୋଡ଼ା ନା ଅସୁନ୍ଦର, ଅନାଚାରଭରା ସମାଜ? ଦେଶର ସୁରକ୍ଷା, ସମୃଦ୍ଧି ନା ବିପତ୍ତି? ସ୍ଥିର ବଳିଷ୍ଠ ସରକାର ନା ଦୁର୍ବଳ ଅସ୍ଥାୟୀ ସରକାର? ସଚ୍ଚୋଟ, ଦେଶପ୍ରେମୀ ବ୍ୟକ୍ତିମାନଙ୍କୁ ସମର୍ଥନ କରିବା ନା ଦୁର୍ଗତିର କାରଣ ସାଜିଥିବା ଦେଶ ବିରୋଧୀ ଶକ୍ତିମାନଙ୍କୁ? ମିଠାଫଳ ପାଇଁ ବିଷମଞ୍ଜି ବୁଣିବା ଉଚିତ କି? ସତ୍ୟ, ଧର୍ମ ଓ ନ୍ୟାୟର ଜୟ ହେଉ। ମଙ୍ଗଳମୟ, ମଞ୍ଜୁଳ ହେଉ ଆମ ଭବିଷ୍ୟତ ଭାରତ।

ମୋ– ୯୪୩୭୪୩୬୦୭୩,
upendrabiswal05@gmail.com

# ଖୁବ୍ ଭଲ ହୋଇଛି

ଗନ୍ଧର୍ବସେନ ରଣା

ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। ଏହାକୁ ନେଇ ରହିଛି ଏକ ରୋଚକ କାହାଣୀ। ଅରବିନ୍ଦନଗରର ରାଜା ଶୁକଦେବ ଖୁବ୍ ସଚ୍ଚୋଟ, ଦୟାଳୁ ଓ ପରୋପକାରୀ। ତାଙ୍କର ମନ୍ତ୍ରୀ ସୁମତି ଖୁବ୍ ବୁଦ୍ଧିମାନ ଓ ଚରିତ୍ରବାନ। ହେଲେ ତାଙ୍କର ଗୋଟାଏ ଅଭ୍ୟାସ ହେଉଛି– ଯାହା ବି ଘଟୁ 'ଭଲ ହୋଇଛି' ବୋଲି କୁହନ୍ତି।

ଥରେ ରାଜା ଶିକାରକୁ ଯିବାବେଳେ ଘୋଡ଼ାରୁ ଖସି ଗୋଡ଼ ଖଣ୍ଡିଆ ହୋଇଗଲା। ମନ୍ତ୍ରୀ ଦେଖି ଭଲ ହୋଇଛି ବୋଲି କହିଲେ। ରାଜା ଏହାଦ୍ୱାରା ନିଜକୁ ଅପମାନିତ ମନେକଲେ ଏବଂ ମନ୍ତ୍ରୀଙ୍କୁ ବନ୍ଦୀଶାଳାରେ ରଖି ଜଙ୍ଗଲକୁ ଶିକାର କରିବାକୁ ଚାଲିଗଲେ। ମନ୍ତ୍ରୀ ସେଇଠି ବି କହିଲେ ଭଲ ହୋଇଛି।

ଜଙ୍ଗଲରେ ରାଜା ଦସ୍ୟୁମାନଙ୍କ ହାବୁଡ଼ରେ ପଡିଗଲେ। ସେମାନେ ରାଜାଙ୍କୁ ବଳି ଦେବାକୁ ସ୍ଥିର କରି ଜଙ୍ଗଲର ଠାକୁରାଣୀଙ୍କ ପାଖକୁ ନେଇଗଲେ। ରାଜାଙ୍କୁ ପୂଜାର୍ଚ୍ଚନା କରି ଦୁଇଟି ପଥର ମଝିରେ ମୁଣ୍ଡକୁ ରଖିଲେ। ଜଣେ ଖଣ୍ଡା ଉଠାଇ ହାଣିବା ପାଇଁ ଗଲାବେଳେ ଦେଖିଲା ରାଜାଙ୍କ ପାଦ ଖଣ୍ଡିଆ ହୋଇଛି। ଠାକୁରାଣୀ ଘାଉଡ଼ ହୋଇଥିବା ଲୋକର ବଳି ଖାଆନ୍ତି ନାହିଁ ଭାବି ଛାଡିଦେଲେ। ରାଜା କିଛିଦିନ ପରେ ଜଙ୍ଗଲରୁ ବୁଲି ବୁଲି ଆସି ପହଞ୍ଚିଲେ ଅରବିନ୍ଦନଗରରେ। ସେଠି ଜାଣିବାକୁ ପାଇଲେ ତାଙ୍କ ସହ ଯାଇଥିବା ସିପାହିମାନେ ଦସ୍ୟୁମାନଙ୍କ ଦ୍ୱାରା ନିହତ ହୋଇଛନ୍ତି। ଏହାପରେ ସେ ମନ୍ତ୍ରୀଙ୍କୁ ବନ୍ଦୀଶାଳାରୁ ବାହାର କରିଆଣି କ୍ଷମା ମାଗିଲେ। ଆଉ କହିଲେ– ଗଲାବେଳେ ମୁଁ ଘୋଡ଼ାରୁ ପଡିବାରୁ ଗୋଡ଼ ଖଣ୍ଡିଆ ହୋଇଯାଇଥିଲା। ସେଇଥିପାଇଁ ମୁଁ ଆଜି ବଞ୍ଚିକରି ଆସିଲି। ଆଉ ଆଜି ହିଁ ଜାଣୁଛି ପ୍ରକୃତରେ ଭଗବାନ ଯାହା କରନ୍ତି ମଙ୍ଗଳ ପାଇଁ। ଆଜିଠାରୁ ମୁଁ ମଧ୍ୟ କହିବି, ହଁ! ଯାହା ହୋଇଛି ଭଲ ହୋଇଛି। ମନ୍ତ୍ରୀ କହିଲେ, ଆପଣ ମୋତେ ବି ଯଦି ବନ୍ଦୀ କରି ନ ଥାନ୍ତେ ଓ ମୁଁ ଆପଣଙ୍କ ସହ ଯାଇଥାନ୍ତି, ତେବେ ଆପଣଙ୍କ ବଦଳରେ ସେମାନେ ମୋତେ ବଳି ପକାଇ ଦେଇଥାନ୍ତେ।

ଏମ.ଏ.୫୩, ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର

## ଚିରନ୍ତନୀ

''ଜଳି ଉଠୁ ଦୀପ୍ତି ତାର ଢାଳି ଦେଇ
ଦୂରେ ବହୁ ଦୂରେ
''ପ୍ରତି ପ୍ରତିବିମ୍ବ ତାର ଫୁଟୁ ବିଶ୍ୱ–
ମାନସ –ମୁକୁରେ। (ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆମ ସମସ୍ୟା

### ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ଯୋଗାଇ ଦିଆଯାଉ

ମହାଶୟ,

ସ୍କୁଲ ଓ ଗଣଶିକ୍ଷା ବିଭାଗ ଗୁଣାତ୍ମକ ଶିକ୍ଷା ନିମନ୍ତେ ଅନେକ ଯୋଜନା କରୁଛି। ସେଥିଲାଗି ପ୍ରଭୃତ ପରୀକ୍ଷା ନିରୀକ୍ଷା ଚାଲିଛି। ଅଜସ୍ର ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ସଂସ୍କୃତ, ହିନ୍ଦୀ ଶିକ୍ଷକ ନିଯୁକ୍ତି ଦେଉନାହାନ୍ତି। ଛାତ୍ରୀଛାତ୍ର ଅଷ୍ଟମରୁ ଉତ୍ତୀର୍ଣ୍ଣ ହେବା ପରେ ନବମ ଶ୍ରେଣୀରେ ଗୋଟିଏ ବିଷୟ ବାଧ୍ୟତାମୂଳକ ହେଉଥିବାରୁ ଏହି ବିଷୟ ସେମାନଙ୍କ ଲାଗି ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ଶିକ୍ଷକ ମଧ୍ୟ ଏହି ବିଷୟ ପଢ଼ାଇବା ସମ୍ଭବ ନୁହେଁ। ତେଣୁ ସରକାର ବିଚାର କରନ୍ତୁ।

ସୁଧାଂଶୁ କୁମାର ଗୌଡ଼, ଭଞ୍ଜନଗର

### ଏମିତି ଆମ ସ୍ୱଚ୍ଛ ଭାରତ

ଧରିତ୍ରୀ (୧୨।୩)ର ୧୪ ପୃଷ୍ଠାରେ ପଢ଼ିଲି ଗଣ୍ଡପାଣି ପିଉଛନ୍ତି 'ରେପୁର ପାଟଣାବାସୀ'। ଏହି ଗ୍ରାମଟି ପୋତାନଈ ପଞ୍ଚାୟତ ଅଧୀନରେ ଆସୁଛି। ମୋ ଜାଣିବାରେ ପୋତାନଈ ଗ୍ରାମଟି ଓଡ଼ିଶା ତଥା ଦେଶକୁ ଦେଇଛି ଅନେକ ସ୍ୱନାମଧନ୍ୟ ଡାକ୍ତର ଓ ଅନେକ ବୁଦ୍ଧିଜୀବୀ। କିନ୍ତୁ ସେମାନେ ବୋଧହୁଏ ଆଉ ଗ୍ରାମକୁ ଆସୁନାହାନ୍ତି, ଯେଉଁଥିପାଇଁ ଏ ସମସ୍ୟାର ସମାଧାନ ହୋଇପାରୁନାହିଁ। କେବଳ ସରକାରଙ୍କ ଉପରେ ନିର୍ଭର କଲେ ହେବନାହିଁ। ଏହାର ସମାଧାନ ନିଜେ କରନ୍ତୁ ଏବଂ ସରକାର ତଥା ସ୍ଥାନୀୟ ନେତାମାନଙ୍କୁ ଦେଖେଇଦିଅନ୍ତୁ କିମ୍ବା ଆନ୍ଦୋଳନ କରି ଏ ଅଞ୍ଚଳରେ ନେତାଙ୍କୁ ପ୍ରବେଶ କରିବାକୁ ଦିଅନ୍ତୁ ନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସାପ୍ତାହିକ ପଞ୍ଜିକା

୭– ମାଳଦ୍ୱୀପ ସାଧାରଣ ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦଙ୍କ ଦଳକୁ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ମିଳିଛି।

୮– ଓଡ଼ିଶା ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଛୁଟିରେ ଥିବାରୁ ସେ ଫେରିବା ପର୍ଯ୍ୟନ୍ତ ବରିଷ୍ଠ ଆଇପିଏସ୍ ଅଫିସର ବିଜୟ କୁମାର ଶର୍ମା ରାଜ୍ୟର ଡିଜିପି ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି।

୯– ମହିଳାମାନେ ଯେକୌଣସି ସ୍ଥାନରୁ ନିର୍ଯାତନା ମାମଲା ଦାଏର କରିପାରିବେ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି।

୧୦– କେରଳର ୱାୟନାଡ୍ ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉତ୍ତରପ୍ରଦେଶର ଅମେଠିରୁ ପ୍ରାର୍ଥୀପତ୍ର ଦାଖଲ କଲେ।

୧୨– ଇଲେକ୍ଟୋରାଲ ବଣ୍ଡ୍‌ରେ ସଂଗୃହୀତ ଚାନ୍ଦାର ବିବରଣୀ ଦେବାକୁ ସୁପ୍ରିମ୍‌କୋର୍ଟ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲ୍ଲା ପ୍ରତି ସ୍ୱତନ୍ତ୍ର ଧ୍ୟାନ
ଜୁହାର
ଜିଲ୍ଲାର ଦ୍ରୁତ ବିକାଶ

ବରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ସୁବର୍ଣ୍ଣପୁର ଏବଂ ବୌଦ୍ଧ ଜିଲ୍ଲାର ଦ୍ରୁତ ବିକାଶ ପାଇଁ
'ସ୍ୱତନ୍ତ୍ର ଉନ୍ନୟନ ପରିଷଦ'


ବିଜୁ ଜନତା ଦଳ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର।
ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

# ତାଳଚେର ମଇଦାନରେ ପ୍ରଚାର ଲଢ଼େଇ

**ତାଳଚେର,୧୪।୪(ନି.ପ୍ର.)**

- ଆକ୍ରମଣାତ୍ମକ ମୁଦ୍ରାରେ ଭାଜପା
- ସରକାରୀ ଯୋଜନାକୁ ଅସ୍ତ୍ର କରିଛି ବିଜେଡି
- ଉଭୟ ସରକାରକୁ ହଟାଇବାକୁ କଂଗ୍ରେସର ଆହ୍ୱାନ
- ବେକାରି, ପ୍ରଦୂଷଣ ସମସ୍ୟା ସ୍ୱାଧୀନଙ୍କ ପ୍ରସଙ୍ଗ



ଭୋଟ ଗ୍ରହଣ ଦିନ ପାଖେଇ ଆସୁଥିବାବେଳେ ୬୦-ତାଳଚେର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବଢ଼ିଚାଲିଛି ରାଜନୈତିକ ତାତି। ପ୍ରଚାର ମଇଦାନରେ ପ୍ରମୁଖ ୩ ଦଳ ସହ ସ୍ୱାଧୀନ ଓ ଅନ୍ୟ ଦଳୀୟ ପ୍ରାର୍ଥୀ ପରସ୍ପରକୁ ଦେଉଛନ୍ତି କଡ଼ା ଟକ୍କର। ଭୋଟରଙ୍କୁ ମନାଇ ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ବିଭିନ୍ନ ରଣନୀତି ଆପଣାଉଛନ୍ତି।

ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ତାଳଚେର ନିର୍ବାଚନ ରଣାଙ୍ଗନରେ ରହିଛନ୍ତି ୮ ପ୍ରାର୍ଥୀ। ଶାସକ ବିଜେଡି ଦଳରୁ ବର୍ତ୍ତମାନର ବିଧାୟକ ବ୍ରଜକିଶୋର ପ୍ରଧାନ, ଭାଜପାର କାଳନ୍ଦୀ ଚରଣ ସାମଲ ଓ କଂଗ୍ରେସର ସୁରେଶ ଚନ୍ଦ୍ର ବେହେରାଙ୍କ ମଧ୍ୟରେ ଲଢ଼େଇ ଚାଲିଛି। ସେମାନଙ୍କ ସହ ସ୍ୱାଧୀନ ପ୍ରାର୍ଥୀ ଇଂ ମନୋଜ ପ୍ରଧାନ, ବହୁଜନ ସମାଜପାର୍ଟି ପକ୍ଷରୁ ଉଚ୍ଛନ ଚନ୍ଦ୍ର ପଟ୍ଟନାୟକ, ଆମ୍ବେଡକରାଇଟ ପାର୍ଟି ଅଫ ଇଣ୍ଡିଆରୁ କୃଷ୍ଣ ଚନ୍ଦ୍ର ନାଏକ, ଏସ୍ୟୁସିଆଇରୁ ପ୍ରହ୍ଲାଦ ଚନ୍ଦ୍ର ସାହୁ, ସ୍ୱାଧୀନ ପ୍ରାର୍ଥୀ କନ୍ଦର୍ପ ସାହୁ ମଧ୍ୟ ମଇଦାନରେ ପଛରେ ନାହାନ୍ତି। ଚଳିତ ବର୍ଷ ଭାଜପା ଅଧିକ ଆକ୍ରମଣାତ୍ମକ ମୁଦ୍ରାରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମ, ପରିବର୍ତ୍ତନର ସ୍ଲୋଗାନ ନେଇ ପ୍ରଚାରକୁ ଓହ୍ଲାଇଛି। ଦୀର୍ଘ ବର୍ଷ ଶାସନ ପରେ ବି ବିଜେଡି ବିଧାୟକ ତାଳଚେର ପାଇଁ କିଛି କରିପାରି ନ ଥିବା ଅଭିଯୋଗ କରି ଭାଜପା ପ୍ରାର୍ଥୀ ଲୋକଙ୍କ ନିକଟତର ହେବାକୁ ପ୍ରୟାସ ଚଳାଇଛନ୍ତି। ବରିଷ୍ଠ ତଥା ଅଭିଜ୍ଞ ନେତା ରବି ପାଣି, ନିରଞ୍ଜନ ପ୍ରଧାନ, ଜିଲା ପରିଷଦ ସଭ୍ୟା ଅନୁପମା ପ୍ରଧାନ, ବିଜୟ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ଆଚାର୍ଯ୍ୟ, ଶ୍ରମିକ ନେତା ଅକ୍ରୂର ସାହୁଙ୍କ ସମେତ ବିଜେଡିର କିଛି ପୁରୁଣା ନେତା ଭାଜପାରେ ଯୋଗଦେବା ଦଳୀୟ ପ୍ରାର୍ଥୀଙ୍କ ମନୋବଳ ବଢାଇଥିବା ଆଲୋଚନା ହେଉଛି।

ସେହିପରି ବିଜେଡି ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ନେଇ ଲୋକଙ୍କ ନିକଟକୁ ଯାଉଥିବା ଦେଖାଯାଇଛି। ବିଜେଡିକୁ ବିଜୟୀ କରି ଜନକଲ୍ୟାଣ ଯୋଜନାର ସଫଳ କାର୍ଯ୍ୟକାରୀ କରିବାକୁ ସେ ଲୋକଙ୍କୁ ନିବେଦନ କରୁଛନ୍ତି। କଂଗ୍ରେସ ପ୍ରାର୍ଥୀ ବିଜେଡି ଓ ଭାଜପା ସରକାର ତାଳଚେର ପ୍ରତି ଉଦାସୀନ ମନୋଭାବ ଦେଖାଉଥିବା ଅଭିଯୋଗ କରି ଉଭୟ ସରକାରଙ୍କୁ କ୍ଷମତାରୁ ହଟାଇବାକୁ ଆହ୍ୱାନ ଦେଉଛନ୍ତି। ଅନ୍ୟପକ୍ଷରେ ତାଳଚେରର ମୁଖ୍ୟ ସମସ୍ୟା ବେକାରି, ପ୍ରଦୂଷଣ, ଶିଳ୍ପ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନରେ ସରକାରୀ ଅବହେଳାକୁ ଆୟୁଧ କରିଛନ୍ତି ସ୍ୱାଧୀନ ପ୍ରାର୍ଥୀ ମନୋଜ। ତାଳଚେରର ଗଳିକନ୍ଦି, ରାଜରାସ୍ତା, ସମେତ ସହର ଠାରୁ ଗାଁ ଯାଏ ସବୁଠି ନେତାଙ୍କ ରଣହୁଙ୍କାର ଶୁଣିବାକୁ ମିଳୁଛି। ଯେନତେନ ପ୍ରକାରେ ଭୋଟରଙ୍କୁ ହାତେଇବାକୁ ସମସ୍ତେ ଉଦ୍ୟମ ଜାରି ରଖିଥିବାବେଳେ ଭୋଟର ବ୍ୟକ୍ତିତ୍ୱ ପରଖିବେ କି ପ୍ରତିଶ୍ରୁତିରେ ଭାସିଯିବେ ତାହା ଦେଖିବାର କଥା।

# ଭାଜପା, ବିଜେଡିର ଜୋରଦାର ପ୍ରଚାର



**ବଇଣ୍ଡା,୧୪।୪(ଡି.ଏନ.ଏ.)**

ଆଠମଲ୍ଲିକ ବିଧାନସଭା ଅଧୀନ କିଶୋରନଗର ବ୍ଲକର ୨୩ଟି ପଞ୍ଚାୟତରେ ବିଜେଡି ଓ ଭାଜପା ପକ୍ଷରୁ ଜୋରଦାର ପ୍ରଚାର କରାଯାଉଛି। କିଶୋରନଗର ବ୍ଲକରେ ଚଳିତ ପଞ୍ଚାୟତ ନିର୍ବାଚନରେ ଭାଜପା ୩ଟି ଜିଲା ପରିଷଦ ସିଟ୍ ଅକ୍ତିଆର କରିଥିବାବେଳେ ୧୭ ଜଣ ଭାଜପା ସମର୍ଥିତ ସରପଞ୍ଚ ବିଜୟୀ ହୋଇଛନ୍ତି। ଏହି ବ୍ଲକରୁ ବିଜୟ ଧାରା ବଜାୟ ରଖି ସର୍ବାଧିକ ଭୋଟ ହାତେଇ କିପରି ଦଳ ବିଜୟୀ ହେବ ସେ ଲକ୍ଷ୍ୟରେ ଭାଜପା ବିଧାୟକ ପ୍ରାର୍ଥୀ ଭାଗୀରଥି ପ୍ରଧାନ ଗାଁ ଗାଁ ବୁଲି ପ୍ରଚାର ଚଳାଇଛନ୍ତି। ରବିବାର ନୁନୁକାପଶି ପଞ୍ଚାୟତର ବଇଣ୍ଡା ଛକ, ଜାମୁନାଳୀ, ସୋଲଣ୍ଡା ଆଦି ଗ୍ରାମରେ ଘର ଘର ବୁଲି ପ୍ରଧାନ ଭାଜପାକୁ ଆଠମଲ୍ଲିକର ସେବା କରିବା ପାଇଁ ଥରେ ସୁଯୋଗ ଦେବା ପାଇଁ କହି ଭୋଟ୍ ମାଗୁଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ବିଜେଡି ଏମ୍‌ପି ପ୍ରାର୍ଥୀ ନଳିନୀ ପ୍ରଧାନ ଓ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ସାଏ ମଧ୍ୟ ପ୍ରଚାରକୁ ଜୋରଦାର କରିଛନ୍ତି। ରବିବାର ହଣ୍ଡପା, କଣ୍ଟେଇକୁଳିଆ, ନୁନୁକାପଶି, ଜାମୁନାଳୀ, ଗାଁ ବଇଣ୍ଡା ଆଦି ପଞ୍ଚାୟତରେ ଉଭୟ ପ୍ରାର୍ଥୀ ଭୋଟ ଭିକ୍ଷା କରିଥିଲେ। ବିଜେଡି ସରକାର ଅମଳରେ ଗ୍ରାମାଞ୍ଚଳରେ ଅନେକ ବିକାଶ ହୋଇଛି। ଆଉ ୫ ବର୍ଷ ସରକାରରେ ରହିଲେ ଅନେକ ବିକାଶ ହେବ ବୋଲି କହି ଉଭୟେ ଭୋଟ୍ ମାଗୁଥିବା ଦେଖିବାକୁ ମିଳିଥିଲା।

# ପ୍ରଚାର ଗାଡ଼ି ଜବତ

**ବଇଣ୍ଡା,୧୪।୪(ଡି.ଏନ.ଏ.)-** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରୁ ଶନିବାର ଫ୍ଲାଇଂ ସ୍କ୍ୱାଡ୍ ଏକ ପ୍ରଚାର ଗାଡ଼ିକୁ ଜବତ କରି ଠାକୁରଗଡ଼ ଥାନାକୁ ହସ୍ତାନ୍ତର କରିଛି। ପୋଲିସ କହିଛି, ଏକ ପିକଅପ (ନଂ.ଓଡ଼ି୧୯ଜେ୪୯୨୦) ଅତ୍ୟଧିକ ସାଉଣ୍ଡରେ ପ୍ରଚାର କରୁଥିବାବେଳେ ଫ୍ଲାଇଂ ସ୍କ୍ୱାଡ୍‌ର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଉଗ୍ରସେନ ନାଏକ ଯାଞ୍ଚ କରି ଗାଡ଼ିକୁ ଜବତ କରିଥିଲେ।

## କଣିହାଁରେ ଭାଜପା କର୍ମୀଙ୍କ ପ୍ରଚାର

**କଣିହାଁ,୧୪।୪(ଡି.ଏନ.ଏ.)**

ନିର୍ବାଚନ ଯେତିକି ପାଖଉଛି ପ୍ରଚାର ସେତିକି ସରଗରମ ହେଉଛି। ଖରାକୁ ଖାତିର ନ କରି ସବୁ ପ୍ରାର୍ଥୀ ଗାଁ ଗାଁକୁ ଯାଇ ପ୍ରଚାର ଚାଳଇଛନ୍ତି। ରବିବାର କଣିହାଁ ବ୍ଲକରେ ଭାଜପା ସମର୍ଥିତ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅଳକା ସାହୁ, ସରପଞ୍ଚ ଲୋକନାଥ ସାହୁ, ସମିତି ସଭ୍ୟ ଦେବେନ୍ଦ୍ର ବାରିକଙ୍କ ସହ କର୍ମୀମାନେ ଘରକୁ ଘର ଯାଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ବଡ଼ଗୁଣ୍ଡୁରୀ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଏମପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ତାଳଚେର ବିଧାୟକ ପ୍ରାର୍ଥୀ କାଳନ୍ଦୀ ସାମଲ ଲୋକଙ୍କୁ ଭୋଟ୍ ଦେବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଥିଲା।

ତୃତୀୟ ଜନ୍ମଦିନ ଶୁଭେଚ୍ଛା

ସାଇ ସୌଭିକ (ଢୁଗୁ)

ତୋର ୩ୟ ଜନ୍ମଦିନରେ ସାଇବାବାଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ ପ୍ରଭୁ ତୋତେ ସୁସ୍ଥ ଓ ଦୀର୍ଘାୟୁ ରଖନ୍ତୁ। ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ, ଚଲାପଥ କୁସୁମିତ ହେଉ ଏତିକି କାମନା ଜଣାଉଛୁ।

ଶୁଭେଚ୍ଛା ସହ

ବାପା- ବିଶିକେଶନ, ମାମା- ସୁଶ୍ରୀ ସଙ୍ଗୀତା, ଜେଜେମା, ଅଜା, ଆଈ, ମାମୁ, ମଉସା, ମାଉସୀ, ଏବଂ ପରିବାରବର୍ଗ।

ଧ-୧୨୧୫୨

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା

ଶୁଭଲକ୍ଷ୍ମୀ ଦାସ(ମୁନ୍)

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଗଣେଶ ଠାକୁରେ ତୋତେ ଭଲ ମଣିଷଟିଏ କରନ୍ତୁ।

ଶୁଭେଚ୍ଛା ସହ

ଜେଜେ ବାପା, ଜେଜେ ମା, ଆଈ, ବଡ଼ ବାପା, ବଡ଼ ବୋଉ, ବାପା, ମାମା, ମାମୁ, ମାଈଁ, ଦାଦା, ଦିଦି, ମଉସା, ମାଉସୀ, ପିଇସା, ପିଉସୀ।

ଧ-୧୨୧୫୧

## ବିଧାୟକ ପ୍ରାର୍ଥୀଙ୍କ ମାତୃ ବିୟୋଗ

**କଣିହାଁ,୧୪।୪(ଡି.ଏନ.ଏ.)**

ପାଲଲହଡ଼ା ଭାଜପା ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତିଙ୍କ ମା' ଦ୍ରୋପଦୀ ମହାନ୍ତି(୭୫)ଙ୍କ ରବିବାର ଅପରାହ୍ନରେ ପରଲୋକ ହୋଇଛି। ତାଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ବହୁ ଜନ ସାଧାରଣଙ୍କ ଭିଡ଼ ଲାଗି ରହିଥିଲା। ଶନିବାର ରାତିରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ତାଳଚେର ସେଣ୍ଟ୍ରାଲ ହସ୍ପିଟାଲ ନିଆଯାଇଥିଲା। ରବିବାର ଅପରାହ୍ନରେ ଭୁବନେଶ୍ୱରକୁ ନିଆଯାଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ମରଶରୀର ଗ୍ରାମକୁ ଅଣାଯିବା ପରେ ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କ ଶେଷଦର୍ଶନ କରିଥିଲେ।

ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା

(ଗୁଡୁ)

ବିନୟ କ୍ରିଷ୍ଣ ତ୍ରିପାଠୀ

ଭୁବନେଶ୍ୱର

ଶୁଭ ଜନ୍ମଦିନରେ ପ୍ରଭୁ ତୁମକୁ ଦୀର୍ଘାୟୁ କରନ୍ତୁ ଏବଂ ତୁମ ଚଲାପଥ ପୁଷ୍ପିତ ହେଉ।

ଶୁଭାଶୀର୍ବାଦ ସହ

ଜେଜେବାପା-ଜେଜେମାମାନେ, ନନା, ବୋଉ, ପିଇସା, ପିଇସିମାନେ, କାକାମାନେ, ଅଜା, ଆଈ, ମାମୁମାନେ, ମାଈଁ, ବନ୍ଧୁ ଓ ପରିବାରବର୍ଗ।

ଧ-୬୫୮୭୯

# ସମର୍ଥକଙ୍କ ସହ ସୁଶାନ୍ତଙ୍କ ପ୍ରଚାର



ସମର୍ଥକ ତଥା ଦଳୀୟ କର୍ମୀଙ୍କ ସହ ସୁଶାନ୍ତ କୁମାର ବେହେରା ପ୍ରଚାର କରୁଛନ୍ତି।

**ଛେଣ୍ଡିପଦା,୧୪।୪(ଡି.ଏନ.ଏ.)**

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ସମର୍ଥକଙ୍କ ଗହଣରେ ରବିବାର ବଅଁରପାଳ ବ୍ଲକ ୨୫ ଓ ୨୬ ନମ୍ବର ଜିଲା ପରିଷଦ ଜୋନରେ ମାରାଥନ ପ୍ରଚାର କରିଛନ୍ତି। କଞ୍ଚୁରା, ସାଆନ୍ତରାପୁର, ଜରଡା, ବଡହିଂସର, ବଡକେରେଜାଙ୍ଗ, ସାନକେରେଜାଙ୍ଗ, ବେଣାଗାଡିଆ, ତୁବେ, କୁମଣ୍ଡ, ଜରାସିଙ୍ଗା, ରାଣୀଗୋଡା, କାଣ୍ଡସର, ତୁରଙ୍ଗ, କୁରୁଡୋଲ ଆଦି ପଞ୍ଚାୟତର ସମସ୍ତ ଗାଁ, ସାହି ବୁଲି ସେ ଭୋଟ ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି। ଏହି ରୋଡ ଶୋ ଏବଂ ପ୍ରଚାର କାର୍ଯ୍ୟକ୍ରମରେ ଅନେକ ଭାଜପା ଏବଂ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ବରିଷ୍ଠ ନେତା ଶେଷଦେବ ସାହୁ, କିଶୋର ଚନ୍ଦ୍ର ରାଉଳ, ଅନିଲ କୁମାର ବେହେରା, ବିଭୂତି ଭୂଷଣ ପ୍ରଧାନ, ବେଣୁଧର ପ୍ରଧାନ, ମାୟାଧର ଦାସ, ସୁରେନ୍ଦ୍ର କୁମାର ସାହୁ, ପରମାନନ୍ଦ ସାହୁ, ବିଷ୍ଣୁ ଚରଣ ପ୍ରଧାନ, ବିଜୁ ତ୍ରିପାଠୀ, ସୁଶାନ୍ତ କୁମାର ପ୍ରଧାନ, ସରୋଜ କୁମାର ସାହୁ, ସିଲୁ ନନ୍ଦ, ସଂଗ୍ରାମ କେଶରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଚାର ଗାଡ଼ି ଧକ୍କାରେ ଯାତ୍ରା ପେଣ୍ଡାଲ ଭାଙ୍ଗିଲା

**ଛେଣ୍ଡିପଦା(ସ୍ୱ.ପ୍ର)/ ମାଧପୁର, ୧୪।୪**

ଛେଣ୍ଡିପଦା ବିଧାନସଭା କ୍ଷେତ୍ର ଟାଙ୍ଗିରି ପଞ୍ଚାୟତ ପୁରୁଣାଗଡ଼ ଗ୍ରାମରେ ରବିବାର ଅପରାହ୍ନରେ ବିଜେଡି ପ୍ରଚାର ଗାଡି (ଓଆର ୧୯ ଜେ ୨୧୧୦) ଧକ୍କାରେ ଏକ ଦଣ୍ଡନାଚ ପେଣ୍ଡାଲ ଭାଙ୍ଗିଯାଇଛି। ମଞ୍ଚ ଉପରୁ ଏକ ବାଉଁଶ ଖସି ପଡ଼ିବାରୁ ଘଟଣାସ୍ଥଳରେ ଉପସ୍ଥିତ ସୁଦାମ ଗଡନାୟକଙ୍କ ସ୍ତ୍ରୀ ମଞ୍ଜୁଲତା (୬୦) ଗୁରୁତର ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଛେଣ୍ଡିପଦା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଆଠମଲ୍ଲିକରୁ ବୌଦ୍ଧ ଅଭିମୁଖେ ନିର୍ବାଚନ କାର୍ଯ୍ୟରେ ଯାଉଥିବା ବୋଲେରୋ (ନଂ.ଓଡି୩୫.୭୮୯୨) ରବିବାର ରାତିରେ ମାଳିପଦର ନିକଟରେ ଓଲଟି ପଡ଼ିଛି। ଡ୍ରାଇଭର ଫେରାର ଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ରଜନୀକାନ୍ତଙ୍କୁ କଂଗ୍ରେସର ପ୍ରଶ୍ନ

# ବିଧାୟକ ଥାଇ ଜିଲା ପାଇଁ କ'ଣ କରିଛ

**ଅନୁଗୋଳ ଅଫିସ, ୧୪।୪**

ନିର୍ବାଚନ ପୂର୍ବରୁ ଅନୁଗୋଳ ବିଧାୟକ ତଥା ଚଳିତ ଥର ମଧ୍ୟ ବିଜେଡିରୁ ପ୍ରାର୍ଥୀ ହୋଇଥିବା ରଜନୀକାନ୍ତ ସିଂଙ୍କୁ ଘେରିବାକୁ ଚେଷ୍ଟା କରିଛି ନଗର କଂଗ୍ରେସ। ରବିବାର ଦଳ ପକ୍ଷରୁ ସ୍ଥାନୀୟ ହୋଟେଲରେ ଏକ ଖବରଦାତା ସମ୍ମିଳନୀ କରି ଜିଲାର ବେକାରି, ପ୍ରଦୂଷଣ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ଦିଗରେ ୩ ଥର ବିଧାୟକ ଥିବା ସିଂ କି ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ପ୍ରଶ୍ନ କରାଯାଇଛି।

ସମ୍ମିଳନୀରେ ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁଦୀପ ମିଶ୍ର ଉପସ୍ଥିତ ରହି ସିଂ ୧୫ ବର୍ଷ ଧରି ବିଧାୟକ ରହିଥିଲେ ମଧ୍ୟ ଜିଲାରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରି ନ ଥିବା ଅଭିଯୋଗ କରିଥିଲେ। ଏଥିସହ ଅନୁଗୋଳର ସ୍ୱାର୍ଥ ପାଇଁ ବିଧାୟକ ବିଧାନସଭା ଆଲୋଚନାରେ କେତେଥର ଭାଗ ନେଇଛନ୍ତି ବୋଲି ସୁଦୀପ ପ୍ରଥମ ପ୍ରଶ୍ନ କରିଥିଲେ। ସେହିପରି ଶିଳ୍ପ ସମୃଦ୍ଧ ଜିଲାରେ କେତେ ବେକାରିଙ୍କୁ ଶିଳ୍ପାନୁଷ୍ଠାନରେ ନିଯୁକ୍ତି ଦିଆଯାଇଛି ବୋଲି ପ୍ରଶ୍ନ ପଚାରିଥିଲେ। ସର୍ବାଧିକ ରାଜସ୍ୱ ଦେଉଥିବା ଜିଲାର ଉନ୍ନତି ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି ବୋଲି ବିଧାୟକ ସିଂଙ୍କୁ ସେ ପ୍ରଶ୍ନ କରିଥିଲେ। ଆଉ କେତେଥର ବିଧାୟକ ହେଲେ ବନ୍ତଳାରେ ଦମକଳ କେନ୍ଦ୍ର, ହିଡିସିଙ୍ଗ ପ୍ରକଳ୍ପ, ଶୀତଳ ଭଣ୍ଡାର କରିପାରିବେ ବୋଲି ମଧ୍ୟ ପଚରା ଯାଇଥିଲା। ତିନି ଥର ବିଧାୟକ ହୋଇଥିବାବେଳେ ବିଧାୟକ ପାଣ୍ଠିରୁ ଉନ୍ନୟନ କାର୍ଯ୍ୟ ପାଇଁ କେତେ ଟଙ୍କା ସେ ଖର୍ଚ୍ଚ କରିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ପଚରାଯାଇଥିଲା। ପୂର୍ବରୁ ମଧ୍ୟ ବିଧାୟକ ସିଂଙ୍କୁ ୬ଟି ପ୍ରଶ୍ନ ପଚରାଯାଇଥିଲେ ବି ସେ କୌଣସି ଜବାବ ଦେଇ ନ ଥିବା ବେଳେ ଏବେ ଲୋକଙ୍କୁ ଭୋଟ ମାଗୁଥିବା କଂଗ୍ରେସ କହିଛି।





ସମ୍ମିଳନୀରେ ଜିଲା ଓବିସି ସେଲ ସଭାପତି ଜିତେନ୍ଦ୍ର ସାହୁ କଂଗ୍ରେସକୁ ଭୋଟ ଦେଇ ବିଜୟୀ କଲେ ଜିଲାବାସୀଙ୍କ ଦୁଃଖ ଦୂର ହୋଇପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ରାସ୍ତା, ସ୍ୱାସ୍ଥ୍ୟ, ସମସ୍ୟା ସମାଧାନ, ପରିମଳ ବ୍ୟବସ୍ଥାରେ ସୁଧାର, ଅନୁଗୋଳ କଲେଜକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରାଯିବ ବୋଲି ସାହୁ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ବିଧାୟକ ସିଂଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ନ ଲାଗିବାରୁ ମତାମତ ମିଳିପାରିନାହିଁ।

# ଆଜି ଅନୁଗୋଳ ଆସୁଛନ୍ତି ଯୋଗୀ

**ଅନୁଗୋଳ ଅଫିସ, ୧୪।୪**

ଭାଜପା ପାଇଁ ପ୍ରଚାର କରିବାକୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋମବାର ଅନୁଗୋଳ ଆସୁଛନ୍ତି। ଯୋଗୀଙ୍କ ଗସ୍ତକୁ ନେଇ ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣିଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଉତ୍ସାହିତ ଅଛନ୍ତି। ଅନୁଗୋଳ ଷ୍ଟାଡ଼ିୟମଠାରେ ହେଲିପ୍ୟାଡ଼ର ବ୍ୟବସ୍ଥା କରାଯାଇଛି। ଅପରାହ୍ନ ୧ଟାରେ ଯୋଗୀ ବିଜୁ ମଇଦାନରେ ଅନୁଷ୍ଠିତ ହେବାକୁ ଥିବା ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବେ। ସୁରକ୍ଷା ପାଇଁ ଅନୁଗୋଳ ପୋଲିସକୁ ନେଇ ଉଚ୍ଚପଦସ୍ଥ ଅଧିକାରୀମାନେ ଷ୍ଟାଡ଼ିୟମଠାରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲେ। ଯୋଗୀ ହେଲିପ୍ୟାଡ଼ରୁ ଷ୍ଟାଡ଼ିୟମକୁ ଯିବା ଏବଂ ଫେରିବା ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଛି। ୧୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଡିଏସ୍‌ପି ପାହ୍ୟାର ୫ ଜଣ, ୧୦ ଜଣ ଆଇଆଇସି ଏବଂ ୫୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଏଥିସହ ଏନ୍‌ଏସ୍‌ଜି ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଛି। ଯାତାୟାତ ପାଇଁ ୱାନ ୱେ ଟ୍ରାଫିକ୍ କରାଯାଇଛି। ସକାଳ ୧୦ଟାରୁ ରାଜ ହୋଟେଲ ଛକରୁ ସହର ଭିତର ଦେଇ ଯାଇଥିବା ରାସ୍ତା ବନ୍ଦ କରାଯିବ। ଉକ୍ତ ଛକରୁ ହେମସୁରପଡା ଛକ ଦେଇ ହୁଲୁରୁସିଂହାରେ ଗାଡ଼ି ବାହାରିବ। ବିଇଡି କଲେଜ ପାଖରୁ ବ୍ଲକିଂ କରାଯିବ। ବିଇଡି କଲୋନୀଠାରୁ ହାଟ ପଡିଆ ପର୍ଯ୍ୟନ୍ତ ପାର୍କିଂ କରାଯିବ।





**ପୂର୍ବ ତଟ ରେଳପଥ**

**ରେଲ୍‌ୱେ ରିକ୍ରୁଟମେଣ୍ଟ ସେଲ୍**

ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ମହଲା, ସାଉଥ୍ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017

**ସାଙ୍କେତିକ ସୂଚନା**

ଗୁଡ୍‌ସ ଗାର୍ଡ୍, କମର୍ସିଆଲ୍ କମ୍ ଟିକଟ କ୍ଲର୍କ, ଜୁନିଅର କ୍ଲର୍କ କମ୍ ଟାଇପିଷ୍ଟ, ଟେକ୍ନିସିଆନ୍-III, କନିଷ୍ଠ ଯନ୍ତ୍ରୀ/ଟ୍ରାକ୍ ମେସିନ୍, କନିଷ୍ଠ ଯନ୍ତ୍ରୀ (ସିଭିଲ୍ ଇଞ୍ଜିନିୟରିଂ, ମେକାନିକାଲ, ଇଲେକ୍ଟ୍ରିକାଲ୍, ସଙ୍କେତ ଓ ଦୂରସଞ୍ଚାର ନିମନ୍ତେ) ରେ 310 ସଂଖ୍ୟକ ପଦବୀ ପୂରଣ କରିବା ନିମନ୍ତେ ସାଧାରଣ ବିଭାଗୀୟ ପ୍ରତିଯୋଗିତାମୂଳକ ପରୀକ୍ଷା **(GDCE)** ବିଜ୍ଞପ୍ତି ତା **15.04.2019** ରିଖରେ ଜାରି କରାଯାଇଛି । ଏହି ବିଜ୍ଞପ୍ତି ରେଲ୍‌ୱେ ରିକ୍ରୁଟମେଣ୍ଟ ସେଲ୍ (RRC) ୱେବ୍‌ସାଇଟ : **rrcbbs.org.in** ରେ ପ୍ରସାର ଏବଂ ଅପଲୋଡ କରିଦିଆଯାଇଛି। ପୂର୍ବ ତଟ ରେଳପଥ ପ୍ରଶାସନ ଅଧୀନରେ ନିୟମିତ ଭିତ୍ତିରେ ସେବାରତ ରେଳ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ବିସ୍ତୃତ ବିବରଣୀ ତଥା ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କର ଆବେଦନ ପତ୍ର ଦାଖଲ କରିବା ନିମନ୍ତେ ରେଲ୍‌ୱେ ରିକ୍ରୁଟମେଣ୍ଟ ସେଲ୍ (RRC) ୱେବ୍‌ସାଇଟ : **rrcbbs.org.in** କୁ ଅବଲୋକନ କରନ୍ତୁ।

ଆବେଦନର ଅନ୍‌ଲାଇନ୍ ପଞ୍ଜିକରଣ ତା **15.04.2019**ରିଖ ଠାରୁ ଆରମ୍ଭ ହେବ

ଅନ୍‌ଲାଇନ୍ ଆବେଦନ ଦାଖଲ କରିବାର ଅନ୍ତିମ ତାରିଖ : ତା **14.05.2019** ରିଖ

PR-27/K/19-20 ଅଧ୍ୟକ୍ଷ, ରେଲ୍‌ୱେ ରିକ୍ରୁଟ୍‌ମେଣ୍ଟ ସେଲ୍, ଭୁବନେଶ୍ୱର

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
FORM NO.ITCP- 1

**NOTICE OF DEMAND TO THE CERTIFICATE DEBTORS**

(See Rule 2 of the Second Schedule as referred to in section 29 of the Recovery of Debts due to Banks & Financial Institutions Act,1993 )

**R. P. No.066/2018/CTC**
(Arising out of OA No. 236 of 2015) **Next Date: 02.05.2019**

**Bank of India, Jeypore Branch,** Main Road, At/PO: Jeypore, Dist- Koraput, PIN- 764001 . **Certificate Holder Bank**

Vs.

**M/s Sai Prasad Enterprises & another** **Certificate Debtors**

To
1. **M/s Sai Prasad Enterprises,** Main Road, At/PO: Jeypore, Dist- Koraput, PIN- 764001 . **(Represented through its proprietor, Shri Pradeep Kumar Biswal)**
2. **Sri Pradeep Kumar Biswal,** S/o-Sri Parshuram Biswal, Prasad Rao Peta, Jeypore, Dist- Koraput, PIN- 764001 .

Take notice that Certificate arising out of **OA No.236 of 2015** issued by the Hon'ble Presiding Officer, Debts Recovery Tribunal, Cuttack under Section 19(22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.15,32,213.00 (Rupees Fifteen Lac Thirty Two Thousand Two Hundred Thirteen Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. | Decretal Dues | | : Rs.15,32,213.00 |
| 2. | Cost allowed | (+) | : Rs. 18,000.00 |
| 3. | Interest @ 12.95% p.a with quarterly rests from 05.05.2015 to 31.08.2018 | | : Rs. 6,44,870.00 |
| | **Total** | | **: Rs.21,95,083.00** |

**(Rupees Twenty One Lac Ninety Five Thousand Eighty Three only )** with of interest @ 12.95% p.a with quarterly rests on the amount due from 01.09.2018 till realization of the entire Dues.

2. You are hereby directed to pay the above stated sum within 15 (Fifteen) days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.

3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.

4. You are hereby directed to appear in person or through legal representative before the undersigned on **02.05.2019** and report the details of payment made by you.

Given under my hand & seal at Cuttack on this 4th day of April,2019 .

**Sd/-**
**(R P Patnaik)**
**Recovery Officer**

## ସଂକ୍ଷେପରେ

### ନବଜାତ ଶିଶୁକନ୍ୟାକୁ ଡାକ୍ତରଖାନାରେ ଛାଡ଼ି ଚାଲିଗଲା ମା'

ପାରଳାଖେମୁଣ୍ଡି, ୧୪।୪ (ସ୍ୱ.ପ୍ର.) ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଗୁଣପୁର ଅଞ୍ଚଳର ଜଣେ ମହିଳା ଏକ ଶିଶୁକନ୍ୟାକୁ ଜନ୍ମ ଦେଇ ଛାଡି ଚାଲି ଯାଇଛନ୍ତି। ଶିଶୁ କନ୍ୟାଟି ସମୟ ପୂର୍ବରୁ ଜନ୍ମ ହୋଇଥିବାରୁ ତା'ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ପାରଳାଖେମୁଣ୍ଡି ଚାଇଲ୍ଡଲାଇନକୁ ସୂଚନା ଦେଇଛନ୍ତି। ତେବେ ଉକ୍ତ ଶିଶୁ କନ୍ୟାଟିର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିଲେ ତାଙ୍କୁ ଜିଲା ଶିଶୁ ସୁରକ୍ଷା ୟୁନିଟ ବ୍ରହ୍ମପୁର ସ୍ଥାନାନ୍ତର କରିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ଅଧକ୍ଷ ବିନୋଦ ଚନ୍ଦ୍ର ଜେନା କହିଛନ୍ତି।

### ନିର୍ବାଚନ ପରବର୍ତ୍ତୀ ହିଂସା, ୪ ଗିରଫ

କାଶୀନଗର, ୧୪।୪(ଡି.ଏନ୍.ଏ.) କାଶୀନଗରରେ ନିର୍ବାଚନି ପରବର୍ତ୍ତୀ ହିଂସା ଦେଖାଦେଇଛି। ଶନିବାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବାପରେ ଥାନାରେ ପୃଥକ ଏତଲା ଦିଆଯାଇଛି। ପୋଲିସ ଉଭୟ ପକ୍ଷରୁ ୨ ଜଣ ଲେଖାଏଁ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେ.ରାଜେଶ, କେ.କାନ୍ନେୟା, କେ.ଗୋପୀ ଓ କେ.ଆପାଲ ନାଇଡୁ। ପ୍ରକାଶ ଯେ, ୧୧ ତାରିଖ ଭୋଟ ଗ୍ରହଣ ଦିନ କୌଣସି କାରଣରୁ ବୁଥ୍ ନଂ-୨୫ ନିକଟରେ ଭାଜପା ସମର୍ଥକ ଓ ସ୍ୱାଧୀନ ପ୍ରାର୍ଥୀ ସମର୍ଥକଙ୍କ ମଧରେ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ସେମାନଙ୍କୁ ଆୟତ୍ତ କରିଥିଲା। କିନ୍ତୁ ଶନିବାର ଅପରାହ୍ନରେ ପୁଣି ଉଭୟ ଗୋଷ୍ଠୀଙ୍କ ମଧରେ ବଚସା ଠେଲାପେଲା ସହ ପରସ୍ପରକୁ ଆକ୍ରମଣ କରିଥିଲେ। ଏ ନେଇ ଉଭୟ ଗୋଷ୍ଠୀ ରବିବାର ଥାନାରେ ପୃଥକ ଏତଲା ଦେଇଛନ୍ତି। କେଶ୍ ନଂ-୪୫ ଓ ୪୬ରେ ମାମଲା ରୁଜୁ କରାଯାଇଛି। କାଶୀନଗର ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍ସପେକ୍ଟର ଟି. ରଙ୍ଗାବାବୁ ଏହାର ତଦନ୍ତ କରୁଛନ୍ତି।

### କେନ୍ଦୁକାଠ ବୋଝେଇ ଟ୍ରକ୍ ଜବତ

ପଦ୍ମପୁର, ୧୪।୪ (ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ଲଖମରା କଲେଜ ଛକ ସ୍ଥିତ ବନ ତନଖି ଫାଟକରେ କେନ୍ଦୁଗଣ୍ଡି ବୋଝେଇ ଟ୍ରକ୍‌କୁ ଜବତ କରାଯାଇଛି। ଉକ୍ତ ଟ୍ରକ (ନଂ.ସିଜି୧୭ଏଚ/୦୪୬୩)ରେ ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ଅଞ୍ଚଳରୁ ପ୍ରାୟ ୧୦୦ରୁ ଉର୍ଦ୍ଧ ଶୁଖିଲା କେନ୍ଦୁଗଣ୍ଡି ବୋଝେଇ କରି ଛତିଶଗଡର ରାୟପୁରକୁ ଯାଉଥିଲା। ପଦ୍ମପୁର ରେଞ୍ଜର ପ୍ରମୋଦ ସାହୁ, ଫରେଷ୍ଟର ସୁଶାନ୍ତ ଦାସ ଓ ଷ୍ଟାଫ ଜବତ ଟ୍ରକ୍‌କୁ ସତୀଭଟା ସିଜର ୟାର୍ଡକୁ ନେଇଥିବା ଜଣାପଡିଛି।

■ ନିର୍ବାଚନ କାର୍ଯ୍ୟରେ ଅନୁପସ୍ଥିତି ମହଙ୍ଗା ପଡ଼ିଲା

# ୪୪ କର୍ମଚାରୀଙ୍କ ନାଁରେ ୱାରେଣ୍ଟ ଜାରି

**ଜିଲାପାଳଙ୍କ ନିକଟରେ ହାଜର କରାଇବାକୁ ନିର୍ଦ୍ଦେଶ**

ଛତ୍ରପୁର,୧୪।୪(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟରେ ହୋଇଥିବା ନିର୍ବାଚନ କାର୍ଯ୍ୟରେ ଅନୁପସ୍ଥିତ ରହିଥିବା ୪୪ ସରକାରୀ କର୍ମଚାରୀଙ୍କ ନାଁରେ ୱାରେଣ୍ଟ ଜାରି କରାଯାଇଛି। ସେମାନଙ୍କୁ ବ୍ୟକ୍ତିଗତ ଭାବେ ଆଣି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିଜୟ ଅମୃତା କୁଲାଙ୍ଗେଙ୍କ ନିକଟରେ ହାଜର କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ରବିବାର ସନ୍ଧ୍ୟାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଗତ ୧୧ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗଞ୍ଜାମ ଜିଲାର ବ୍ରହ୍ମପୁର ଲୋକ ସଭା ଆସନ ଏବଂ ଏହା ଅଧୀନରେ ଥିବା ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟି ବିଧାନସଭା ଆସନ ପାଇଁ ମତଦାନ ହୋଇଥିଲା। ଜନପ୍ରତିନିଧି ଆଇନ ଅନୁଯାୟୀ ନିର୍ବାଚନ କାର୍ଯ୍ୟ ବାଧ୍ୟତାମୂଳକ। ନିର୍ବାଚନ କାର୍ଯ୍ୟ ତୁଲାଇବା ପାଇଁ ଦାୟିତ୍ୱ ପାଇଥିବା ସରକାରୀ କର୍ମଚାରୀମାନେ କୌଣସି ପରିସ୍ଥିତିରେ ବି ଅବହେଳା ନ କରିବାକୁ ନିର୍ଦ୍ଦେଶ ଥିଲା। ନିର୍ଦ୍ଦେଶ ସତ୍ତ୍ୱେ ଜିଲାର ୪୪ ସରକାରୀ କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ଅନୁପସ୍ଥିତ ରହିଥିଲେ। ଛତ୍ରପୁର ନିର୍ବାଚନମଣ୍ଡଳୀରେ ୧୧, ଗୋପାଳପୁର ନିର୍ବାଚନମଣ୍ଡଳୀରେ ୬, ଦିଗପହଣ୍ଡି ନିର୍ବାଚନମଣ୍ଡଳୀରେ ୧୫, ଚିକିଟି ନିର୍ବାଚନମଣ୍ଡଳୀରେ ୫ ଏବଂ ବ୍ରହ୍ମପୁର ନିର୍ବାଚନମଣ୍ଡଳୀରେ ୭ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ କାର୍ଯ୍ୟରେ ଅନୁପସ୍ଥିତ ଥିଲେ। ତେଣୁ ସେମାନଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି। ଅନୁପସ୍ଥିତ ଥିବା ଏହି କର୍ମଚାରୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଶାସନିକ ଆଦେଶ ପ୍ରଦାନ କରାଯାଇଛି। ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ୧୮ରେ ଅନୁଷ୍ଠିତ ହେବ। ନିର୍ବାଚନ କାର୍ଯ୍ୟ ସହିତ ସମ୍ପୃକ୍ତ କୌଣସି କର୍ମଚାରୀ ଅନୁପସ୍ଥିତ ନ ରହିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ଶୁଖିଲେ କି କରଇ ନାଆ,**
**ଥନ ଶୁଖିଲେ କି କରଇ ମା'।**

ନଈ ଶୁଖିଗଲେ ଡଙ୍ଗା ବା ନାହା ଯାଇପାରି ନ ଥାଏ। ନଈରେ ପାଣି ଆସିବା ଯାଏ ଗୋଟିଏ ଜାଗାରେ ପଡ଼ିରହିଥାଏ। ସେହିପରି ଥନରୁ କ୍ଷୀର ଶୁଖିଗଲେ ମାଆ ତା'ର ସନ୍ତାନକୁ କ୍ଷୀର ଦେଇପାରି ନ ଥାଏ। ପରୋକ୍ଷରେ ପ୍ରତିକୂଳ ପରିସ୍ଥିତି ଆଗରେ ମଣିଷ ହାର ମାନିଥାଏ। କଳକୌଶଳ ଖଞ୍ଜିବାର ସବୁବାଟ ବନ୍ଦ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାହିଁ କୁ ଉପାୟ ନାହିଁ,**
**ମଲାକୁ ଔଷଧ ନାହିଁ।**

ଯିଏ ସବୁବେଳେ ସବୁ କଥାରେ ନାହିଁ ନାହିଁ କରେ ସେଭଳି ବ୍ୟକ୍ତିକୁ ମନେଇ ତା'ଦ୍ୱାରା କାର୍ଯ୍ୟ କରାଇବା କାଠିକର ପାଠ ହୋଇଯାଇଥାଏ। କାରଣ ବିନା ଇଚ୍ଛାଶକ୍ତିରେ କୌଣସି କାର୍ଯ୍ୟ ସଫଳ ହୋଇପାରି ନ ଥାଏ। ଏପରି ବ୍ୟକ୍ତିଙ୍କ ଉପରେ କରାଯାଉଥିବା ସକଳ ପ୍ରଚେଷ୍ଟା ବ୍ୟର୍ଥ ପ୍ରମାଣିତ ହୋଇଥାଏ। ସେହିପରି ଯେତେ ଚେଷ୍ଟା କଲେ ମଧ୍ୟ ମଲା ଲୋକକୁ ବଞ୍ଚାଇ ପାରିବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ବରଗଡ଼ରେ ଗଣବିବାହ

# ଫୁଲମାଳରେ ବାଛିଲେ ଜୀବନସାଥୀ

ବରଗଡ଼ ଅଫିସ୍,୧୪।୪

ବିବାହରେ ନ ଥିଲା ଯାନି ଯୌତୁକ। ଫୁଲମାଳ ବିନିମୟରେ ବରକନ୍ୟା ବିବାହ ବନ୍ଧନରେ ଆବଦ୍ଧ ହୋଇ ପରସ୍ପରକୁ ଜୀବନସାଥୀ ଭାବେ ବାଛି ନେଇଥିଲେ। ବରଗଡ଼ ଗାନ୍ଧୀଛକ କଲ୍ୟାଣ ମଣ୍ଡପରେ ରବିବାର ଏଭଳି ଏକ ଗଣବିବାହ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଡକର ଜୟନ୍ତୀ ଅବସରରେ ସ୍ଥାନୀୟ ବାବା ସାହେବ ଡକ୍ଟର ବି. ଆର ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୩ଯୋଡ଼ି ବରକନ୍ୟାଙ୍କ ବିବାହ ସମ୍ପନ୍ନ ହୋଇଥିଲା।

କାର୍ଯ୍ୟକ୍ରମ ଆରମ୍ଭରୁ ଡଃ ଆମ୍ବେଡକରଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ବରକନ୍ୟା ପୃଥକ୍ ରିକ୍ସାରେ ବସି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ବାଜୁଥିବା ଦୁଲଦୁଲି ବାଜାରେ ସହର କମ୍ପି ଉଠିଥିଲା। ସହର ପରିକ୍ରମା ପରେ ବରକନ୍ୟା ପୁଣି କଲ୍ୟାଣ ମଣ୍ଡକୁ ଫେରିଥିଲେ ଏବଂ ସେଠାରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଖୁଣ୍ଟପାଲିର ଦିଲୀପ ସୁନା ଏବଂ କଳାହାଣ୍ଡିର ଲିଙ୍ଗରାଜ ଆଜାଦ ସସ୍ତ୍ରୀକ ବର ଓ କନ୍ୟା ପିତାମାତା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ବାଳକୃଷ୍ଣ ନାଗ ମୁଖ୍ୟଅତିଥି, ଜୟଶ୍ରୀ ସାହୁ ମୁଖ୍ୟବକ୍ତା ଏବଂ ମନୋରଞ୍ଜନ ସାହୁ, ଚାଷୀନେତା ଲିଙ୍ଗରାଜ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ଉର୍ଦ୍ଦୁଲୁ ତାଣ୍ଡି ସଭାପତିତ୍ୱ କରିଥିଲେ। ଗଣବିବାହର ସଂସ୍ଥାପକ ପବିତ୍ର ଦେହେରୀଙ୍କ ସମେତ ଟ୍ରଷ୍ଟର ଚେୟାରମ୍ୟାନ ଗୁଣମଣି ସୁନାନୀଙ୍କ ସ୍ତ୍ରୀ ସନ୍ତୋଷିନୀ, ପରମେଶ୍ୱର ଲୁହା, ବିନୋଦ ବାବା, ଜେଠୁ ଭୋଇ, ଗଙ୍ଗାଧର ବିଭାର ପ୍ରମୁଖ ଉପସ୍ଥିତ ଥିଲେ। ମାରିୟମ ବାର୍ଲା, ଭବାନୀ ସାହୁ, ରମେଶ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଗଣବିବାହରେ ବରକନ୍ୟାଙ୍କ ଶୋଭାଯାତ୍ରା।

# ଲକ୍ଷ୍ମୀପୋଷିରେ ପଶିଲା ଦନ୍ତା



**ବାରିପଦା ଅଫିସ,୧୪।୪:** ବାରିପଦା ସହର ଉପକଣ୍ଠ ଲକ୍ଷ୍ମୀପୋଷି ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଏକ ଦନ୍ତା ହାତୀ ପଶିଛି। ବନ ବିଭାଗ ଖବର ପାଇ ହାତୀର ଗତିବିଧିକୁ ଲକ୍ଷ ରଖିଛି ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲିକ କହିଛନ୍ତି। ସେହିପରି ଏହି ହାତୀ ଅସୁସ୍ଥ ଥିବା ଜଣାପଡିବାରୁ ଏକ ମେଡିକାଲ ଟିମ ଏହା ଉପରେ ନଜର ରଖିଥିବା ମଧ ସେ କହିଛନ୍ତି। ହାତୀ ଜନବସତି ଅଞ୍ଚଳରେ ପଶିଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। କେତେକ ସ୍ଥାନୀୟ ଲୋକଙ୍କ କହିବା ମୁତାବକ କିଛି ଦିନ ହେବ ୩ଟି ହାତୀ ଏହି ଅଞ୍ଚଳରେ ଚଳପ୍ରଚଳ କରୁଛନ୍ତି। ଏଣୁ ଲକ୍ଷ୍ମୀପୋଷି ଓ ତକତପୁର ଅଞ୍ଚଳରେ ଲୋକେ ଭୟଭୀତ ହୋଇ ରହିଛନ୍ତି। ଲୋକେ ଭୟଭୀତ ନ ହେବାକୁ ବନଖଣ୍ଡ ଅଧିକାରୀ ସ୍ୱୟମ ପ୍ରକାଶ କରିଛନ୍ତି। ତେବେ ଏହି ହାତୀ ଶିମିଳିପାଳ ଅଭୟାରଣ୍ୟର କିମ୍ବା ଝାଡ଼ଖଣ୍ଡ ଅଞ୍ଚଳର ତାହା ଜଣାପଡି ନାହିଁ।

### ଶ୍ୱଶୁର ଘରେ ଆତଙ୍କ ଖେଳାଇ ଜେଲ୍ ଗଲେ ଜ୍ୱାଇଁ

ଭୁବନେଶ୍ୱର,୧୪।୪ (ବ୍ୟୁରୋ)- ଶହୀଦନଗରସ୍ଥିତ ଶ୍ୱଶୁର ଘରେ ସ୍ତ୍ରୀ ଓ ପରିବାର ସଦସ୍ୟଙ୍କୁ ମାଡ଼ ମାରିବା ସହ ଆତଙ୍କ ଖେଳାଇଥିବା ଜ୍ୱାଇଁଙ୍କୁ ଶେଷରେ ଜେଲ୍ ଯିବାକୁ ପଡିଛି। ସେ ହେଲେ କେନ୍ଦ୍ରାପଡା ଜିଲା ରାଜକନିକା ଥାନା ଅନ୍ତର୍ଗତ ବଂଶୁରିଆ ଗ୍ରାମର ଶିବ ପ୍ରସାଦ ବେହେରା(୨୯)। ପୋଲିସ ସୂଚନା ମୁତାବକ, ୟୁନିଟ-୯ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ଅଭିଯୁକ୍ତ ଶିବଙ୍କ ଶ୍ୱଶୁର ଘର ଲୋକ ରୁହନ୍ତି। ଶନିବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକଙ୍କ ସହ ତାଙ୍କର ବଚସା ଆରମ୍ଭ ହୋଇଥିଲା। ଶିବ ଉତ୍‌କ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ଘରର ବିଭିନ୍ନ ସାମଗ୍ରୀ ଫିଙ୍ଗା ଫୋପଡ଼ା କରିବା ସହ ଆସବାପତ୍ର ଭାଙ୍ଗିବା ଆରମ୍ଭ କରିଥିଲେ। ଏହାକୁ ଶ୍ୱଶୁର ବିରୋଧ କରିବାରୁ ସ୍ତ୍ରୀଙ୍କ ସମେତ ପରିବାର ଲୋକଙ୍କୁ ଗୋଡାଇ ମାଡ ମାରି ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୁକ୍ତ ଶିବଙ୍କ ସଢୁ ଶିବଶକ୍ତି ପ୍ରସାଦ ସିଂ ସାମନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୭୬/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

■ ଭାଜପାର ସାଇକେଲ୍ ଯାତ୍ରା ଆରମ୍ଭ

# ରାଜଧାନୀର ପ୍ରତି ଘରେ ଦଳର ସଂକଳ୍ପ ପତ୍ର ପହଞ୍ଚାଇବେ କର୍ମୀ

ଭୁବନେଶ୍ୱର,୧୪।୪(ବ୍ୟୁରୋ)

ଫିର୍ ଏକ୍ ବାର୍ ମୋଦି ସରକାର ଏହି ବାର୍ତ୍ତା ନେଇ ରାଜଧାନୀର ପ୍ରତ୍ୟେକ ଘରକୁ ଭାଜପାର କେତେଜଣ କର୍ମୀ ଯିବେ। ଓଡିଶାରେ ରାଜ୍ୟ ସରକାର ବଦଳିବା ଦରକାର ଏହି ବାର୍ତ୍ତା ନେଇ ଭାଜପା ଜାରି କରିଥିବା ସଂକଳ୍ପ ପତ୍ରକୁ ଦଳର ୩୦ଜଣ ଯୁବକ ରାଜଧାନୀର ସମସ୍ତ ଗଳି, ବସ୍ତି ଏବଂ ବିଭିନ୍ନ ସ୍ଥାନକୁ ସାଇକେଲରେ ବୁଲିବେ। ଏହି ବାର୍ତ୍ତାଗୁଡିକୁ ନେଇ ରାଜଧାନୀର ଭୋଟରମାନଙ୍କ ପାଖରେ ପହଞ୍ଚାଇବେ ଏବଂ ଅଡିଓ ରେକର୍ଡିଂକୁ ଘରେ ଘରେ ଶୁଣାଇବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ଦିନରେ ସୁନାର ଭାରତ ଏବଂ ଶକ୍ତିଶାଳୀ ଭାରତ ଗଠନ କରିବାରେ ଏହି ଯୁବ ବନ୍ଧୁମାନେ ସାହାଯ୍ୟ କରିବେ ବୋଲି ରବିବାର ସାଇକେଲ ଶୋଭାଯାତ୍ରା ଉଦ୍‌ଘାଟନ ଅବସରରେ ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ସମସ୍ତ ସାଇକେଲ ଚାଳକଙ୍କୁ ଦଳୀୟ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହ ଯୁବପିଢ଼ିମାନେ ମୋଦିଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ବୁଲି ବୁଲି ଲୋକମାନଙ୍କୁ ସଚେତନ କରାଇବେ ବୋଲି ସମୀର କହିଛନ୍ତି।

### ନର୍ଲା ନବୋଦୟ ସ୍କୁଲରେ ଛାତ୍ରୀଙ୍କ ଗର୍ଭପାତ ଘଟଣା

# ମ୍ୟାଟ୍ରନ, ନର୍ସ ବହିଷ୍କୃତ

ଭବାନୀପାଟଣା,୧୪।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲାସ୍ଥିତ ନବୋଦୟ ସ୍କୁଲର ଜଣେ ଛାତ୍ରୀଙ୍କ ଗର୍ଭପାତ ଘଟଣାରେ ଦୁଇ ଜଣ ନିରୀହା ବଳି ପଡିଥିବା ଜଣାପଡିଛି। କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଜବାହର ନବୋଦୟ ବିଦ୍ୟାଳୟରେ ଚେୟାର ପର୍ସନ ଜିଲାପାଳଙ୍କ ହସ୍ତକ୍ଷେପ ଓ ନିର୍ଦ୍ଦେଶକ୍ରମେ ଜିଲାସ୍ତରୀୟ ଏକ ତଦନ୍ତକାରୀ ଦଳ ନବୋଦୟ ସ୍କୁଲକୁ ଆସି ତଦନ୍ତ ଆରମ୍ଭ କରିଥିଲେ। ଜିଲା ତଦନ୍ତକାରୀ ଟିମର ରିପୋର୍ଟ ଅନୁଯାୟୀ ଅସ୍ଥାୟୀ ବାର୍ଷିକ ଚୁକ୍ତି ଭିତ୍ତିକ ମ୍ୟାଟ୍ରନ ଭାବେ ଦୀର୍ଘ ୮ ବର୍ଷ ଧରି କାମ କରି ଆସୁଥିବା ବିଧବା ମହିଳା ରଞ୍ଜିତା ପଣ୍ଡା ଓ ଅସ୍ଥାୟୀ ନର୍ସ ଭାବେ ବାର୍ଷିକ ଚୁକ୍ତିଭିତ୍ତିକ ଚାକିରି କରୁଥିବା ଦୀପାନ୍ତି ଦୀପଙ୍କୁ ଏହି ଘଟଣାରେ ଚାକିରିରୁ ବହିଷ୍କାର କରାଯାଇଛି। ଏହି ଦୁଇ ମହିଳାଙ୍କ ଉକ୍ତ ଘଟଣା ସହିତ କୌଣସି ସମ୍ପର୍କ ରହି ନ ଥିବା ବେଳେ ତଦନ୍ତକାରୀ ଦଳ କେଉଁ ଆଧାରରେ ଏ ମାନଙ୍କୁ ଦୋଷୀ ସାବ୍ୟସ୍ତ କରି ବହିଷ୍କାର କଲେ ତାହାକୁ ନେଇ ଉକ୍ତ ଅଞ୍ଚଳରେ ପ୍ରଶ୍ନବାଚୀ ହୋଇଛି। ବିହାରରୁ ଆସି ନର୍ଲାସ୍ଥିତ ନବୋଦୟ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀ ଗତ ଜାନୁୟାରୀ ପ୍ରଥମ ସପ୍ତାହରେ ବଳାତ୍କାର ଶିକାର ହୋଇଥିବା ଘଟଣାର ପର୍ଦ୍ଦାଫାଶ ହେବା ପରେ ନବୋଦୟ ସ୍କୁଲର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ସମ୍ପୃକ୍ତ ଛାତ୍ରୀ ବଳାତ୍କାର ଶିକାର ହୋଇ ଅନ୍ତଃସତ୍ତ୍ୱା ହୋଇଥିବା ଜାଣିପାରି ସ୍କୁଲ କର୍ତ୍ତୃପକ୍ଷ ଗତ ଜାନୁୟାରୀ ୧୪ରେ ନର୍ଲା ଡାକ୍ତରଖାନାକୁ ଆଣିଥିଲେ। ରକ୍ତସ୍ରାବ ବନ୍ଦ ନ ହେବାରୁ ଭବାନୀପାଟଣା ପରେ ଛାତ୍ରୀ ଜଣଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବୁର୍ଲା ଡାକ୍ତରଖାନାରେ ଠିକ ନ ହେବାରୁ ପରେ ସମ୍ପୃକ୍ତା ପୀଡିତାଙ୍କୁ କଟକ ରେଫେର କରାଯାଇଥିଲା। ହେଲେ ପୋଲିସ ପୀଡିତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର ନ କରି ତାଙ୍କ ଘର ବିହାରକୁ ପଠାଇ ଦେଇଥିଲେ। ବିହାରରୁ ମାଇଗ୍ରେସନରେ ପାଠ ପଢିବା ପାଇଁ ନର୍ଲା ଆସିଥିବା ଏହି ଛାତ୍ରୀଙ୍କ ୩ ମାସର ଗର୍ଭ ନଷ୍ଟ ପାଇଁ ଉଦ୍ୟମ କରାଯାଇଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ହେଲେ ସମସ୍ୟା ସଙ୍ଗୀନ ହେବାରୁ ବାଧ ହୋଇ ନର୍ଲା ନବୋଦୟ କର୍ତ୍ତୃପକ୍ଷ ଡାକ୍ତରଖାନାକୁ ଆଣିଥିଲେ। ଏହି ଘଟଣା ନେଇ ନର୍ଲା ଥାନାରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ତରଫରୁ ଏକ ଏତଲା ମଧ ଦାଏର କରାଯାଇଥିଲା।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

!!ରଣ ରଣ ରଣ!! ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ରଣ ୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ରଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ରଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free 9115871031
Add.: T-51, Gali No. 8, Gautampuri, Delhi

FINANCE
ACB ରଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ରଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
9058692160
7467886694

ରଣ ରଣ ରଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ରଣ
ଗୃହ ରଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ରଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ରଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline: 9499135756
Sadheisasan, Anakhia, Jagatsinghpur, Odisha. PIN-754102

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ରଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ରଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି।
(ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍।
Helpline Numbers
9430834074
8709556494
House No.267, Friends Colony, New Delhi-6

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀ

# ବିଜେଡି, ଭାଜପାକୁ ଅଡୁଆ ସ୍ୱାଧୀନ ପ୍ରାର୍ଥୀ

**ଆଦିତେଶ୍ୱର ମିଶ୍ର**
**କନ୍ଧମାଳ, ୧୪।୪**

ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ହେବା ପରେ ବାଲିଗୁଡା ଓ ବୌଦ୍ଧ ନିର୍ବାଚନ ମଣ୍ଡଳୀର ଅଂଶକୁ ନେଇ କନ୍ଧମାଳ ବିଧାନସଭା କ୍ଷେତ୍ର ଗଠିତ ହୋଇଛି। କନ୍ଧମାଳ ନିର୍ବାଚନ ମଣ୍ଡଳୀରୁ ୨୦୧୪ ନିର୍ବାଚନରେ ବିଜେଡିର ମହୀଧର ରଣା ବିଜୟୀ ହୋଇଥିଲେ। ଚଳିତ ନିର୍ବାଚନରେ ମହୀଧର ବିଜେଡି ପ୍ରାର୍ଥୀ ହୋଇଛନ୍ତି। ସେହିପରି କଂଗ୍ରେସରୁ ଆଇନଜୀବୀ ପ୍ରଶାନ୍ତ ସାହୁ, ଭାଜପାର କହ୍ନେଇ ଚରଣ ଡାଙ୍ଗ ନିର୍ବାଚନ ଲଢୁଛନ୍ତି। ସେପଟେ ଶେଷ କୁମାର ମେହେର ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବାରୁ ଏହା ବିଜେଡି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

ଚଳିତ ନିର୍ବାଚନରେ ଏଠାରେ କଂଗ୍ରେସ ଚାଷ ଓ ଚାଷୀ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରି ଭୋଟ୍ ହାତେଇବାକୁ ଲକ୍ଷ୍ୟ ରଖିଛି। ୨୦୧୪ ନିର୍ବାଚନରେ ଅନ୍ୟ ଦଳକୁ ଚାଲିଯାଇଥିବା ପାରମ୍ପରିକ ଭୋଟ ଫେରାଇ ଆଣିବାକୁ କଂଗ୍ରେସ ଉଦ୍ୟମ ଚଳାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି, କୃଷିଋଣ ଛାଡ ସହ ଜଳସେଚନ ପାଇଁ କଂଗ୍ରେସ ପ୍ରତିଶ୍ରୁତି ଦେଉଛି। ସେହିପରି ଭାଜପା ବିଜେଡିର ୧୯ ବର୍ଷର କଳଙ୍କିତ ଶାସନକୁ ସମାଲୋଚନା କରିବା ସହ ମୋଦିଙ୍କ ଲୋକପ୍ରିୟତାକୁ ପାଥେୟ କରି ଭୋଟ୍ ପାଇବାକୁ ଯୋଜନା ଚଳାଇଛି। ଭାଜପା ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗଙ୍କ ବୌଦ୍ଧ ବ୍ଲକ ଅଞ୍ଚଳରେ ସଙ୍ଗଠନ ରହିଛି। ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାରଙ୍କ ଘର ମଧ୍ୟ ବୌଦ୍ଧ ବ୍ଲକ ଅଞ୍ଚଳରେ ହୋଇଥିବାରୁ ଏହି ବ୍ଲକର ୧୨ଟି ପଞ୍ଚାୟତରେ କହ୍ନେଇ ଓ ଶେଷକୁମାରଙ୍କ ମଧ୍ୟରେ କଡା ଟକ୍କର ହେବ। ଭାଜପା ପ୍ରାର୍ଥୀ କହ୍ନେଇ ଚରଣ କହିଛନ୍ତି ଯେ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଦୃଷ୍ଟିରୁ କନ୍ଧମାଳ ବହୁ ପଛରେ ରହିଛି। ଜଳସେଚନ ଓ ଚାଷୀ ସମସ୍ୟା ମଧ୍ୟ ଏଠି ଉତ୍କଟ। ସେସବୁ ଦିଗରେ କାର୍ଯ୍ୟ କରିବାକୁ ସେ ପ୍ରତିଶ୍ରୁତିବଦ୍ଧ ଅଛନ୍ତି।


ମହୀଧର ରଣା


କହ୍ନେଇ ଚରଣ ଡାଙ୍ଗ


ପ୍ରଶାନ୍ତ ସାହୁ


ଶେଷ କୁମାର ମେହେର

ଅନ୍ୟପକ୍ଷେ ବିଧାୟକ ମହୀଧର ରଣା ତୃଣମୂଳସ୍ତରରେ ବିଜେଡିର ସଙ୍ଗଠନକୁ ଧରି ନିର୍ବାଚନ ବୈତରଣୀ ପାର ହେବକୁ ଆଶା ବାନ୍ଧିଛନ୍ତି। ୧ ନମ୍ବର ଜୋନରେ ତାଙ୍କ ଘର ହୋଇଥିବାରୁ ସେହି ଜୋନ୍‌ର ଭୋଟ୍ ଉପରେ ତାଙ୍କ ବିଜୟ ନିର୍ଭର କରୁଛି। କାରଣ ସେ ଗତ ନିର୍ବାଚନରେ ସେଠାରୁ ବିପୁଳ ଭୋଟ ପାଇ ବିଜୟୀ ହୋଇଥିଲେ। ମହୀଧର କୁହନ୍ତି, ମୋ କାର୍ଯ୍ୟକାଳ ଭିତରେ ଜାମୁଟ ଘାଟରେ ପୋଲ, କନ୍ଧମାଳ, ଘଣ୍ଟାପଡା ଓ ଗବଜୋରଠାରେ ତେଲ ନଦୀରେ ପୋଲ ସହିତ ଜଳସେଚନ କ୍ଷେତ୍ରରେ ଯାହା ପାରିଛି, କାମ କରିଛି। ଆହୁରି ଅଧୁରା ସ୍ୱପ୍ନ ରହିଛି। ନିର୍ବାଚନରେ ବିଜୟୀ ହେଲେ ସେସବୁ ପୂରଣ କରିବି। ହେଲେ ତାଙ୍କ ପାଇଁ ମଧ କଣ୍ଟା ହୋଇ ଠିଆ ହୋଇଛନ୍ତି ସ୍ୱାଧୀନ ପ୍ରାର୍ଥୀ ଶେଷ କୁମାର ମେହେର। କାରଣ ଶେଷ କୁମାର ମେହେର ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଭାବେ ଛିଡା ହୋଇଛନ୍ତି। ବିଜେଡି ସଙ୍ଗଠନର ସବୁ ସ୍ତରରେ ତାଙ୍କର ସମ୍ପର୍କ ଓ ପ୍ରଭାବ ରହିଛି। ତାଙ୍କୁ ବିଧାୟକଙ୍କ ବିପକ୍ଷ ବିଜେଡି ନେତା ଓ କର୍ମୀଙ୍କ ସମର୍ଥନ ମିଳୁଛି। ତାଙ୍କ ସପକ୍ଷରେ ପୂର୍ବତନ ଅଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସାମନ୍ତ ମାଝୀ ଓ ପୂର୍ବତନ ବିଧାୟକ ଭଗବାନ କହଁରଙ୍କ ସମର୍ଥନ ରହିଛି। ଶଙ୍କର୍ଷଣ ପ୍ରଧାନ ୨ ଓ ୩ ନମ୍ବର ଜୋନରେ ପାରମ୍ପରିକ ବିଜେଡି ଭୋଟକୁ ପ୍ରଭାବିତ କରୁଥିବା ବେଳେ ଭଗବାନ କହଁର ଓ ସାମନ୍ତ ମାଝୀ ୧ ନମ୍ବର ଜୋନରେ ବିଜେଡି ଭୋଟ୍‌କୁ ପ୍ରଭାବିତ କରିବା ଆଶଙ୍କା ରହିଛି। କର୍ମୀମାନଙ୍କ ସହ ପୁରୁଣା ସମ୍ପର୍କ ଓ ଦଳୀୟ ଅସନ୍ତୁଷ୍ଟଙ୍କ ଉପରେ ଶେଷକୁମାରଙ୍କ ବିଜୟ ନିର୍ଭର କରୁଛି। କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଶେଷ କୁମାରଙ୍କୁ ସମର୍ଥନ କରୁଥିବା ବିଜେଡିର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ବିଧାୟକ ରଣା ତାଙ୍କ ସପକ୍ଷରେ ନେଇ ପାରିନାହାନ୍ତି। ଏଠାକାର ଜଣେ ଭୋଟର ଫଟୁ ରାଜହଂସ କୁହନ୍ତି, ସବୁ ପ୍ରାର୍ଥୀ ସମାନ ସମାନରେ ଯାଉଛନ୍ତି। ଆସନ୍ତା ଦୁଇଦିନ ଭିତରେ ସମୀକରଣ ନ ବଦଳିଲେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ। ଚଳିତ ନିର୍ବାଚନରେ ୧୧ ହଜାର ୨୫୬ ଯୁବ ଭୋଟର ଭୋଟ ଦେବେ। ଏହି ଯୁବ ଭୋଟରଙ୍କ ସମର୍ଥନ ଉପରେ ସ ବୁ ଦ ଳ ର ପ୍ରା ର୍ଥୀ ଙ୍କ ନ ଜ ର ରହିଛି।

## ବଲାଙ୍ଗୀର ଲୋକ ସଭା ନିର୍ବାଚନମଣ୍ଡଳୀ

# ପ୍ରାର୍ଥୀଙ୍କ ପ୍ରତିଷ୍ଠା ଉପରେ ବାଜି ଲାଗିଛି

**ବୀରେନ୍ଦ୍ର ଝାଙ୍କର**
**ବଲାଙ୍ଗୀର ଅଫିସ, ୧୪।୪**

ସଂସଦୀୟ କ୍ଷେତ୍ର ବଲାଙ୍ଗୀରରେ ସବୁବେଳେ ହାଇଭୋଲଟେଜ ଲଢେଇ ହୋଇଥାଏ। ଏଠାକାର ନିର୍ବାଚନ ରାଜନୀତି ଏଥର ଏକ ରୋଚକ ମୋଡରେ ପହଞ୍ଚିଛି। ଭୋଟ ଗ୍ରହଣ ଦିବସ ଆଉ ମାତ୍ର ଚାରିଦିନ ବାକି ଥିବାବେଳେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ବିଜୟ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ସଭା, ଶୋଭାଯାତ୍ରା ଓ ରୋଡ ଶୋ କରାଯାଇ ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରାଯାଉଛି। ପ୍ରାର୍ଥୀଙ୍କ ପରିବାରର ମହିଳା ସଦସ୍ୟମାନେ ବାହାରି ନିର୍ବାଚନୀ ବାତାବରଣକୁ ସରଗରମ କରି ଦେଇଛନ୍ତି। ବଲାଙ୍ଗୀର ସଦର, ଲୋଇସିଂହା, ଟିଟିଲାଗଡ, କଣ୍ଟାବାଞ୍ଜି, ପାଟଣାଗଡ ଏବଂ ସୁବର୍ଣ୍ଣପୁର ଜିଲାର ସୋନପୁର ଓ ବୀରମହାରାଜପୁର ବିଧାନସଭା କ୍ଷେତ୍ରକୁ ନେଇ ଏହି ଲୋକ ସଭା ନିର୍ବାଚନ ମଣ୍ଡଳୀ ଗଠିତ। ମୋଟ ୧୭ ଲକ୍ଷ ୧୩ ହଜାର ୯୭୬ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୮ ଲକ୍ଷ ୮୬ ହଜାର ୮୯୯ ଜଣ ପୁରୁଷ ଓ ୮ ଲକ୍ଷ ୨୬ ହଜାର ୯୬୬ ମହିଳା ଭୋଟର ରହିଛନ୍ତି। ୧୩୧ଜଣ ଅନ୍ୟ ଭୋଟର ରହିଛନ୍ତି।

ଏଠାରେ ଆଗାମୀ ୧୮ତାରିଖରେ ମତଦାନ ହେବ। ବିଜେଡି ଏମ୍‌ପି କଲିକେଶ ନାରାୟଣ ସିଂଦେଓଙ୍କୁ ପୁଣି ଥରେ ମଇଦାନରେ ଅବତୀର୍ଣ୍ଣ କରାଇଥିବା ବେଳେ ତାଙ୍କୁ ସାମ୍ନା କରୁଛନ୍ତି ତାଙ୍କ ଭାଉଜ ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସଙ୍ଗୀତା କୁମାରୀ ସିଂଦେଓ। କଂଗ୍ରେସ ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ପୁଅ ସମରେନ୍ଦ୍ର ମିଶ୍ରଙ୍କୁ ପ୍ରାର୍ଥୀ କରିବା ପରେ ପ୍ରତିଦ୍ୱନ୍ଦ୍ୱିତା ତ୍ରିମୁଖୀ ହୋଇଯାଇଥିବା ରାଜନୀତିରେ ରୁଚି ରଖୁଥିବା ଲୋକେ କହିଛନ୍ତି। ମଇଦାନରେ ଅବତୀର୍ଣ୍ଣ ଅନ୍ୟ ପ୍ରାର୍ଥୀମାନଙ୍କର ଉପସ୍ଥିତି ସେତେଟା ଅନୁଭୂତ ହେଲା ଭଳି ମନେ ହେଉନାହିଁ। ତେବେ ଏହି ନିର୍ବାଚନର ଫଳାଫଳ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କର ରାଜନୈତିକ ଭବିଷ୍ୟତ ଓ ବ୍ୟକ୍ତିଗତ ପ୍ରତିଷ୍ଠା ଉପରେ ବାଜି ଲାଗିଥିବା କୁହାଯାଉଛି। ବିଜେଡି-ଭାଜପା ମେଣ୍ଟ ଥିବା ବେଳେ ଲଗାତର ତିନିଥର ଭାଜପାରୁ ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ ସଙ୍ଗୀତା କୁମାରୀ ସିଂଦେଓ। ମେଣ୍ଟ ଭାଙ୍ଗିବା ପରେ ୨୦୦୯ ଓ ୨୦୧୪ରେ ସେ ବିଜେଡି ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓଙ୍କଠାରୁ ପରାଜିତ ହୋଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ୧୯ବର୍ଷର ବିଜେଡି ଶାସନର ବିଫଳତା ତାଙ୍କୁ ନିର୍ବାଚନୀ ବୈତରଣୀ ପାର କରାଇବ ବୋଲି ଆଶା ରଖିଛନ୍ତି ସଙ୍ଗୀତା। ତାଙ୍କ ପାଇଁ ଷ୍ଟାର ପ୍ରଚାରକଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋନପୁରଠାରେ ଆସି ପ୍ରଚାର କରିଯାଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଭୟ ଜିଲାରେ ମାରଥନ ପ୍ରଚାର କରିବା ପରେ ଦଳୀୟ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା, ସବୁ ଗାଁରେ ପାନୀୟ ଜଳପ୍ରକଳ୍ପ, ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପର ଅଗ୍ରଗତି, ବଲାଙ୍ଗୀର ଓ ସୋନପୁର ଅଞ୍ଚଳରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ତାଙ୍କର ପ୍ରାଥମିକତା ବୋଲି ସଙ୍ଗୀତା କହିଛନ୍ତି। ତେବେ ନିର୍ବାଚନ ପୂର୍ବରୁ ଡା.ବାସୁଦେବ ପତିଙ୍କ ଭଳି କେତେକ ବରିଷ୍ଠ ନେତା ଦଳ ଛାଡି ବିଜେଡିରେ ମିଶିବା ତାଙ୍କୁ ଅକଳରେ ପକାଇବା ଆକଳନ କରାଯାଉଛି।

ବିଜେଡି ପ୍ରାର୍ଥୀ କଲିକେଶ ନାରାୟଣ ସିଂଦେଓ ତୃତୀୟ ଥର ପାଇଁ ଏହି କ୍ଷେତ୍ରରୁ ପ୍ରାର୍ଥୀ ହୋଇଛନ୍ତି। ଦଳୀୟ କର୍ମୀ ଓ ନେତାଙ୍କୁ ଧରି ସେ ନିର୍ବାଚନ ମଣ୍ଡଳୀ ଅଧୀନ ସମସ୍ତ ବିଧାନ ସଭା କ୍ଷେତ୍ରରେ ଜୋରଦାର ପ୍ରଚାର ଚଳାଇଛନ୍ତି। ଦଳ ତରଫରୁ ସୋମବାର ଷ୍ଟାର ପ୍ରଚାରକଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାରାଥନ ପ୍ରଚାର କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ବିଫଳତା ଓ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରର ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁଫଳ ତାଙ୍କ ପାଇଁ ପୁଣି ଥରେ ବିଜୟ ଆଣି ଦେବ ବୋଲି କଲିକେଶ କହିଛନ୍ତି। ଲୋୟର ସୁକ୍‌ତେଲ ପ୍ରକଳ୍ପ କାମକୁ ଅବିଳମ୍ବେ ସମାପ୍ତ, ତୁଷରାଠାରେ ପାଇଲଟ୍ ଟ୍ରେନିଂ ସେଣ୍ଟର, ବଲାଙ୍ଗୀର-ଖୋର୍ଦ୍ଧା ରେଳପ୍ରକଳ୍ପକୁ ସୋନପୁର ପର୍ଯ୍ୟନ୍ତ ଶୀଘ୍ର ନିର୍ମାଣ, ସୋନପୁରଠାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଏକ ଉନ୍ନତମାନର ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିବା ତାଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି। ତେବେ ଗତ ଦୁଇ ନିର୍ବାଚନ ପରି ଚଳିତ ଥର କଲିକେଶ କେବଳ ବିରୋଧୀ ନୁହଁନ୍ତି ନିଜ ଦଳ ଭିତରୁ ବି କଡା ଆହ୍ୱାନର ସମ୍ମୁଖୀନ ହେଉଥିବା କୁହାଯାଉଛି। ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା ଓ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁଙ୍କ ଟିକେଟ କଟିବା ପରେ ଉଭୟ ନେତା ବସ୍ତୁତଃ ନିର୍ବାଚନ ପ୍ରଚାରରୁ ନିଜକୁ ଦୂରେଇ ରଖିଛନ୍ତି। ସେହିପରି ଶ୍ରମିକ ନେତା ଲଳିତ ନାୟକଙ୍କୁ ମଧ୍ୟ ଏଠାରେ ପ୍ରଚାରରେ ଦେଖାଯାଉନାହିଁ। ଏହାର ପ୍ରଭାବ ବିଜେଡି ଭୋଟ ରାଜନୀତି ଉପରେ କେତେ ପ୍ରଭାବ ପକାଇବ ତାହା ଫଳାଫଳ ଘୋଷଣା ପରେ ଜଣା ପଡିବ।

କଂଗ୍ରେସ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ପ୍ରଥମ ଥର ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ପିତା ନରସିଂହ ମିଶ୍ରଙ୍କ ଲୋକପ୍ରିୟତା ସାଙ୍ଗକୁ ନିଜସ୍ୱ ସାଙ୍ଗଠନିକ ଦକ୍ଷତା ଓ ଲୋକସମ୍ପର୍କ ତାଙ୍କୁ ଅଧିକ ଗ୍ରହଣଶୀଳ କରିବ ବୋଲି ସମରେନ୍ଦ୍ର କହିଛନ୍ତି। ଭାଜପା ଓ ବିଜେଡି ଏମ୍‌ପି ଦୀର୍ଘବର୍ଷ ଧରି ରହିବା ସତ୍ତ୍ୱେ ବଲାଙ୍ଗୀରବାସୀ କିଛି ପାଇ ନ ଥିବାରୁ ଏହା ସିଧାସଳଖ ତାଙ୍କୁ ଫାଇଦା ଦେବ ବୋଲି କହିଛନ୍ତି। ଇତିମଧ୍ୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଷ୍ଟାର ପ୍ରଚାରକଭାବେ ସମରେନ୍ଦ୍ରଙ୍କ ପାଇଁ ବୀରମହାରାଜପୁର ବ୍ଲକ ଅଞ୍ଚଳରେ ପ୍ରଚାର କରି ସାରିଛନ୍ତି। ଦାଦନ ସମସ୍ୟାର ସ୍ଥାୟୀ ସମାଧାନ, ସ୍ଥାନୀୟ ଅଞ୍ଚଳରେ ଯୁବକଯୁବତୀଙ୍କୁ ନିଯୁକ୍ତି, ଲୋୟର ସୁକ୍‌ତେଲ ସହ ଦୁଇ ଜିଲାରେ ଜଳସେଚନ ପ୍ରକଳ୍ପ, କୃଷିଭିତ୍ତିକ ଶିଳ୍ପପ୍ରତିଷ୍ଠା, ଚାଷୀଙ୍କୁ ୨୬୦୦ ଟଙ୍କାର ଏମ୍‌ଏସ୍‌ପି ସହାୟତା, କୃଷିଋଣ ଛାଡ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣ ଛାଡ ଭଳି ପ୍ରତିଶ୍ରୁତି ଦେଇ ସେ ଭୋଟର ଆଶୀର୍ବାଦ ଲାଭ କରିବାକୁ ଚେଷ୍ଟା କରୁଛନ୍ତି। ତେବେ କଂଗ୍ରେସରେ ଗୋଷ୍ଠୀ କନ୍ଦଳ ତାଙ୍କୁ ଅଡୁଆରେ ପକାଉଥିବା ପ୍ରତୀୟମାନ ହେଉଛି। ଦେଓଗାଁ ବ୍ଲକ ଅଧ୍ୟକ୍ଷା ରୀନା ମେହେର, ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ପୂର୍ବତନ ଜିଲା କଂଗ୍ରେସ ସଭାପତି ଭଗବାନ ବରୱାଁ ପ୍ରମୁଖ ତାଙ୍କ ପ୍ରାର୍ଥିତ୍ୱକୁ ଚ୍ୟାଲେଞ୍ଜ କରି ଦଳ ଛାଡିବା ସମରେନ୍ଦ୍ରଙ୍କୁ କେତେକାଂଶରେ ପ୍ରଭାବିତ କରିବ ବୋଲି କୁହାଯାଉଛି।

ବଲାଙ୍ଗୀର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ଅନେକ ସମସ୍ୟା ରହିଛି। ଲୋୟର ସୁକ୍‌ତେଲ, ବଲାଙ୍ଗୀର ବାଇପାସ୍ ରାସ୍ତା, ବଲାଙ୍ଗୀର ଟିଂକିଲ, ସୋନପୁର ସୂତାକଳ ବନ୍ଦ ପଡିଛି। ଲୋକେ ଧୀରେ ଧୀରେ ସଚେତନ ହେଉଛନ୍ତି ଓ ଏଥର ଉଚିତ୍ ପ୍ରାର୍ଥୀଙ୍କୁ ଭୋଟ୍ ଦେବେ ବୋଲି ସଚେତନ ନାଗରିକ ବାଳକୃଷ୍ଣ ଷଡଙ୍ଗୀ କହିଛନ୍ତି। ସେହିପରି ପୁଇଁତଳା ବ୍ଲକ ଅନ୍ତର୍ଗତ କୁରୁଲ ଗ୍ରାମର ରାଜକିଶୋର ନାଏକ କହନ୍ତି, ୧୮ ତାରିଖ ଭୋଟ୍‌ରେ ବିକାଶ କାମ କରିବା ସାମର୍ଥ୍ୟ ଥିବା ପ୍ରାର୍ଥୀଙ୍କୁ ହିଁ ଲୋକେ ଭୋଟ୍ ଦେବେ।


ସଙ୍ଗୀତା କୁମାରୀ ସିଂଦେଓ


କଲିକେଶ ନାରାୟଣ ସିଂଦେଓ


ସମରେନ୍ଦ୍ର ମିଶ୍ର

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| କଲିକେଶ ନାରାୟଣ ସିଂଦେଓ | ବିଜେଡି | ୪,୫୩,୫୧୯ |
| ସଙ୍ଗୀତା କୁମାରୀ ସିଂଦେଓ | ଭାଜପା | ୩,୩୯,୨୨୦ |
| ଶରତ ପଟ୍ଟନାୟକ | କଂଗ୍ରେସ | ୨,୭୭,୬୧୬ |

# ବିଜେଡି ଛାଡ଼ିଲେ ସୁଷମାରାଣୀ

**ବାଲେଶ୍ୱର ଅଫିସ, ୧୪।୪**

ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା କ୍ଷେତ୍ରରେ ୨୦୧୯ ନିର୍ବାଚନରେ ଭାଜପାରୁ ଟିକେଟ ନ ପାଇବାର ଆଶଙ୍କା କରି ସୁଷମାରାଣୀ ବିଶ୍ୱାଳ ମାର୍ଚ୍ଚ ୧୧ ତାରିଖରେ ବିଜେଡିରେ ଯୋଗ ଦେଇଥିଲେ। ବିଜେଡିର ୩୩ ପ୍ରତିଶତ ମହିଳା ସଂରକ୍ଷଣ ନୀତି ଏବଂ ଦଳୀୟ ନେତୃବର୍ଗଙ୍କ ପ୍ରତିଶ୍ରୁତିରେ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିବା ସୁଷମାରାଣୀ କୌଣସି କାରଣରୁ ବିଧାୟକ ପ୍ରାର୍ଥୀ ଟିକେଟ ପାଇବାରୁ ବଞ୍ଚିତ ହେଲେ। ଏଥିରେ ସେ ଅସନ୍ତୋଷ ପ୍ରକାଶ କରି ରବିବାର ଅପରାହ୍ନରେ ବିଜେଡିର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି। ଏନେଇ ସେ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଚଳିତ ନିର୍ବାଚନରେ ତାଙ୍କର ଭୂମିକା ସମ୍ପର୍କରେ ଖବରଦାତାମାନେ ପ୍ରଶ୍ନ କରିବାରୁ ସେ କହିଛନ୍ତି ଯେ, ବିଜେଡିର ନେତୃତ୍ୱାଧୀନ ବ୍ୟକ୍ତିମାନେ ବାରମ୍ବାର ନିଷ୍ପତ୍ତି ବଦଳାଉଛନ୍ତି। ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନଙ୍କୁ ପରାଜିତ କରିବା ପାଇଁ ସେ ବାଲେଶ୍ୱର ତଥା ନୀଳଗିରିବାସୀଙ୍କୁ ଆହ୍ୱାନ କରିବେ। ଅନ୍ୟପକ୍ଷରେ ସେ ପୁନର୍ବାର ଭାଜପାରେ ସାମିଲ ହେବା ନେଇ ସୂଚନା ମିଳୁଥିଲେ ମଧ୍ୟ ସେ ସ୍ପଷ୍ଟ କରି ନ ଥିଲେ। ଖବରଦାତା ସମ୍ମିଳନୀରେ ଯୁବନେତା କମୁନାଥ ମଲ୍ଲିକ ଓ ବେଗୁନିଆ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଲକ୍ଷ୍ମୀକାନ୍ତ ଜେନା ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୪ ସାଧାରଣ ନିର୍ବାଚନରେ ଭାଜପାର ବିଧାୟିକା ପ୍ରାର୍ଥିନୀ ସୁଷମାରାଣୀ ପ୍ରତିଦ୍ୱନ୍ଦ୍ୱିତା କରି ୩୭ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜେଡି ପ୍ରାର୍ଥୀ ଇଂ. ସୁକାନ୍ତ ନାୟକଙ୍କଠାରୁ ପରାଜିତ ହୋଇଥିଲେ।



ସୁଷମାରାଣୀ ବିଶ୍ୱାଳଙ୍କ ଖବରଦାତା ସମ୍ମିଳନୀ।

## ବାରବାଟୀ-କଟକ ବିଧାନସଭା ଆସନ

# ଯାଦବ, ସଂଖ୍ୟାଲଘୁ ଭୋଟକୁ ନେଇ ତର୍ଜମା

**ନିର୍ମଳ ପଣ୍ଡା**
**କଟକ ଅଫିସ, ୧୪।୪**

ଏପ୍ରିଲ ୨୩ ତାରିଖରେ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ମତଦାନ ଅନୁଷ୍ଠିତ ହେବ। ଆଉ ଅଳ୍ପଦିନ ଥିବାରୁ ପ୍ରାର୍ଥୀମାନେ ଦିନରାତି ଏକାକାର କରିଦେଇଛନ୍ତି। ଚଳିତ ନିର୍ବାଚନରେ ଏହି ଆସନରେ ୧୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ହେଲେ ଲଢେଇ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ବାରବାଟୀ-କଟକ ଆସନରେ ମୋଟ ଭୋଟର ସଂଖ୍ୟା ୨ ଲକ୍ଷ ୨୭ହଜାର ୭୭୭। ସେଥିରୁ ଯାଦବ ଭୋଟରଙ୍କ ସଂଖ୍ୟା ପାଖାପାଖି ୨୨ହଜାର ଥିବାବେଳେ ମୁସ୍‌ଲିମ୍ ଭୋଟରଙ୍କ ସଂଖ୍ୟା ପ୍ରାୟ ୩୬ହଜାର ରହିଛି। ଏଣୁ ଯାଦବ ଓ ସଂଖ୍ୟାଲଘୁ ଭୋଟକୁ ନେଇ ଏବେ ତର୍ଜମା ଚାଲିଛି।

୨୦୧୪ରେ ଯାଦବ ନେତା ଆଶୀର୍ବାଦ ବେହେରା ବିଜେଡି ସପକ୍ଷରେ ପ୍ରଚାର କରିଥିବାବେଳେ ଚଳିତଥର ମଧ ବିଜେଡିକୁ ସମର୍ଥନ ଦେବେ ବୋଲି ଖୋଲାଖୋଲି ଭାବେ କହିଛନ୍ତି। ସୂଚନାଥାଉକି, ଆଶୀର୍ବାଦଙ୍କୁ ନେଇ ବାରବାଟୀ-କଟକରେ ନୂଆ ସମୀକରଣ ସୃଷ୍ଟିହେବ ବୋଲି ଆକଳନ କରାଯାଉଥିଲା। କାରଣ ଆଶୀର୍ବାଦ ଏଠାରୁ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଟିକେଟ ଦୌଡ଼ରେ ଥିଲେ। ହେଲେ ଶେଷ ମୁହୂର୍ତ୍ତରେ ବିଜେଡି ଦେବାଶିଷଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ଆଶୀର୍ବାଦଙ୍କ ପରବର୍ତ୍ତୀ ଆଭିମୁଖ୍ୟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ମାତ୍ର ଆଶୀର୍ବାଦଙ୍କୁ ମନାଇବାରେ ବିଜେଡି ନେତୃତ୍ୱ ସଫଳ ହୋଇଛନ୍ତି। ମାତ୍ର ଯାଦବ ସମ୍ପ୍ରଦାୟରୁ ହେମନ୍ତ ବେହେରା ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି। ତେଣୁ ହେମନ୍ତ କେତେ ମାତ୍ରାରେ ଯାଦବ ଭୋଟକୁ ନିଜ ସପକ୍ଷରେ ନେବାରେ ସକ୍ଷମ ହେବେ ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଜଣେ ଯାଦବ ଭୋଟର କାର୍ତ୍ତିକେଶ୍ୱର ବେହେରା କୁହନ୍ତି, କଟକକୁ ଭଲ ପାଉଥିବା ନେତାଟିଏ ଦରକାର। ଜାତି କଥା ପଛରେ। ଜାତିକୁ ନେଇ ରାଜନୀତି କଟକରେ ହୋଇନାହିଁ କି ହେବନାହିଁ। ମୌଳିକ ସମସ୍ୟାକୁ ଦୂର କରିପାରିବା ଭଳି ସାହସ ଥିବା ନେତାକୁ କଟକବାସୀ ବାଛିବେ। ଆଉ ବାହୁସ୍ଫୋଟ କଥା ଓ ଟଙ୍କାର ବଳ କାମ ଦେବ ନାହିଁ ବୋଲି କାର୍ତ୍ତିକେଶ୍ୱର କହିଛନ୍ତି।

ସେହିପରି ସଂଖ୍ୟାଲଘୁ ସମ୍ପ୍ରଦାୟରୁ ଏବେ ମହମ୍ମଦ ମୋକିମ ଓ ସେକ୍ ମୁନ୍ତାକିମ ବକ୍ସ ପ୍ରାର୍ଥୀ ହୋଇଛନ୍ତି। ୨୦୧୪ ଫଳାଫଳ ଅନୁଯାୟୀ ମୁସ୍‌ଲିମ୍‌ବହୁଳ ବୁଥ୍‌ଗୁଡ଼ିକରୁ ବିଜେଡି ୧୨ହଜାର ଭୋଟ ପାଇଥିବା ବେଳେ କଂଗ୍ରେସ ୧୬ହଜାର ଭୋଟ ପାଇଥିଲା। ଏବେ ନିର୍ବାଚନୀ ମଇଦାନରେ ୨ ଜଣ ମୁସ୍‌ଲିମ ପ୍ରାର୍ଥୀ ଅଛନ୍ତି ତେଣୁ ଏହି ଭୋଟ ଭାଗ ହେବାର ଆଶଙ୍କା ରହିଛି। ମାତ୍ର ମୁସ୍‌ଲିମ୍ ସମ୍ପ୍ରଦାୟର ଅଧିକାଂଶ ନେତା ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି। ସେମାନଙ୍କ ମଧ୍ୟରେ ମହମ୍ମଦ ଶକିଲ, ସେକ୍ କମରୁଦ୍ଦିନ, ଏକ୍ରାମ ହୁସେନ, ଡ. ମହମ୍ମଦ ଆୟୁବ, ରମଜାନ ଖାଁ ଓ ଆଡଭୋକେଟ ସେକ୍ ଶରିଫ ପ୍ରମୁଖ ରହିଛନ୍ତି। ମୁସ୍‌ଲିମ୍ ଭୋଟ ଯଦି ଧ୍ରୁବୀକରଣ ହୁଏ ତେବେ ତାହା ବିଜେଡି କିମ୍ବା କଂଗ୍ରେସ ମଧ୍ୟରୁ କାହାକୁ ଫାଇଦା ଦେବ ସେ ନେଇ ରାଜନୈତିକ ସମୀକ୍ଷକମାନେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁନାହାନ୍ତି। ଏନେଇ କଂଗ୍ରେସ ପ୍ରାର୍ଥୀ ମହମ୍ମଦ ମୋକିମଙ୍କ କହିବାନୁଯାୟୀ, ଜାତିକୁ ନେଇ କଟକରେ ଭୋଟ ହୁଏ ନାହିଁ। ଏଠାରେ ଅନେକ ସମସ୍ୟା ରହିଛି, ଯାହାକୁ ଲୋକେ ରାତିପାହିଲେ ସାମ୍ନା କରୁଛନ୍ତି। ଅସରାଏ ବର୍ଷାରେ ଲୋକଙ୍କ ଚୁଲିରେ ପାଣି ପଶୁଛି। ସହରକୁ ଜଳବନ୍ଦୀରୁ ମୁକ୍ତ କରିବା, ମଶାଙ୍କ କବଳରୁ ସହରକୁ ମୁକ୍ତକରିବା, ଟ୍ରାଫିକ ସମସ୍ୟା ଦୂର କରିବା ଆଦି ପ୍ରସଙ୍ଗକୁ ନେଇ ସେ ଲୋକଙ୍କ ପାଖକୁ ଯାଉଛନ୍ତି। ଲୋକେ ଏହିସବୁ ପ୍ରସଙ୍ଗକୁ ଗ୍ରହଣ କରୁଥିବା ସେ ହୃଦୟଙ୍ଗମ କରୁଛନ୍ତି। କଟକବାସୀ ଅତୀତରେ ବିଜେଡି ଓ ଭାଜପାକୁ ବହୁବାର ଭୋଟ ଦେଇ ପ୍ରତାରଣାର ଶିକାର ହୋଇଛନ୍ତି। ତେଣୁ କଂଗ୍ରେସକୁ ଭୋଟ ଦେବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ଥିବା ଦେଖିବାକୁ ପାଉଛନ୍ତି ବୋଲି ମୋକିମ କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ମୁନ୍ତାକିମ୍ ବକ୍ସ କୁହନ୍ତି, ସହରବାସୀଙ୍କୁ ନାଳନର୍ଦ୍ଦମାରେ ବୁଡ଼ାଇ ରଖିଥିବା ଲୋକେ ପ୍ରାର୍ଥୀ ହୋଇ ଭୋଟ ମାଗୁଛନ୍ତି। ସବୁ ସମ୍ପ୍ରଦାୟର ଲୋକେ ତାଙ୍କୁ ଭୋଟ ଦେବେ ବୋଲି ମୁନ୍ତାକିମ୍ ଆଶାବାଦୀ ଥିବା କହିଛନ୍ତି। ସେହିପରି ଜଣେ ମହମ୍ମଦ ସାହିଦ କୁହନ୍ତି ଯେ, ଜାତିକୁ ଦେଖି ଲୋକ ଭୋଟ ଦେବେନି। ଯିଏ ସତରେ ଲୋକଙ୍କ ପାଇଁ କାମ କରିଛି ସାଧାରଣ ଲୋକ ତାକୁ ହିଁ ଭୋଟ ଦେବେ। ମଣିଷପଣିଆ ରହୁଥିବା ନେତାଙ୍କୁ ଏଥର କଟକବାସୀ ବାଛିବେ ବୋଲି ତାଙ୍କର ଆଶା। ନାଳନର୍ଦ୍ଦମା, ମଶା ସମସ୍ୟାରେ ଘାଣ୍ଟି ହେଉଥିବା କଟକିଆ ଭୁଲ ବିଚାର କଲେ ଏଥିରେ ଆହୁରି ୫ ବର୍ଷ ଘାଣ୍ଟି ହେବେ ବୋଲି ସାହିଦ୍ କହିଛନ୍ତି।

ବିଜେଡି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ କହିବାନୁଯାୟୀ, ସବୁ ସମ୍ପ୍ରଦାୟ ବିଜେଡି ସହିତ ଅଛନ୍ତି। ନବୀନ ସରକାରଙ୍କ ସମୟରେ କଟକର ଅନେକ ବିକାଶ ହୋଇଛି। ଜାଇକା ପ୍ରକଳ୍ପଠାରୁ ଆରମ୍ଭ କରି ସହର ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ ଅନେକ କାର୍ଯ୍ୟ ସାଧିତ ହୋଇଛି। ନବୀନ ସରକାରର ବିକାଶକୁ ଓ ଜନକଲ୍ୟାଣକାରୀ ଯୋଜନାକୁ ନେଇ ସେ ଲୋକଙ୍କ ପାଖକୁ ଯାଉଛନ୍ତି। ଲୋକେ ତାହାକୁ ଗ୍ରହଣ କରୁଛନ୍ତି ବୋଲି ସାମନ୍ତରାୟ କହିଛନ୍ତି।

ଭାଜପା ପ୍ରାର୍ଥୀ ସମୀର ଦେ ମଧ୍ୟ ଅନୁରୂପ ଢଙ୍ଗରେ କହିଛନ୍ତି। କଟକ ଭାଇଚାରାର ସହର। ଏଠାରେ ଜାତିଭିତ୍ତିକ ଭୋଟ ହୁଏନାହିଁ। ସହରକୁ ଆବର୍ଜନାମୁକ୍ତ କରିବା ସହିତ ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରିବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ। ଲୋକଙ୍କ ପାଖକୁ ଯିବା ସମୟରେ ଲୋକେ ଭୋଗୁଥିବା ମୌଳିକ ସମସ୍ୟା ଆମ ଆଗରେ ବଖାଣୁଛନ୍ତି। ଭାଜପା କ୍ଷମତାକୁ ଆସିବା ମାତ୍ରେ ପ୍ରଥମେ ଲୋକଙ୍କୁ ସାଥିରେ ଧରି ସେମାନଙ୍କ ସମସ୍ୟାକୁ ସମାଧାନ କରାଯିବ ବୋଲି ସମୀର କହିଛନ୍ତି।


ଦେବାଶିଷ ସାମନ୍ତରାୟ


ମହମ୍ମଦ ମୋକିମ


ସମୀର ଦେ

**୨୦୧୪ର ଫଳାଫଳ**

| | | |
|---|---|---|
| ବିଜେଡି | ଦେବାଶିଷ ସାମନ୍ତରାୟ | ୫୭,୬୭୩ |
| କଂଗ୍ରେସ | ଇଂ. ମହମ୍ମଦ ମୋକିମ୍ | ୪୩,୩୩୫ |
| ଭାଜପା | ପ୍ରଦୀପ ସ୍ୱାଇଁ | ୨୦,୫୫୨ |
| ବିଏସ୍‌ପି | ସୟଦ ସଫିକ୍ ଅଲି | ୨୭୪ |
| ଏସ୍‌ୟୁସିଆଇ | ପ୍ରତାପ ଚନ୍ଦ୍ର ମିଶ୍ର | ୨୦୭ |
| ଏଏପି | ସେକ୍ ମୁନ୍ତାକିମ୍ ବକ୍ସ | ୧୦୧୨ |
| ଏଓପି | ମହମ୍ମଦ ଓ୍ୱହିଦ ଶକିଲ | ୭୬୧ |
| ସ୍ୱାଧୀନ | ବିପିନ ବିହାରୀ ସାହୁ | ୧୨୫ |
| ସ୍ୱାଧୀନ | ଡା. ରମାରମଣ ଷଡ଼ଙ୍ଗୀ | ୬୭୭ |
| ନୋଟା | | ୧୨୩୮ |

**୨୦୧୯ର ପ୍ରାର୍ଥୀ**

| | |
|---|---|
| ଦେବାଶିଷ ସାମନ୍ତରାୟ | ବିଜେଡି |
| ମହମ୍ମଦ ମୋକିମ | କଂଗ୍ରେସ |
| ସମୀର ଦେ | ଭାଜପା |
| ପ୍ରିୟଦର୍ଶନ ପାଢେଲ | ଏସ୍‌ୟୁସିଆଇ |
| ଶୀତଲ କିନ୍ନର | ହିନ୍ଦୁ ମହାସଭା |
| ସେକ୍ ମୁନ୍ତାକିମ୍ ବକ୍ସ | ଏଏପି |
| ଜୟଶଙ୍କର ଆଚାର୍ଯ୍ୟ | କଳିଙ୍ଗସେନା |
| ଦୀପକ କୁମାର ମହାନ୍ତ | ହିନ୍ଦୁସ୍ଥାନ ନିର୍ମାଣ ଦଳ |
| ବିଶ୍ୱନାଥ ରାଉତ | କୃପା ପାର୍ଟି |
| ହେମନ୍ତ ବେହେରା | ସ୍ୱାଧୀନ |

## ସଂକ୍ଷେପରେ

### କେପି ସିଂଦେଓ ଅସୁସ୍ଥ



**ଢେଙ୍କାନାଳ ଅଫିସ, ୧୪।୪**
ଢେଙ୍କାନାଳ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବରିଷ୍ଠ କଂଗ୍ରେସ ନେତା କାମାକ୍ଷା ପ୍ରସାଦ ସିଂଦେଓ (କେପି) ଅସୁସ୍ଥ ହୋଇପଡ଼ିଛନ୍ତି। ୨ଦିନ ତଳେ ନିହଲପ୍ରସାଦ ଅଞ୍ଚଳରେ ନିର୍ବାଚନ ପ୍ରଚାର କରୁଥିବାବେଳେ ଅସହ୍ୟ ତାତି ସହି ନ ପାରି ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶରୀରରେ ସୋଡିୟମ୍ ମାତ୍ରା କମିଯିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି। ସେଠାରେ ୩ ଦିନ ରହିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ପରୀକ୍ଷା ରିପୋର୍ଟରୁ ତାଙ୍କର ସେଭଳି କୌଣସି ସମସ୍ୟା ନ ଥିବା ଜଣାପଡ଼ିଛି। ରବିବାର କେପିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ତାଙ୍କ ବଡ଼ପୁଅ ଅମରଜ୍ୟୋତି ସିଂଦେଓ ସୂଚନା ଦେଇଛନ୍ତି। ଅନ୍ୟପଟେ ନିର୍ବାଚନ ପୂର୍ବରୁ କେପିଙ୍କ ଅସୁସ୍ଥତା ଯୋଗୁ ପ୍ରଚାର କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଦଳୀୟ କର୍ମକର୍ତ୍ତାମାନେ ତାଙ୍କର ଶୀଘ୍ର ଆରୋଗ୍ୟକାମନା କରିଛନ୍ତି।

### ହନୁମାନ ଜୟନ୍ତୀ ପାଇଁ ମନ୍ଦିରରେ ଭିଡ଼



**ଢେଙ୍କାନାଳ ଅଫିସ, ୧୪।୪**
ମହାବିଷୁବ ସଂକ୍ରାନ୍ତି ଏବଂ ସଙ୍କଟମୋଚନ ଶ୍ରୀହନୁମାନଜୀଉଙ୍କ ଜୟନ୍ତୀ ଉପଲକ୍ଷେ ରବିବାର ଢେଙ୍କାନାଳ ସହରର ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଏହି ଅବସରରେ ଶ୍ରୀବଳରାମ ମନ୍ଦିର, ଯାଉଁଳି ପୋଖରୀ ମଠ, ଶ୍ରୀହନୁମାନଜୀଉଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥିଲା। ସେହିପରି ଗୁଡ଼ିଆନାଳୀ, ମହାବୀର ବଜାର, ବାଜିଚୌକସ୍ଥିତ ମା' ବ୍ରହ୍ମାୟଣୀ ଦେବୀ, ମା' ଦକ୍ଷିଣକାଳୀ, ମା' ସୁନ୍ଦରଶୁଣୀ, କୁଞ୍ଜକାନ୍ତସ୍ଥିତ ମା' ମଙ୍ଗଳା, ରଘୁନାଥଜୀଉ ମନ୍ଦିର, ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକସ୍ଥିତ ସଙ୍କଟମୋଚନଙ୍କ ପୀଠରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମଚରିତ ମାନସ, ଶ୍ରୀହନୁମାନ ଚାଳିଶା ପାଠ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ସ୍ଥାନରେ ପ୍ରସାଦସେବନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

### ବୁଢେଶ୍ୱର ଶୈବପୀଠ ଲୋକାରଣ୍ୟ



**ଭୁବନ, ୧୪।୪(ଡି.ଏନ.ଏ.)**
ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଭୁବନର ପ୍ରସିଦ୍ଧ ବୁଢେଶ୍ୱର ଶୈବପୀଠ ଲୋକାରଣ୍ୟ ହୋଇଉଠିଥିଲା। ପ୍ରାତଃରୁ ଶ୍ରୀଜୀଉଙ୍କ ନୀତିକାନ୍ତି ପରେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ସେହିପରି ବାଟତାରିଣୀ ମନ୍ଦିର, ହନୁମାନ ମନ୍ଦିର, ହିଙ୍ଗୁଳା ମନ୍ଦିର, କାମନାକାଳୀ ପୀଠରେ ଦିନତମାମ ଭକ୍ତଙ୍କ ଗହଳି ଲାଗିରହିଥିଲା। ପଣା ସଂକ୍ରାନ୍ତି ଅବସରରେ ବାରୁଆଁ ମଙ୍ଗଳା ପୀଠରେ ୫ଦିନ ଧରି ଯାତ୍ରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶତାଧିକ ଉଠାଦୋକାନୀ ପସରା ମେଲାଇଛନ୍ତି। ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି। ପରିଚାଳନା କମିଟି କର୍ମକର୍ତ୍ତା ଏବଂ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଜୟନ୍ତୀ ସମାରୋହରେ ମତ

# 'ବ୍ରଜନାଥ ଥିଲେ ସୃଜନଶୀଳ ବ୍ୟକ୍ତିତ୍ୱ'

**ଢେଙ୍କାନାଳ ଅଫିସ୍, ୧୪।୪**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରବିବାର ସନ୍ଧ୍ୟାରେ ଢେଙ୍କାନାଳ ଅଭିନନ୍ଦନ ଗାର୍ଡେନ ପରିସରରେ କବି ଚକ୍ରବର୍ତ୍ତୀ ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ରୀତିଯୁଗ ସାହିତ୍ୟର ଅନ୍ୟତମ ସାରସ୍ୱତ ସ୍ରଷ୍ଟା କବି ବ୍ରଜନାଥ ଥିଲେ ବହୁମୁଖୀ ସୃଜନଶୀଳ ପ୍ରତିଭାର ଅଧିକାରୀ। ତାଙ୍କର ବହୁ ଭାଷାରେ ପାଣ୍ଡିତ୍ୟ ଥିଲା। କବି, ସଙ୍ଗୀତଜ୍ଞ, ବହୁଶାସ୍ତ୍ରବିତ୍ ଭାବେ ସେ ଥିଲେ ଅଖଣ୍ଡ ଜ୍ଞାନର ଅଧିକାରୀ। ନିଜର ସାହିତ୍ୟକୃତି ପାଇଁ ସେ ସର୍ବଦା ମନେରହିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ମୁଖ୍ୟଅତିଥି ଭାବେ 'ସଙ୍କେତ'ର ସମ୍ପାଦକ ଦେବେନ୍ଦ୍ରନାଥ ଦାସ, ମୁଖ୍ୟବକ୍ତା ପ୍ରଫେସର କୁଳମଣି ଜେନା, ସମ୍ମାନିତ ଅତିଥି ଅଧ୍ୟାପିକା ଡ. ପୁଷ୍ପଲତା ରଥ ଯୋଗଦେଇଥିଲେ। ଜଣେ ନିର୍ଭୀକ ସମାଲୋଚକ ଭାବେ ବ୍ରଜନାଥଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଆ ଗଦ୍ୟ ସାହିତ୍ୟକୁ ବଳିଷ୍ଠ କରିବାରେ ତାଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ଅତିଥିମାନେ ମତ ରଖିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ ସମାରୋହରେ ଅଧ୍ୟକ୍ଷତା କରିବା ସହ କବିଙ୍କୁ ଓଡ଼ିଆ ଗଳ୍ପ ସାହିତ୍ୟର ଆଦ୍ୟସ୍ରଷ୍ଟା ବୋଲି ମତବ୍ୟକ୍ତ କରିଥିଲେ।

ମାନସ କୁମାର ନନ୍ଦ ଅତିଥି ପରିଚୟ, ଓଡ଼ିଶା ସାହିତ୍ୟ ଏକାଡେମୀର ବରିଷ୍ଠ ଅଧିକାରୀ ସଞ୍ଜୟ କୁମାର ଛୁଆଳସିଂ ସ୍ୱାଗତ ଭାଷଣ ଦେଇଥିଲେ। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କବି ମନୋରଞ୍ଜନ ନନ୍ଦଙ୍କ ପୁସ୍ତକ 'ପ୍ରବନ୍ଧମାଳା', ସଂଯୁକ୍ତା ମିଶ୍ରଙ୍କ କବିତା ସଙ୍କଳନ 'ସ୍ୱପ୍ନ ସୁରଙ୍ଗି' ଉନ୍ମୋଚିତ ହୋଇଥିଲା। କାଳିନ୍ଦୀ ଚରଣ ସାମଲ, କାଳୀଚରଣ ତ୍ରିପାଠୀ, ସନ୍ତୋଷ କୁମାର ବେହେରା, ବିନାୟକ ଶତପଥୀ, ଇତିଶ୍ରୀ ସିଂ, ବିରଞ୍ଚି ନାରାୟଣ ଖୁଣ୍ଟିଆ ପ୍ରମୁଖଙ୍କୁ ରେଣୁବାଳା ସ୍ମୃତି ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରାଲକ୍ଷ୍ମୀ ରଣା, ମାକ୍ଷିତମାମି ମହାପାତ୍ର, ମମତା ମିଶ୍ର, ବିଷ୍ଣୁପ୍ରିୟା ରଥ ସଙ୍ଗୀତ ପରିବେଷଣ କରିଥିଲେ। ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବ୍ରଜନାଥ ବଡ଼ଜେନାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଅତିଥିମାନେ।

## ଥାନା ହାଜତରୁ ଫେରାର ନାବାଳକ ଧରାପଡ଼ିଲେ

**କାମାକ୍ଷାନଗର, ୧୪।୪(ଡି.ଏନ.ଏ.)**

କାମାକ୍ଷାନଗର ଥାନା ହାଜତରୁ ଏକ୍‌ଜଷ୍ଟ ଫ୍ୟାନ୍ ଭାଙ୍ଗି ଚମ୍ପଟ ମାରିଥିବା ଅଭିଯୁକ୍ତ ନାବାଳକ (୧୭)ଙ୍କୁ ୪ଦିନ ପରେ କାବୁ କରିବାରେ ସକ୍ଷମ ହୋଇଛି ପୋଲିସ। ସୋମବାର ତାଙ୍କୁ ବାଳ ସୁଧାର ଗୃହକୁ ପଠାଇଦିଆଯିବ ବୋଲି ଥାନାଧିକାରୀ ନିରଞ୍ଜନ ସେଠୀ ସୂଚନା ଦେଇଛନ୍ତି।


ସୂଚନାଯୋଗ୍ୟ, ଏପ୍ରିଲ ୨ ବିଳମ୍ବିତ ରାତିରେ କାମାକ୍ଷାନଗର ମୁଣ୍ଡିଦେଉଳି ଅଞ୍ଚଳର ଅର୍ଜୁନ ଚରଣ ଖୁଣ୍ଟିଆଙ୍କ ଘରୁ ଚୋରି ହୋଇଥିଲା। ଏଥିରେ ସମ୍ପୃକ୍ତ ନାବାଳକ ସାମିଲ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୭୩/୧୯, ଦଫା ୪୫୭, ୩୮୦ରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ବହୁ ସଙ୍ଗିନ ମାମଲା ରହିଥିବାବେଳେ ପଚରାଉଚୁରା କରିବା ପାଇଁ ପୋଲିସ ତାଙ୍କୁ ଅଟକ ରଖିଥିଲା। ତେବେ ଗୁରୁବାର ବିଳମ୍ବିତ ରାତିରେ ହାଜତ ସୁରକ୍ଷା ବଳୟ ଭେଦକରି ସେ ଚମ୍ପଟ ମାରିବାକୁ ସକ୍ଷମ ହୋଇଥିଲେ। ସେ ଧରାପଡ଼ିବା ପରେ ପୋଲିସ ପକ୍ଷରୁ ନଂ. ୭୮/୧୯, ଦଫା ୨୨୪, ୩୩୨ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ଆଜି ମା' ଦୁର୍ଗାଙ୍କ ଭସାଣି


ପୀଠରେ ପୂଜା ପାଉଥିବା ମା' ସିଂହବାହିନୀ।

**ଭୁବନ, ୧୪।୪(ଡି.ଏନ.ଏ.)**

ଭୁବନରେ ୫ଦିନ ଧରି ଚାଲିଥିବା ବାସନ୍ତିକ ଦୁର୍ଗାପୂଜା ରବିବାର ଶେଷହୋଇଛି। ସୋମବାର ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇ ବିସର୍ଜନ କରାଯିବ। ଚଳିତବର୍ଷ ପୂଜାକୁ ୨୨ବର୍ଷ ପୂରିଛି। ପ୍ରଥମ ଦିବସରେ କଳସ ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏଥିସହ ସୂର୍ଯ୍ୟପୂଜା, ଅଙ୍କୁରାରୋପଣ ବିଧି ଅନୁଯାୟୀ କରାଯାଇଥିଲା। ମା'ଙ୍କ ବେଶ, ସନ୍ଧ୍ୟା ଆଳତି ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ମନ୍ଦିର ପରିଚାଳନା କମିଟି ସଭାପତି ଗୌରାଙ୍ଗ ପୃଷ୍ଟି, ଉପସଭାପତି ପୂର୍ଣ୍ଣଚନ୍ଦ୍ର ପାତ୍ର, ସମ୍ପାଦକ ଇନ୍ଦ୍ରମଣି ମହାପାତ୍ର, ଉପଦେଷ୍ଟା ମଣ୍ଡଳୀର ବିଶ୍ୱନାଥ ସାହୁ, ଗୋପୀନାଥ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରୁଛନ୍ତି।


ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଅବସରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ମନେପଡ଼ିଲେ ଆମ୍ବେଡକର

**ଢେଙ୍କାନାଳ ଅଫିସ୍, ୧୪।୪**

ଢେଙ୍କାନାଳ ଜିଲା ସଂସ୍କୃତି ବିଭାଗ ଏବଂ ଡ. ଆମ୍ବେଡକର ମେମୋରିଆଲ ସୋସାଇଟିର ମିଳିତ ଆନୁକୂଲ୍ୟରେ ରବିବାର ଭାରତରତ୍ନ ଡା. ବାବାସାହେବ ଭୀମାରାଓ ଆମ୍ବେଡକରଙ୍କ ୧୨୮ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି।

ଏହି ଅବସରରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଥିବା ଭୀମାରାଓଙ୍କ ପ୍ରତିମୂର୍ତ୍ତିରେ ପୂର୍ବାହ୍ନରେ ମାଲ୍ୟାର୍ପଣ କରାଯାଇଥିଲା। ଜିଲାପାଳ ନିଖିଲ ପଣ୍ଡନ କଲ୍ୟାଣ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆରଡିଏ ନରୋତ୍ତମ ବେହେରା, ଜିଲା ସଂସ୍କୃତି ଅଧିକାରୀ ଲକ୍ଷ୍ମୀଧର ରାଉତ ପ୍ରମୁଖ ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦଳିତଙ୍କୁ ନ୍ୟାୟ ପ୍ରଦାନ କରିବାରେ ବାବାସାହେବଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ସଂସ୍କୃତି ବିଭାଗ ସଂଯୋଜକ ଅବନୀ ମିଶ୍ର ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୋସାଇଟି ଅଧ୍ୟକ୍ଷ କୈଳାସ ଚନ୍ଦ୍ର ବେହେରା, ସମ୍ପାଦକ ବନମାଳୀ ମଲ୍ଲିକ, ଉପଦେଷ୍ଟା ଧ୍ରୁବଚରଣ ନାୟକ ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ଏହାପରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଆଦର୍ଶଜୀବନର ସ୍ମୃତିଚାରଣ କରିଥିଲେ।

## ସାହିତ୍ୟିକା ରେଣୁବାଳାଙ୍କ ଜୟନ୍ତୀ

**ଢେଙ୍କାନାଳ ଅଫିସ୍,୧୪।୪**

ଢେଙ୍କାନାଳ ରେଣୁବାଳା ସ୍ମୃତି ସଂସଦ ପକ୍ଷରୁ ରବିବାର ସ୍ଥାନୀୟ ସୂର୍ଯ୍ୟମଣ୍ଡପରେ ସାହିତ୍ୟିକା ରେଣୁବାଳା ନନ୍ଦଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସଂସଦର ରାଜ୍ୟ ସଭାପତି ସଂଯୁକ୍ତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ନିଳନ ମିଶ୍ର, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ରେଣୁବାଳାଙ୍କ ସାହିତ୍ୟକୃତି ଉପରେ ଆଲୋକପାତ କରିଥିଲେ। ମମତା ମିଶ୍ର, ବନମାଳୀ ମଲ୍ଲିକ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ବୀରାଲକ୍ଷ୍ମୀ ରଣା, ମନୋଜ ମଞ୍ଜରୀ ଦାସ, ନମିତା ମନୋହାରି, ମୈତ୍ରୀ ସୁଭଦା, ସୁଶୀଲ କୁମାର ନନ୍ଦ, ଅବନ୍ତୀ ନାଥ, ନିରୁପମା ରାଉଳ, ଉମେଶ ଚନ୍ଦ୍ର ଦାସ, ଅର୍ଚ୍ଚନା ରଥ, ଜ୍ଞାନରଞ୍ଜନ ନନ୍ଦ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ମାନସ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିବାବେଳେ ମାକ୍ଷିତମାମି ମହାପାତ୍ର ଅର୍ପଣ କରିଥିଲେ।

# ପଣାର ମଜାନେଲେ ପଥଚାରୀ


ପଣା ପିଇବାକୁ ଷ୍ଟଲରେ ଭିଡ଼।

**କାମାକ୍ଷାନଗର, ୧୪।୪(ଡି.ଏନ୍.ଏ.)**

ଓଡ଼ିଆଙ୍କ ଗଣପର୍ବ ପଣାସଂକ୍ରାନ୍ତିକୁ ନେଇ ସବୁଠି ଉତ୍ସାହର ବାତାବରଣ ଦେଖିବାକୁ ମିଳିଥିବାବେଳେ ଦିନତମାମ ପଣା ବଣ୍ଟନ କରି ଏହି ଉତ୍ସବକୁ ନିଆରା ଢଙ୍ଗରେ ପାଳିଛନ୍ତି କାମାକ୍ଷାନଗର ଖେମ୍‌କା ପରିବାର। ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇଥିବା ଏହି ପଣାବଣ୍ଟନ କାର୍ଯ୍ୟକ୍ରମ ସନ୍ଧ୍ୟା ଯାଏ ଜାରିରହିଥିଲା। ଏପରି ସୁଯୋଗ ହାତଛଡ଼ା କରି ନ ଥିଲେ ଜନସାଧାରଣ। ସ୍ୱାଦିଷ୍ଟ ପଣା ପିଇବାକୁ ପ୍ରବଳ ଭିଡ଼ ହୋଇଥିଲା। ସ୍ୱାତୀ ଖେମ୍‌କା, ପୁନମ୍ ଖେମ୍‌କା, ମନୀଷା ଖେମ୍‌କା, କାଜଲ ଖେମ୍‌କା, ଦୀପକ ଖେମକା ପ୍ରମୁଖ ଏହାର ପରିଚାଳନା କରିଥିଲେ।

ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ମଡ଼ିସାହିସ୍ଥିତ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ତାରିଣୀ ମନ୍ଦିର, ମାଳପୁରା ରାମ ମନ୍ଦିର, ଅନନ୍ତପୁର ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ମଠମନ୍ଦିରଗୁଡ଼ିକରେ ମଧ୍ୟ ଅନୁରୂପ ଭାବେ ପଣା ବଣ୍ଟନ କରାଯାଇଥିଲା। ଅଞ୍ଚଳରେ ପ୍ରଥମ ଥର ଏପରି କାର୍ଯ୍ୟକ୍ରମ ହୋଇଥିବାରୁ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା।

# 'ବ୍ରଜନାଥଙ୍କ କୃତୀ ଅନୁକରଣୀୟ'

**ଢେଙ୍କାନାଳ ଅଫିସ, ୧୪।୪**

କବି ବ୍ରଜନାଥ ବଡ଼ଜେନା ସାହିତ୍ୟ ଆକାଶର ଜଣେ ଅନନ୍ୟ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ। ତାଙ୍କ ଦ୍ୱାରା ରଚିତ ପ୍ରତିଟି ସାହିତ୍ୟକୃତି ଗୋଟିଏ ଗୋଟିଏ ମାଇଲଖୁଣ୍ଟ। ସେ ସର୍ବଦା ଅନୁକରଣୀୟ। ତାଙ୍କୁ ସାରସ୍ୱତ ସାଧକମାନେ ଅନୁସରଣ କରିବା ଉଚିତ ବୋଲି କହିଛନ୍ତି ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ। ଢେଙ୍କାନାଳ ଜିଲା ଲେଖକ ସଂସଦ ପକ୍ଷରୁ ରବିବାର ଆୟୋଜିତ କବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଥିଲେ।

ସଂସଦ ଭବନ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ପ୍ରମୋଦ କୁମାର ପରିଡ଼ା, ସମ୍ମାନିତ ବକ୍ତା ପ୍ରଫେସର ଡ. ନିମାଇଁ ଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଡ. ନିଶାମଣି ସ୍ୱାଇଁ, ପ୍ରାଧ୍ୟାପକ ଧନେଶ୍ୱର ସାହୁ, ଡ. ଧର୍ମାନନ୍ଦ ପୃଷ୍ଟି ପ୍ରମୁଖ ମଞ୍ଚାସୀନ ରହି ବ୍ରଜନାଥଙ୍କ ବହୁମୁଖୀ ପ୍ରତିଭା ଏବଂ ଆଦର୍ଶଜୀବନର ସ୍ମୃତିଚାରଣ କରିଥିଲେ।

ଗଗନ ବିହାରୀ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉପସଭାପତି ସାରଙ୍ଗଧର ମିଶ୍ର ଭିତ୍ତିପ୍ରବନ୍ଧ ପାଠ କରିଥିଲେ। ସମ୍ପାଦକ ବସନ୍ତ କୁମାର ପଟ୍ଟନାୟକ, ଦୈତାରୀ ପରଡ଼ା, ହୃଦାନନ୍ଦ ଦ୍ୱିବେଦୀ, ମାନସୀ କର, କାଳୀପ୍ରସାଦ ତ୍ରିପାଠୀ, ବୈଜୟନ୍ତୀ ପଟ୍ଟନାୟକ, ଅଞ୍ଜନ କୁମାର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଶେଷରେ କାଳିନ୍ଦୀ ସାହୁ କୃତଜ୍ଞତାପୂର୍ବକ ଧନ୍ୟବାଦ ଅର୍ପଣ କରିଥିଲେ।

ଏଥିପୂର୍ବରୁ ସକାଳ ସାଢ଼େ ୬ଟାରେ ସଂସଦର ସଦସ୍ୟମାନେ ଶ୍ୟାମାଚରଣପୁରସ୍ଥିତ ବାଇପାସ୍ ଛକ ନିକଟରେ ଥିବା ବ୍ରଜନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିମାନେ।

## ଦେଓଗାଁ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଢେଙ୍କାନାଳ ଅଫିସ୍, ୧୪।୪**

ଗଁଦିଆ ବ୍ଲକ ଦେଓଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାବିତ୍ ଶତ୍ରୁଘ୍ନ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିଚାଳନା ପରିଷଦ ସଭାପତି ଗଙ୍ଗାଧର ବାରିକ, ମୁଖ୍ୟବକ୍ତା ସ୍ଥାନୀୟ ସରକାରୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ନିୟମିତ ଅଧ୍ୟୟନ କରି ଜ୍ଞାନ ଆହରଣ କରିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ, ମମତା ଦେହୁରୀ, ସଂଜ୍ଞା ସାଗରିକା ସ୍ୱାଇଁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ହିନ୍ଦୁ ଜାଗରଣ ସଚେତନତା କାର୍ଯ୍ୟକ୍ରମ

# ସାମିଲ ହେଲେ ୬୦୦ କାର୍ଯ୍ୟକର୍ତ୍ତା


ଶୋଭାଯାତ୍ରାରେ ସାମିଲ ହୋଇଥିବା ବଜରଙ୍ଗ କ୍ଲବର କର୍ମକର୍ତ୍ତାମାନେ।

**ଭୁବନ, ୧୪।୪(ଡି.ଏନ.ଏ.)**

ଭୁବନ ବଜରଙ୍ଗ କ୍ଲବ ପକ୍ଷରୁ ରବିବାର ହିନ୍ଦୁ ଜାଗରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରୁ ୬୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଏକାଠି ହୋଇ ବିଶାଳ ବାଇକ୍ ରାଲିରେ ସହର ପରିକ୍ରମା କରିଥିଲେ। ହିନ୍ଦୁମାନଙ୍କ ମଧ୍ୟରେ ଏକତା ସୃଷ୍ଟି, ହିନ୍ଦୁତ୍ୱର ସଂରକ୍ଷଣ, ସନାତନ ଧର୍ମର ମୌଳିକ ଚିନ୍ତାଧାରାକୁ ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର କରାଇବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଉକ୍ତ ଶୋଭାଯାତ୍ରା ଗଁଦିଆ ପଞ୍ଚାୟତ ଦେଓଗାଁରେ ପହଞ୍ଚିବାପରେ ସେଠାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ବିଶ୍ୱ ହିନ୍ଦୁ ପରିଷଦର ଅରବିନ୍ଦ ଦାସ, ଯାଜପୁର ଜିଲା ସହସଂଯୋଜକ ଜିଜ୍ଞାସୁ ସାହୁ ଯୋଗଦେଇ ସଙ୍ଗଠନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତିବର୍ଷ ପଣାସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଓଡ଼ିଆ ନବବର୍ଷକୁ ଆଡମ୍ବର ସହକାରେ ପାଳନ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଭୁବନ ପ୍ରଖଣ୍ଡ ସଂଯୋଜକ ଦେବଦତ୍ତ ବିଶ୍ୱକର୍ମାଙ୍କ ନେତୃତ୍ୱରେ ସହସଂଯୋଜକ ଅମର ନାୟକ, ଗୋରକ୍ଷା ପ୍ରମୁଖ ଆରତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହନୁମାନ ବିଗ୍ରହ ପ୍ରତିଷ୍ଠା



ପବିତ୍ରନଗର,୧୪।୪(ଡି.ଏନ.ଏ.)- କଣିହାଁ ବ୍ଲକ କୁଲେଇ ପଞ୍ଚାୟତ କଟରାପଡ଼ା ଗ୍ରାମରେ ରବିବାର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଶେଷ ହୋଇଛି। ଶନିବାର ଗ୍ରାମର ମହିଳାମାନେ ବ୍ରାହ୍ମଣୀ ନଦୀରୁ ପାଣି ଆଣି କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ରବିବାର ହନୁମାନ ଜୟନ୍ତୀକୁ ନେଇ ପୂଜାର୍ଚ୍ଚନା କରାଯାଇ ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ମଧାହ୍ନରେ ହୋମଯଜ୍ଞ, ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମବାସୀ ସହଯୋଗ କରିଥିଲେ।

### ତଳମୂଳ ଗ୍ରାମରେ ଅଷ୍ଟଶମ୍ଭୁଙ୍କ ମିଳନ

ବଁଅରପାଳ,୧୪।୪(ଡି.ଏନ.ଏ.)- ବଁଅରପାଳ ବ୍ଲକ ତଳମୂଳ ଗ୍ରାମରେ ଶନିବାର ପ୍ରଭୁ ଅଷ୍ଟଶମ୍ଭୁଙ୍କ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଲୋକମାନେ ନିଜ ନିଜ ସାହିରେ ଆମ୍ବ ତୋରଣ ସୁସଜ୍ଜିତ କରିବା ସହ ଘର ଅଗଣାରେ ଝୋଟି ପକାଇଥିଲେ। ଏହି ଦୃଶ୍ୟ ଗାଁକୁ ବେଶ ମନମୁଗ୍ଧକର କରିଥିଲା। ଶନିବାର ସକାଳେ ଅଷ୍ଟଶମ୍ଭୁଙ୍କ ମନ୍ଦିରରେ ନୀତି କରାଯିବା ସହ ଠାକୁରଙ୍କୁ ରାଜା ବେଶ କରାଯାଇଥିଲା। ପରେ ନାମ ସଂକୀର୍ତ୍ତନ, ଘଣ୍ଟବାଦ୍ୟ ଓ ବିଭିନ୍ନ ପ୍ରକାର ବାଦ୍ୟ ବାଜଣାରେ ପ୍ରଭୁଙ୍କୁ ଗାଁ ମୁଣ୍ଡକୁ ଅଣାଯାଇଥିଲା। ସେଠାରେ ଯଥାରୀତି ପୂଜାର୍ଚ୍ଚନା କରାଯାଇ ଠାକୁରଙ୍କୁ ରୁକୁଣା ରଥରେ ବିଜେ କରାଯାଇଥିଲା। ପରେ ଭକ୍ତମାନେ ରଥ ଟାଣି ଗ୍ରାମ ପରିକ୍ରମା କରିବାପରେ ଦୁର୍ଗାମାଧବ ମନ୍ଦିରକୁ ଅଣାଯାଇଥିଲା। ଏହାପରେ ରଥ ଉପରେ ଠାକୁରଙ୍କ ପୂଜା ନୀତି କରାଯିବା ପରେ ଦୁର୍ଗାମାଧବ ମନ୍ଦିର ନିକଟରେ ଅଷ୍ଟଶମ୍ଭୁ ଠାକୁରଙ୍କ ମିଳନ ହୋଇଥିଲା। ପ୍ରଭୁ ଭୋଳେଶ୍ୱର, ବାଣେଶ୍ୱର, କୁଳଙ୍ଗେଶ୍ୱର, କୁମ୍ଭେଶ୍ୱର, ଦ୍ୱାରେଶ୍ୱର, ଧବଳେଶ୍ୱର, କୁଣ୍ଡନଶ୍ୱର ଓ ହନୁମନ୍ତଶ୍ୱରଙ୍କୁ ଏକତ୍ରିତ କରାଯାଇ ମିଳନ ଉତ୍ସବ କରାଯାଇଥିଲା ହୋମଯଜ୍ଞ, ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ଏହି ଉତ୍ସବ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

### ଆମ୍ବେଡକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ




ଅନୁଗୋଳ ଅଫିସ, ୧୪।୪- ଭାରତୀୟ ସମ୍ବିଧାନ ପ୍ରଣେତା ବାବା ସାହେବ ବି ଆର୍ ଆମ୍ବେଡକରଙ୍କ ଜୟନ୍ତୀ ସମାରୋହ ରବିବାର ପୂର୍ବାହ୍ନରେ ବଁଅରପାଳ ସେବାଶ୍ରମ ଠାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମ୍ବେଡକରଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଆମ୍ବେଡକରଙ୍କର ଦୂର ଦୃଷ୍ଟି ଓ ମହାନ ଚିନ୍ତାଧାରା ଯୋଗୁ ଆମେ ଅଧିକାର ପାଇବା ସହ ସମ୍ମାନର ସହ ବଞ୍ଚିଛୁ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସେବାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପାତ୍ର ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ। ସେବାଶ୍ରମର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀମାନଙ୍କ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ।

# ମେରୁଯାତ୍ରାରେ କମ୍ପିଲା ଗାଁ ଦାଣ୍ଡ

ବଇଣ୍ଡା/ଛେଣ୍ଡିପଦା, ୧୪।୪(ଡି.ଏନ.ଏ.)



ବଇଣ୍ଡାରେ ମେରୁ ଉତ୍ସବ ପାଳନ।

କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଓ ଗାଁ ବଇଣ୍ଡା ଗ୍ରାମରେ ରବିବାର ମେରୁ ଯାତ୍ରା ପାଳିତ ହୋଇଛି। ଦୀର୍ଘ ୨୦ ଦିନ ଧରି ବିଭିନ୍ନ ଗ୍ରାମରେ ଚାଲିଥିବା ଦଣ୍ଡଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନରେ ଗ୍ରାମରେ ଧୂଳି ଦଣ୍ଡ ଖେଳାଯିବା ପରେ ବାଲୁକା ପୂଜା କରାଯାଇଥିଲା। ପରେ ମାହେଶ୍ୱରୀ ଠାକୁରାଣୀଙ୍କୁ ଗ୍ରାମରୁ ଏକ ବିରାଟ ଶୋଭାଯାତ୍ରାରେ ଅଣାଯାଇ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ରାତିରେ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ମେରୁ ଯାତ୍ରାରେ ଆଖପାଖ ଗ୍ରାମର ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ହଣ୍ଡପା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବାଜା, ବାଣରେ ଗାଁ କମ୍ପି ଉଠିଥିଲା। ଗ୍ରାମର ରମେଶ ପ୍ରଧାନ, ଭୀଷ୍ମ ଦେହୁରୀ, ଅରିକ୍ଷିତ ସାହୁ, ଅନିଲ ପ୍ରଧାନ, ସର୍ବେଶ୍ୱର ମହାପାତ୍ରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକର ପୁରପଲ୍ଲୀରେ ମହାବିଷୁବ ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଓଡ଼ିଆ ନବବର୍ଷ ତଥା ମେରୁଯାତ୍ରା ପାଳିତ ହୋଇଛି। ଛେଣ୍ଡିପଦା, ଜରପଡା, ବାଗେଡିଆ, ଖମାର, ମାଛକୁଟା, ନୂଆପଡା, ପରା, ମାଳିସାହି, କତଡା, ଜେରେଙ୍ଗ ଦେହୁରୀ ସାହି, ବାଲିପଟା, କୋରଡା, ଝିଣ୍ଟିପାଳ, କୋଶଳା, ବ୍ରାହ୍ମଣବିଲ, କଙ୍କରେଇ, ପରଙ୍ଗ, ଦୁର୍ଗାପୁର ଆଦି ସ୍ଥାନରେ ଏହି ଉତ୍ସବ ପାଳିତ ହୋଇଛି। ବ୍ଲକର ପ୍ରସିଦ୍ଧ ତୁକୁଡା ମା' ଭଗବତୀ ଦକ୍ଷିଣକାଳୀ ମନ୍ଦିର ପରିସରରେ ମେରୁ ଯାତ୍ରା ପାଳିତ ହୋଇଥିଲା। ଏହି ଉପଲକ୍ଷେ ମା' ଦକ୍ଷିଣ କାଳୀ ଗଣନାଟ୍ୟ ପକ୍ଷରୁ ଧୂଳିଦଣ୍ଡ ସହ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା। ଦୁର୍ଗାପୁର ତାରିଣୀ ମନ୍ଦିର, ଛେଣ୍ଡିପଦା ବନଦୁର୍ଗା ପୀଠ, ଦୁର୍ଗାପୁର ବନଦୁର୍ଗା ମନ୍ଦିର, କୋଶଳା ମା' ରାମଚଣ୍ଡୀ ମନ୍ଦିର, ଛେଣ୍ଡିପଦା ତାରିଣୀ ମନ୍ଦିର ଆଦି ସ୍ଥାନରେ ମେରୁ ଯାତ୍ରା ପାଳିତ ହୋଇଥିଲା। ସେହିପରି ଦୁର୍ଗାପୁର-କୋରଡା ଘାଟି ସ୍ଥିତ ହନୁମାନ ମନ୍ଦିର, ବରପଦା ଛକ ହନୁମାନ ମନ୍ଦିର, ଛେଣ୍ଡିପଦା ହନୁମାନ ମନ୍ଦିର ଆଦି ସ୍ଥାନରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି।


■ ଦୁର୍ଘଟଣାରେ ଯୁବକ ଗୁରୁତର ଘଟଣା

## କ୍ଷତିପୂରଣ ଦାବିରେ ଆନ୍ଦୋଳନ

କଣିହାଁ, ୧୪।୪(ଡି.ଏନ.ଏ.)

କଣିହାଁ ବ୍ଲକ ୫୩ ନଂ. ରାଜପଥ ଏନ୍‌ଟିପିସି ପାଉଁଶ ପୋଖରୀ ଠିକାଦାର ସମଲ କ୍ୟାମ୍ପ ନିକଟରେ ଶନିବାର ସନ୍ଧ୍ୟାରେ ବାଇକ ଦୁର୍ଘଟଣାରେ ବଜ୍ରକୋଟ ଗ୍ରାମର ଜିତେନ୍ଦ୍ର ବାରିକ ଗୁରୁତର ହୋଇଥିଲେ। ତାଙ୍କୁ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଘଟଣା ପରେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। କିନ୍ତୁ ଆନ୍ଦୋଳନ ଯୋଗୁ ଜେଆଇଟିପିଏଲ ପ୍ରକଳ୍ପରୁ ଟ୍ରକ ଯୋଗେ କୋଇଲା ପରିବହନ ସହିତ ଏନ୍‌ଟିପିସି ପ୍ରକଳ୍ପରୁ ଟ୍ରକ୍ ଯୋଗେ ଯାଉଥିବା ପାଉଁଶ ପରିବହନ ଭାରିଯାନ ଅଟକି ରହିଥିଲା। ରବିବାର ସନ୍ଧ୍ୟା ସୁଦ୍ଧା ଭାରିଯାନ ଚଳାଚଳ ବନ୍ଦ ରହିଛି। ଆନ୍ଦୋଳନରେ ଭାଗ ନେଇଥିବା ଶ୍ରମିକ ନେତା ଦୁର୍ଯ୍ୟୋଧନ ପ୍ରଧାନ କହିଛନ୍ତି, ଯେ ପର୍ଯ୍ୟନ୍ତ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ କ୍ଷତିପୂରଣ ମିଳିନାହିଁ ଆନ୍ଦୋଳନ ଜାରି ରହିବ।

# ୫ ବଖରା, ଦୋକାନ ଜଳିଗଲା



ବ୍ରହ୍ମପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଘର ଜଳିଯାଇଛି।

ବନ୍ତଳା/ମାଧପୁର, ୧୪।୪(ଡି.ଏନ.ଏ.)

ବନ୍ତଳା ଥାନା ବ୍ରହ୍ମପୁର ଗ୍ରାମରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୫ ବଖରା ଜଳିଯାଇଛି। ଗ୍ରାମର ବାସନ୍ତୀ ସାହୁଙ୍କ ୨ ବଖରା ସହିତ ୩୦ ହଜାର ଟଙ୍କା, ଆସବାବପତ୍ର ସହ ଖାଦ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସେହିପରି ହୃଦାନନ୍ଦ ସାହୁଙ୍କ ୨ ବଖରା, ରବୀନ୍ଦ୍ର ସାହୁଙ୍କ ଗୋଟିଏ ଗୁହାଳ ଘର ପୋଡ଼ିଯାଇଛି। ବାସନ୍ତୀଙ୍କ ପୁଅ ଆକାଶ(୧୭), ଝିଅାରୀ ମାମୁଲି(୧୭), ପୁତୁରା ବିଜନ ପ୍ରଧାନ(୧୩) ଘରେ ଶୋଇଥିବାବେଳେ ଅଗ୍ନିକାଣ୍ଡ ଘଟିଥିଲା। ତେବେ ଗ୍ରାମବାସୀ ଘର ଭିତରୁ ସେମାନଙ୍କୁ ଉଦ୍ଧାର କରିବା ସହ ନିଆଁକୁ ଆୟତ୍ତ କରିଥିଲେ। ସେହିପରି ଶନିବାର ଖିଣ୍ଡା ଗ୍ରାମର ବିନୋଦ ସାହୁ, ପ୍ରତାପ ଦେହୁରୀଙ୍କ ମସଲା ଦୋକାନରେ ଅଗ୍ନିକାଣ୍ଡ ଘଟି ୨ ଟି ଦୋକାନ ପୋଡି ପାଉଁଶ ହୋଇଯାଇଛି। ଅଗ୍ନିଶମ ବିଭାଗ ଗାଡ଼ି ବିଳମ୍ବରେ ପହଞ୍ଚିବା ଯୋଗୁ କଂଗ୍ରେସର ଅନୁଗୋଳ ବିଧାୟକ ପ୍ରାର୍ଥୀ ବିପ୍ଳବ ଜେନାଙ୍କ ପ୍ରଚାର ଗାଡ଼ି ଜେନେରେଟରକୁ ବ୍ୟବହାର କରି ନିଆଁକୁ ଆୟତ୍ତ କରାଯାଇଥିଲା। ସେହିପରି ଆଠମଲ୍ଲିକ ବ୍ଲକ ମାଧପୁର ବଜାର ଉପକଣ୍ଠରେ ଥିବା ପ୍ରଫୁଲ୍ଲ ସାହୁଙ୍କ ଚା' ଦୋକାନରେ ରବିବାର ରାତିରେ କୌଣସି କାରଣବଶତଃ ନିଆଁ ଲାଗିଯିବାରୁ ଦୋକାନ ଭିତରେ ଥିବା ଗ୍ୟାସ ଟାଙ୍କି ବିସ୍ଫୋରଣ ହୋଇଥିଲା। ଫଳରେ ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଖବରପାଇ ଆଠମଲ୍ଲିକ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୭ ଛାତ୍ରୀଛାତ୍ରଙ୍କୁ କରାଟେ ବ୍ଲାକ୍ ବେଲ୍ଟ



ଅନୁଗୋଳ ଅଫିସ, ୧୪।୪

ଅନୁଗୋଳ ସ୍ଥିତ ପିଟିସି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଉତ୍କଳ କ୍ୟୋକୁସିନ୍ କରାଟେ ସଙ୍ଗଠନ ଅନୁଗୋଳ ଶାଖା ପକ୍ଷରୁ ବ୍ଲାକ ବେଲ୍ଟ ପଦୋନ୍ନତି ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଅନୁଗୋଳର ସାମାଜିକ କର୍ମୀ ବିଜୟ ମୋଦୀ ଓ ପର୍ଶୁରାମ ଦାଶ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପାଠପଢ଼ା ସହିତ କରାଟେ ଭଳି ମାର୍ଶଲ ଆର୍ଟ ଛାତ୍ରୀଛାତ୍ରମାନଙ୍କୁ ସୁସ୍ଥ ରଖିବା ସହ ଆତ୍ମରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। କରାଟେ ପରିଚାଳନା କମିଟି ସମ୍ପାଦକ ସୌଭାଗ୍ୟ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହରେ କମିଟିର ଉପସଭାପତି ବିଶ୍ୱରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବବିନ ଚନ୍ଦ୍ର ଗଡ଼ନାୟକ, ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ବେହେରାଙ୍କ ସମେତ ମନୋଜ ଦାସ, ଏସ୍. ରାଜକୁମାର, ମହମ୍ମଦ ଆଜାରୁଦ୍ଦିନ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୭୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆଂଶିକା ସିଂ, ସାଚ୍ଛି ତିୱାରୀ, ଏ. ମନୀଷ, ଏସ୍. ସତ୍ୟସାଗର, ବିରଜା ପଣ୍ଡା, ସୌଚିନ୍ତ୍ୟ ନାୟକ ଓ ଅମନ ସାମଲଙ୍କୁ ବ୍ଲାକ୍ ବେଲ୍ଟ ପ୍ରଦାନ କରାଯାଇଥିଲା। ଏଥିସହ ଅନ୍ୟ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଦିଆଯାଇଥିଲା। ସଙ୍ଗଠନର ମୁଖ୍ୟ ପ୍ରଶିକ୍ଷକ ବାସୁଦେବ ସାହୁ ମହିଳାମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ ଉପରେ ଆଲୋକପାତ କରିଥିଲେ। କନିଷ୍ଠ ପ୍ରଶିକ୍ଷକ ରୋହନ ସାହୁ, ପ୍ରୀତମ କୁମାର, ତନ୍‌ଭିର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବିଜୟ ସାହୁ ଧନ୍ୟବାଦ ଦେଇଥିଲେ।

## ଅଗ୍ନି ନିର୍ବାପନ ସେବା ସପ୍ତାହ

ବଁଅରପାଳ,୧୪।୪(ଡି.ଏନ.ଏ.)

ନାଲ୍‌କୋ ସିଆଇଏସ୍‌ଏଫ୍ ପକ୍ଷରୁ ସ୍ମେଲଟର ଦମକଳ କେନ୍ଦ୍ର ପରିସରରେ ରବିବାର ଅଗ୍ନି ନିର୍ବାପନ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ନାଲକୋ ନିର୍ବାହୀ ନିର୍ଦ୍ଦେଶକ ମନସା ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଲ୍‌କୋ ସ୍ମେଲଟର ମହାପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାସ, ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍‌ଏନ୍ ସାହୁ, ସିପିପି ମହାପ୍ରବନ୍ଧକ ଅମ୍ବିକା ପଣ୍ଡା, ମହାପ୍ରବନ୍ଧକ ଅର୍ପଣ ଭୋଷ, ସରୋଜ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ବଂଶୀଧର ସୁନ୍ଦରା ଏଥିରେ ଅଧକ୍ଷତା କରିଥିଲେ। ଆସିଷ୍ଟାଣ୍ଡ କମାଣ୍ଡାଣ୍ଟ ଆର୍‌ବି ବଗାରିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଇନ୍ସପେକ୍ଟର ମହେଶ ନାଥ ପାଣ୍ଡେ, ଇନ୍ସପେକ୍ଟର ଆଇ କର, ଇନ୍ସପେକ୍ଟର ଏକେ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅଗ୍ନି ନିର୍ବାପନ ସେବା ଉପରେ ଏକ ରିଫ୍ଲେକ୍ସ ଉନ୍ମୋଚନ ହୋଇଥିଲା। ମୁଖ୍ୟତଃ ଯେ କୌଣସି ସ୍ଥାନରେ ନିଆଁ ଲାଗିଲେ ପ୍ରାରମ୍ଭରୁ କିଭଳି ନିୟନ୍ତ୍ରଣ କରାଯାଇ ବଡ଼ଧରଣର ଅଘଟଣରୁ କିପରି ରକ୍ଷା କରାଯାଇପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ୭ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଡ୍ରିଲ୍, ଫାୟାର୍ ମେଳା, କୁଇଜ୍ ଆଦି ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଆମ୍ବେଡକରଙ୍କ ଜୀବନୀ ଉପରେ ଆଲୋକପାତ



ଅନୁଗୋଳ ଅଫିସ, ୧୪।୪

ଅନୁଗୋଳ ଜିଲା ଦଳିତ ମହାସଂଘ ଟାଉନ ହଲ୍‌ଠାରେ ରବିବାର ବାବା ସାହେବ ବି ଆର୍ ଆମ୍ବେଡକର ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶ୍ୱ ମାନବ ଅଧିକାର ମଞ୍ଚର ସଭାପତି ରାମଚନ୍ଦ୍ର ରାଉତରାୟ, ସମ୍ପାଦକ ଅଶୋକ ଜେନା, ସାମାଜିକ କର୍ମୀ ବ୍ରହ୍ମଜ୍ୟୋତି ମିଶ୍ର, ଅମର ଦାସ, ଅନୁଷ୍ଠାନ ସଭାପତି ପ୍ରମୋଦ ବେହେରା, ଉପସଭାପତି ସୁରେନ୍ଦ୍ର ବେହେରା, ନିର୍ଦ୍ଦେଶକ ରୋହିତ ସାମଲ ସମ୍ପାଦକ ମୋହନ ଗୋଚ୍ଛାୟତ, କୋଷାଧ୍ୟକ୍ଷ ଗଗନ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ରହି ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଆମ୍ବେଡ଼କରଙ୍କ ଜୀବନୀ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ସଭାରେ ରାଜୁ ନାଏକ, ଉଚ୍ଛବ ଗୋଚ୍ଛାୟତ, ପ୍ରଫୁଲ୍ଲ ବେହେରା, କିଷାନ ଗୋଚ୍ଛାୟତ, ଦେବାନନ୍ଦ ଗୋଚ୍ଛାୟତ, ବ୍ରହ୍ମାନନ୍ଦ ନାଏକ, ସୁରେଶ ବେହେରା, ପୀତବାସ ଗୋଚ୍ଛାୟତ, ଚିନ୍ତାମଣି ଗୋଚ୍ଛାୟତ ପ୍ରମୁଖ ସହଯୋଗ କରିଥିଲେ। ପ୍ରତାପ ବେହେରା ଧନ୍ୟବାଦ ଦେଇଥିଲେ।

## ରାସୋଳ ମହୋତ୍ସବ ଉଦ୍‌ଘାଟିତ




ରାସୋଳ, ୧୪।୪(ଡି.ଏନ୍.ଏ.)


ହିନ୍ଦୋଳ ବ୍ଲକ ରାସୋଳ ହାଟ ପଡ଼ିଆରେ ରବିବାରଠାରୁ ଆରମ୍ଭ ହୋଇଛି ରାସୋଳ ମହୋତ୍ସବ। ଏହା ୧୭ ତାରିଖ ଯାଏ ଚାଲିବ। ମୁଖ୍ୟଅତିଥି ଭାବେ ଯୁବରାଜ ଅଶୋକବର୍ଦ୍ଧନ ସିଂଦେଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟକ ମହେଶ୍ୱର ନାୟକ, କଂଗ୍ରେସ ବିଧାୟକ ପ୍ରାର୍ଥୀ ତ୍ରିନାଥ ବେହେରା, ସମିତିସଭ୍ୟ ଭାସ୍କର ଚନ୍ଦ୍ର ନାୟକ ଯୋଗଦେଇ ଅଞ୍ଚଳର ପରମ୍ପରା, ଗୌରବ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଖପାଖ ଅଞ୍ଚଳର କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଚଳିତବର୍ଷ ଉତ୍ସବ ନିରାଡମ୍ବର ଭାବେ ଆୟୋଜିତ ହେଉଛି। ଉଦ୍‌ଘାଟନୀ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।

# ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନର ନୂତନ କର୍ମକର୍ତ୍ତା

ତାଳଚେର,୧୪।୪(ନି.ପ୍ର.)

ତାଳଚେର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭାବେ ଧୀରମୋହନ ରାୟ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ଅଜୟ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ଭାବେ ଜାନକୀ ବଲ୍ଲଭ ନାୟକ, ସାଧାରଣ ସମ୍ପାଦକ ଭାବେ ସୌଭାଗ୍ୟ ଚନ୍ଦ୍ର ନାୟକ, ସହ ସମ୍ପାଦକ ଭାବେ ରୁଦ୍ରମୋହନ ଗଡ଼ନାୟକ ଓ କୋଷାଧ୍ୟକ୍ଷ ଭାବେ ସଞ୍ଜୟ ଦଳେଇଙ୍କୁ ଚୟନ କରାଯାଇଛି। ପୂର୍ବତନ ସଭାପତି ଆର୍ତ୍ତତ୍ରାଣ ପାଣି ସଂଘର ନିୟମ ଉପରେ ଆଲୋଚନା କରିଥିଲେ। ସଂଘର ସଦସ୍ୟ ମଦନ ମୋହନ ସାହୁ, ସୟଦ ଜୁଲଫିକର ହୁସେନ୍, ମନୀଲ ମହାରଣା, ସୁନୀଲ ମିଶ୍ର, ରଙ୍ଗାଧର ନାୟକ, ରବୀନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ୬୩ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

ଅନୁଗୋଳ ଅଫିସ, ୧୪।୪

ଅନୁଗୋଳ ଜିଲା ସତ୍ୟସାଇ ସଙ୍ଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର କୁରୁଡୁଲୁ ପଞ୍ଚାୟତ କରବେରିଣୀ ଗ୍ରାମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାଇ ଅମୃତ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଶିବିରରେ ୬୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସତ୍ୟସାଇ ସଙ୍ଗଠନର ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ସଭାପତି ଦୁର୍ଗା ପ୍ରସନ୍ନ ରଥ, ଅମୃତ ବିନ୍ଦୁ କାର୍ଯ୍ୟକ୍ରମ ଜିଲା ସଂଯୋଜକ ସଞ୍ଜୟ କୁମାର ସାହୁ, ସଞ୍ଜୀବ ଦେହୁରୀ, ଡ. ବଳଦେବ କର, ସଂଗ୍ରାମ ନାୟକ, ମନୋଜ କୁମାର ପଣ୍ଡା, ବସନ୍ତ ବାରିକ, ବାବୁଲାଲ ଦାଶ, ପ୍ରକାଶ ଧର, ଦେବାଶିଷ ତ୍ରିପାଠୀ, ପର୍ଯ୍ୟବେକ୍ଷଣ ଗୃହର ସୁପରଣ୍ଟେଣ୍ଡେଣ୍ଟ ଅମିର କୁମାର ନାଥଶର୍ମା ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଅପରାହ୍ନରେ କୁରୁଡୁଲୁ ଗ୍ରାମ ଈଶାନେଶ୍ୱର ମନ୍ଦିରରେ ଜିଲା ସତ୍ୟସାଇ ସଙ୍ଗଠନର କର୍ମକର୍ତ୍ତାମାନଙ୍କୁ ନେଇ ସାଧନା ଶିବିର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ସର ଓ କର୍ମକର୍ତ୍ତା ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ ମାଗଣା ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଡା. ଭୁବନେଶ୍ୱରୀ ନନ୍ଦନ ମିଶ୍ର ଦନ୍ତ ପରୀକ୍ଷା ଓ ଚିକିତ୍ସା କରିଥିଲେ।

# ଡାଣ୍ଡିଆରେ ଝୁମିଲା ବାସନ୍ତୀ ଦୁର୍ଗାପୂଜା ପଡ଼ିଆ

ଅନୁଗୋଳ ଅଫିସ, ୧୪।୪

ଅନୁଗୋଳ ସ୍ଥିତ ଅମଲାପଡ଼ା ମା' ବାସନ୍ତୀ ଦୁର୍ଗା ପୂଜା ମଣ୍ଡପରେ ରବିବାର ସନ୍ଧ୍ୟାରେ ସାମୂହିକ ଡାଣ୍ଡିଆ ନୃତ୍ୟ ପରିବେଷଣ ହୋଇଯାଇଛି। ଏଥିଯୋଗୁ ଉକ୍ତ ପଡିଆରେ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା। ପୂର୍ବାହ୍ନରେ ସୂର୍ଯ୍ୟପୂଜା, ଗୋ ପୂଜା, ମହାନବମୀ ପୂଜା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଏହାପରେ ଚଣ୍ଡୀ ଯଜ୍ଞ ସହ ନବ କୁମାରୀ ପୂଜା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ୯ ଜଣ ଶିଶୁ କନ୍ୟା ଏହି ପୂଜନରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ବହୁ ସଂଖ୍ୟାରେ ଲୋକେ ଡାଣ୍ଡିଆ ନାଚ ଦେଖିବାକୁ ଭିଡ଼ ଜମାଇଥିଲେ। ଅନୁଗୋଳ ସହରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର ନୃତ୍ୟ କଳାକାରମାନେ ସୁସଜ୍ଜିତ ବେଶରେ ଗୀତର ସାମୂହିକ ଡାଣ୍ଡିଆ ନୃତ୍ୟ ପରିବେଷଣ କରିଥିଲେ।



ଯୁବତୀଯୁବକମାନେ ଡାଣ୍ଡିଆ ନୃତ୍ୟ ପରିବେଷଣ କରୁଛନ୍ତି।

ପୂଜା କମିଟିର ସଭାପତି ଶକ୍ତିପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଅନୁପ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୋମବାର ଦଶମୀ ପୂଜା ସହ ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ପୂଜା ଅବସରରେ ସକାଳେ ରକ୍ତଦାନ ଶିବିର ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ।

## ଅତ୍ୟଧିକ ମିଠା ଖାଇଲେ..



ସାଧାରଣତଃ ମିଠାଜାତୀୟ ଖାଦ୍ୟ ଦେଖିଲେ ଅଧିକାଂଶଙ୍କ ପାଟିରୁ ଲାଳ ଗଡ଼େ। ଯଦି ଆପଣ ଅଧିକ ପରିମାଣର ମିଠା ଖାଉଛନ୍ତି ତେବେ ସେଥିରେ ବ୍ରେକ୍ ଲଗାନ୍ତୁ। ନ ହେଲେ ଏହାଦ୍ୱାରା ଆପଣଙ୍କର ସ୍ମରଣଶକ୍ତି ପ୍ରଭାବିତ ହୋଇପାରେ। ଏଭଳି ସତର୍କ ସୂଚନା ଦେଇଛନ୍ତି ୟୁନିଭର୍ସିଟି ଅଫ୍ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ। ସାଧାରଣ ଭାବରେ ମିଠା ଖାଉଥିବା ଏବଂ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିବା କେତେଜଣ ବ୍ୟକ୍ତିଙ୍କର ସ୍ମରଣଶକ୍ତିକୁ ସେମାନେ ପରୀକ୍ଷା କରିଥିଲେ। ହେଲେ ଆଶ୍ଚର୍ଯ୍ୟଜନକ ଭାବରେ ଅଧିକ ମିଠା ଖାଉଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପାଖାପାଖି ୪୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ଏପରି ଅଭ୍ୟାସରେ ପରିବର୍ତ୍ତନ ଆଣିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ମ୍ୟୁଜିକ ଲଭର ରୋବୋ

କେବଳ ମଣିଷ ନୁହନ୍ତି, ରୋବୋ ମଧ୍ୟ ସଙ୍ଗୀତ ପ୍ରେମରେ ପଡ଼ିପାରେ। ଏପରି ଏକ ମ୍ୟୁଜିକ ଲଭର ରୋବୋ ନିକଟରେ ପ୍ରସ୍ତୁତ କରିଛନ୍ତି ଚାଇନାର ବିଶେଷଜ୍ଞମାନେ। ନିଜକୁ ଖୁସ୍ ରଖିବା



ପାଇଁ ସେ ନିଜେ ମନ ପସନ୍ଦର ଗୀତ ଶୁଣିପାରିବ। କେବଳ ସେତିକି ନୁହେଁ, ଅନ୍ୟମାନଙ୍କୁ ଆକର୍ଷିତ କରିବା ଭଳି ଟ୍ୟୁନିଂ ମଧ୍ୟ ବଜାଇପାରିବ। ବିଶେଷଭାବରେ ପିଆନୋ ବଜାଇବାରେ ଏପରି ରୋବୋ ବେଶ୍ ଏକ୍ସପର୍ଟ। ଯଦି ଜଣେ ବ୍ୟକ୍ତି ଟେନ୍ସନରେ ଅଛନ୍ତି ତେବେ କିଛି ସମୟ ଏହି ରୋବୋ ପାଖରେ ବିତାଇଲେ ସେ ଅନେକାଂଶରେ ଆରାମ ଅନୁଭବ କରିପାରିବେ। ସେହି ସମୟରେ ରୋବେ ଉକ୍ତ ବ୍ୟକ୍ତିଙ୍କ ମାନସିକତାକୁ ଅନୁଧ୍ୟାନକରି ତାଙ୍କ ମନ ପସନ୍ଦ ଅନୁସାରେ ଗୀତ ଏବଂ ପିଆନୋ ଟ୍ୟୁନିଂ ଶୁଣାଇପାରିବ।

# ନିୟନ୍ତ୍ରିତ ଆହାର



ଡା. ଆଶିଷ ବାନାର୍ଜୀ

**ସୁସ୍ଥ, ନୀରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୈନିକ ମାତ୍ରା ଅନୁଯାୟୀ ପୌଷ୍ଟିକ ଆହାର ସେବନ ଆବଶ୍ୟକ। ଯେପରି ରୋଗୀ ପାଇଁ ବୟସ କାଳ, ପରିସ୍ଥିତି ଦେଖି ଔଷଧ ମାତ୍ରା ନିର୍ଦ୍ଧାରଣ କରାଯାଏ, ସେହିପରି ଶରୀରକୁ ଦେଖି ଖାଦ୍ୟକୁ ଔଷଧ ପରି ମାତ୍ରାନୁଯାୟୀ ଠିକ୍ ସମୟରେ ଗ୍ରହଣ କରିବା ଉଚିତ, ନଚେତ୍ ଭବିଷ୍ୟତରେ ଔଷଧକୁ ଆହାର ରୂପେ ଖାଇବେ। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୧୫୦୦ ରୁ ୨୫୦୦ କ୍ୟାଲୋରି ପର୍ଯ୍ୟନ୍ତ ଖାଦ୍ୟ ଖାଇବା ଉଚିତ । ଏହା ତାଙ୍କ ବୟସ, ଶାରୀରିକ ପରିଶ୍ରମ, ଉଚ୍ଚତା, ଦେଶ ଓ କାଳ ଅନୁଯାୟୀ ନିର୍ଦ୍ଧାରଣକରି ତାଲିକା ପ୍ରସ୍ତୁତ ହୁଏ...**



ରୋଗ ପାଇଁ ଅନିୟମିତ ଆହାର ଦାୟୀ। ତେଣୁ ସୁସ୍ଥ, ନୀରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ନିମନ୍ତେ ଦୈନିକ ମାତ୍ରା ଅନୁଯାୟୀ ପୌଷ୍ଟିକ ଆହାର ସେବନ ଆବଶ୍ୟକ। ଯେପରି ରୋଗୀ ପାଇଁ ବୟସ କାଳ, ପରିସ୍ଥିତି ଦେଖି ଔଷଧ ମାତ୍ରା ନିର୍ଦ୍ଧାରଣ କରାଯାଏ, ସେହିପରି ଶରୀରକୁ ଦେଖି ଖାଦ୍ୟକୁ ଔଷଧ ପରି ମାତ୍ରାନୁଯାୟୀ ଠିକ୍ ସମୟରେ ଗ୍ରହଣ କରିବା ଉଚିତ, ନଚେତ୍ ଭବିଷ୍ୟତରେ ଔଷଧକୁ ଆହାର ରୂପେ ଖାଇବେ। ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ୧୫୦୦ ରୁ ୨୫୦୦ କ୍ୟାଲୋରି ପର୍ଯ୍ୟନ୍ତ ଖାଦ୍ୟ ଖାଇବା ଉଚିତ। ଏହା ତାଙ୍କ ବୟସ, ଶାରୀରିକ ପରିଶ୍ରମ, ଉଚ୍ଚତା, ଦେଶ ଓ କାଳ ଅନୁଯାୟୀ ନିର୍ଦ୍ଧାରଣକରି ତାଲିକା ପ୍ରସ୍ତୁତ ହୁଏ। ନୀରୋଗ ରହିବା ପାଇଁ ସନ୍ତୁଳିତ ଖାଦ୍ୟ, ହାଲ୍କା ବ୍ୟାୟାମ(୪୫ ମି. ରୁ ୧ ଘ. ପର୍ଯ୍ୟନ୍ତ) କରିବା ଆବଶ୍ୟକ। ପତଳା ବା କୃଶକାୟ ବ୍ୟକ୍ତି ପ୍ରୋଟିନ୍‌ଯୁକ୍ତ ଆହାର ଯଥା: କ୍ଷୀର, ଛେନା, ଖୁଆ, ପନିର , ମାଛ, ମାଂସ, ଅଣ୍ଡାର ଧଳା ଅଂଶ, କାଜୁ, ପେସ୍ତା, ଛୋଟ ମାଛ, ଫଳ ଇତ୍ୟାଦି ମାତ୍ରାନୁଯାୟୀ ଖାଇବା ଆବଶ୍ୟକ। ମାତ୍ର ମୋଟା ବା ସ୍ଥୂଳକାୟ ବ୍ୟକ୍ତିମାନେ ଦୈନିକ ଶାରୀରିକ ପରିଶ୍ରମ ସହ ତେଲ, ଚର୍ବି, ପ୍ରୋଟିନ୍ ରହିତ ଖାଦ୍ୟ ଖାଇବା ଉଚିତ। ଶାଗ, ପନିପରିବା, ତରକାରି ଓ ସାଲାଡ୍ ଖାଇବା ସହ ଚିନ୍ତା, କ୍ରୋଧ, ଅହଂକାରକୁ ମନରୁ ଅପସରି ଦେବା ଉଚିତ। ୧ ପାଉଣ୍ଡ ଚର୍ବି ପାଇଁ ୩୫୦୦ କ୍ୟାଲୋରି ଶକ୍ତି ଖର୍ଚ୍ଚ କରିବା ଆବଶ୍ୟକ। ପତଳା ହେବା ପାଇଁ ଖାଦ୍ୟ ନିୟନ୍ତ୍ରଣ ଅତ୍ୟନ୍ତ ଜରୁରୀ। ତେଣୁ ଏହି ବ୍ୟକ୍ତି ଭୋକରେ ନ ରହି କମ୍ କ୍ୟାଲୋରିଯୁକ୍ତ ଖାଦ୍ୟ ତାଲିକା ଅନୁଯାୟୀ ଗ୍ରହଣ କରିବେ।

**ପ୍ରାତଃ(ସକାଳ ୬ଘ.ରେ):** ଚା', କଫି ବା କ୍ଷୀର ୧ କପ୍ ସହ ୨/୩ ଖଣ୍ଡ ବିସ୍କୁଟ୍, ମଧୁମେହ ଥିଲେ ବିନା ଚିନି ଖାଇବେ।

**ସକାଳ ଜଳଖିଆ(ଘ.୮.୩୦ ମି.ରେ):** ରୁଟି ୨/୩ ଖଣ୍ଡ ସହ ପରିବା ତରକାରି ୧ ଗିନା, ଇଡ୍‌ଲି ୪ଟି/ଉପମା ୧ କପ୍ ସହ ସମ୍ବର ୧ ଗିନା, କର୍ନଫ୍ଲେକ୍ସ ୫୦ ଗ୍ରାମ୍ ବା ସାଦା ପିଆଜରେ ଦୋଷା ୨ଟା ସହ ସନ୍ତୁଳା ୧ ଗିନା।

**ଦିବା(ଘ.୧୧ ରୁ ୧୧.୩୦ମି. ମଧ୍ୟରେ) :** ପରିବା ସୁପ୍ ୧ ଗିନା, ଛେନା ୩୦ ଗ୍ରାମ୍, ଫଳ ମଧ୍ୟରେ ସେଓ/କମଳା ୧୦୦ ଗ୍ରାମ୍, ପିଜୁଳି ୧ଟା, ଘୋଳଦହି ବା ପଇଡ଼ପାଣି।

**ମଧ୍ୟାହ୍ନଭୋଜନ(ଦ୍ୱିପ୍ରହର ଘ.୧.୩୦ମି.):** ଉଷୁନା ଭାତ(୨ଗିନା-୧୦୦ଗ୍ରାମ୍), ରୁଟି ୨ଟା, ପତଳା ଡାଲି ୧ ଗିନା, ପରିବା ତରକାରି ୧ ଗିନା, ଶାଗ ୧ ପ୍ଲେଟ୍, ସାଲାଡ୍ ୧ ପ୍ଲେଟ୍, ଦହି ୧ଗିନା(ମାଛ ୨ଟା/ଅଣ୍ଡା ବିନା କେଶର ୨/ଚିକେନ୍ ୨ /ପନିର ୩୦ଗ୍ରାମ୍ ସପ୍ତାହକୁ ୨ ଥର)।

**ଅପରାହ୍ନ (ଘ.୫.୩୦ ମି. ରୁ ୬.୦୦ ଘ. ମଧ୍ୟରେ):** ଚା' ୧ କପ୍ ସହ ବିସ୍କୁଟ (୨-୩),ଚୁଡ଼ା ସନ୍ତୁଳା(୧ ଗିନା)/ଚୁଡ଼ା ଭଜା/ଗଜାମୁଗ(୧ ଗିନା), ହୁଡୁମ ୧ ଗିନା, ଖଇ ୧ ଗିନା, ସିଝା ବୁଟ(୧ ଗିନା)।

**ରାତ୍ରିଭୋଜନ(ଘ.୯.୩୦ମି.):** ରୁଟି ୩ଟା ସହ ପତଳା ଡାଲି ୧ ଗିନା/ ଡାଲମା ୧ ଗିନା, ପରିବା ତରକାରି(୧ ଗିନା), ସାଲାଡ୍(୧ ପ୍ଲେଟ୍)।

**ରାତ୍ରିଭୋଜନ ଖାଇବା ପରେ:** ୧କପ୍(୧୫୦ମି.ଲି.) ବିନା ସର କ୍ଷୀର ପିଇ ଶୋଇବାକୁ ଯିବେ।

ପ୍ରତି ମିଲ୍ ଓ ଜଳଖିଆ ଅଢ଼େଇରୁ ତିନିଘଣ୍ଟା ବ୍ୟବଧାନରେ ଗ୍ରହଣ କରିବେ।

**ଖାଇବେ ନାହିଁ:** ମଧୁମେହ ରୋଗୀ ମିଠା, ଚିନି, ଗୁଡ଼, ଜାମ୍, ଜେଲି, ଚକୋଲେଟ୍, ମୃଦୁପାନୀୟ, ଥଣ୍ଡାପାନୀୟ, ଆମ୍ବ, ପଣସ, ଆତ, ଲିଚୁ, ସପେଟା, କଦଳୀ, ଅଙ୍ଗୁର, ଫଳରସ, ଆଇସ୍‌କ୍ରିମ୍, ଖଜୁରି, ବାଦାମ, ନଡ଼ିଆ, ଆଳୁ, ମାଟିଆଳୁ, ଖମ୍ବଆଳୁ, ସାରୁ ଏବଂ କନ୍ଦମୂଳ ଖାଇବେ ନାହିଁ।

**ଉଚ୍ଚ ରକ୍ତଚାପ ରୋଗୀ:** ଅଧିକ ଲୁଣ, ତୈଳ, ଚର୍ବି ଜାତୀୟ ଖାଦ୍ୟ ସେବନରୁ ବିରତ ହେବେ।

**ବୃକ୍କ ରୋଗୀ:** ଅତ୍ୟଧିକ ଲୁଣ, ଚଟଣି, ପାମ୍ପଡ଼, ଆଚାର, ସାମୁଦ୍ରିକ ମାଛ, କଙ୍କଡ଼ା, ରେଡ୍ ମିଟ୍, ଚିଙ୍ଗୁଡ଼ି, ଅଣ୍ଡା କେଶର, ଫାଷ୍ଟଫୁଡ୍, ଲୁଣ, ବଟର, ଘିଅ, ଡାଲ୍‌ଡା, ମିକ୍ସଚର, ଚିପ୍‌ସ, ମୁଡ଼ି, ଲୁଣ ମିଶା ବାଦାମ, ମଟର, ପଇଡ଼ପାଣି, ଲେମ୍ବୁ କମଳା, ପେନ୍ କିଲର ବଟିକା, ନଡ଼ିଆ ତିଆରି ଜିନିଷ, ବୁଟ, ରାଜ୍‌ମା ଇତ୍ୟାଦି ଶସ୍ୟଜାତୀୟ ଖାଦ୍ୟ ବର୍ଜନୀୟ।

**ହୃଦ୍‌ରୋଗୀ:** ତେଲ, ଚର୍ବି ଜାତୀୟ ଖାଦ୍ୟ, ରେଡ୍‌ମିଟ୍, ଫାଷ୍ଟଫୁଡ୍, ଆମିଷ, କ୍ଷୀର ଜାତୀୟ ଖାଦ୍ୟ, ମିଠା ଇତ୍ୟାଦି ଖାଇବେ ନାହିଁ।

**ବି.ଦ୍ର. :** ଏହି ତିନି ପ୍ରକାର ରୋଗୀ



ପ୍ରତିଦିନ ୨୦ ମି.ଲି.ରୁ କମ୍ ତେଲରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଇବା ଉଚିତ୍। ପ୍ରାତଃ (ଘ.୬.୩୦ମି. ଭିତରେ)ସୂର୍ଯ୍ୟସ୍ନାନ ଓ ଖୋଲା ବାୟୁରେ ଭ୍ରମଣ ସ୍ୱାସ୍ଥ୍ୟ ପକ୍ଷେ ହିତକର।

*-ଆନନ୍ଦ ବଜାର*
*ବେତନଟୀ, ମୟୂରଭଞ୍ଜ*
*ମୋ: ୯୮୬୧୩୭୪୩୮୫*

## ଅବସାଦ ହୋଇପାରେ କ୍ୟାନ୍‌ସରର କାରଣ




ଆଜିକାଲି ଅବସାଦଗ୍ରସ୍ତ ହେବା କିଛି ନୂଆ କଥା ନୁହେଁ। ଏହାଦ୍ୱାରା ମାନସିକତା ପ୍ରଭାବିତ ହୋଇଥାଏ। ହେଲେ ଦୀର୍ଘଦିନ ଧରି ଏପରି ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଲେ ତାହା ଆଉ ଏକ ଗୁରୁତର ରୋଗକୁ ଡାକିଆଣିବାର ଯଥେଷ୍ଟ ଆଶଙ୍କା ରହିଛି। ତାହା ହେଲା କ୍ୟାନ୍‌ସର। 'ଅବସାଦ ଓ କ୍ୟାନ୍‌ସର' ଶୀର୍ଷକ ବିଷୟବସ୍ତୁକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କ୍ୟାନ୍‌ସର ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିବା କେତେଜଣ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ କିପରି ରହୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ପରୀକ୍ଷା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ୧୫ପ୍ରତିଶତ ବ୍ୟକ୍ତିଙ୍କଠାରେ କ୍ୟାନ୍‌ସରର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଜଣେ ବ୍ୟକ୍ତି ଯଦି ଦୀର୍ଘଦିନ ଧରି ଅବସାଦଗ୍ରସ୍ତ ହୋଇ ରହନ୍ତି ତେବେ ଏହାଦ୍ୱାରା ତାଙ୍କର କୋଷ (ସେଲ୍) ପ୍ରଭାବିତ ହୋଇଥାଏ। ଏପରି କି ଏହାଦ୍ୱାରା କ୍ୟାନ୍‌ସର ପରି ଗୁରୁତର ରୋଗର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

❖କେତେକେ ଏକାଥରେ ପୁଳାଏ ଖାଦ୍ୟ ଖାଆନ୍ତି। ପୁଣି ମନଲୋଭା ଖାଦ୍ୟ ଦେଖିଲେ ଆବଶ୍ୟକତାଠାରୁ ଅଧିକ ଖାଇଦିଅନ୍ତି। ଫଳରେ ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ସବୁବେଳେ ଖାଉଥିବା ଖାଦ୍ୟର ପରିମାଣ ପ୍ରତି ଧ୍ୟାନ ଦିଅନ୍ତୁ। ରାତିରେ ହାଲ୍କା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।

❖ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ମାନସିକ ଶାନ୍ତି ଦେଇଥାଏ।




❖ସକାଳୁ ଉଠି ଦାନ୍ତ ନ ଘଷି ଦୁଇ ଗ୍ଲାସ୍ ପାଣି ପିଅନ୍ତୁ। ଏହାଦ୍ୱାରା ପାଚନଶକ୍ତି ଆହୁରି ଦୃଢ଼ ହୋଇଥାଏ।

❖କେତେକ ରୋଗର ଘରୋଇ ଉପଚାର ରହିଛି। ଏହାକୁ ଆପଣେଇପାରନ୍ତି। ହେଲେ ତା'ପୂର୍ବରୁ ସେ ବିଷୟରେ ଭଲ ଭାବରେ ଅବଗତହେବା ଦରକାର।

❖ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ପରାମର୍ଶ କରିବା ବେଳେ ସେ କେତେକ ପ୍ୟାଥୋଲୋଜି ଟେଷ୍ଟ କରିବାକୁ ଲେଖିଥାଆନ୍ତି। କେତେକେ ସେଗୁଡ଼ିକ ମଧ୍ୟରୁ କିଛି ପରୀକ୍ଷାକୁ ଏଡ଼ାଇଯାଇଥାଆନ୍ତି। ହେଲେ ସେହିସବୁ ଟେଷ୍ଟର ଗୁରୁତ୍ୱକୁ ଉପଲବ୍ଧିକରି ପରୀକ୍ଷା କରାଇନେବା ଭଲ।

## ଟାଇପ-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା ବଢ଼ୁଛି

ବର୍ତ୍ତମାନ ଟାଇପ-୨ ଡାଇବେଟିସ ରୋଗୀଙ୍କ ସଂଖ୍ୟା ବଢ଼ୁଛି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ଜଣାପଡ଼ିଛି ଯେ, ଏବେ ସମଗ୍ର ବିଶ୍ୱରେ ଡାଇବେଟିସ ରୋଗୀଙ୍କ ସଂଖ୍ୟା ପ୍ରାୟ ୪୨୫ ମିଲିୟନ। ଏହି ରୋଗ ନିଜର କାୟା ଏପରି ବିସ୍ତାର କରିସାରିଲାଣି ଯେ ପ୍ରତି ଦୁଇଜଣରେ ଜଣେ ଡାଇବେଟିସ ରୋଗୀ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଏହି ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା କମାଇବାକୁ ସମସ୍ତେ ସଚେତନ ରହିବା ଦରକାର। ରୋଗର କାରଣ ସମ୍ପର୍କରେ ଭଲ ଭାବରେ ଅବଗତ ହେବା, ଏହାଦ୍ୱାରା ଆକ୍ରାନ୍ତ ହେବା ପରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ଆବଶ୍ୟକ। ସାଧାରଣତଃ ରକ୍ତରେ ସୁଗାର ପରିମାଣ ବଢ଼ିଗଲେ ତାହା ଡାଇବେଟିସ୍‌ର କାରଣ ସାଜିଥାଏ। ତେଣୁ ନିୟମିତ ସମୟ ଅନ୍ତରାଳରେ ରକ୍ତ ପରୀକ୍ଷା କରାଇ ସେଥିରେ ସୁଗାର ପରିମାଣ କେତେ ଅଛି ତାହା ଜାଣିନିଅନ୍ତୁ। ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। କେଉଁ ଖାଦ୍ୟ ଖାଇବା ଅନୁଚିତ ଏବଂ କ'ଣ ଖାଇବା ଦରକାର ତାହା ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ। ଡାଇବେଟିସ ରୋଗୀ ରକ୍ତରେ ସୁଗାର ପରୀକ୍ଷା କରିବା ସହ ବ୍ଲଡ୍‌ପ୍ରେସର ଚେକ୍ କରିନେବା ଆବଶ୍ୟକ। ଏହାଦ୍ୱାରା ଆକ୍ରାନ୍ତ ହୋଇଥିଲେ ନିଜକୁ ଯେତେ ସମ୍ଭବ ଟେନ୍‌ସନଠାରୁ ଦୂରେଇ ରଖନ୍ତୁ। ଡାଇବେଟିସ୍‌କୁ ନେଇ ଅନେକ ଲୋକ ଅନେକ କଥା କହିଥାଆନ୍ତି। ହେଲେ ଆପଣ ଡାକ୍ତରଙ୍କ ପରାମର୍ଶକୁ ହିଁ ଅନୁସରଣ କରନ୍ତୁ। କେତେକେ ଡାଇବେଟିସ୍‌କୁ ନେଇ ବ୍ୟସ୍ତ ହୋଇପଡ଼ନ୍ତି। ହେଲେ ଯଦି ଆପଣ ନିଜର ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନଦେବା ସହ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତି ତେବେ ଆପଣ ସୁସ୍ଥ ରହିପାରିବେ। ଡାଇବେଟିସ୍ ରୋଗୀ କେବଳ ଖାଦ୍ୟ ନିୟନ୍ତ୍ରଣ ନୁହେଁ, ଦୈନନ୍ଦିନ ଜୀବନତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।




## ମହୁ

ଡା. ରୀତା ସାହୁ

**"ଆମ୍ଭମାନଙ୍କୁ ମନେ ରଖିବାକୁ ପଡ଼ିବ ଯେ, ଦୈନିକ ୨୦ ଗ୍ରାମରୁ ଅଧିକ ମହୁ ଖାଇବା ଉଚିତ ନୁହେଁ। ପ୍ରତ୍ୟେକ ଦିନ ମହୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ଗ୍ରୀଷ୍ମ ଋତୁରେ ମହୁ ସେବନ ବର୍ଜନ ଅଟେ। କିନ୍ତୁ ଶୀତ ଦିନରେ ଏହା ଅତ୍ୟନ୍ତ ହିତକାରୀ। ମହୁ ଗରମ କରି ଖାଇଲେ ଏହା ବିଷ ତୁଲ୍ୟ ଶରୀରରେ କାମ କରେ।"**



ବହୁ ପୂର୍ବରୁ ବଗିଚା କରିବା, ମହୁମାଛି ପାଳନ ଏବଂ ଶତକଡ଼ା ଶହେ ଭାଗ ଲୋକ ଦୈନିକ ମହୁ ଖାଇବା କଥା ମଧ୍ୟ ବର୍ଣ୍ଣନା ରହିଛି। ମୁନି ଋଷିମାନେ ମହୁ ସର୍ବଶ୍ରେଷ୍ଠ ସଞ୍ଜୀବନୀ, ଶ୍ରମନାଶକ, ବଳ ବର୍ଦ୍ଧକ, ବୀର୍ଯ୍ୟବର୍ଦ୍ଧକ ଓ କାନ୍ତିଜନକ ବୋଲି କହି ଯାଇଛନ୍ତି। ଏହି ସମ୍ବନ୍ଧୀୟ ଗବେଷଣା ଜାରି ରହିଛି। ନ୍ୟୁଜିଲାଣ୍ଡରେ ଗବେଷଣା କରାଯାଇ ବୈଜ୍ଞାନିକମାନେ ମତ ଦେଇଛନ୍ତି କି ମହୁରେ ଏପରି ଶକ୍ତି ଅଛି ଯାହା ଜୀବାଣୁ, ଭୂତାଣୁ ଓ ବାହ୍ୟ ସଂକ୍ରମଣକୁ ଅକାମୀ କରି ପାରିଥାଏ। ଏକଥା ମଧ୍ୟ ଜଣାପଡିଥିଲା କି ଆଣ୍ଟିବାୟୋଟିକ୍ ଔଷଧ ଯାହାକୁ ନଷ୍ଟ କରି ପାରୁନାହିଁ ତାହାକୁ ମହୁ ନଷ୍ଟ କରିବାରେ ସକ୍ଷମ ଅଟେ। ଏହାର ସଂରଚନା ମଣିଷ ଶରୀରରେ ସୁରକ୍ଷା କବଚ ସଦୃଶ କାମ କରିଥାଏ। ଆମେରିକାର ଅନୁସନ୍ଧାନ କର୍ତ୍ତାମାନେ ଅଧ୍ୟୟନ ପରେ ଜଣାଇଛନ୍ତି ଯେ ମହୁରେ ଆଣ୍ଟିବାୟୋଟିକ୍ ତତ୍ତ୍ୱ ଭରପୂର ମାତ୍ରାରେ ରହିଥିବାରୁ ଏହା ପୁରାତନ ଘା' ଶୁଖାଇବା ସହ ସଂକ୍ରମଣକୁ ରୋକିବାରେ ପୂର୍ଣ୍ଣ ସକ୍ଷମ ଅଟେ। ଇସ୍ରାଏଲରେ ପେଟରେ ହେଉଥିବା ଅଲସର ରୋଗର ଚିକିତ୍ସା ପାଇଁ ମହୁ ପ୍ରୟୋଗ କରାଯାଉଛି। ଏହି ରୋଗାଣୁମାନଙ୍କୁ ନିର୍ଜୀବ କରିବା ଓ ତା' ସହିତ ଲଢ଼ିବାର କାରିଗର ଅଟେ ମହୁ। ଆମେରିକାର ଇଲିନାଇସ୍ ବିଶ୍ୱବିଦ୍ୟାଳୟରେ କରାଯାଇଥିବା ଅଧ୍ୟୟନରୁ ଜଣାପଡିଛି ଯେ ମହୁ କ୍ୟାନସର, ହୃଦ୍‌ରୋଗ ପରି ଅସାଧ୍ୟ ରୋଗକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୁଏ। ଆମେରିକାର ୟୁନିଭରସିଟି ଅଫ୍ ମେଫିଫସ୍‌ର ଅଧ୍ୟୟନ କର୍ତ୍ତାମାନେ ଗବେଷଣା କରି ଏହି ସିଦ୍ଧାନ୍ତରେ ଉପନୀତ ଯେ ଦୈନିକ ୩ ଚାମଚ ମହୁ ୩ ଥରରେ ସେବନ କଲେ ଏଥିରୁ ଏତେ ଉର୍ଜା ମିଳେ ଯାହା ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ପଦାର୍ଥରୁ ମିଳିଥାଏ ବୋଲି ଜଣାପଡିନାହିଁ। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଦୁଇ ଚାମଚ ମହୁ ଖାଇବାର ଦଶ ମିନିଟ୍ ପରେ ଯେଉଁ ଉର୍ଜା ମିଳେ ତାହା କୌଣସି carbohydrate drinks, pre exercise drinks/ energized drinks/sports drinks ରୁ ମିଳିନଥାଏ। ଅନ୍ୟପକ୍ଷରେ ୧ ଲିଟର ଉପରୋକ୍ତ ପାନୀୟରୁ ଯାହା ମିଳିଥାଏ ତାହା ମାତ୍ର ଦୁଇ ଚାମଚ ମହୁ ଯୋଗାଇବାକୁ ସମର୍ଥ ହୋଇଥାଏ।

ଆମ୍ଭମାନଙ୍କୁ ମାନି ନେବାକୁ ପଡ଼ିବ ଯେ ମହୁ ବାସ୍ତବରେ ମହୁମାଛିମାନଙ୍କର ଅତ୍ୟଧିକ ପରିଶ୍ରମର ସଂଗ୍ରହ ଅଟେ। ଏହି ପ୍ରାକୃତିକ ପ୍ରକ୍ରିୟା ତାହାକୁ ବଳଶାଳୀ କରିଥାଏ। ମହୁମାଛି ବହୁ ହୁସିଆରରେ ପରାଗ ସଂଗ୍ରହ କରିଥାଏ। ସକାଳ ସମୟରେ ବାସ୍ନାରୁ ସେ ଚୟନ କରିଥାଏ କେଉଁ ଫୁଲରୁ ପରାଗ ସୃଷ୍ଟି କରିବ ଅଧିକ ରସ। ସକାଳ ସମୟରେ ଅଧିକ ରସ ସଂଗ୍ରହ କରାଯାଇପାରେ। ଜର୍ମାନୀର ବୈଜ୍ଞାନିକମାନେ କହନ୍ତି ଭାରତୀୟ ମହୁ ସବୁଠାରୁ ଉତ୍କୃଷ୍ଟ, କାରଣ ପ୍ରାକୃତିକ ଜଳବାୟୁ ଓ ବାତାବରଣରୁ ଏହାକୁ ସଂଗ୍ରହ କରାଯାଇଥାଏ।

ଆମ୍ଭମାନଙ୍କୁ ମନେ ରଖିବାକୁ ପଡିବ ଯେ, ୨୦ ଗ୍ରାମରୁ ଅଧିକ ମହୁ ଖାଇବା ଉଚିତ ନୁହେଁ। ପ୍ରତ୍ୟେକ ଦିନ ମହୁ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ଗ୍ରୀଷ୍ମ ଋତୁରେ ମହୁ ସେବନ ବର୍ଜନ ଅଟେ। କିନ୍ତୁ ଶୀତ ଦିନରେ ଏହା ଅତ୍ୟନ୍ତ ହିତକାରୀ। ମହୁ ଗରମ କରି ଖାଇଲେ ଏହା ବିଷ ତୁଲ୍ୟ ଶରୀରରେ କାମ କରେ।

### ମହୁର ଔଷଧୀୟ ଗୁଣ

- କାଶ ହେଉଥିଲେ, କାଶରେ କଫ ପଡୁଥିଲେ, କାଶରେ ରକ୍ତ ପଡୁଥିଲେ ୧ ଚାମଚ ଲେଖାଏ ମହୁ ଦିନକୁ ୩ ଥର ଖାଇଲେ ଅଧିକ ଲାଭପ୍ରଦ ଅଟେ।

-୧୦ ଗ୍ରାମ ମହୁ, ୧୦ ଗ୍ରାମ ଲେମ୍ବୁପତ୍ର ସ୍ୱରସ ସକାଳେ ସନ୍ଧ୍ୟାରେ ଦିନକୁ ଦୁଇଥର ୨୧ ଦିନ ପର୍ଯ୍ୟନ୍ତ ଖାଇଲେ ବାହ୍ୟ ସଂକ୍ରମଣ ଶରୀର ମଧ୍ୟରେ ଥିଲେ ସେମାନଙ୍କୁ ଏହା ନଷ୍ଟ କରି ପାରିଥାଏ।

- ଝାଡ଼ା ଲାଗି ରହିଥାଏ ଏବଂ ଯେତେ ଔଷଧ ନେଲେ କମୁ ନ ଥାଏ ତେବେ ସେପରି ସମୟରେ ଏକ କପ୍ ଡାଳିମ୍ବରସ, ଏକ ଚାମଚ ମହୁ, ଲବଙ୍ଗ, ଶୁଣ୍ଠି, ଜାଇଫଳ ଚୂର୍ଣ୍ଣ ଏକ ଚାମଚ ମିଶାଇ ଖାଇଲେ ଆରାମ ମିଳିଥାଏ।

-ଜିରାକୁ ଭାଜି ଗୁଣ୍ଡ କରି ସେଥିରେ ଚାରି ଭାଗରୁ ଏକ ଭାଗ ମହୁ ମିଶାଇ ଚାଟି ଚାଟି ଖାଇଲେ ପତଳା ଝାଡ଼ାରୁ ଉପଶମ ମିଳିଥାଏ।

-ଅଦାରସ ୬ ଗ୍ରାମ, ମହୁ ୬ ଗ୍ରାମ ମିଶାଇ ଖାଇଲେ ଅରୁଚି ନଷ୍ଟ ହୁଏ। ଏତଦ୍ ଜନିତ ରୋଗ ପ୍ରତିରୋଧ ଶକ୍ତି ନଷ୍ଟ ହେଲେ ସେଥିରୁ ମୁକ୍ତି ମିଳିଥାଏ।

-କାଶ ଦୀର୍ଘ ଦିନ ଧରି ଲାଗି ରହୁଥିଲେ ଲବଙ୍ଗ ଭାଜି ଗୁଣ୍ଡ କରି ସେଥିରେ ମହୁ ମିଶାଇ ଚାଟି ଚାଟି ଖାଇଲେ ଆରାମ ମିଳେ।

-ଶ୍ୱେତପ୍ରଦର ରୋଗରେ ଗୁଡୁଚି ସ୍ୱରସ ଓ ମହୁ ସମାନ ପରିମାଣରେ ମିଶାଇ ଦିନକୁ ୨ ଥର ଖାଇଲେ ଏହି ରୋଗ ଛାଡ଼ିଯାଇଥାଏ।

-ଅଁଳା ଚୂର୍ଣ୍ଣ ଗୋଟେ ଚାମଚରେ ଏକ ଭାଗରୁ ଭାଗେ ମହୁ ମିଶାଇ ୩ଥର ଖାଇଲେ ଶ୍ୱେତପ୍ରଦର ରୋଗରୁ ମୁକ୍ତି ମିଳିଥାଏ।

- ଯୌନ ସମସ୍ୟା ଥିଲେ ୧ ଚାମଚ ଆମଳକୀ ରସାୟନ, ୧ ଚାମଚ ମିଶ୍ରି, ୧ ଚାମଚ ମହୁ ମିଶାଇ ଖାଇଲେ ଲାଭପ୍ରଦ ହୁଏ।

- ମହୁ ଓ ଅଁଳା ଚୂର୍ଣ୍ଣ/ଅଁଳା ସ୍ୱରସ ମିଶାଇ ଖାଇଲେ ଶରୀରରେ ସମସ୍ତ ପ୍ରକାର ବିଷ ପ୍ରକ୍ରିୟାରୁ ଶରୀରକୁ ମୁକ୍ତି ମିଳିଥାଏ।

-ଓଜନ ହ୍ରାସ ହେଲେ ରାତ୍ରିରେ ଶୋଇବା ସମୟରେ ଥଣ୍ଡା କ୍ଷୀରରେ ମହୁ ମିଶାଇ ୩ ମାସ ପିଇଲେ ଓଜନ ବଢ଼ିଯାଏ ଏବଂ ମାଂସପେଶୀମାନେ ସବଳ ହୋଇଥାନ୍ତି।

-ପ୍ରତ୍ୟେକ ଅସୁସ୍ଥ ବ୍ୟକ୍ତି ରାତିରେ ଶୋଇବା ସମୟରେ ୧ ଚାମଚ ଅଁଳା ଚୂର୍ଣ୍ଣ ଓ ମହୁ ମିଶାଇ ଖାଇଲେ ନୀରୋଗ ହୋଇଥାନ୍ତି।

-ତାଜା ଅଁଳା ରସ ୨ ଚାମଚ ଓ ମହୁ ୨ ଚାମଚ ପ୍ରତିଦିନ ସକାଳେ ଖାଇଲେ ସୁସ୍ଥ ଓ ଯୁବା ଦେଖାଯାଆନ୍ତି। ଦୈନନ୍ଦିନ ଏହାକୁ ଖାଇଲେ ରୋଗ ପ୍ରତିରୋଧ ଶକ୍ତି ବଢି



ଶରୀରକୁ ନୀରୋଗ ରଖିଥାଏ।

- ଅଁଳା ରସ ଓ ମହୁ ଖାଇଲେ ରକ୍ତ ଧମନୀ ପରିଷ୍କାର ରହେ ଓ ଉଚ୍ଚ ରକ୍ତ ଚାପରୁ ମୁକ୍ତି ମିଳେ।

- ଏକ ଚାମଚ ପିଆଜ ରସ ଓ ୧ ଚାମଚ ମହୁ ସହିତ ମିଶାଇ ଖାଇଲେ ପୌରୁଷତ୍ୱ ବଢିଥାଏ ଓ ନପୁଂସକତା ଦୂର ହୋଇଥାଏ।

- ଏକ ଚାମଚ ରସୁଣ ରସ ଓ ୧ ଚାମଚ ମହୁ ସହିତ ମିଶାଇ ଖାଇଲେ ମୋଟା ହୋଇଥିଲେ ମୋଟାପା କମ୍ କରିଥାଏ।

ଏତେ ସବୁ ଆଲୋଚନା କରିବାର ଉଦ୍ଦେଶ୍ୟ ମହୁ ରୋଗ ପ୍ରତିରୋଧ ଶକ୍ତି ବଢାଇଥାଏ। ରୋଗ ପ୍ରତିରୋଧ ଶକ୍ତି କ୍ଷୟ ହୋଇଯାଉଥିବା ବ୍ୟକ୍ତିମାନେ ଦୈନିକ ମହୁ ସେବନ କଲେ ରୋଗର ସ୍ଥାୟୀ ପ୍ରତିକାର କରିପାରନ୍ତେ। ଏହାବ୍ୟତୀତ ଆଧୁନିକ ଔଷଧ ସେବନର ପାର୍ଶ୍ୱପ୍ରତିକ୍ରିୟାରୁ ମହୁ ଶରୀରକୁ ସୁରକ୍ଷା ଦେଇଥାଏ।

*-ଫ୍ଲଟ୍ ନମ୍ବର-୧୧୭*
*ମହାନଦୀ ବିହାର, କଟକ-୪*
*ମୋ: ୯୪୩୭୨୭୨୬୬୩*

> ଜୁଲାଇ ସୁଦ୍ଧା ପର୍ସ ନୂଆ ଜେନେରେଶନର ଏସ୍‌ୟୁଭି ମାକାନ ଭାରତରେ ଲଞ୍ଚ କରିବ । ଏହା ଦୁଇ ଭାରିଆଣ୍ଟରେ ଦେଶରେ ପ୍ରବେଶ କରିବ ।
> – ପଓ୍ଵନ ସେଟ୍ଟୀ, ଡାଇରେକ୍ଟର, ପର୍ସ ଇଣ୍ଡିଆ



> ଅଧିକ ଅଧିଗ୍ରହଣ ପାଇଁ ଟାଟା କନସଲଟାନ୍ସି ସର୍ଭିସେସ୍ ବ୍ୟଗ୍ର । ଅଭିବୃଦ୍ଧିକୁ ଦ୍ରୁତତର କରିବା ଲାଗି କମ୍ପାନୀ ପ୍ରୟାସ କରୁଛି ।
> – ଏନ.ଗଣପତି ସୁବ୍ରମଣ୍ୟମ, ସିଓଓ, ଟିସିଏସ୍



## ସଂକ୍ଷେପରେ

### ସରକାରଙ୍କ ସାମାଜିକ କାର୍ଯ୍ୟକ୍ରମକୁ ପାନଗାରିୟାଙ୍କ ପ୍ରଶଂସା



**ନୂଆଦିଲ୍ଲୀ,୧୪-୪:** ମୋଦି ସରକାରଙ୍କ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଯୋଜନା ତଥା ଗ୍ରାମୀଣ ବିଦ୍ୟୁତୀକରଣ ଭଳି ସାମାଜିକ କ୍ଷେତ୍ରର କାର୍ଯ୍ୟକ୍ରମଗୁଡ଼ିକ ବଡ଼ ସଫଳତା ହାସଲ କରିଛି ବୋଲି ନୀତି ଆୟୋଗ ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟା କହିଛନ୍ତି। ଦୁର୍ନୀତି ବିରୋଧରେ ଲଢ଼େଇ ଦିଗରେ କେନ୍ଦ୍ର ସରକାର ଉଲ୍ଲେଖନୀୟ ପ୍ରଗତି ହାସଲ କରିଛନ୍ତି ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନିଆଯାଇଥିବା ସଂସ୍କାରମୂଳକ କାର୍ଯ୍ୟକ୍ରମଗୁଡ଼ିକ ସମ୍ପର୍କରେ ସେ କହିଛନ୍ତି ଯେ, ବସ୍ତୁ ଏବଂ ସେବା ଟିକସ (ଜିଏସ୍‌ଟି), ଦେବାଳିଆ ଆଇ ତଥା ପ୍ରତ୍ୟକ୍ଷ ଲାଭ ପ୍ରଦାନ(ଡିବିଟି) ଆଦି ୩ଟି ବଡ଼ ପଦକ୍ଷେପ। ଗଣମାଧ୍ୟମ ସହ ସାକ୍ଷାତ୍‌କାରରେ ସେ କହିଛନ୍ତି ଯେ, ସରକାର ସଡ଼କ, ରେଲଓ୍ୱେ, ଜଳମାର୍ଗ, ବେସାମରିକ ବିମାନ ଚଳାଚଳ ତଥା ଡିଜିଟାଲୀକରଣ କ୍ଷେତ୍ରରେ ଦ୍ରୁତଗତିରେ କାମ କରିଛି, ଯାହାର ଫଳାଫଳ ନଜରକୁ ଆସୁଛି। ଶହେରୁ ଅଧିକ ଅର୍ଥନୀତିଜ୍ଞ ଜିଡିପି ଡାଟାକୁ ନେଇ ଉଠାଇଥିବା ପ୍ରଶ୍ନ ଉପରେ ସେ କହିଛନ୍ତି ଯେ, ସମାଲୋଚକମାନେ ଯେପର୍ଯ୍ୟନ୍ତ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ)/ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟର କାର୍ଯ୍ୟଧାରାର ଯେଉଁ ଅଂଶ ନେଇ ସ୍ପଷ୍ଟ କରିନାହାନ୍ତି, ସେ ପର୍ଯ୍ୟନ୍ତ ସେମାନଙ୍କ ବୟାନ କେବଳ ଦାବି ଭାବେ ମନେକରାଯିବ। ସେ କହିଛନ୍ତି ଯେ, ଜିଡିପି ଡାଟା ଗଣନା ବେଳେ ସରକାର ଯେଉଁ ପନ୍ଥାପଦ୍ଧତି ବ୍ୟବହାର କରିଛନ୍ତି, ସେସମ୍ପର୍କରେ ୪୦ ପୃଷ୍ଠାର ଏକ ଦସ୍ତାବିଜ ପ୍ରକାଶ କରିଛନ୍ତି। ବିଶ୍ୱ ବ୍ୟାଙ୍କ, ଅନ୍ତରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି ଏବଂ ଜାତିସଂଘ ସମେତ କୌଣସି ଅନ୍ତରାଷ୍ଟ୍ରୀୟ ଏଜେନ୍ସି ଭାରତର ପରିସଂଖ୍ୟାନ ସଂସ୍ଥାର ବିଶ୍ୱଯୋଗ୍ୟତା ନେଇ ସନ୍ଦେହ କରିନାହାନ୍ତି ବୋଲି ପାନଗାରିୟା କହିଛନ୍ତି। ସେ ମଧ ଜିଡିପି ଡାଟା ପ୍ରସ୍ତୁତିରେ ସରକାରଙ୍କ ହସ୍ତକ୍ଷେପ ହୋଇଥିବା ଲକ୍ଷ୍ୟ କରିନାହାନ୍ତି ବୋଲି କଲମ୍ବିଆ ବିଶ୍ୱବିଦ୍ୟାଳୟ ପ୍ରଫେସର କହିଛନ୍ତି। ତାଙ୍କ ମତରେ ଜିଡିପି ଅନୁମାନ ନୂଆ ନୁହେଁ ଏହା ଏକ ସ୍ଥାପିତ ପ୍ରକ୍ରିୟା। ସୂଚନାଥାଉ କି, ଜିଡିପି ଡାଟାକୁ ନେଇ ନିକଟରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ, ଆଇଏମ୍‌ଏଫର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ଓ ୧୦୮ ଅର୍ଥନୀତିଜ୍ଞ ତଥା ସମାଜ ବିଜ୍ଞାନୀ ପ୍ରଶ୍ନ ଉଠାଇଥିଲେ।

### ରିଲାଏନ୍ସ ଜିଓ ଗ୍ରାହକ ସଂଖ୍ୟା ୩୦ କୋଟି ଟପିଲା

**ନୂଆଦିଲ୍ଲୀ,୧୪-୪:** ବିଶିଷ୍ଟ ବ୍ୟବସାୟୀ ମୁକେଶ ଅମ୍ବାନୀଙ୍କ ମାଲିକାନାରେ ଥିବା ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ଆରମ୍ଭ ହେବା ଦିନ ଠାରୁ ମାତ୍ର ଅଢ଼େଇ ବର୍ଷ ମଧ୍ୟରେ ୩୦ କୋଟି ଗ୍ରାହକ ସଂଖ୍ୟା ଅତିକ୍ରମ କରିବାରେ ସଫଳ ହୋଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କମ୍ପାନୀ ମାର୍ଚ୍ଚ ୨ରେ ଏହି ଉପଲବ୍ଧି ହାସଲ କରିଛି। ତେବେ ଜିଓ ପକ୍ଷରୁ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ କିଛି ପ୍ରକାଶ କରାଯାଇ ନାହିଁ। ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍) ଟୁର୍ଣ୍ଣାମେଣ୍ଟ ଚାଲିଥିବା ବେଳେ କମ୍ପାନୀ ନିଜର ଉପଲବ୍ଧି ହାସଲ ନେଇ ଉତ୍ସବ ପାଳନ କରୁଥିବା ଏହାର ବିଜ୍ଞାପନରୁ ପ୍ରତୀୟମାନ ହେଉଛି। ଜିଓ ଆରମ୍ଭ ହେବା ଦିନଠାରୁ ସବୁଠାରୁ କମ୍ ସମୟ ମଧ୍ୟରେ ୧୦କୋଟି ଗ୍ରାହକ ହାସଲ କରିବାରେ ପ୍ରଥମ ଟେଲିକମ କମ୍ପାନୀ ହୋଇଛି। କମ୍ପାନୀ ମାତ୍ର ୧୭୦ ଦିନରେ ଏହି ସଫଳତା ହାସଲ କରିଥିଲା।

# ଜେଟ୍‌ର ଭାଗ୍ୟ ନିର୍ଦ୍ଧାରଣ ଆଜି

**ନୂଆଦିଲ୍ଲୀ,୧୪-୪**



ଜେଟ୍ ଏୟାରୱେଜ ପାଇଁ ସୋମବାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ। କାରଣ ସଙ୍କଟଗ୍ରସ୍ତ ଏହି ଏୟାରଲାଇନ୍ସରେ ତାଲା ଝୁଲିବ ନା ଉଡ଼ାଣ ଜାରି ରହିବ ସେ ନେଇ ସୋମବାର ନିଷ୍ପତ୍ତି ନିଆଯିବ। କମ୍ପାନୀ ମ୍ୟାନେଜମେଣ୍ଟ ୧୫୦୦ କୋଟି ଟଙ୍କାର ନିବେଶ ଅପିଲ ଏବଂ ନୂଆ ଯୋଜନା ନେଇ ସୋମବାର ଋଣପ୍ରଦାନକାରୀଙ୍କ ସହ ବୈଠକରେ ବସିବେ। ଋଣପ୍ରଦାନକାରୀ ଜରୁରୀ ପାଣ୍ଠି ଦେବାକୁ ମନା କରିଦିଅନ୍ତି ଅଥବା ଏଥିରେ ବିଳମ୍ବ କରନ୍ତି, ଏହାର ଅର୍ଥ ହେବ ଜେଟ୍‌ରେ ତାଲା ଝୁଲିବ। ଏହାର ସମସ୍ତ ବିମାନ ଛିଡ଼ା ହୋଇଯିବ। ଏହାବ୍ୟତୀତ ଏହି ଦିନ ଜେଟ୍‌ର ପାଇଲଟ ଓ କର୍ମଚାରୀ କମ୍ପାନୀର ମୁମ୍ବାଇସ୍ଥିତ ମୁଖ୍ୟାଳୟରେ ଏକାଠି ହେବେ ଏବଂ ଭବିଷ୍ୟତକୁ ନେଇ ନିଷ୍ପତ୍ତି ନେବେ। ନ୍ୟାଶନାଲ ଏଭିଏଟର୍ସ ଗିଲ୍‌ଡ ଏହାର ସମସ୍ତ ପାଇଲଟଙ୍କୁ ସମ୍ପୂର୍ଣ୍ଣ ୟୁନିଫର୍ମରେ ସୋମବାର ସକାଳ ୧୦ଟାରେ ମୁଖ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛି। ଜେଟ ଏୟାରୱେଜର ଅଂଶଧନ କିଣିବା ଲାଗି କେତେଜଣ ଆଗ୍ରହ ଦେଖାଇଛନ୍ତି। ସେ ସମ୍ପର୍କରେ ସୋମବାର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସୂଚନା ଦେବ। ଏହାପରେ ଏପ୍ରିଲ ୩୦ ଯାଏ ବିଡ୍ ଦାଖଲ କରାଯାଇପାରିବ। ତେବେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବାକୁ କିଛି ମାସ ଲାଗିଯିବ। ପ୍ରତିଶ୍ରୁତି ମୁତାବକ ୧୫୦୦ କୋଟି ଟଙ୍କାର ଜରୁରୀ ପାଣ୍ଠି ନ ଦେଲେ ଜେଟ୍‌ର ଅବସ୍ଥା ସାଂଘାତିକ ହେବ। ୨୬ ବର୍ଷ ପୁରୁଣା ଏହି ଏୟାରଲାଇନ୍ସ କମ୍ପାନୀ ବଞ୍ଚିବ ଅଥବା ବୁଡ଼ିଯିବ ସୋମବାର ନିର୍ଦ୍ଧାରିତ ହେବ।

## ବିମାନ ଉଡ଼ାଣ ନେଇ ହେବ ନିଷ୍ପତ୍ତି

ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜର ପାଇଲଟମାନେ ସୋମବାରଠାରୁ ବିମାନ ନ ଉଡ଼ାଇବାକୁ ଚାହୁଁଛନ୍ତି। ପାଇଲଟଙ୍କୁ ପ୍ରତିନିଧିତ୍ୱ କରୁଥିବା ସଂଗଠନ ନ୍ୟାଶନାଲ ଏଭିଏଶନ ଗିଲ୍‌ଡ (ଏନ୍‌ଏଜି)ର ୧୧୦୦ ପାଇଲଟ ବେତନ ନ ମିଳିବା ଅଭିଯୋଗରେ ସୋମବାର ସକାଳ ୧୦ଟାରୁ ବିମାନ ଉଡ଼ାଇବା ବନ୍ଦ କରିବାକୁ ଚାହୁଁଛନ୍ତି। ତେବେ ଏନେଇ ସୋମବାର ନିଷ୍ପତ୍ତି ନିଆଯିବ। ଏଥିପାଇଁ ପାଇଲଟମାନେ ନିଜର ୟୁନିଫର୍ମରେ ବୈଠକରେ ଉପସ୍ଥିତ ରହିବାକୁ ଗିଲ୍‌ଡ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ପାଇଲଟଙ୍କ ସହିତ ଇଞ୍ଜିନିୟର ଏବଂ ବରିଷ୍ଠ ମ୍ୟାନେଜମେଣ୍ଟ ଅଧିକାରୀମାନଙ୍କୁ ଜାନୁୟାରୀରୁ ବେତନ ମିଳି ନାହିଁ। ଋଣରେ ବୁଡ଼ି ରହିଥିବା ଉକ୍ତ କମ୍ପାନୀ ଅନ୍ୟ ବର୍ଗର କର୍ମଚାରୀଙ୍କୁ ମଧ ମାର୍ଚ୍ଚ ଦରମା ଦେଇନାହିଁ। ଗିଲ୍‌ଡ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ସାଢ଼େ ୩ ମାସ ହେଲା ସେମାନେ ଦରମା ପାଇନାହାନ୍ତି। ଏହା କେବେ ମିଳିବ ତାହା ଜଣାନାହିଁ। ଏହି କାରଣରୁ ସେମାନେ ୧୫ ତାରିଖ ସକାଳୁ ଆଉ ବିମାନ ନ ଉଡ଼ାଇବାକୁ ଚାହୁଁନାହାନ୍ତି। ସୂଚନାଥାଉ କି, ଏନ୍‌ଏଜି ଏପ୍ରିଲ ପହିଲାରୁ ବିମାନ ନ ଉଡ଼ାଇବାକୁ ଚେତାବନୀ ଶୁଣାଇଥିଲା। କିନ୍ତୁ ମ୍ୟାନେଜମେଣ୍ଟ ସହ ଆଲୋଚନା ପରେ ସେମାନେ ଏପ୍ରିଲ ୧୪ ଯାଏ ଦରମା ପ୍ରଦାନ ପାଇଁ ସମୟ ଦେଇଥିଲେ।

## ଅଧା ଦରମାରେ ସ୍ପାଇସଜେଟ ଯାଉଛନ୍ତି ଜେଟ୍ ପାଇଲଟ

ଜେଟ୍ ଏୟାରୱେଜରେ ଦେଖାଦେଇଥିବା ସଙ୍କଟରୁ ଫାଇଦା ନେବା ଆରମ୍ଭ କରିଛି ଏହାର ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ସ୍ପାଇସଜେଟ୍। ଜେଟ୍‌ର ପାଇଲଟ ଓ ଇଞ୍ଜିନିୟରଙ୍କୁ ଏହା ଅଧା ଦରମାରେ ଚାକିରିରେ ନିଯୁକ୍ତ କରୁଛି। ଉଦ୍ୟୋଗ ଜଗତ ସୂତ୍ରରୁ ପ୍ରାପ୍ତ ସୂଚନାନୁସାରେ, ଜେଟ୍ ଏୟାରୱେଜ ପାଇଲଟ ଓ ଇଞ୍ଜିନିୟରମାନେ ବର୍ତ୍ତମାନର ଦରମାଠାରୁ ପ୍ରାୟ ୨୫ରୁ୩୦ ପ୍ରତିଶତ ଏପରି କି ୫୦ ପ୍ରତିଶତ କମ୍ ଦରମାରେ ସ୍ପାଇସଜେଟ୍‌ରେ ଯୋଗ ଦେଉଛନ୍ତି। ପୂର୍ବରୁ ଏହି କମ୍ପାନୀ ଜେଟ୍‌ର ପାଇଲଟମାନଙ୍କୁ ଭଲ ଦରମା ପ୍ୟାକେଜରେ ଚାକିରି ଦେଉଥିଲା। ବେସାମରିକ ବିମାନ ଚଳାଚଳ ଉଦ୍ୟୋଗ ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏୟାରୱେଜ ବନ୍ଦ ହେବା ସମ୍ଭାବନା ଅଧିକ ରହିଛି। ଏହି କାରଣରୁ କର୍ମଚାରୀମାନେ କମ୍ ଦରମାରେ ଅନ୍ୟ କମ୍ପାନୀରେ ଯୋଗ ଦେବାକୁ ବାଧ୍ୟ ହେଉଛନ୍ତି।

# ୪,୧୫୨ କୋଟିର ପ୍ରିମିୟମ ସଂଗ୍ରହ କଲା ଏଲ୍‌ଆଇସି

**ଭୁବନେଶ୍ୱର, ୧୪-୪**



ସି.ବିକାଶ ରାଓ

ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ପୂର୍ବ କେନ୍ଦ୍ରୀୟ ଜୋନ ବୀମା ପ୍ରିମିୟମ ସଂଗ୍ରହ କ୍ଷେତ୍ରରେ ରେକର୍ଡ ହାସଲ କରିଛି। ଜୋନ ପ୍ରଥମ ପ୍ରିମିୟମ ଆୟ ଭାବେ ୪,୧୫୨ କୋଟି ଟଙ୍କା ସଂଗ୍ରହ କରିବାକୁ ସକ୍ଷମ ହୋଇଥିବା ପ୍ରବନ୍ଧକ ସି.ବିକାଶ ରାଓ ସୂଚନା ଦେଇଛନ୍ତି। ଏଲଆଇସିର ଏକମାତ୍ର ଜୋନ ଭାବେ ଏହା ପଲିସି, ଏକକ ପ୍ରିମିୟମ, ନିୟମିତ ପ୍ରିମିୟମ, ମୋଟ ପ୍ରଥମ ପ୍ରିମିୟମ ଆୟ କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରିଛି। ପ୍ରଥମ ପ୍ରିମିୟମ ଆୟ ଅଭିବୃଦ୍ଧି ଏବଂ ବଜେଟ ଲକ୍ଷ୍ୟ ହାସଲ ଦିଗରେ ଏହା ସାରା ଦେଶରେ ପ୍ରଥମ ସ୍ଥାନରେ ରହିଛି। ପଲିସିରେ କଟକ ଡିଭିଜନ ପ୍ରଥମ ସ୍ଥାନରେ ରହିଛି। ବ୍ରହ୍ମପୁର ଏବଂ ଭୁବନେଶ୍ୱର ଭଳି ଡିଭିଜନଗୁଡିକ ପଲିସି ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପ୍ରଥମ ପ୍ରିମିୟମ ଆୟ କ୍ଷେତ୍ରରେ କଟକ ଡିଭିଜନ ପ୍ରଥମ ରହିଥିବା ବେଳେ ଏଫ୍‌ପିଆଇ କ୍ଷେତ୍ରରେ ହଜାରିବାଗ ଡିଭିଜନ ଅଗ୍ରଣୀ ରହିଛି।

# ହିରୋର ମତଦାନ ସଚେତନତା

**ଭୁବନେଶ୍ୱର, ୧୪-୪**

ହିରୋ ମୋଟୋକର୍ପ ପକ୍ଷରୁ ୨୦୧୯ ସାଧାରଣ ନିର୍ବାଚନକୁ ନେଇ ମତଦାନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କମ୍ପାନୀ ଏହାର ୮୫ ନିଯୁତ ଗ୍ରାହକଙ୍କୁ ଏହା ଦ୍ୱାରା ସଚେତନ କରାଉଥିବା ସୂଚନା ଦେଇଛି। ଏହା ସହ କମ୍ପାନୀ ଏକ ଆକର୍ଷକ ଭେଇକିଲ ମେଣ୍ଟେନାନ୍ସ ସ୍କିମ ହାତକୁ ନେଇଛି। ଭୋଟ ଦେଇ ସାରିବା ପରେ ଗ୍ରାହକମାନେ ହିରୋର ଡିଲରଶିପକୁ କାଳି ଲାଗିଥିବା ମାର୍କ ସହ ଆସିଲେ ମାଗଣା ଗାଡି ଓ୍ୱାଶ ସୁବିଧା ଏବଂ ମାତ୍ର ୧୯୯ ଟଙ୍କାରେ ଯାନର ସର୍ଭିସ କରାଇ ପାରିବେ। ଭୋଟଦାନ ପରର ଦୁଇ ଦିନ ପର୍ଯ୍ୟନ୍ତ ଏହି ସୁବିଧା ମିଳିବ। ଏପ୍ରିଲ ଏବଂ ମେ ମାସରେ ଏହାର ଲାଭ ନେବାକୁ କମ୍ପାନୀ ଗ୍ରାହକଙ୍କୁ ନିବେଦନ କରିଛି। ସେହିଭଳି ଗ୍ରାହକ ଭେଇକିଲ ସର୍ଭିସ ପ୍ୟାକେଜକୁ ପ୍ରିବୁକିଂ କରାଇ ପାରିବେ। ଏହି ସୁବିଧା ସମ୍ପର୍କରେ ଜାଣିବା ଲାଗି ଗ୍ରାହକ ନିକଟସ୍ଥ ଡିଲରଶିପ ସହ ସମ୍ପର୍କ କରିବାକୁ କୁହାଯାଇଛି।

# ଜଏଣ୍ଟ ଓ୍ୱାର୍କିଂ ଗ୍ରୁପ ମିଟିଂରେ ଯୋଗଦେବେ ଜେକେ ମହାନ୍ତି

**ଭୁବନେଶ୍ୱର,୧୪-୪**



ଜେକେ ମହାନ୍ତି

ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ଅନୁଷ୍ଠିତ ହେଉଥିବା ତୃତୀୟ ଇଣ୍ଡିଆ-ଅଷ୍ଟ୍ରେଲିଆ ଜଏଣ୍ଟ ଓ୍ୱାର୍କିଂ ଗ୍ରୁପ ମିଟିଂରେ ଭାରତୀୟ ଶିଳ୍ପ ପକ୍ଷରୁ ପ୍ରତିନିଧି ଭାବେ ପ୍ରତିଷ୍ଠିତ ହୋଟେଲିୟର ଜେକେ ମହାନ୍ତି ଯୋଗ ଦେବେ। ପର୍ଯ୍ୟଟନ ଶିଳ୍ପର ବିକାଶ ଲାଗି ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଏମ୍‌ଓୟୁ ମୁତାବକ ଏହି ବୈଠକ ଆୟୋଜନ ହେଉଛି। ଭାରତୀୟ ପ୍ରତିନିଧି ଦଳରେ ପର୍ଯ୍ୟଟନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁମନ ବିଲା ସାମିଲ ଅଛନ୍ତି। ଅଷ୍ଟ୍ରେଲିଆ ପର୍ଯ୍ୟଟକଙ୍କ ନିକଟରେ ଭାରତୀୟ ହୋଟେଲ ଶିଳ୍ପର ମାର୍କେଟିଂ ଏବଂ ପ୍ରୋତ୍ସାହନର ବିଭିନ୍ନ ଦିଗରେ ମହାନ୍ତି ଗୁରୁତ୍ୱାରୋପ କରିବେ। ଭାରତର ବିଭିନ୍ନ ପର୍ଯ୍ୟଟନସ୍ଥଳ, ପ୍ରଡକ୍ଟ, ପର୍ଯ୍ୟଟକ ଟ୍ରାଫିକ ବୃଦ୍ଧି ଲାଗି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ 'ରୋଡ ଶୋ' ଏହି ଅବସରରେ ଆୟୋଜନ କରାଯାଉଛି।

# ୮୮ ମାମଲାରେ ଅର୍ଦ୍ଧେକ ଋଣ ଅସୁଲ

**ନୂଆଦିଲ୍ଲୀ,୧୪-୪**




ଦେବାଳିଆ ଏବଂ ଋଣ ସମାଧାନ ସଂହିତା (ଆଇବିସି) ଅଧୀନରେ ବକେୟା ଋଣ ଆଦାୟରେ ସଫଳତା ମିଳୁଛି। ଫେବୃୟାରୀ ୨୮ ସୁଦ୍ଧା ୮୮ ମାମଲାରେ ଋଣପ୍ରଦାନକାରୀଙ୍କ ବକେୟା ବାବଦରେ ଥିବା ୧.୪୨ ଲକ୍ଷ କୋଟି ଟଙ୍କାର ଦାବିରୁ ପ୍ରାୟ ଅଧା ଅସୁଲ ହୋଇସାରିଲାଣି ବୋଲି ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି ବୋର୍ଡ ଅଫ୍ ଇଣ୍ଡିଆ(ଆଇବିବିଆଇ) ତଥ୍ୟରୁ ସ୍ପଷ୍ଟ ହୋଇଛି। ମୋଟ ବକେୟା ମଧ୍ୟରୁ ବିତ୍ତୀୟ ଋଣପ୍ରଦାନକାରୀଙ୍କର ଦାବି ୧.୩୬ ଲକ୍ଷ କୋଟି ଟଙ୍କା ଥିବା ବେଳେ ପରିଚାଳନା ଋଣପ୍ରଦାନକାରୀ ୬,୪୬୯ କୋଟି ଟଙ୍କା ଦାବି କରିଥିଲେ। ପ୍ରାପ୍ତ ତଥ୍ୟ ଅନୁଯାୟୀ, ବିତ୍ତୀୟ ଋଣପ୍ରଦାନକାରୀମାନେ ମୋଟ ଦାବିର ୪୮.୨୪ ପ୍ରତିଶତ ଏବଂ ପରିଚାଳନ ଋଣପ୍ରଦାନକାରୀ ୪୮.୪୧ ପ୍ରତିଶତ ଦାବି ଅର୍ଥ ଫେରିପାଇଛନ୍ତି। ଋଣପ୍ରଦାନକାରୀ ଏହି ୮୮ ମାମଲାରେ ୬୮,୭୬୬ କୋଟି ଟଙ୍କା ଅସୁଲ କରିଛନ୍ତି। ତନ୍ମଧ୍ୟରୁ ବିତ୍ତୀୟ ଋଣପ୍ରଦାନକାରୀ ୬୫,୬୩୫ କୋଟି ଏବଂ ପରିଚାଳନା ଋଣପ୍ରଦାନକାରୀ ୩,୧୩୧ କୋଟି ଟଙ୍କା ପାଇଛନ୍ତି। ବୋର୍ଡ ପକ୍ଷରୁ ଗତ ସପ୍ତାହରେ ସତ୍ୟପାଠ ଦାଖଲ କରି ଏନ୍‌ସିଏଲ୍‌ଏଟିକୁ ଉକ୍ତ ସୂଚନା ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, କେତେକ ମାମଲାରେ ଦାବିଠାରୁ ଅଧିକ ରାଶି ଅସୁଲ କରାଯାଇଛି। ବୋର୍ଡର ସତ୍ୟପାଠରେ କୁହାଯାଇଛି ଯେ, ୮୮ ମଧ୍ୟରୁ ୧୧ ମାମଲାରେ ଶତପ୍ରତିଶତ ଅସୁଲ ହୋଇପାରିଛି। ଅନ୍ୟପକ୍ଷରେ ପରିଚାଳନା ଋଣପ୍ରଦାନକାରୀ ୬ ମାମଲାରେ ସମ୍ପୂର୍ଣ୍ଣ ବକେୟା ପାଇଛନ୍ତି। ୩ ମାମଲାରେ ବିତ୍ତୀୟ ଋଣପ୍ରଦାନକାରୀ ୧୦୦ ପ୍ରତିଶତରୁ ଅଧିକ ଆଦାୟ କରିଛନ୍ତି। ଭୂଷଣ ଷ୍ଟିଲ୍ ମାମଲାରେ ୫୭,୫୦୫.୦୫ କୋଟି, ଇଲେକ୍ଟ୍ରୋଷ୍ଟିଲ ମାମଲାରେ ୧୩,୯୫୮ କୋଟି ଏବଂ ମୋନେଟ ଇସ୍ପାତ ମାମଲାରେ ୧୧,୪୭୮.୦୮ କୋଟି ଟଙ୍କା ଆଦାୟ ହୋଇଛି।

## ଫେବୃୟାରୀରେ ଡଲାର କିଣିଛି ଆର୍‌ବିଆଇ

**ମୁମ୍ବାଇ,୧୪-୪**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଫେବୃୟାରୀରେ କ୍ରମାଗତ ତୃତୀୟ ମାସ ଡଲାର କିଣିଛି। ଆଲୋଚ୍ୟ ମାସରେ କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରା ବଜାରରୁ ୮୨.୫୦ କୋଟି ଡଲାର କିଣିଛି। ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡିଛି ଯେ, ଆଲୋଚ୍ୟ ମାସରେ ଆର୍‌ବିଆଇ ୨.୦୮୬ ବିଲିୟନ ଡଲାର କିଣିଥିବା ବେଳେ ୧.୨୬୧ ବିଲିୟନ ଡଲାର ବିକିଥିଲା। ଏଭଳି ଭାବେ ଏହା ୮୨.୫୦ କୋଟି ଡଲାର କିଣିଛି। ଏଥିପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଆର୍ଥିକ ବର୍ଷ ୨୦୧୮-୧୯ର ଡିସେମ୍ବର ୨୦୧୮ରେ ୬୦.୭୦ କୋଟି ଡଲାର ଏବଂ ଜାନୁୟାରୀ ୨୦୧୯ରେ ୨୯.୩୦ ଡଲାର କିଣିଛି। ଆର୍ଥିକ ବର୍ଷ ୨୦୧୭-୧୮ରେ ରିଜର୍ଭ ବ୍ୟାଙ୍କ ମୁଦ୍ରା ବଜାରରୁ ୩୩.୬୮୯ ବିଲିୟନ ନେଟ୍ ଡଲାର କିଣିଥିଲା।

# ସାମ୍‌ସଙ୍ଗ୍ ଗାଲାକ୍ସି ଏ-୮୦ ବଜାରରେ

**ଭୁବନେଶ୍ୱର, ୧୪-୪**

ସାମ୍‌ସଙ୍ଗ୍ ପକ୍ଷରୁ ପରବର୍ତ୍ତୀ ପୀଢିର ନୂତନ ଗାଲାକ୍ସି ଏ-୮୦ ମୋବାଇଲ୍ ହ୍ୟାଣ୍ଡସେଟ ବଜାରକୁ ଆସିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ମଡେଲ ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ଦେବ। ଦୈନନ୍ଦିନ ଜୀବନଶୈଳୀରେ ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହା ସହାୟକ ହେବ। ଏହି ଅବସରରେ ସାମସଙ୍ଗ୍ ଇଲେକ୍ଟ୍ରୋନିକ୍ସ ଆଇଟି ଏବଂ ମୋବାଇଲ୍ ସିଇଓ ତଥା ସଭାପତି ଡି.ଜେ. କୋହ କହିଛନ୍ତି ଗ୍ରାହକଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ସାମ୍‌ସଙ୍ଗ ସର୍ବଦା ପ୍ରୟାସ ଜାରି ରଖିଛି। ଏଥିରେ ୬.୭ ଇଞ୍ଚ ଏଫ୍‌ଏଚ୍‌ଡି ପ୍ଲସ୍ ସ୍କ୍ରିନ୍, ଇନଫିନିଟି-ସୁପର ଆମଲୋଏଡ୍ ଡିସପ୍ଲେ, ୪୮ ଏମ୍‌ପି ସମ୍ମୁଖ କ୍ୟାମେରା, ୮ ଏମ୍‌ପି ୱାଇଡ୍ ବିଏମ୍‌ପି ପଛ କ୍ୟାମେରା, ୩,୭୦୦ ଏମ୍‌ଏଏଚ୍ ବ୍ୟାଟେରି ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି।

# ଫୋର୍ବସ୍ ୟଙ୍ଗ ଆଚିଭର୍ସ ତାଲିକାରେ ଅଭିନବ

**ନୂଆଦିଲ୍ଲୀ, ୧୪-୪**



ଅଭିନବ ଅଗ୍ରୱାଲ

ଫୋର୍ବସ୍ ପତ୍ରିକା ପକ୍ଷରୁ ପ୍ରକାଶ ପାଉଥିବା ଅଣ୍ଡର-୩୦ ଏସିଆ ୟଙ୍ଗ ଆଚିଭର୍ସ ୨୦୧୯ ତାଲିକାରେ ଗ୍ରେଟର ନଏଡା ନିବାସୀ ଅଭିନବ ଅଗ୍ରୱାଲ ସ୍ଥାନିତ ହୋଇଛନ୍ତି। କଳା କ୍ଷେତ୍ରରେ ଅବଦାନ ଲାଗି ତାଙ୍କୁ ଏହି ସଫଳତା ମିଳିଛି। ଚଳିତ ବର୍ଷ ତାଲିକାରେ ବିଭିନ୍ନ ବର୍ଗ ଲାଗି ୫୯ ଯୁବ ଭାରତୀୟଙ୍କୁ ସାମିଲ କରାଯାଇଛି। ଦେଶ ମଧ୍ୟରେ ଥିବା ବିଭିନ୍ନ ଆଦିବାସୀ ଅଞ୍ଚଳର ଲୁପ୍ତ ଲୋକ ସଙ୍ଗୀତର ସଂରକ୍ଷଣ ତଥା ଲୋକପ୍ରିୟତା ବଢାଇବା ଦିଗରେ ତାଙ୍କର ଯୋଗଦାନକୁ ବିଚାର କରି ଫୋର୍ବସ୍ ତାଙ୍କୁ ତାଲିକାରେ ସାମିଲ କରିଛି। ୨୬ ବର୍ଷୀୟ ଅଗ୍ରୱାଲ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଲୋକ ସଙ୍ଗୀତର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଛନ୍ତି। ବର୍କଲେ କଲେଜ ଅଫ ମ୍ୟୁଜିକରୁ ଶିକ୍ଷା ଗ୍ରହଣ କରିଥିବା ଅଭିନବ ଅନହଦ ଫାଉଣ୍ଡେଶନ ନାମକ ଏନ୍‌ଜିଓର ପ୍ରତିଷ୍ଠା ମଧ କରିଛନ୍ତି। ଅନହଦ ଜରିଆରେ ସେ ୟୁଟ୍ୟୁବ୍‌ରେ ଏହି ସଂଗୀତ ପ୍ରକଳ୍ପକୁ ଲଞ୍ଚ କରିବା ସହ ଆଇରିୟଲିଟିକୁ କଳାକାରଙ୍କ ନିକଟରେ ପହଞ୍ଚାଇବା କାମ କରୁଛନ୍ତି। କଳାକାରମାନେ କିଭଳି ଜୀବିକା ପାଇପାରିବେ ସେ ଦିଗରେ ମଧ ତାଙ୍କର ଯୋଗଦାନ ରହିଛି। ୨୦୧୬ ଅକ୍ଟୋବରରେ ଗ୍ରାଜୁଏଶନ ସାରିବା ପରେ ସେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜସ୍ଥାନ, ପଞ୍ଜାବ, ହିମାଚଳ ପ୍ରଦେଶ, ଝାଡଖଣ୍ଡ ଏବଂ କର୍ନାଟକର ପ୍ରାୟ ୮୦୦ରୁ ଉର୍ଦ୍ଧ୍ୱ କଳାକାରଙ୍କ ସହ କାମ କରି ସାରିଛନ୍ତି। କଳାକାରଙ୍କୁ ଖୋଜିବା ଲାଗି ଅଭିନବ ଜୟସାଲମେର, ବଡମେର, ଯୋଧପୁର, ପଟିଆଲା, ସଙ୍ଗପୁର, ଚଣ୍ଡୀଗଡ, ଚମ୍ବା, ଧର୍ମଶାଳା, କୁଲୁ ଭଳି ବିଭିନ୍ନ ସ୍ଥାନ ଯାଇ ମ୍ୟୁଜିକ ରେକର୍ଡ କରିଛନ୍ତି। ଲୋକ ସଙ୍ଗୀତର ସଂରକ୍ଷଣ ଦିଗରେ ଏତେଟା କାର୍ଯ୍ୟ ହୋଇ ନ ଥିବାରୁ ଏ ଦିଗରେ ନିଜର ଯୋଗଦାନ ରଖିଥିବା ଅଭିନବ କହିଛନ୍ତି।

# କେନ୍ଦ୍ରୀୟ ବ୍ୟାଙ୍କ ସ୍ୱାଧୀନତାରୁ ମିଳିଛି ସଫଳତା: ଲାଗାର୍ଡ

**ଓ୍ୱାଶିଂଟନ ଡିସି,୧୪-୪:** କେନ୍ଦ୍ରୀୟ ବ୍ୟାଙ୍କକୁ ସରକାର ଦେଇଥିବା ସ୍ୱାଧୀନତାରୁ ଭଲ ସଫଳତା ମିଳିଛି ବୋଲି ଅନ୍ତର୍ରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ପ୍ରମୁଖ କ୍ରିଷ୍ଟିନ ଲାଗାର୍ଡ ପ୍ରକାଶ କରିଛନ୍ତି। ବିଶ୍ୱର ଅନେକ ଦେଶରେ ରିଜର୍ଭ ବ୍ୟାଙ୍କ ଉପରେ ସରକାରଙ୍କ ହସ୍ତକ୍ଷେପ ବଢୁଥିବା ବେଳେ ଲାଗାର୍ଡଙ୍କ ମନ୍ତବ୍ୟ ବେଶ ପ୍ରଣିଧାନଯୋଗ୍ୟ। ସୂଚନାଥାଉ କି, ଫେଡେରାଲ ରିଜର୍ଭ ଦ୍ୱାରା ନୀତିଗତ ସୁଧ ହାର ବୃଦ୍ଧି କରାଯିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ନେଇ ସମାଲୋଚନା କରିଥିଲେ। ସେ ଫେଡେରାଲ ରିଜର୍ଭର କେନ୍ଦ୍ରୀୟ ନିର୍ଦ୍ଦେଶକମଣ୍ଡଳରେ ଖାଲିପଡିଥିବା ସ୍ଥାନକୁ ପୂରଣ କରିବା ଲାଗି ନିଜ ପାର୍ଟି ରିପବ୍ଲିକାନର ବିଶ୍ୱସ୍ତ ବ୍ୟକ୍ତିଙ୍କୁ ମନୋନୀତ କରିଥିଲେ। ଭାରତରେ ମଧ କେତେକ ମୁଖ୍ୟ ପ୍ରସଙ୍ଗରେ ରିଜର୍ଭ ବ୍ୟାଙ୍କ ଉପରେ ଏନ୍‌ଡିଏ ସରକାରଙ୍କ କ୍ରମାଗତ ଚାପ ରହିବା ଯୋଗୁ ଦୁଇ ଜଣ ଗଭର୍ନର ରଘୁରାମ ରାଜନ ଏବଂ ଡଃ. ଉର୍ଜିତ ପଟେଲଙ୍କ ସହ ମତାନ୍ତର ଦେଖାଦେଇଥିଲା। ଉର୍ଜିତ ସମୟ ପୂର୍ବରୁ ନିଜ ପଦରୁ ଇସ୍ତଫା ଦେଇଥିବା ବେଳେ ସରକାର ରାଜନଙ୍କ କାର୍ଯ୍ୟକାଳକୁ ଆଉ ବୃଦ୍ଧି କରି ନ ଥିଲେ। ଏଠାରେ ଆୟୋଜିତ ବିଶ୍ୱ ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ଗ୍ରୀଷ୍ମକାଳୀନ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଲାଗାର୍ଡ ପରାମର୍ଶ ଦେଇ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ଅଧିକାରୀମାନେ ଜନତାଙ୍କ ପ୍ରତି ଉତ୍ତରଦାୟୀ ହେବା ସହିତ ନିଷ୍ପତ୍ତି ନେବାରେ ସ୍ୱଚ୍ଛତା ଅବଲମ୍ବନ କରିବା ଉଚିତ୍।

**MCL** Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla-768020, Dist-Sambalpur, Odisha
Ph.(EPABX):0663-2542461 to 469, Website: www.mahanadicoal.in

**GENERAL TENDER NOTICE FOR e-PROCUREMENT**

Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, Coal loading, Extraction of Coal by Surface Miner, Overburden removal etc.) and GOODS (Procurement of Equipments, Spares, Consumables, Medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of CIL **(https://coalindiatenders.nic.in)** as well as on the Central Public Procurement portal of Govt. of India **(http://eprocure.gov.in)**. Bids are to be submitted ONLINE on the above e-Procurement portal of CIL by enrolled Bidders. EMD can also be submitted online. Enrollment of Bidders on the e-Procurement portal of CIL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of CIL for enrollment and participation in Tenders. Contact details : Tel. No. 0663-2542264 / 2542695 (available during office hours only), e-Mail : **hlp-eproc.mcl@nic.in**
R-4900

*Give a missed call on toll free number 1800 200 3004 to get our apps.*

No. 3-D:-

**ବିଜ୍ଞାପନ**

ତା୦୭।୦୪।୨୦୧୯

ରାଜ୍ୟର ସମସ୍ତ ରାଜନୈତିକ ଦଳ, ପ୍ରାର୍ଥୀ/ପ୍ରାର୍ଥିନୀ ତଥା ମୁଦ୍ରଣ ଗଣମାଧ୍ୟମର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବାଦପତ୍ରମାନଙ୍କରେ ଅପମାନଜନକ ଓ ବିଭ୍ରାନ୍ତିକର ବିଜ୍ଞାପନମାନ ପ୍ରକାଶିତ ହେଉଥିବାର ଅନେକ ଦୃଷ୍ଟାନ୍ତ ଅତୀତରେ ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଅଣାଯାଇଅଛି। ନିର୍ବାଚନର ଶେଷ ସୋପାନରେ ଏହିପରି ବିଜ୍ଞାପନ ସମଗ୍ର ନିର୍ବାଚନ ପଦ୍ଧତିକୁ କ୍ଷତି ପହଞ୍ଚାଇଥାଏ। ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପ୍ରାର୍ଥୀ/ପ୍ରାର୍ଥିନୀ ଓ ରାଜନୈତିକ ଦଳଗୁଡ଼ିକ ଏ ସମ୍ବନ୍ଧରେ ସ୍ପଷ୍ଟୀକରଣ ଦେବା କିମ୍ବା ଖଣ୍ଡନ କରିବାକୁ ସୁଯୋଗ ପାଇପାରନ୍ତି ନାହିଁ। ଏହିପରି ଘଟଣାର ପୁନରାବୃତ୍ତି ନ ହେବା ତଥା ଏହିପରି ବିଭ୍ରାନ୍ତିକର, ଉତ୍ତେଜକ ଓ ଘୃଣ୍ୟ ବିଜ୍ଞାପନ ଯୋଗୁଁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ସମ୍ବିଧାନର ଧାରା ୩୨୪ ଦ୍ୱାରା ପ୍ରଦତ୍ତ କ୍ଷମତା ବଳରେ କମିଶନ ଏହି ନିର୍ଦ୍ଦେଶ ଦେଉଛନ୍ତି ଯେ କୌଣସି ରାଜନୈତିକ ଦଳ, ପ୍ରାର୍ଥୀ/ପ୍ରାର୍ଥିନୀ କିମ୍ବା ଅନ୍ୟ ସଂଗଠନ ପ୍ରତ୍ୟେକ ପର୍ଯ୍ୟାୟର ମତଦାନ ଦିବସ ଓ ତା'ର ପୂର୍ବଦିନରେ ପ୍ରକାଶିତ ହେଉଥିବା କୌଣସି ସମ୍ବାଦପତ୍ରରେ ରାଜ୍ୟ/ଜିଲ୍ଲାସ୍ତରୀୟ ଗଣମାଧ୍ୟମ ପ୍ରମାଣୀକରଣ ଓ ପର୍ଯ୍ୟାଲୋଚନା କମିଟି ଦ୍ୱାରା ପ୍ରାକ୍ ପ୍ରମାଣିତ ହୋଇନଥିବା କୌଣସି ବିଜ୍ଞାପନ ପ୍ରକାଶନ କରିପାରିବେ ନାହିଁ।

ରାଜ୍ୟରେ ପ୍ରସାରଣ ହେଉଥିବା ସମସ୍ତ ମୁଦ୍ରଣ ଗଣମାଧ୍ୟମମାନଙ୍କରେ ପ୍ରକାଶିତ ହେବାକୁ ଥିବା ରାଜନୈତିକ ବିଜ୍ଞାପନ କ୍ଷେତ୍ରରେ ଏହା ପ୍ରଯୁଜ୍ୟ।

12030/11/0001/1920

“ଏବି ଡି'ଭିଲର୍ସଙ୍କ ସହିତ ପାର୍ଟନର ହୋଇ ବ୍ୟାଟିଂ ବେଳେ ଚାପରେ ଥିଲେ ମଧ୍ୟ ମୁଁ ନିଜକୁ ସହଜ ଅନୁଭବ କରିଥାଏ।
–ମାର୍କସ ଷ୍ଟୋଇନିସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଲରାଉଣ୍ଡର



“ଆଇପିଏଲରେ କ୍ରମାଗତ ୬ଟି ପରାଜୟ ପରେ କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ୮ଉଇକେଟ ବିଜୟର ସ୍ୱାଦ ଅବର୍ଣ୍ଣନୀୟ।
–ବିରାଟ କୋହଲି, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ଅଧିନାୟକ



## ସଂକ୍ଷେପରେ

### ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ: ଓଡ଼ିଶା ବିଦା

**କଟକ ଅଫିସ,୧୪।୪:** ପଞ୍ଜାବର ଲୁଧିଆନାସ୍ଥିତ ଗୁରୁନାନକ ଷ୍ଟାଡିୟମରେ ଚାଲିଥିବା ୭୩ତମ ଜାତୀୟ ସିନିୟର ପୁରୁଷ ଫୁଟବଲ ଚାମ୍ପିୟନଶିପ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡରୁ ଓଡ଼ିଶା ବିଦା ହୋଇଛି । ପ୍ରତିଯୋଗିତାର ପ୍ରଥମ ୩ଟି ଯାକ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି । ରବିବାର ମ୍ୟାଚ୍‌ରେ ଦଳ ୧-୨ ଗୋଲରେ ଗୋଆଠାରୁ ହାରିଛି। ପୂର୍ବରୁ ୨-୩ ଗୋଲରେ ମେଘାଳୟଠାରୁ ଓ ୦-୨ ଗୋଲରେ ସର୍ଭିସେସ ଠାରୁ ପରାସ୍ତ ହୋଇଥିଲା । ୧୬ ତାରିଖରେ ଦିଲ୍ଲୀ ବିପକ୍ଷରେ ସୌଜନ୍ୟମୂଳକ ଭାବେ ଅନ୍ତିମ ଫାଇନାଲ ରାଉଣ୍ଡ ମ୍ୟାଚ୍ ଖେଳିବ। ପ୍ରଥମାର୍ଦ୍ଧରେ ଗୋଆ ପକ୍ଷରୁ ୨ଟି ଗୋଲ ସ୍କୋର ହୋଇଥିଲା । ୧୪ତମ ମିନିଟରେ ଜସେଲ କାର୍ନିରିଓ ଓ ୧୭ତମ ମିନିଟରେ ସାର୍ନିଓ ଫର୍ନାଡେସ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ଦ୍ୱିତୀୟାର୍ଦ୍ଧର ୮୭ତମ ମିନିଟରେ ଓଡ଼ିଶା ଗୋଟିଏ ଗୋଲ ସୁଝିବାକୁ ସକ୍ଷମ ହୋଇଥିଲା । ଅରବିନ ଲାକ୍ରା ଉକ୍ତ ଗୋଲ ସ୍କୋର କରିଥିଲେ । ପରବର୍ତ୍ତୀ ସମୟରେ କୌଣସି ଗୋଲ ନ ହେବା ଯୋଗୁ ଓଡ଼ିଶା ପରାଜୟ ବରଣ କରିଛି ।

### କ୍ରିକେଟ ଦଳ ଚୟନ ପ୍ରକ୍ରିୟାକୁ କୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ, ୧୪।୪ (ପି.ଟି.):** ଜୋନାଲ ଓ ଜାତୀୟସ୍ତର ଟୁର୍ନାମେଣ୍ଟ ପାଇଁ ଦିଲ୍ଲୀ ଓ ଜିଲା କ୍ରିକେଟ ଆସୋସିଏଶନ (ଡିଡିସିଏ) ପକ୍ଷରୁ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ମାତ୍ର ଚୟନ ପକ୍ରିୟାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଖେଳାଳି ଚୟନ ବେଳେ ବେନିୟମ କାର୍ଯ୍ୟ ହୋଇଛି ବୋଲି ଆବେଦନକାରୀ ଅରୁଣ ହାମରୋଲ ଦର୍ଶାଇଛନ୍ତି ଦଳ ମନୋନୟନ ପାଇଁ ଡିଡିସିଏର କ୍ରିକେଟ କମିଟି ୩ ଜଣିଆ ସିଲେକ୍ସନ କମିଟି ଗଠନ କରିଥିଲା। ଟ୍ରାଏଲରେ ଭାଗ ନେବା ଲାଗି ୨୦୧୮ ଅକ୍ଟୋବର ୧ ଏବଂ ୨୦୧୮ ଅକ୍ଟୋବର ୫ ମଧ୍ୟରେ ୩ଟି ପୃଥକ୍ ପୃଥକ୍ ଦିବସରେ ବହୁସଂଖ୍ୟାରେ ଯୁବ ଖେଳାଳିଙ୍କୁ ଡକାଯାଇଥିଲା। ପ୍ରତ୍ୟେକଙ୍କୁ ସେମାନଙ୍କ ଦକ୍ଷତା ଓ ସାମର୍ଥ୍ୟ ପ୍ରତିପାଦନ କରିବା ଲାଗି ମାତ୍ର ଏକ ମିନିଟ ସମୟ ଦିଆଯାଇଥିଲା। ସିଲେକ୍ସନ କମିଟି ଅକ୍ଟୋବର ୧୬ରେ ୧୫ଜଣିଆ ଚୂଡ଼ାନ୍ତ ତାଲିକା ପ୍ରକାଶ କରିଥିଲା। ଆବେଦନକାରୀ ଜଣକ ସିଲେକ୍ସନକୁ ରଦ୍ଦ କରିବା ସହ ନିରପେକ୍ଷତା ଓ ସ୍ୱଚ୍ଛତା ଭିତ୍ତିରେ ସାନି ଦଳ ମନୋନୟନ ଲାଗି ନିର୍ଦ୍ଦେଶ ପାଇ କୋର୍ଟଙ୍କୁ ନିବେଦନ କରିଛନ୍ତି।

## ■ ଭାରତୀୟ ଦଳ ଚୟନ ଆଜି

# ଟିମ୍ କମ୍ବିନେଶନକୁ ଗୁରୁତ୍ୱ

ନୂଆଦିଲ୍ଲୀ, ୧୪।୪(ପି.ଟି.)

ଆଇସିସି କ୍ରିକେଟ ବିଶ୍ୱକପ ଦ୍ୱାଦଶ ସଂସ୍କରଣ ଇଂଲଣ୍ଡରେ ମେ ୩୦ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କ୍ରିକେଟ ମହାକୁମ୍ଭ ପାଇଁ ଭାରତୀୟ ଦଳ ଚୟନ ସୋମବାର ମୁମ୍ବାଇରେ ଅନୁଷ୍ଠିତ ହେବ। ବିଭିନ୍ନ ସ୍ଥାନ ପାଇଁ ପ୍ରାୟତଃ ଖେଳାଳି ଚୂଡ଼ାନ୍ତ ହୋଇ ସାରିଛି। ତେବେ ଦ୍ୱିତୀୟ ଉଇକେଟ କିପର, ୪ ନମ୍ବର ବ୍ୟାଟ୍ସମ୍ୟାନ ଏବଂ ଜଣେ ଅତିରିକ୍ତ ପେସର ସମ୍ପର୍କରେ ବିଶେଷ କରି ଚୟନ କମିଟି ବୈଠକରେ ଆଲୋଚନା ହେବ। ଅନ୍ୟପକ୍ଷରେ କେବଳ ଗୋଟିଏ ସ୍ଥାନ ପୂରଣ ହେବାକୁ ବାକି ରହିଛି ବୋଲି ଗତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜପରେ ଅଧିନାୟକ ବିରାଟ କୋହଲି ସୂଚନା ଦେଇଥିଲେ। କୋର୍ ଖେଳାଳି ଏକବର୍ଷ ପୂର୍ବରୁ ସେଟ୍ ହୋଇ ସାରିଛନ୍ତି ବୋଲି ସେ କହିଥିଲେ। ଚୟନ କମିଟି ବୈଠକରେ ଟିମ୍ କମ୍ବିନେଶନକୁ ଅଗ୍ରାଧିକାର ଦିଆଯିବ।

ମହେନ୍ଦ୍ର ସିଂ ଧୋନୀଙ୍କ ପରେ ଦ୍ୱିତୀୟ ଉଇକେଟ କିପର ସ୍ଥାନ ପାଇଁ ଯୁବ ଖେଳାଳି ରିଷଭ ପନ୍ତ ଏବଂ ଅଭିଜ୍ଞ ଦୀନେଶ କାର୍ତ୍ତିକ ଦୃଢ଼ ଦାବିଦାର। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ପନ୍ତଙ୍କ ୨୨୨ ରନ ତୁଳନାରେ କାର୍ତ୍ତିକ ୯୩ ରନ ସ୍କୋର କରିଛନ୍ତି। ତେଣୁ ଏହି ଦୃଷ୍ଟିରୁ ଦେଖିବାକୁ ଗଲେ ପନ୍ତ ଦୌଡ଼ରେ ଆଗରେ ରହିଛନ୍ତି। ପନ୍ତ ଜଣେ ବାମହାତୀ ବ୍ୟାଟ୍ସମ୍ୟାନ, ଉଇକେଟ କିପର ଏବଂ ନମ୍ବର ୧ରୁ ଆରମ୍ଭକରି ୭ମ ସ୍ଥାନ ପର୍ଯ୍ୟନ୍ତ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି। ସ୍ପିନରଙ୍କ ବିପକ୍ଷରେ ପନ୍ତଙ୍କ ଉଇକେଟ କିପିଂ ଦକ୍ଷତାରେ ଉନ୍ନତି ଆବଶ୍ୟକ, ମାତ୍ର କାର୍ତ୍ତିକ ମଧ୍ୟ ଗତ ୧୨ ମାସ ମଧ୍ୟରେ ଏପରି କିଛି କରିନାହାନ୍ତି ଯାହାକି ପନ୍ତଙ୍କ ତୁଳନାରେ ତାଙ୍କୁ ଆଗରେ ରଖି ପାରିବ। ତେବେ ଆଇପିଏଲ ଫ୍ରାଞ୍ଚାଇଜ୍ କୋଚ୍ ଦିଲ୍ଲୀ କ୍ୟାପିଟାଲ୍ସର ରିକି ପଣ୍ଟିଂ ପନ୍ତଙ୍କ ସପକ୍ଷରେ ଯୁକ୍ତି ବାଢ଼ିଥିବାବେଳେ ଦୀନେଶ କାର୍ତ୍ତିକ ହିଁ ଉପଯୁକ୍ତ ଖେଳାଳି ବୋଲି କୋଲକାତା

ICC CRICKET WORLD CUP
ENGLAND & WALES
2019

ନାଇଟ ରାଇଡର୍ସର ଜ୍ୟାକ୍ସ କାଲିସ କହିଛନ୍ତି। ଦୌଡ଼ରେ ଏହି ଦୁଇ ଖେଳାଳି ରହିଥିବାବେଳେ ତୃତୀୟ ଖେଳାଳି ଭାବେ ଏଥିରେ ସାମିଲ ହୋଇଛନ୍ତି ଲୋକେଶ ରାହୁଲ। ରାହୁଲ କିଙ୍ଗ୍ସ ଇଲେଭେନ ପଞ୍ଜାବ ପକ୍ଷରୁ ଉଇକେଟ କିପିଂ ଜାରି ରଖିଥିବାବେଳେ ବ୍ୟାଟିଂରେ ୩୩୫ ରନ ସ୍କୋର କରି ସାରିଛନ୍ତି। ଏହା ମଧ୍ୟରେ ଏକ ଶତକ ସାମିଲ। ତେଣୁ ଭାରତୀୟ ଦଳ ପାଇଁ ତୃତୀୟ ଓପନର ଏବଂ ଦ୍ୱିତୀୟ ଉଇକେଟ କିପର ସମ୍ପର୍କରେ ଆଲୋଚନା ବେଳେ ଚୟନକର୍ତ୍ତାମାନେ ରାହୁଲଙ୍କ ନାମକୁ ମଧ୍ୟ ବିଚାରକୁ ନେଇପାରନ୍ତି।

‘‘ଧୋନୀ ଆହତ ହେଲେ ଯାଇ ଦ୍ୱିତୀୟ ଉଇକେଟ କିପରଙ୍କ ଖେଳିବା ସମ୍ଭାବନା ରହିବ। ରିଷଭ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ, ମାତ୍ର ଏକଦିବସୀୟ କ୍ରିକେଟରେ ସେ ସେପରି କିଛି କରିସ୍ପା



ରିଷଭ ପନ୍ତ



ଦୀନେଶ କାର୍ତ୍ତିକ

ଦେଖାଇ ପାରି ନାହାନ୍ତି। ସେ ୫୦ ଓଭର ପର୍ଯ୍ୟନ୍ତ ନିଜ ଦାୟିତ୍ୱକୁ ଠିକ୍‌ଭାବେ ତୁଲାଇ ପାରିବେ କି ନାହିଁ ତାହାକୁ ନେଇ ପ୍ରଶ୍ନ ରହିଛି’’ ବୋଲି ପୂର୍ବରୁ ଚୟନ କମିଟି ସଦସ୍ୟଥିବା ଜଣେ ପୂର୍ବତନ ଭାରତୀୟ ଖେଳାଳି ପ୍ରକାଶ କରିଛନ୍ତି। ଯଦି ରାହୁଲଙ୍କ ନାମ ଦ୍ୱିତୀୟ ଉଇକେଟ କିପର ଭାବେ ନିଆଯାଏ ତେବେ ୪ ନମ୍ବର ସ୍ଥାନରେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଅମ୍ବାତି ରାୟୁଡୁଙ୍କ ନାମ ଆସିବ। ଗତ ନଭେମ୍ବର ପର୍ଯ୍ୟନ୍ତ ରାୟୁଡୁ ୪ ନମ୍ବର ସ୍ଥାନ ପାଇଁ ହଟ୍ ଫେଭରାଇଟ ଥିଲେ। କୋହଲି ଓ କୋଚ୍ ରବି ଶାସ୍ତ୍ରୀ ମଧ୍ୟ ଏହା ଏକପ୍ରକାର ସ୍ଥିର କରି ସାରିଥିଲେ। ମାତ୍ର ଏହି ହାଇଦ୍ରାବାଦ ବ୍ୟାଟ୍ସମ୍ୟାନ ଲମ୍ବା ସମୟ ପାଇଁ ଘରୋଇ କ୍ରିକେଟ ନ ଖେଳିବାକୁ ନିଷ୍ପତ୍ତି ନେବା ଏବଂ ପେସ୍ ବୋଲରଙ୍କ ବିପକ୍ଷରେ ଦୁର୍ବଳ ଟେକ୍ନିକ୍ ତାଙ୍କୁ ଝୁଲାଇ ରଖିଛି। ତେବେ ଯଦି ଚୟନକର୍ତ୍ତାମାନେ ଅଲରାଉଣ୍ଡର ବିଜୟ ଶଙ୍କରଙ୍କୁ ୪ ନମ୍ବର ସ୍ଲଟ୍ ପାଇଁ ମନୋନୟନ କରନ୍ତି ତେବେ ରାୟୁଡୁଙ୍କ ସମ୍ପର୍କରେ ଆଲୋଚନାର ଯବନୀକା ପଡ଼ିବ।

ଇଂଲଣ୍ଡର ଜଳବାୟୁ ଅସ୍ଥିର ରହୁଥିବାରୁ ବିଶେଷ କରି ବର୍ମିଂଘହାମ, ଲିଡ୍ସ ଓ ମାଞ୍ଚେଷ୍ଟର ଭେନ୍ୟୁକୁ ଦୃଷ୍ଟିରେ ରଖି ଭାରତକୁ ୪ର୍ଥ ସ୍ପେଶାଲିଷ୍ଟ ପେସ୍ ବୋଲର କଥା ଚିନ୍ତା କରିବାକୁ ପଡ଼ିପାରେ। ‘‘ବିଜୟ ଶଙ୍କର ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବର୍ତ୍ତମାନ ୪ର୍ଥ ପେସର ଭାବେ ବିବେଚନା କରାଯାଉଛି। ଅନ୍ୟପକ୍ଷରେ ରବୀନ୍ଦ୍ର ଜାଡେଜାଙ୍କ ଅଲରାଉଣ୍ଡ ଦକ୍ଷତା ଏବଂ ବିଗ୍ ହିଟିଂ ପାୱାର ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଏହା ବ୍ୟତୀତ ଡ୍ରାଏ କଣ୍ଡିଶନରେ ସେ ବିକଳ୍ପ ବୋଲରର ଭୂମିକା ମଧ୍ୟ ନେବାର ଦକ୍ଷତା ରଖିଛନ୍ତି’’ ବୋଲି ଏହି ସୂତ୍ରରୁ ପ୍ରକାଶ କରାଯାଇଛି। ତେବେ ଉମେଶ ଯାଦବଙ୍କ ପ୍ରଦର୍ଶନରେ ସ୍ଥିରତା ରହୁ ନ ଥିବାରୁ ୪ର୍ଥ ପେସର ସମ୍ଭାବନା ଅଧିକ ରହିବ। ଖଲିଲ ଅହମଦଙ୍କୁ ବାମହାତୀ ପେସର ବିକଳ୍ପ ବିବେଚନା କରାଯାଉଥିଲା। ମାତ୍ର ଟେଷ୍ଟିଂ ଟାଇମ୍‌ରେ ସେ ସେପରି ଭରସାଯୋଗ୍ୟ ହୋଇପାରି ନ ଥିଲେ। ଇଂଲଣ୍ଡରେ ଅତୀତ ରେକର୍ଡକୁ ଦେଖିଲେ ଈଶାନ୍ତ ଶର୍ମା, ନଭଦୀପ ସଇନି କିମ୍ବା ଭଲ ପାୱାର ପ୍ଲେ ବୋଲର ଦୀପକ ଚହରଙ୍କ ନାମ ବିଚାରକୁ ଆସିପାରେ। ଚୟନ କମିଟି ଏହାର ନୀତିରେ ଅଟଳ ରହିବ। ଏଥିରୁ ବିଚ୍ୟୁତ ହେବାର କୌଣସି କାରଣ ଦେଖିବାକୁ ମିଳୁନାହିଁ ବୋଲି ସେ କହିଛନ୍ତି।

### ସମ୍ଭାବ୍ୟ ଦଳ

■ ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ-ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), କେଦାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର, ମହମ୍ମଦ ସାମି, ରବୀନ୍ଦ୍ର ଜାଡେଜା।

■ ୧୫ତମ ସଦସ୍ୟ(ବିକଳ୍ପ)
ଦ୍ୱିତୀୟ ଉଇକେଟ କିପର କ୍ଷେତ୍ରରେ: ଦୀନେଶ କାର୍ତ୍ତିକ/ରିଷଭ ପନ୍ତ।
ଚାରି ନମ୍ବର ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ : ଅମ୍ବାତି ରାୟୁଡୁ।
ଯଦି ୪ର୍ଥ ପେସର ନିଆଯାଏ: ଉମେଶ ଯାଦବ/ଖଲିଲ ଅହମଦ/ଈଶାନ୍ତ ଶର୍ମା/ନଭଦୀପ ସଇନି।

## ■ ପ୍ୟାରିସ ମାରାଥନ

### ବୁର୍କା, ମିଲ ଜିତିଲେ ଟାଇଟଲ



ଜିଲେଟ ବୁର୍କା

ପ୍ୟାରିସ, ୧୪।୪ (ଏଏଫ୍‌ପି)

ରବିବାର ଅନୁଷ୍ଠିତ ପ୍ୟାରିସ ମାରାଥନରେ ଇଥିଓପିଆ ଆଥଲେଟ ଉଭୟ ମହିଳା ଓ ପୁରୁଷ ଟାଇଟଲ ଜିତିଛନ୍ତି। ଆଭ୍ରା ମିଲ ଦୁଇ ଥର ଚାମ୍ପିୟନ ପଲ୍ ଲନୟାନଗାଟାଙ୍କୁ ପଛରେ ପକାଇ ପୁରୁଷ ବିଭାଗ ରେସ୍ ଜିତିଛନ୍ତି। ମିଲ ୨ ଘଣ୍ଟା ୭ ମିନିଟ ଓ ୫ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। କେନିୟାର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଲନୟାନଗାଟା ତୃତୀୟ ସ୍ଥାନରେ ରହିଥିଲେ। ନିର୍ମଳ ଆକାଶ ଓ ଥଣ୍ଡା ପରିବେଶରେ ଅନୁଷ୍ଠିତ ମାରାଥନରେ ମୋଟ ୪୯,୧୫୫ ଧାବକ ଭାଗ ନେଇଥିଲେ। ଇଥିଓପିଆର ଜିଲେଟ ବୁର୍କା ୨:୨୨:୪୮ ଟାଇମିଂରେ ମହିଳାମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କ୍ଲେମାନ୍ସ କାଲଭିନ୍ ଫ୍ରାନ୍ସର ଏକମାତ୍ର ମହିଳା ଭାବେ ରେସ୍ ଶେଷ କରିବାରେ ସମର୍ଥ ହୋଇଥିଲେ। ଗତ ମାସରେ ମରକ୍କୋରେ ଡୋପ୍ ଟେଷ୍ଟକୁ ଏଡାଇଦେଇଥିବା ଅଭିଯୋଗରେ ସାମୟିକ ବାସନ୍ଦ ହୋଇଥିବା ଏହି ଧାବିକା ଫ୍ରେଞ୍ଚ ମହିଳା ରେକର୍ଡ ଭଙ୍ଗ କରିବାରେ ସମର୍ଥ ହୋଇଛନ୍ତି। କାଲଭିନ୍ ୨:୨୩:୪୧ ଟାଇମିଂରେ ଚତୁର୍ଥ ହୋଇଥିଲେ। ସେ ୪୧ ସେକେଣ୍ଡ ବ୍ୟବଧାନରେ ୨୦୧୦ରେ କ୍ରିଷ୍ଟିଲ ଡାଉନେଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ଭଙ୍ଗ କରି ଦେଇଥିଲେ। ଏହା ଆହୁରି ମଧ୍ୟ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ଗତବର୍ଷ ବର୍ଲିନଠାରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍‌ରେ ୨:୨୬:୨୮ ଟାଇମିଂ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏଥିରେ ସେ ଦ୍ୱିତୀୟ ହୋଇଥିଲେ।

### ଧୋନୀଙ୍କ କହିବା ଅନୁସାରେ ବୋଲିଂ କରିଥିଲି: ତାହିର

**କୋଲକାତା, ୧୪।୪ (ପି.ଟି.)**

ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଯୋଜନା ମୁତାବକ ବୋଲିଂ କରିବାରୁ ମୁଁ ସଫଳ ହେଲି ବୋଲି କହିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ବୋଲର ଇମ୍ରାନ ତାହିର। ଶନିବାର ଏଠାରେ ଅନୁଷ୍ଠିତ ଏକ ଆଇପିଏଲ ମ୍ୟାଚରେ ସିଏସ୍‌କେ ୫ ଉଇକେଟରେ କୋଲକାତା ନାଇଟ ରାଇଡର୍ସକୁ ହରାଇ ଦେଇଛି। ଦଳକୁ ଜିତାଇବାରେ ତାହିର ବିଶେଷ ଭୂମିକା ଗ୍ରହଣ କରିଥିଲେ। ସେ ୨୭ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତାହିର କହିଛନ୍ତି ମୋତେ କେଉଁ ବ୍ୟାଟ୍ସମ୍ୟାନକୁ କିପରି ବଲ୍ ପକାଇବାକୁ ପଡ଼ିବ ଧୋନୀ ମୋତେ ପରାମର୍ଶ ଦେଇଥିଲେ।

# ହାମିଲଟନ ଜିତିଲେ ଚାଇନିଜ ଗ୍ରାଁ ପ୍ରି

ସାଂଘାଇ, ୧୪।୪(ଏଏଫ୍‌ପି)

ମର୍ସିଡିଜର ଲୁଇସ୍ ହାମିଲଟନ ଓ ତାଙ୍କ ଟିମ୍‌ମେଟ୍ ଭାଲେଟେରୀ ବୋଟାସ ଚାଇନିଜ ଫର୍ମୁଲାୱାନ ଗ୍ରାଁ ପ୍ରିରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଫର୍ମୁଲା ୱାନର ଏହି ୧,୦୦୦ ତମ ରେସ୍‌ରେ ହାମିଲଟନ ଗ୍ରୀଡ୍‌ର ଦ୍ୱିତୀୟ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ। ଶନିବାର ପୋଲ ପୋଜିଶନ ହାସଲ କରିଥିବା ବୋଟାସଙ୍କଠାରୁ ସେ ୬.୫ ସେକେଣ୍ଡ ଆଗରେ ରହିଥିଲେ। ଫେରାରିର ସେବାଷ୍ଟିଆନ ଭେଟେଲ ତୃତୀୟ ହୋଇଥିବାବେଳେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ୨୧ ବର୍ଷୀୟ ପ୍ରତିଭାସମ୍ପନ୍ନ ଫେରାରିର ଅନ୍ୟତମ ଡ୍ରାଇଭର ଚାର୍ଲସ ଲେକରେକ୍‌ଙ୍କୁ ୫ମ ସ୍ଥାନ ମିଳିଥିଲା। ଚାଇନିଜ ଗ୍ରାଁ ପ୍ରିରେ ବିଶ୍ୱ ଚାମ୍ପିୟନ ହାମିଲଟନଙ୍କ ଏହା ଥିଲା ୬ଷ୍ଠ ଚଳିତ ସିଜନରେ ଏହା ତାଙ୍କର କ୍ରମାଗତ ଦ୍ୱିତୀୟ ବିଜୟ। ଫର୍ମୁଲା ୱାନର ୧,୦୦୦ତମ ରେସ୍‌ରେ ମର୍ସିଡିଜ ଟିମ୍ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିବା ବାସ୍ତବିକ ସ୍ମରଣୀୟ ବୋଲି ରେସ୍ ପରେ ହାମିଲଟନ ପ୍ରକାଶ କରିଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ରହିଥିବା ଡ୍ରାଇଭରମାନେ ହେଲେ ପିଏରେ ଗାସ୍‌ଲି (ରେଡ୍‌ବୁଲ୍), ଡାନିଏଲ ରିକାର୍ଡୋ (ରେନଲ୍ଟ), ସର୍ଗିଓ ପେରେଜ (ରେସିଂ ପଏଣ୍ଟ), କିମି ରାଇକୋନେନ (ଆଲ୍‌ଫା ରୋମିଓ) ଓ ଆଲେକ୍‌ଜାଣ୍ଡର ଅଲବନ୍ (ଟୋରୋ ରୋସୋ)। ୧୫ ଦିନ ପରେ ସିଜନର ଚତୁର୍ଥ ରେସ୍ ଆଜରବୈଜାନର ବାକୁଠାରେ ହେବ।



ଚାଇନିଜ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ପୁରସ୍କାର ବିତରଣ ଉତ୍ସବରେ ମର୍ସିଡିଜ ଡ୍ରାଇଭର ଲୁଇସ୍ ହାମିଲଟନ ଓ ଟିମ୍‌ମେଟ୍ ଭାଲଟେରି ବୋଟାସ ଟିମ୍ ଇଞ୍ଜିନିୟର ମାର୍କସ ଡଡ୍‌ଲିଙ୍କ ଉପରେ ସାମ୍ପେନ ଢାଳୁଛନ୍ତି। ଡାହାଣ ପାର୍ଶ୍ୱରେ ଫେରାରି ଡ୍ରାଇଭର ସେବାଷ୍ଟିଆନ ଭେଟେଲ ଏଥିରେ ସାମିଲ ହୋଇଛନ୍ତି।

# ସିରିଜ କବ୍‌ଜା କଲା ଜିମ୍ବାୱେ



ଶତକ ହାସଲକାରୀ ସିନ୍ ୱିଲିୟମ୍ସ।

**ହରାରେ, ୧୪।୪**

ଭ୍ରମଣକାରୀ ୟୁଏଇ ବିପକ୍ଷରେ ରବିବାର ଏଠାରେ ଖେଳାଯାଇଥିବା ୩ୟ ଦିନିକିଆ ମ୍ୟାଚ୍‌କୁ ଜିମ୍ବାୱେ ୧୩୧ ରନର ବୃହତ ବ୍ୟବଧାନରେ ଜିତିନେଇଛି। ଜିମ୍ବାୱେ ପକ୍ଷରୁ ଧାର୍ଯ୍ୟ ୩୦୮ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ୟୁଏଇ ୧୭୬ ରନରେ ଅଲ୍‌ଆଉଟ୍ ହୋଇ ପରାଜୟବରଣ କରିଥିଲା। ଏହି ବିଜୟ ସହ ୪ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜକୁ ଜିମ୍ବାୱେ ୩-୦ରେ ଆଗୁଆ ଜିତିନେଇଛି। ପୂର୍ବରୁ ପ୍ରଥମ ଓ ୨ୟ ମ୍ୟାଚ୍‌କୁ ଘରୋଇ ଦଳ ଯଥାକ୍ରମେ ୭ ଉଇକେଟ୍ ଓ ୪ ରନ (ଡିଏଲ୍ ପଦ୍ଧତି)ରେ ଜିତିଥିଲା। ସିରିଜର ଅନ୍ତିମ ତଥା ୪ର୍ଥ ମ୍ୟାଚ୍ ଆସନ୍ତା ମଙ୍ଗଳବାର ଏଠାରେ ଖେଳାଯିବ।

ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜିମ୍ବାୱେ ବ୍ୟାଟ୍ସମ୍ୟାନଙ୍କ ମିଳିତ ସଫଳତା ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୪ ଉଇକେଟ୍ ବିନିମୟରେ ୩୦୭ ରନ କରିଥିଲା। ଦଳ ପକ୍ଷରୁ ଅଭିଜ୍ଞ ସିନ୍ ୱିଲିୟମ୍ସ ୮୪ ବଲରୁ ୧୦୯ ରନର ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରେଗ୍ ଇର୍ଭିନ (୬୪), ଅଧିନାୟକ ପିଟର ମୁର୍ (୫୮*) ଓ ଓପନର ସୋଲୋମୋନ ମିର (୪୦) ଉପଯୋଗୀ ବ୍ୟାଟିଂ କରିଥିଲେ। ଜବାବରେ ୟୁଏଇ ସିପି ରିଜୱାନଙ୍କ ୪୭ ଓ ମହମ୍ମଦ ଉସମାନଙ୍କ ୪୯ ରନ ସତ୍ତ୍ୱେ ୪୬.୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୭୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଲେଗ୍-ସ୍ପିନର ର୍ୟାନ ବର୍ଲ ସର୍ବାଧିକ ୪ଟି ଉଇକେଟ୍ ନେଇଥିବାବେଳେ କେଲ୍ ଜାର୍ଭିସ ଓ ସିକନ୍ଦର ରାଜାଙ୍କୁ ୨ଟି ଲେଖାଏ ସଫଳତା ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଜିମ୍ବାୱେ ଇନିଂସ–** ୩୦୭/୪, ୫୦ ଓଭର (ୱିଲିୟମ୍ସ ୧୦୯, ଏର୍ଭିନ ୬୪, ସିକନ୍ଦର ୧୮, ମୁର୍ ୫୮*, ମହମ୍ମଦ ନବଦୀପ ୧/୪୨)।

**ୟୁଏଇ ଇନିଂସ–** ୧୭୬/୧୦, ୪୬.୨ ଓଭର (ରିଜୱାନ ୪୭, ଉସମାନ ୪୯, ସାଇମନ ଅନୱର ୨୭, ର୍ୟାନ ୪/୩୨, ସିକନ୍ଦର ୨/୪୪, ଜାର୍ଭିସ ୨/୨୦)।

# ସମ୍ବିତ ଚାମ୍ପିୟନ, ବୈଭବ ରନର୍ସଅପ୍

### ରାଜ୍ୟ ଓପନ ଚେସ୍



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ଭୁବନେଶ୍ୱର, ୧୪।୪(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ (ଓଏସସିଏ) ଆନୁକୂଲ୍ୟରେ ଓପନ ଚେସ୍ ଚାମ୍ପିୟନଶିପ୍ ୟୁନିଟ-୨ସ୍ଥିତ ସେକ୍ରେଟାରିଏଟ ରିକ୍ରିଏଶନ କ୍ଲବ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଦୁଇ ଦିନଧରି ଅନୁଷ୍ଠିତ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ୮ ପଏଣ୍ଟ ଲେଖାଏ ହାସଲ କରି ଭୁବନେଶ୍ୱରର ସମ୍ବିତ ପଣ୍ଡା ଚାମ୍ପିୟନ ଓ ପୁରୀର ବୈଭବ ମିଶ୍ର ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର କୁମାର ସାହୁ, ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଜଗଦୀଶ ବାରିକ, ତନ୍ମୟ କୁମାର, ଅମିତ ମହାନ୍ତି, ପ୍ରିୟବ୍ରତ ସାମନ୍ତ, ହର୍ଷିତ ରଞ୍ଜନ ସାହୁ, ଶାଶ୍ୱତ ମଲିକ(ସମସ୍ତେ ୭ ପଏଣ୍ଟ ଲେଖାଏ) ଟପ୍-୧୦ ଫିନିଶ୍ କରିଛନ୍ତି। ପ୍ରଦର୍ଶନ ଆଧାରରେ ୨୫ ଜଣଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୫ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଥିଲା। ସ୍ନେହାଞ୍ଜଳି ପ୍ରଧାନ ଶ୍ରେଷ୍ଠ ମହିଳା, ବଂଶୀଧର ଭୋଇ ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ୫ ଖେଳାଳିଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ ଦିଆ ଯାଇଥିଲା। ଓଏସସିଏ ସମ୍ପାଦକ ସ୍ମୃତି ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜକିଶୋର ଘଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଓଏସସିଏ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ, କୋଷାଧ୍ୟକ୍ଷ ବଂଶୀଧର ଭୋଇ ଓ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାତ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ।



“ଆମ ଦଳର ନେଟ୍ସ ବେଳେ ଟିମ୍‌ମେଟ ଜୋସ୍ ବଟଲରଙ୍କୁ ବୋଲିଂ କରିବା ଦ୍ୱାରା ମୋର ଯଥେଷ୍ଟ ଉନ୍ନତି ଘଟିଛି।
–ଧାୱଲ କୁଲକର୍ନୀ, ରାଜସ୍ଥାନ ରୟାଲ୍ସ ସିମ୍ ବୋଲର



“ଅମ୍ପାୟର ଉଲ୍ଲାସ ଗାନ୍ଧେଙ୍କ ଉପରେ କ୍ରୋଧ ପ୍ରକାଶ କରିବା ଘଟଣାରେ ମହେନ୍ଦ୍ର ସିଂ ଧୋନୀଙ୍କୁ ୨ରୁ ୩ ମ୍ୟାଚ ବାସନ୍ଦ କରାଯିବା ଉଚିତ୍।
–ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ଭାରତୀୟ ଓପନର

# ଚେନ୍ନାଇ ପ୍ଲେ-ଅଫ୍‌ର ନିକଟତର



ଝିଅ ଜିଭା ସହ ଚେନ୍ନାଇ ସୁପରକିଙ୍ଗସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ।

**ଆଇପିଏଲ-୧୨**

କୋଲକାତା, ୧୪।୪

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ-୧୨)ରେ ପ୍ରଥମ ଦଳଭାବେ ଚେନ୍ନାଇ ସୁପର କିଙ୍ଗ୍ସ ଚମତ୍କାର ପ୍ରଦର୍ଶନ ଜାରି ରଖି ପ୍ଲେ-ଅଫ୍‌ର ନିକଟତର ହୋଇଛି। ୮ ମ୍ୟାଚରୁ ୭ ବିଜୟ ସହ ଦଳ ୧୪ ପଏଣ୍ଟରେ ପହଞ୍ଚି ଟେବୁଲରେ ନିଜର ଶୀର୍ଷସ୍ଥାନକୁ ଦୃଢ଼ କରିଛି ମହେନ୍ଦ୍ର ସିଂ ଧୋନୀଙ୍କ ଦଳ। ରବିବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସଙ୍କୁ ୫ ଉଇକେଟରେ ପରାସ୍ତ କରିଛି ସୁପର କିଙ୍ଗ୍ସ। ଅନ୍ୟପକ୍ଷରେ କ୍ରମାଗତ ୩ୟ ପରାଜୟ ବରଣ କରି ୮ ପଏଣ୍ଟରେ ସ୍ଥିର ରହିଛି ନାଇଟ ରାଇଡର୍ସ।

କୋଲକାତା ପକ୍ଷରୁ ଧାର୍ଯ୍ୟ ୧୬୨ ରନ ବିଜୟ ଲକ୍ଷ୍ୟକୁ ସୁପର କିଙ୍ଗ୍ସ ୧୯.୪ ଓଭରରେ ୫ ଉଇକେଟ ହରାଇ ହାସଲ କରିଛି। ଦୁଇ ଭେଟେରାନ ଖେଳାଳି ସୁରେଶ ରାଇନା ଓ ରବୀନ୍ଦ୍ର ଜାଡେଜା ଚେନ୍ନାଇ ପାଇଁ ମ୍ୟାଚ ବିଜେତା ସାବ୍ୟସ୍ତ ହୋଇଛନ୍ତି। ୧୫.୪ ଓଭରରେ ୧୨୧ ରନ କରି ୫ମ ଉଇକେଟ ହରାଇଥିବା ଚେନ୍ନାଇକୁ ରାଇନା ଓ ଜାଡେଜା ଅସମାପ୍ତ ୬ଷ୍ଠ ଉଇକେଟରେ ୨୬ ବଲ୍‌ରୁ ୪୧ ରନ ସଂଗ୍ରହ କରି ବିଜୟ ମୁକୁଟ ପିନ୍ଧାଇଛନ୍ତି। ରାଇନା ୪୨ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୫୮ ଏବଂ ଜାଡେଜା ୧୭ ବଲ୍‌ରୁ ୫ ଚୌକା ସହ ୩୧ ରନରେ ଅପରାଜିତ ରହିଛନ୍ତି। ଓପନର ଶେନ ୱାଟସନ ପୁଣି ବିଫଳ ହୋଇ ମାତ୍ର ୬ ରନରେ ପ୍ୟାଭିଲିୟନ ଫେରିଥିବାବେଳେ ଫାଫ୍ ଡୁପ୍ଲେସି ୨୪, ଅମ୍ବାତି ରାୟୁଡୁ ୫, କେଦାର ଯାଦବ ୨୦ ଓ ମହେନ୍ଦ୍ର ସିଂ ଧୋନୀ ୧୬ ରନରେ ଆଉଟ ହେବାରୁ ଚେନ୍ନାଇର ବିଜୟକୁ ନେଇ ଆଶଙ୍କା ଦେଖା ଦେଇଥିଲା। ମାତ୍ର ରାଇନା ଡୁ ପ୍ଲେସିଙ୍କ ସହ ୧୫, ରାୟୁଡୁଙ୍କ ସହ ୧୭, କେଦାରଙ୍କ ସହ ୨୦, ଧୋନୀଙ୍କ ସହ ୪୦ ଓ ଜାଡେଜାଙ୍କ ସହ ୪୧ ରନର ଭାଗୀଦାରି ଗଢ଼ି ସୁପରକିଙ୍ଗ୍ସ ବିଜୟର କର୍ଣ୍ଣଧାର ସାଜିଥିଲେ। କୋଲକାତା ବୋଲରଙ୍କ ମଧ୍ୟରେ ପୀୟୂଷ ଚାୱଲା ଓ ସୁନୀଲ ନାରିନ ୨ଟି ଲେଖାଏ ଏବଂ ହାରି ଗର୍ନେ ଗୋଟିଏ ଉଇକେଟ ନେଇଛନ୍ତି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନାଇଟ ରାଇଡର୍ସ କ୍ରିସ୍ ଲିନ୍‌ଙ୍କ ୮୨ ରନ ସତ୍ତ୍ୱେ ୨୦ ଓଭରରେ ୮ ଉଇକେଟ ହରାଇ ୧୬୧ ରନ କରି ପାରିଥିଲା। ଟପ୍ ଅର୍ଡରରେ ବିସ୍ଫୋରକ ବ୍ୟାଟିଂ କରୁଥିବା ସୁନୀଲ ନାରିନ, ମିଡିଲ ଅର୍ଡରରେ ରବିନ ଉଥପ୍ପା ଓ ଲୋୟର ଅର୍ଡରରେ ଆନ୍ଦ୍ରେ ରସେଲ ବିଫଳ ହେବାରୁ ଦଳ ବଡ଼ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା। ୫୧ ବଲ୍ ଖେଳିଥିବା ଲିନ୍ ନିଜ ଇନିଂସ ମଧ୍ୟରେ ୭ ଚୌକା ଓ ୬ ଛକା ମାରିଥିଲେ। ନୀତୀଶ ରାଣା ଦ୍ୱିତୀୟ ସର୍ବାଧିକ ୨୧ ରନ କରିଥିବାବେଳେ ଅଧିନାୟକ ଦୀନେଶ କାର୍ତ୍ତିକ ୧୮, ଶୁବମନ ଗିଲ ୧୫, ରସେଲ ୧୦, ନାରିନ ୨ ରନ କରିଥିଲେ। ଉଥପ୍ପା ଖାତା ଖୋଲିବା ପୂର୍ବରୁ ଆଉଟ ହୋଇ ଯାଇଥିଲେ। ଚେନ୍ନାଇର ଇମ୍ରାନ ତାହିର ୨୭ ରନରେ ୪ଟି ଉଇକେଟ ନେଇ କୋଲକାତାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ଶେଷରେ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଶାର୍ଦ୍ଦୁଳ ଠାକୁର ୨ଟି ଏବଂ ମିଚେଲ ସାଣ୍ଟନର ଗୋଟିଏ ଉଇକେଟ ନେଇଥିଲେ।



ମ୍ୟାନ ଅଫ ଦି ମ୍ୟାଚ ଇମ୍ରାନ ତାହିର ।

**ସଂକ୍ଷିପ୍ତ ସ୍କୋର**

- କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୬୧/୮(ଲିନ-୮୨, ରାଣା-୨୧, ତାହିର-୪/୨୭, ଠାକୁର-୨/୧୮, ସାଣ୍ଟନର-୧/୩୦)।
- ଚେନ୍ନାଇ ସୁପର କିଙ୍ଗ୍ସ ୧୯.୪ ଓଭରରେ ୧୬୨/୫(ରାଇନା-୫୮*, ଜାଡେଜା-୩୧*, ଡୁପ୍ଲେସି-୨୪, ଚାୱଲା-୨/୩୨, ନାରିନ-୨/୧୯, ଗର୍ନେ-୧/୩୭)।
- ମ୍ୟାନ ଅଫ ଦି ମ୍ୟାଚ: ଇମ୍ରାନ ତାହିର

## କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଅର୍ଥଦଣ୍ଡ

ମୋହାଲି, ୧୪।୪(ପି.ଟି.)

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଶନିବାର ଏଠାରେ ଖେଳାଯାଇଥିବା କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ବାଙ୍ଗାଲୋର ସ୍ଲୋ-ଓଭର ବୋଲିଂ କରିଥିବାରୁ ଅଧିନାୟକ ଭାବେ କୋହଲିଙ୍କୁ ଏହି ଦଣ୍ଡ ହୋଇଛି। ‘ଚଳିତ ଟୁର୍ନାମେଣ୍ଟରେ ବାଙ୍ଗାଲୋର ପ୍ରଥମଥର ଲାଗି ନିର୍ଦ୍ଧାରିତ ସମୟ ସୀମାଠାରୁ କମ୍ ଓଭର ବୋଲିଂ କରିଥିବାରୁ ଆଇପିଏଲ୍ ନିୟମ ଅନୁଯାୟୀ କୋହଲିଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି’ ବୋଲି ରବିବାର ଆଇପିଏଲ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏହି ମ୍ୟାଚ୍‌ରେ ବାଙ୍ଗାଲୋର ୮ ଉଇକେଟ୍‌ରେ ପଞ୍ଜାବକୁ ପରାସ୍ତ କରିଥିଲା। ଚଳିତ ସିଜନରେ ଲଗାତର ୬ ମ୍ୟାଚ୍ ହାରିବା ପରେ ପ୍ରଥମଥର ଲାଗି ବିରାଟ ବାହିନୀ ବିଜୟ ସ୍ୱାଦ ଚାଖିଥିଲା। ପ୍ରକାଶଯୋଗ୍ୟ, ବିରାଟଙ୍କ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ୍ ଶର୍ମା ଓ ରାଜସ୍ଥାନ ରୟାଲ୍ସର ଅଜିଙ୍କ୍ୟ ରାହାନେଙ୍କୁ ସମାନ କାରଣ ଲାଗି ୧୨ଲକ୍ଷ ଲେଖାଏ ଜରିମାନା କରାଯାଇଥିଲା।

# ହାଇଦ୍ରାବାଦକୁ ହରାଇ ଦ୍ୱିତୀୟରେ ଦିଲ୍ଲୀ

ହାଇଦ୍ରାବାଦ, ୧୪।୪

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଏଠାରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୩୯ ରନରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୦ ଓଭରରେ ୭ ଉଇକେଟ ହରାଇ ୧୫୫ ରନ କରିଥିବାବେଳେ ଆଶ୍ଚର୍ଯ୍ୟଜନକଭାବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ହାଇଦ୍ରାବାଦ ୧୮.୫ ଓଭରରେ ୧୧୬ ରନ କରି ଅଲଆଉଟ ହୋଇ ଯାଇଥିଲା। ୮ ମ୍ୟାଚରୁ ୫ମ ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛି। ଦଳର ପଏଣ୍ଟ ସଂଖ୍ୟା ୧୦ରେ ପହଞ୍ଚି ଯାଇଛି। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ୬ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ସ୍ଥିର ରହିଛି।

ଡେଭିଡ ୱାର୍ନର ଓ ଜନି ବେୟାରେଷ୍ଟୋଙ୍କ ଓପନିଂ ଯୋଡ଼ିରେ ୭୨ ରନ ସଂଗ୍ରହ କରି ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା ସନ୍‌ରାଇଜର୍ସ। ମାତ୍ର ଏହି ଯୋଡ଼ି ଭାଙ୍ଗିବାପରେ ଦଳର ବ୍ୟାଟିଂ ଦିଗହରା ହୋଇ ଯାଇଥିଲା। ୩୧ ବଲ୍‌ରୁ ୫ ଚୌକା ଓ ୧ ଛକା ସହାୟତାରେ ୪୧ରନ ସଂଗ୍ରହ କରି ପ୍ରଥମ ଖେଳାଳିଭାବେ ଆଉଟ ହୋଇଥିଲେ ବେୟାରଷ୍ଟୋ। ସ୍ୱାଭାବିକ ଆକ୍ରମଣାତ୍ମକ ବ୍ୟାଟିଂ ପରିବର୍ତ୍ତେ ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା ୱାର୍ନର ୪୭ ବଲ୍‌ରୁ ୫୧(୩ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ମାତ୍ର ମିଡଲ ଏବଂ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ସନ୍‌ରାଇଜର୍ସ ପାଇଁ ବିପଦକୁ ଡାକି ଆଣିଥିଲା। କେନ୍ ୱିଲିୟମସନ ୩, ରିକି ଭୁଇ ୭, ବିଜୟ ଶଙ୍କର ୧, ଦୀପକ ହୁଡା ୩, ଅଭିଷେକ ଶର୍ମା ୨, ଭୁବନେଶ୍ୱର କୁମାର ୨ ଏବଂ ରଶିଦ ଖାଁ ଓ ଖଲିଲ ଅହମଦ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ୧୮.୫ ଓଭରରେ ୧୧୬ ରନ କରି ସନ୍‌ରାଇଜର୍ସ ଅଲଆଉଟ ହୋଇ ଯାଇଥିଲା। ଅର୍ଥାତ୍ ଏକଦା ୨ ଉଇକେଟ ହରାଇ ୧୦୧ ରନ ପୂରଣ କରିଥିବା ସନ୍‌ରାଇଜର୍ସ ୧୫ ରନ ବ୍ୟବଧାନରେ ୮ଟି ଉଇକେଟ ହରାଇଥିଲା। ଦିଲ୍ଲୀ ପକ୍ଷରୁ କାଗିଶୋ ରାବାଡ଼ା ୪ଟି, କେମୋ ପଲ୍ ଓ କ୍ରିସ ମୋରିସ ୩ଟି ଲେଖାଏ ଉଇକେଟ ନେଇଥିଲେ। ୪ ଓଭର ବିଶିଷ୍ଟ ସ୍ପେଲ୍‌ରେ ମାତ୍ର ୧୭ ରନ ଦେଇ ୩ଟି ଉଇକେଟ ନେଇଥିବା କେମୋ ପଲ୍ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଟସ୍ ଜିତି ସନ୍‌ରାଇଜର୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ ଦ୍ରୁତ ବୋଲର ଖଲିଲ ଅହମଦ। ସେ ନିଜ ପ୍ରଥମ ଓଭରର ୫ମ ବଲ୍‌ରେ ପୃଥ୍ୱୀ ଶ’ଙ୍କୁ ଏବଂ ଦ୍ୱିତୀୟ ଓଭରର ୨ୟ ବଲ୍‌ରେ ଶିଖର ଧାୱନଙ୍କୁ ଆଉଟ କରି ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପୃଥ୍ୱୀ ୪ ଓ ଧାୱନ ୭ ରନକରି ଆଉଟ ହେବାରୁ ଦିଲ୍ଲୀ ସ୍କୋର ୩.୨ ଓଭର ବେଳକୁ ୨୦/୨ ହୋଇ ଯାଇଥିଲା। ମିଡିଲ ଅର୍ଡରରେ କଲିନ୍ ମୁନ୍‌ରୋ ଓ ଅଧିନାୟକ ଶ୍ରେୟସ ଆୟାର ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ମୁନ୍‌ରୋ ୨୪ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ଦ୍ରୁତ ୪୦ ରନ କରି ଆଉଟ ହୋଇଥିଲେ। ଆୟାର ୪୦ ବଲ୍‌ରୁ ୫ ଚୌକା ସହାୟତାରେ ଧୈର୍ଯ୍ୟପୂର୍ଣ୍ଣ ୪୫ ରନ କରିଥିବାବେଳେ ରିଷଭ ପନ୍ତ ୧୯ ବଲ୍‌ରୁ ୨୩(୩ ଚୌକା) ରନ କରି ପ୍ୟାଭିଲିୟନ ଫେରିଥିଲେ। ଶେଷଭାଗ ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ଦିଲ୍ଲୀ ଇନିଂସ ୨୦ ଓଭରରେ ୧୫୫/୭ରେ ସୀମିତ ହୋଇ ଯାଇଥିଲା। ଅକ୍ଷର ପଟେଲ ୧୪ ରନରେ ଅପରାଜିତ ରହିଥିବାବେଳେ କ୍ରିସ୍ ମୋରିସ ୪, କେମୋ ପଲ୍ ୭ ରନ କରି ଆଉଟ ହୋଇଥିଲେ। ହାଇଦ୍ରାବାଦ ପକ୍ଷରୁ ଖଲିଲ ସର୍ବାଧିକ ୩ଟି, ଭୁବନେଶ୍ୱର କୁମାର ୨ଟି ଏବଂ ଅଭିଷେକ ଶର୍ମା ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଲ୍ଲସିତ ଦିଲ୍ଲୀ ଖେଳାଳିମାନେ।

**ଆଜିର ମ୍ୟାଚ**

ମୁମ୍ବାଇ ଇଣ୍ଡିଆନ୍ସ **ବନାମ** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର



ସ୍ଥାନ : ମୁମ୍ବାଇ
ସମୟ : ରାତି ୮ଟା
ପ୍ରସାରଣ ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

- ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୫୫/୭(ଆୟାର-୪୫, ମୁନ୍‌ରୋ-୪୦, ପନ୍ତ-୨୩, ଖଲିଲ-୩/୩୦, ଭୁବନେଶ୍ୱର-୨/୩୩, ଅଭିଷେକ-୧/୧୦, ରଶିଦ-୧/୨୨)।
- ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୫ ଓଭରରେ ୧୧୬/ଅଲଆଉଟ(ୱାର୍ନର-୫୧, ବେୟାରଷ୍ଟୋ-୪୧, ରାବାଡ଼ା-୪/୨୨, ପଲ୍-୩/୧୭, ମୋରିସ-୩/୨୨)।

ମ୍ୟାନ ଅଫ ଦି ମ୍ୟାଚ: କେମୋ ପଲ୍

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୮ | ୭ | ୧ | ୧୪ | +୦.୨୮୮ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୫ | ୩ | ୧୦ | ୦.୪୧୮ |
| ନାଇଟ ରାଇଡର୍ସ | ୮ | ୪ | ୪ | ୮ | +୦.୩୫୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୨୦୯ |
| କିଙ୍ଗ୍ସ ଇଲେଭେନ | ୮ | ୪ | ୪ | ୮ | -୦.୦୯୩ |
| ସନ୍‌ରାଇଜର୍ସ | ୭ | ୩ | ୪ | ୬ | ୦.୪୦୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୫୮୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୧ | ୬ | ୨ | -୧.୨୦୨ |

## ଟି୨୦ ମ୍ୟାଚ୍ ଖେଳିବାରେ ମୁମ୍ବାଇର ରେକର୍ଡ

ମୁମ୍ବାଇ, ୧୪।୪:

କ୍ରିକେଟ ଇତିହାସରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଦଳ ଭାବେ ୨୦୦ ଟି୨୦ ମ୍ୟାଚ୍ ଖେଳିବାର ରେକର୍ଡ କରିଛି। ଶନିବାର ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଆଇପିଏଲ୍‌ର ୨୭ତମ ମ୍ୟାଚ୍‌ରେ ମୁମ୍ବାଇ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍ ଖେଳିବା ସହ ଏହି କିର୍ତ୍ତିମାନ ସ୍ଥାପନ କରିଥିଲା। ରୋହିତ୍ ଶର୍ମାଙ୍କ ମୁମ୍ବାଇ ଦଳ ଏହି ଅବସରରେ ଇଂଲଣ୍ଡ କାଉଣ୍ଟି କ୍ରିକେଟ କ୍ଲବ ସମରସେଟ୍‌କୁ ପଛରେ ପକାଇ ଦେଇଛି। ସମରସେଟ୍ ବର୍ତ୍ତମାନ ସୁଦ୍ଧା ୧୯୯ ଟି୨୦ ମ୍ୟାଚ୍ ଖେଳିଛି। ଆଇପିଏଲ୍‌ରେ ମୁମ୍ବାଇ ୨୦୧୩, ୨୦୧୫ ଓ ୨୦୧୭ରେ ଚାମ୍ପିୟନ ହେବାର ସୌଭାଗ୍ୟ ଲାଭ କରିଥିଲା। ମୁମ୍ବାଇ ବ୍ୟତୀତ ଆଇପିଏଲ୍‌ର ଅନ୍ୟ ୨ ଫ୍ରାଞ୍ଚାଇଜ ଭାବେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ କୋଲକାତା ନାଇଟ୍ ରାଇଡର୍ସ ସର୍ବାଧିକ ଟି୨୦ ମ୍ୟାଚ୍ ଖେଳିଥିବା ଟିମ୍ ତାଲିକାର ଟପ୍-୫ରେ ରହିଛନ୍ତି।

## ଟି୨୦ରେ ବିରଳ କ୍ଲବ୍‌ରେ ଗେଲ୍

ମୋହାଲି, ୧୪।୪: ୱେଷ୍ଟଇଣ୍ଡିଜର ବିସ୍ଫୋରକ ଓପନର କ୍ରିସ ଗେଲ୍ ଟି୨୦ କ୍ରିକେଟରେ ଏକ ବିରଳ ରେକର୍ଡ କରିଛନ୍ତି।



ଟି୨୦ କ୍ରିକେଟରେ ବିଶ୍ୱର ପ୍ରଥମ ଖେଳାଳିଭାବେ ଗେଲ୍ ୧୦୦ଥର ୫୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଶନିବାର ଆଇପିଏଲ୍‌ରେ ଏଠାରେ ଖେଳାଯାଇଥିବା କିଙ୍ଗ୍ସ ଇଲେଭେନ ପଞ୍ଜାବ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମ୍ୟାଚ୍‌ରେ ଗେଲ୍ ଏହି ରେକର୍ଡ ଲାଭ କରିଛନ୍ତି। ଏହି ମ୍ୟାଚ୍‌ରେ ଗେଲ୍ ଅପରାଜିତ ୯୯ ରନ ଇନିଂସ ଖେଳିଥିଲେ ମଧ୍ୟ ପଞ୍ଜାବ ପରାସ୍ତ ହୋଇଥିଲା। ପଞ୍ଜାବ ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ୍ ବିନିମୟରେ ୧୭୩ ରନ କରିଥିଲାବେଳେ ବାଙ୍ଗାଲୋର ଅଧିନାୟକ ବିରାଟ କୋହଲି ଓ ଏବି ଡି ଭିଲିର୍ସଙ୍କ ଅର୍ଦ୍ଧଶତକ ସହାୟତାରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପରାସ୍ତ ହୋଇଥିଲେ ମଧ୍ୟ ଟି୨୦ ଇତିହାସରେ ଗେଲ୍ ପ୍ରଥମ ଖେଳାଳିଭାବେ ୧୦୦ଥର ୫୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ରନ କରିବାର କୀର୍ତ୍ତିମାନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ଓଭରଅଲ୍ ଏହି ଫର୍ମାଟ୍‌ରେ ୩୭୦ ଇନିଂସରୁ ୨୧ ଶତକ ଓ ୭୯ ଅର୍ଦ୍ଧଶତକ ସହ ୧୨,୬୪୦ ରନ ସଂଗ୍ରହ କରିଛନ୍ତି। ସେହିଭଳି ଆଇପିଏଲ୍ ଇତିହାସରେ ୯୯ ରନରେ ଅପରାଜିତ ରହିବାରେ ଗେଲ୍ ୨ୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଚେନ୍ନାଇ ସୁପର୍‌କିଙ୍ଗ୍ସର ସୁରେଶ ରାଇନା ୯୯ ରନରେ ଅପରାଜିତ ରହିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


Hero
କମ୍ ଡାଉନ୍ ପେମେଣ୍ଟ ₹2000/-**
ପଞ୍ଜୀକରଣ ଏବଂ ବୀମା ଶୁଳ୍କ ସହିତ
No. 1 GLAMOUR
CUSTOMERS NO. 1 CHOICE IN ODISHA FOR 125CC CATEGORY
Fi ଇଞ୍ଜିନ୍
ସବୁଠାରୁ ପାୱାରଫୁଲ# 125cc ବାଇକ୍
ବେଷ୍ଟ-ଇନ୍-କ୍ଲାସ୍ iBS
ଟ୍ୟୁବଲେସ୍ ଟାୟାର୍ସ
INDIA'S FIRST 5 YEAR WARRANTY* *Conditions apply
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057,India. CIN: L35911DL1984PLC017354. Phone No.: 011 - 46044100. For further information, contact nearest Hero MotoCorp authorised outlet or call our toll free no.: 1800 - 266 - 0018 or visit us on www.HeroMotoCorp.com. Accessories and features shown may not be part of standard fitment. Always wear a helmet while riding a two wheeler. *Terms & conditions apply. #Finance at the sole discretion of financiers. Customers have to provide all relevant documents desired by financiers to avail the loan. *In 125cc. **also available in FI.
HeroFinCorp.
HeroMotoCorpIndia HeroMotoCorpLimited heromotocorp.com @HeroMotoCorp TheHeroMotoCorp
For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍ଡ ଡିଲର: ଅନୁଗୁଳ: ପାର୍ବତୀ ହୀରୋ - 7799766342. ଢେଙ୍କାନାଳ : ସୋମ ହୀରୋ - 7799766347. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ତାଳଚେର: ତାରିଣୀ ହୀରୋ - 7799766374.
ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍ସ ମୋଟର୍ସ - 276304. ଛେଣ୍ଡିପଦା : ତାରା ମୋଟର୍ସ - 9437031859. ଢେଙ୍କାନାଳ: ଏଲିଗାଣ୍ଟ ଅଟୋମୋବାଇଲ୍ସ - 226260. କାମାକ୍ଷାନଗର: ରିଲାଏନ୍ସ ଅଟୋମୋବାଇଲ୍ସ - 270394.


MARUTI SUZUKI ARENA
WELCOME THIS SUMMER WITH
COOL OFFERS.
Get your new Maruti Suzuki car, this April.
DZIRE
SWIFT
DZIRE SAVE UP TO ₹50,000*
SWIFT SAVE UP TO ₹45,000*
DZIRE SWIFT
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
For Institutional Sales/ Bulk Deal / DGS&D/GeM Enquiries, please email at adinath.ray@maruti.co.in
ODYSSEY MOTORS
• ANGUL: 7752076136, 9776901481
• PALLAHARA: 7873565435, 9437831123
JYOTE MOTORS
• BHUBANESWAR: LEWIS ROAD-9776615020, 9776615035, 9776615032
NAYAPALLI- 7381355999, 7381366999 • KEONJHAR: 8599019854, 7064493469
• BARIPADA: 9437102597 • BHADRAK: 7381064240 • NAYAGARH: 7381028515
• BALASORE: 7064499108
SKY AUTOMOBILES
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777
NARAYANI MOTORS
• BHUBANESHWAR: 7381094890/ 0674-2588474, 0674-2588475, 0674-2588473
• PURI: 9583022035
• PARADEEP: 9583022034/ 06722-228044
*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Offers are applicable on selected car models. Car models and accessories shown may vary from the actual product. Images used are for illustration purpose only. Savings mentioned above includes applicable consumer offer and exchange bonus and is valid till 30th April'19. Offers mentioned above is of Dzire(AGS) & Swift(AGS). Offers as shown above may change without any prior notice.